

ପଦ୍ମିନୀଙ୍କୁ ଜାତୀୟ ଚେସ୍ ଟାଇଟଲ୍

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-265 ◆TUESDAY ◆24 MARCH 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୨୬୫ ◆ମଙ୍ଗଳବାର ◆୨୪ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ଜୁନ୍‌ରେ ଗଠନ ହେବ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ କମିଟି

# ୭୦୦ ଟପିବ ଲୋକସଭା ଆସନ

## ୩୦ ଛୁଇଁବ ଓଡ଼ିଶାର ସଂସଦୀୟ କ୍ଷେତ୍ର, ୨୧୦ ହେବ ବିଧାନସଭା ଆସନ

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୨୩।୩ (ସମିସ): ଆସନ୍ତା ମାସରୁ ଦେଶରେ ଜନଗଣନା କାର୍ଯ୍ୟ ବିଧିବଦ୍ଧ ଆରମ୍ଭ ହେବ। ଏହି ଜନଗଣନା କାର୍ଯ୍ୟ କେବେ ସରିବ ଓ କେତେଦିନ ଚାଲିବ ତାହାର ନିଶ୍ଚିତତା ନାହିଁ । ତେଣୁ ଜନଗଣନା ରିପୋର୍ଟକୁ ଅପେକ୍ଷା ନ କରି ଆସନ୍ତା ୨୦୨୯ରେ ଦେଶରେ ପ୍ରସ୍ତାବିତ 'ଏକ ଦେଶ, ଏକ ନିର୍ବାଚନ' ପାଇଁ କେନ୍ଦ୍ର ସରକାର ଆରମ୍ଭ


**ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ**

**ସଂସଦର ଚଳିତ ଅଧିବେଶନରେ ଆସିବ ସମ୍ବିଧାନ ସଂଶୋଧନ ବିଧେୟକ**

**କୌଣସି ରାଜ୍ୟର ଆସନ ସଂଖ୍ୟାକୁ ପ୍ରଭାବିତ କରିବନି ଜନସଂଖ୍ୟା ହ୍ରାସବୃଦ୍ଧି**

କରିଛନ୍ତି ପ୍ରସ୍ତୁତି । ୨୦୧୧ରେ ବିଭିନ୍ନ ରାଜ୍ୟରେ ରହିଥିବା ବିଧାନସଭା ଓ ଲୋକସଭା ଆସନ ସଂଖ୍ୟା ୫୦% ବୃଦ୍ଧି ପାଇଁ କେନ୍ଦ୍ର ସରକାର ଆପାତତଃ ଏକ ନକ୍ସା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ଆସନ୍ତା ଜୁନ୍ ମାସରୁ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହେବ । ତେଣୁ ସମ୍ବିଧାନ ସଂଶୋଧନ କରାଯାଇ ସୀମା ନିର୍ଦ୍ଧାରଣ ନିମନ୍ତେ କମିଶନ ଗଠନ କରାଯିବ ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତ କରିଛନ୍ତି ଯୋଜନା।

ବିଶ୍ୱସ୍ତ ସୂତ୍ରରୁ ସୂଚନା ଅନୁସାରେ ସଂସଦର ଚଳିତ ଅଧିବେଶନରେ କେନ୍ଦ୍ର ସରକାର ସୀମା ନିର୍ଦ୍ଧାରଣ କମିଶନ ଆଇନରେ ସଂଶୋଧନ ପ୍ରସ୍ତାବ ଆଣିବେ। ଅନୁରୂପ ଭାବେ ୨୦୨୯ରୁ କାର୍ଯ୍ୟକାରୀ ହେବାକୁଥିବା ମହିଳା ସଂରକ୍ଷଣ ଆଇନରେ ମଧ୍ୟ ସଂଶୋଧନ ପ୍ରସ୍ତାବ ଆସିବ । ପ୍ରତ୍ୟେକ ରାଜ୍ୟରେ ଲୋକସଭା ଓ ବିଧାନସଭା ଆସନରେ ହାରାହାରି ୫୦% ବୃଦ୍ଧି କରାଯିବ ଏବଂ ସ୍ଥଳ ବିଶେଷରେ ୧୦%




ଆସନ ଏପଟସେପଟ ହୋଇପାରେ। ଏହାଦ୍ୱାରା ଜନସଂଖ୍ୟା ହ୍ରାସ ବୃଦ୍ଧି ଯୋଗୁଁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଆସନ ସଂଖ୍ୟା ହ୍ରାସ ନେଇ ଉପୁଜିଥିବା ଆଶଙ୍କା ଦୂର ହେବ ଏବଂ ୫୦% ଆସନ ବୃଦ୍ଧି ନୀତି ସାରା ଦେଶରେ କାର୍ଯ୍ୟକାରୀ ହେବ। ପୁନଶ୍ଚ ଲୋକସଭା ଓ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଜନଗଣନା ସହ ସଂଯୋଗ କରାଯିବ ନାହିଁ । ମାତ୍ର ମହିଳାମାନଙ୍କ ପାଇଁ ଉଭୟ ଲୋକସଭା ଓ ବିଧାନସଭାରେ ୩୩% ସଂରକ୍ଷଣ ରହିବ। ଅନୁରୂପ ଭାବରେ ସଂରକ୍ଷିତ ବର୍ଗ ନିମନ୍ତେ ଆସନ ମଧ୍ୟରେ ମହିଳାଙ୍କ ପାଇଁ ସଂରକ୍ଷଣକୁ ନିଶ୍ଚିତ କରାଯିବ, ଅର୍ଥାତ୍ ଅନୁସୂଚୀତ ଜାତି ଓ ଜନଜାତି ଆସନରୁ ୩୩% ଆସନ ସେହି ବର୍ଗର ମହିଳାଙ୍କ ପାଇଁ ସଂରକ୍ଷଣ କରାଯିବ। ତେବେ କେଉଁ ରାଜ୍ୟରେ କେଉଁ ଆସନ ମହିଳାଙ୍କ ପାଇଁ ସଂରକ୍ଷଣ ହେବ ସେଥିପାଇଁ ଲଟେରୀ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି ।

ସଂସଦୀୟ ଓ ବିଧାନସଭା କ୍ଷେତ୍ର ପୁନର୍ନିର୍ଦ୍ଧାରଣ ସତ୍ତ୍ୱେ ଜନଗଣନା ଜାରି ରହିବ ବୋଲି ମଧ୍ୟ ଯୋଜନା କରାଯାଇଛି। ଏହି ପରିପ୍ରେକ୍ଷୀରେ ସୀମା ନିର୍ଦ୍ଧାରଣ କମିଶନ ଆଇନ ଓ ମହିଳା ସଂରକ୍ଷଣ ଆଇନର ସଂଶୋଧନ ଆବଶ୍ୟକ ଥିବାରୁ ତାହାକୁ ଚଳିତ ଅଧିବେଶନରେ ଗୃହରେ ପାରିତ କରିବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି । ଏହି ବିଧେୟକ ସଂସଦରେ ଗୃହୀତ ହେବା ପରେ ଜୁନ୍ ମାସରୁ ସୀମା ନିର୍ଦ୍ଧାରଣ କମିଶନ ଗଠନ ସହ ଲୋକସଭା ଓ ବିଧାନସଭା ଆସନର ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହେବ । କେନ୍ଦ୍ର ସରକାରଙ୍କ ଏହି ଯୋଜନା କାର୍ଯ୍ୟକାରୀ ହେଲେ ଓଡ଼ିଶାରେ ଲୋକସଭା ଆସନ ୧୪୭ରୁ ବୃଦ୍ଧି ପାଇ ୨୧୦ରୁ ୨୨୧ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି । ସେହିପରି ସଂସଦୀୟ କ୍ଷେତ୍ରଗୁଡ଼ିକର ସଂଖ୍ୟା ୨୧ରୁ ୩୧କୁ ବୃଦ୍ଧି ପାଇବ ବୋଲି ସୂଚନା ମିଳିଛି । ସେହିପରି ମହିଳାମାନଙ୍କ ପାଇଁ ବିଧାନସଭାରେ ଅନ୍ୟୂନ ୭୦ଟି ଓ ଲୋକସଭାରେ ଅନ୍ୟୂନ ୧୦ଟି ଆସନ ସଂରକ୍ଷିତ ହେବାର ସମ୍ଭାବନା ରହିଛି ।

# ଧମକ ଦେଇ ନଇଁଲେ ଟ୍ରମ୍ପ

■ ତେହରାନ/ୱାସିଂଟନ, ୨୩।୩ (ଏଜେନ୍ସି): ୪୮ ଘଣ୍ଟା ଭିତରେ ହର୍ମୁଜ ସମୁଦ୍ର ପଥ ନଖୋଲିଲେ ଇରାନର ଶକ୍ତି ପ୍ରତିଷ୍ଠାନଗୁଡ଼ିକୁ ଧ୍ୱଂସ କରି ଦିଆଯିବ ବୋଲି ଧମକ ଦେଇଥିବା ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଆଜି ହଠାତ ନରମି ଯାଇଛନ୍ତି। ସେ କହିଛନ୍ତି ଯେ ଇରାନ ସହିତ କଥାବାର୍ତ୍ତା ଫଳପ୍ରଦ ହେଉଥିବାରୁ ଆଗାମୀ ୫ ଦିନ ପାଇଁ ଇରାନ ଶକ୍ତି ପ୍ରତିଷ୍ଠାନ ଉପରେ ଆମେରିକା ଆକ୍ରମଣ କରିବ ନାହିଁ। ଏହି




- **ଇରାନର ଶକ୍ତି କେନ୍ଦ୍ରରେ ୫ ଦିନ ଯାଏ ହେବନି ଆକ୍ରମଣ**
- **ଇରାନର କଟାକ୍ଷ: ଡରିଗଲେ ଟ୍ରମ୍ପ**
- **ସମୁଦ୍ରରେ ମାଇନ ବିଛାଇବୁ ଧମକ**

କଥାବାର୍ତ୍ତା ଯୁଦ୍ଧ ବନ୍ଦ କରିବାରେ ସହାୟକ ହୋଇପାରେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଇରାନ ଟ୍ରମ୍ପଙ୍କ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ ଏବେ ଆମେରିକା ସହିତ କୌଣସି ପ୍ରକାର ଆଲୋଚନା ହେଉନାହିଁ। ପଡ଼ୋଶୀ ଦେଶ ଉପରେ ଆକ୍ରମଣ କରିବା ସହିତ ସମଗ୍ର ପାରସ୍ୟ ଉପସାଗରରେ ମାଇନ୍ସ ବିଛାଇବା ଲାଗି ଇରାନର ଧମକ ପରେ ଟ୍ରମ୍ପ ନଇଁଛନ୍ତି। ଏହାସହିତ ଇରାନ ପୁଣି ଧମକ ଦେଇଛି ଯେ ଏହାର ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ହେଲେ ଉପସାଗରୀୟ ଦେଶରେ ଆମେରିକାର ସାମରିକ ଘାଟି ନିକଟରେ ଥିବା ସମସ୍ତ ବିଦ୍ୟୁତ ଯୋଗାଣ କେନ୍ଦ୍ରକୁ ଧ୍ୱଂସ କରି ଦିଆଯିବ। ଏହାସହିତ ହର୍ମୁଜକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିଦିଆଯିବ।

ହର୍ମୁଜକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ି ଚାଲିଥିବା ବେଳେ ଟ୍ରମ୍ପ ଗତକାଲି ଇରାନକୁ ଧମକ ଦେଇଥିଲେ। ଇରାନ ମଧ୍ୟ ଆମେରିକା ଓ ଇସ୍ରାଏଲକୁ ପାଲଟା ଧମକ ଦେଇଥିଲା। ଇରାନ କହିଥିଲା ଯେ ହର୍ମୁଜ ଦେଇ ଜାହାଜ ▶ପୃଷ୍ଠା-୭

## ହର୍ମୁଜ ମାର୍ଗ ବନ୍ଦକୁ ଗ୍ରହଣ କରାଯିବନି: ପ୍ରଧାନମନ୍ତ୍ରୀ

■ ନୂଆଦିଲ୍ଲୀ, ୨୩।୩ (ଏଜେନ୍ସି): ଇରାନ ଯୁଦ୍ଧ ପାଇଁ ମଧ୍ୟପ୍ରାଚ୍ୟ ସମେତ ସାରା ବିଶ୍ୱରେ ଶକ୍ତି ସଙ୍କଟ ସ୍ଥିତି ସୃଷ୍ଟି ହୋଇଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧ ବନ୍ଦ କରିବାକୁ ରାଜି ହେଉ ନ ଥିବାରୁ ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଏପରି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ଥର ପାଇଁ ଯୁଦ୍ଧ



- **ସର୍ବସାଧାରଣ ସ୍ଥାନ ଓ ଶକ୍ତି ପ୍ରତିଷ୍ଠାନ ଉପରେ ଆକ୍ରମଣକୁ ବିରୋଧ**
- **୪୧ ଦେଶରୁ ତୈଳ-ଗ୍ୟାସ୍ ଆମଦାନୀ କରୁଛି ଭାରତ**
- **ସଙ୍କଟ ସମୟରେ ଏକଜୁଟ ହେବାକୁ ରାଜନୈତିକ ଦଳଙ୍କୁ ଅନୁରୋଧ**

ସ୍ଥିତି ଉପରେ ସୋମବାର ଲୋକସଭାରେ ତାଙ୍କର ମନ୍ତବ୍ୟ ରଖିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ପଶ୍ଚିମ ଏସିଆ ଉତ୍ତେଜନା ବନ୍ଦ ହେବା ଉଚିତ। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ହେଉ। ଏହାକୁ ନେଇ ପଶ୍ଚିମ ଏସିଆର ପ୍ରମୁଖ ନେତାମାନଙ୍କ ସହ କଥା ହୋଇଛି। ସମସ୍ତଙ୍କୁ ଉତ୍ତେଜନା ହ୍ରାସ ପାଇଁ ନିବେଦନ କରିଛି। ସର୍ବସାଧାରଣ ସ୍ଥାନ ଏବଂ ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ଗ୍ରହଣଯୋଗ୍ୟ ନୁହେଁ। ହର୍ମୁଜ୍ ପ୍ରଣାଳୀ ବନ୍ଦ କରିବାକୁ ମଧ୍ୟ ଗ୍ରହଣ କରାଯାଇପାରିବ ନାହିଁ। ଏହି ମାର୍ଗ ଦେଇ ଅନେକ ଜାହାଜ ଭାରତ ▶ପୃଷ୍ଠା-୭

### ୫ ଦିନ ହେଲା ସ୍ୱାଭାବିକ ହୋଇ ପାରୁନାହିଁ ଗୃହ କାର୍ଯ୍ୟ

# ବିଧାନସଭାରେ ଜଳୁଛି ଏସ୍‌ସିବି ନିଆଁ

■ ଭୁବନେଶ୍ୱର,୨୩।୩(ସମିସ): ବିଧାନସଭାରେ ଜଳୁଛି ଏସ୍‌ସିବି ନିଆଁ। ପାଞ୍ଚ ଦିନ ହେଲା ଏହି ନିଆଁ ଲିଭିବାର ନାଁ ଧରୁନି। ୧୬ ତାରିଖରେ ଘଟିଥିବା ଏସସିବି ଅଗ୍ନିକାଣ୍ଡ ଘଟଣା ପରଠାରୁ ଲଗାତାର ଭାବେ ବିଧାନସଭାରେ ହଟ୍ଟଗୋଳ ଜାରି ରହିଛି। ବିରୋଧୀ ବିଜେଡି ଓ କଂଗ୍ରେସ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଓ ଏସ୍‌ସିବି ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଅଟଳ ରହିଛନ୍ତି। ଏପଟେ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଉ ନାହାନ୍ତି କି ସରକାର ଏସ୍‌ସିବି ଅଧୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଯୋଗ୍ୟତା ନ ଥିବା ସତ୍ତ୍ୱେ ନିଯୁକ୍ତ ଭାରପ୍ରାପ୍ତ ଅଧୀକ୍ଷକଙ୍କୁ କାହିଁକି ସରକାର ଘଣ୍ଟ ଘୋଡ଼ାଉଛନ୍ତି, ତାହା ବିଭିନ୍ନ ମହଲରେ

**ଏସ୍‌ସିବି ଅଧୀକ୍ଷକଙ୍କୁ ସରକାର ସୁରକ୍ଷା ଦେଉଥିବା ସନ୍ଦେହ**

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ିବସିଛନ୍ତି ବିରୋଧୀ**


**ସର୍ବଦଳୀୟ ବୈଠକ ପରେ ବି ବାହାରି ପାରୁନି ନିଷ୍କର୍ଷ**

ସନ୍ଦେହ ସୃଷ୍ଟି କରିଛି । ଏପରି ସମୟରେ ଗତକାଲି ଉଚ୍ଚସ୍ତରୀୟ ବଦଳି ସମୟରେ ଅଭିଯୋଗ ନ ଥିବା ଅନ୍ୟ ବରିଷ୍ଠ ଡ଼ାକ୍ତରମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବାବେଳେ ଅଭିଯୁକ୍ତ ଭାରପ୍ରାପ୍ତ ଅଧୀକ୍ଷକଙ୍କୁ ସୁରକ୍ଷା ଦିଆଯିବା ଏହି ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି । ଯାହା ଫଳରେ ବିଗତ ୪ ଦିନ ହେବ ବିଧାନସଭାରେ ଲାଗି ରହିଥିବା ସ୍ଥିତି ଆଜି ବି ପରିବର୍ତ୍ତନ ହୋଇ ନାହିଁ । ଆଜି ମଧ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ ଗୃହ କମ୍ପାଇଛନ୍ତି। ଫଳରେ ପ୍ରଶ୍ନକାଳ, ଶୂନ୍ୟକାଳ କିମ୍ବା ମୂଲତବୀ ପ୍ରସ୍ତାବ ଆଲୋଚନ ଧୋଇଯାଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ବିନା ବିରୋଧୀଙ୍କ ଉପସ୍ଥିତିରେ ଦୁଇଟି ବିଭାଗର ଖର୍ଚ୍ଚଦାବି ଆଲୋଚନା ପାରିତ ହୋଇଛି।

ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ରାଜ୍ୟ ▶ପୃଷ୍ଠା-୭









## ବିଦ୍ୟୁତ ଆଘାତରେ ଶ୍ରମିକ ଦମ୍ପତି ମୃତ

ରାଉରକେଲା, ୨୩।୩ (ସମିସ): ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଭେଡାବାହାଲ ଗାଁରେ ବିଦ୍ୟୁତ୍ ଆଘାତରେ ଆଜି ଏକ ଶ୍ରମିକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଲେଫ୍ରିପଡ଼ା ଥାନା ଛୋଟଭଙ୍ଗା ଗାଁର ଅନନ୍ତ କଇଁସରିଆ (୬୦) ଏବଂ ତାଙ୍କ ପତ୍ନୀ ସୁମିତ୍ରା କଇଁସରିଆ(୫୮) । ସେମାନଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟ ଜଣେ ଆହତ ହୋଇଥିବା ସୂଚନା ମିଳିଛି। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ସଦର ଥାନା ଅନ୍ତର୍ଗତ ଭେଡ଼ାବାହାଲ ଗାଁର ଦିଗାମ୍ବରଙ୍କ ଘର ନିର୍ମାଣ କାର୍ଯ୍ୟରେ ଅନନ୍ତ ମିସ୍ତ୍ରୀ ଭାବେ କାମ କରୁଥିଲେ। ତାଙ୍କ ପତ୍ନୀ ସୁମିତ୍ରା କଇଁସରିଆ ଏବଂ ଅନ୍ୟ ଜଣେ ମହିଳା ▶ପୃଷ୍ଠା-୭

ସକାଳ THE SAKALA
www.sakalaepaper.com



## ଇରାନ-ଆଜରବୈଜାନ ସୀମାରେ ଫସିଛନ୍ତି ୧୮୦ ଭାରତୀୟ ଛାତ୍ର

ନୂଆଦିଲ୍ଲୀ, ୨୩।୩ (ଏଜେନ୍ସି): ଯୁଦ୍ଧ ପାଇଁ ପ୍ରତ୍ୟେକ ଦିନ ପୂର୍ବାପେକ୍ଷା ଅଧିକ କଠିନ ହେବାରେ ଲାଗିଛି। ନା ଶାନ୍ତିରେ ଶୋଇପାରୁଛୁ, ନା ବଞ୍ଚିପାରୁଛୁ। ଖାଦ୍ୟ ପାଇଁ ମଧ୍ୟ ସଂଘର୍ଷ କରିବାକୁ ପଡୁଛି। ମାନସିକ ସ୍ୱାସ୍ଥ୍ୟ ମଧ୍ୟ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଏବେ ନିଜକୁ ସମ୍ପୂର୍ଣ୍ଣ ଅସହାୟ ଅନୁଭବ କରୁଛୁ। ଆଗକୁ କ'ଣ ହେବାକୁ ଯାଉଛି, ତାହା ମଧ୍ୟ ଆମେ ଜାଣିନାହୁଁ। ଇରାନ ଏବଂ ଆଜରବୈଜାନ ସୀମାରେ ଫସିଥିବା ଭାରତୀୟ ଛାତ୍ରଛାତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି। ଏମାନଙ୍କ ମଧ୍ୟରେ ଇରାନରେ ମେଡିକାଲ ପଢୁଥିବା କଶ୍ମୀରର ଫଲକ ନିଜ ଘରକୁ ଫେରିପାରୁ ନାହାନ୍ତି। ସେ ତେହେରାନରୁ ସୁରକ୍ଷିତ ଭାବେ ବାହାରି ଆସିଥିବାବେଳେ ସୀମାରେ ଥିବା ଅସ୍ତାରା ଚେକ୍ ପୋଷ୍ଟ ନିକଟରେ ଫସି ରହିଛନ୍ତି। ଏଠାରେ ପ୍ରାୟ ୧୮୦ ଜଣ ଭାରତୀୟ ଛାତ୍ରଛାତ୍ରୀ ଫସି ରହିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଦୂତାବାସ ପକ୍ଷରୁ ଟିକେଟ୍ ଏବଂ ଭିସା କରିବାକୁ କୁହାଯାଇଥିଲା। ଏହା ପରେ କୋମ୍ ସହରରୁ ଉଦ୍ଧାରକାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଆଜରବୈଜାନ ସୀମାକୁ ଆସି ସେମାନେ ଫସିଗଲେ। ନା ସେମାନେ 'କଣ୍ଟ୍ରି କୋଡ୍' ପାଇଲେ ନା ଘରକୁ ଫେରିପାରିଲେ। ବୁକ୍ କରିଥିବା ବିମାନ ଟିକେଟ୍ ଗୁଡ଼ିକ ମଧ୍ୟ ବେକାର ହୋଇଗଲା, କିନ୍ତୁ ଦୂତାବାସ ପକ୍ଷରୁ କୌଣସି ଉତ୍ତର ବି ଦିଆଯାଇ ନ ଥିଲା।

## ଆମେରିକା ବିମାନବନ୍ଦରରେ ବିମାନ-ଟ୍ରକ୍ ମୁହାଁମୁହିଁ ଧକ୍କା; ୨ ପାଇଲଟ ମୃତ

ନ୍ୟୁୟର୍କ, ୨୩।୩(ଏଜେନ୍ସି): ନ୍ୟୁୟର୍କର ଲାଗୁଆର୍ଡିଆ ବିମାନବନ୍ଦରରେ ଏୟାର କାନାଡ଼ା ଏକ୍ସପ୍ରେସ୍‌ର ଏକ ବିମାନ ଅବତରଣ ସମୟରେ ଅଗ୍ନିଶମ ଟ୍ରକ୍ ସହ ଧକ୍କା ହେବା ଯୋଗୁଁ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ବିମାନର ପାଇଲଟ ଓ କୋ-ପାଇଲଟଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ବିମାନରେ ମୋଟ୍ ୭୬ ଜଣ ଯାତ୍ରୀ ଓ ୪ ଜଣ କ୍ରୁ ସଦସ୍ୟ ଥିଲେ। କାନାଡ଼ାର ମଣ୍ଟ୍ରିଲରୁ ଆସୁଥିବା ଏହି ସିଆରଜେ-୯୦୦ ବିମାଟି ଅବତରଣ ବେଳେ ଟ୍ରକ୍‌କୁ ଧକ୍କା ଦେଇଥିଲା। ଏୟାର ଟ୍ରାଫିକ କଣ୍ଟ୍ରୋଲର ଉଭୟ ବିମାନ ଓ ଟ୍ରକ୍‌କୁ ଅଟକିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହି ଦୁର୍ଘଟଣାକୁ ରୋକି ପାରି ନ ଥିଲେ। ଧକ୍କା ଏତେ ଭୟଙ୍କର ଥିଲା ଯେ ବିମାନର ସମ୍ମୁଖ ଭାଗ ବା ନୋଜ ସମ୍ପୂର୍ଣ୍ଣ ଭାବେ ଛିଡ଼ି ଅଲଗା ହୋଇଯାଇଛି।

## ଆମୋନିଆ ଷ୍ଟୋରେଜ ଟ୍ୟାଙ୍କ୍‌ରେ ବିସ୍ଫୋରଣ; ୪ ଶ୍ରମିକ ମୃତ

ଲକ୍ଷ୍ନୌ, ୨୩।୩ (ଏଜେନ୍ସି): ଉତ୍ତର ପ୍ରଦେଶ ପ୍ରୟାଗରାଜ ଜିଲ୍ଲା ଫାପାମଉରେ ସୋମବାର ଦ୍ୱିପହରେ ବଡ଼ ଦୁର୍ଘଟଣା ଘଟିଛି। ଏଠାରେ ଏକ ଶୀତଳ ଭଣ୍ଡାରରେ ଆମୋନିଆ ଷ୍ଟୋରେଜ ଟ୍ୟାଙ୍କରେ ବିସ୍ଫୋରଣ ହୋଇଛି। ଏହା ଫଳରେ ଶୀତଳ ଭଣ୍ଡାରର ଏକ କୋଠା ଭୁଶୁଡ଼ି ଯାଇଛି। ଏହି ଦୁର୍ଘଟଣାରେ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରୁ ତିନି ଜଣ ବିହାରର ଏବଂ ଅନ୍ୟ ଜଣେ ପ୍ରୟାଗରାଜର ବାସିନ୍ଦା। ୧୨ ଜଣ ଶ୍ରମିକ ମଧ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଭୟର ବାତାବରଣ ଖେଳି ଯାଇଥିଲା। ଲୋକେ ଚିତ୍କାର କରିବାକୁ ଲାଗିଥିଲେ। ଅବଶେଷ ତଳେ ପ୍ରାୟ ୨୦ ଜଣ ଶ୍ରମିକ ଫସି ରହିଥିଲେ। ସୂଚନା ମିଳିବା ମାତ୍ରେ ପୁଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା। ୭ ଜେସିବିକୁ ଉଦ୍ଧାରକାର୍ଯ୍ୟରେ ଲଗା ଯାଇଥିଲା। ମାତ୍ର ଆମୋନିଆ ଗ୍ୟାସ୍ ଲିକ ହେବାରୁ ଉଦ୍ଧାରକାର୍ଯ୍ୟରେ ସମସ୍ୟା ସୃଷ୍ଟି ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଆମୋନିଆ ଗ୍ୟାସ ଟ୍ୟାଙ୍କ ବିସ୍ଫୋରଣ ହେବାରୁ କୋଠାର ପିଲାର ଭୁଶୁଡ଼ି ଯାଇଥିଲା। ଅନ୍ୟପଟେ ଆମୋନିଆ ଗ୍ୟାସ ୧ କିମି ପର୍ଯ୍ୟନ୍ତ ବ୍ୟାପିଗଲାଣି। ଅଧିକାଂଶ ଲୋକେ ମହୁଁରେ ଗାମୁଛା ବାନ୍ଧିଛନ୍ତି। ଏହି ଦୁର୍ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ପୁଲିସକୁ ମଧ୍ୟ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି।

## ୨ ସ୍ତ୍ରୀ, ୧୮ ସନ୍ତାନଙ୍କ ବାପାକୁ ମାରିଲା ବିବାହିତ ପ୍ରେମିକା

ଲକ୍ଷ୍ନୌ, ୨୩।୩ (ଏଜେନ୍ସି): ଦୁଇ ଜଣ ମହିଳାଙ୍କୁ ବିବାହ କରିଥିଲେ। ଉଭୟଙ୍କ ଔରସରୁ ୧୮ ସନ୍ତାନ ଜାତ ହୋଇଥିଲେ। ଦୁଇ ଦୁଇଟି ପତ୍ନୀ ଥାଇ ମନକୁ ପୁଣି ଶାନ୍ତି ମିଳିଲାନି ଯେ ବିବାହିତ ମହିଳାଙ୍କ ପ୍ରେମରେ ପଡ଼ିଗଲେ। ସମ୍ପର୍କ ଅଧିକ ନିବିଡ଼ ହେବାରୁ ପରକୀୟାପ୍ରୀତି ସୃଷ୍ଟି ହୋଇଥିଲା। ଉଭୟଙ୍କ ମଧ୍ୟରେ ଅବୈଧ ସମ୍ପର୍କ ରହିଥିଲା। ମାତ୍ର ସବୁ ଦିନ ନ ସାକ୍ଷାତ ନ କରିବାରୁ ମହିଳାଙ୍କ ଉପରେ ଚାପ ପକାଇ ଥିଲେ। ବ୍ଲାକମେଲ କରିବାକୁ ଲାଗିଥିଲେ। ଏଥିରେ ଅତିଷ୍ଠ ହୋଇ ବିବାହିତ ପ୍ରେମିକା ନିଜ ଭାଇ ସହ ମିଶି ପ୍ରେମିକକୁ ଲୁହା ଛଡ଼ରେ ପିଟି ପିଟି ହତ୍ୟା କରିଛନ୍ତି। ମୃତଦେହକୁ ବସ୍ତାରେ ବାନ୍ଧି କେନାଲରେ ଫୋପାଡ଼ି ଥିଲା। ଉତ୍ତର ପ୍ରଦେଶ ସୁମେରପୁର ଅଞ୍ଚଳରେ ଏଭଳି ଜଘନ୍ୟ କାଣ୍ଡ ଘଟିଛି। ଗ୍ରାମର ପୂର୍ବତନ ମୁଖିଆ ମୁସ୍ତାକ ଗୁଲସାନ ଓରଫ ମୁନ୍ନାଙ୍କ ମୃତଦେହ ପୁଲିସ ଏକ କେନାଲରୁ ଉଦ୍ଧାର କରିଛି। ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି।

## କଲମ୍ବିଆ ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ; ୧୧୦ ମୃତ



ବୋଗୋଟା, ୨୩।୩ (ଏଜେନ୍ସି):ଦକ୍ଷିଣ ଆମେରିକୀୟ ଦେଶ କଲମ୍ବିଆ ବାୟୁସେନାର ଏକ ବିମାନ ସୋମବାର ଉଡ଼ାଣ ଆରମ୍ଭ କରିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସି-୧୩୦ ବିମାନରେ ୧୧୦ରୁ ଅଧିକ ସୈନିକ ଯାତ୍ରା କରୁଥିଲେ। ଦୁର୍ଘଟଣାରେ ସମସ୍ତଙ୍କର ମୃତ୍ୟୁ ହୋଇଛି।ଦକ୍ଷିଣ ଆମାଜନ କ୍ଷେତ୍ରର ପେରୁ ସୀମା ନିକଟସ୍ଥ ପ୍ୟୁର୍ଟୋ ଲେଗୁଇଜାମୋ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା।



# ଇସ୍ରାଏଲରେ ଇରାନର କ୍ଲଷ୍ଟର ବୋମାମାଡ଼



■ ତେଲ୍ ଆଭିଭ୍ ସମେତ ଅନେକ ସହର କ୍ଷତିଗ୍ରସ୍ତ
■ ଇସ୍ରାଏଲର ମଧ୍ୟ ପ୍ରଚଣ୍ଡ ପ୍ରତିଆକ୍ରମଣ

ତେହରାନ, ୨୩।୩ (ଏଜେନ୍ସି): ଇରାନ ରବିବାର ରାତିରେ ଇସ୍ରାଏଲର ରାଜଧାନୀ ତେଲ୍ ଆଭିଭ୍ ସମେତ ଅନେକ ସହର ଉପରେ କ୍ଲଷ୍ଟର ବୋମା ମାଡ଼ କରିଛି। ଏହି ଆକ୍ରମଣରେ ପ୍ରାୟ ୧୫ ଜଣ ଆହତ ହୋଇଛନ୍ତି। ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଅନେକ ଘର ଏବଂ ରାସ୍ତାଘାଟ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏହାର ଜବାବରେ ଇସ୍ରାଏଲ୍ ସୋମବାର ଇରାନର ରାଜଧାନୀ ତେହରାନରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଆମେରିକାରେ ଇସ୍ରାଏଲର ରାଷ୍ଟ୍ରଦୂତ ୟେଚିଏଲ୍ ଲିଟର୍ କହିଛନ୍ତି ଯେ ଯେପର୍ଯ୍ୟନ୍ତ ଇରାନକୁ ସମ୍ପୂର୍ଣ୍ଣ ପରାସ୍ତ କରାଯାଇ ନାହିଁ, ସେପର୍ଯ୍ୟନ୍ତ ଇସ୍ରାଏଲ୍ ତା'ର ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିବ। ଇସ୍ରାଏଲ୍ ଏପରି ଏକ ଦେଶ ସହିତ ରହିପାରିବ ନାହିଁ, ଯିଏ ଦେଶ ଉପରେ କ୍ରମାଗତ ଭାବେ ଆକ୍ରମଣ କରୁଛି। ଅନ୍ୟପଟେ ଇରାନ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍ କହିଛନ୍ତି ଯେ କୌଣସି ବି ଆକ୍ରମଣର ଜବାବ ଯୁଦ୍ଧ ମଇଦାନରେ ଦିଆଯିବ। ଯଦି ଇରାନର ପରମାଣୁ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ୍ କରାଯାଏ, ତେବେ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦିଆଯିବ।

ମଧ୍ୟ ପ୍ରାଚ୍ୟରେ ଉତ୍ତେଜନା ମଧ୍ୟରେ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପରିହାସ କରିଛି। 'ତୁମକୁ ଚାକିରିରୁ ବାହାର କରିଦିଆଗଲା' ବୋଲି କୁହାଯାଇଛି। ଏହା ଟ୍ରମ୍ପଙ୍କ ପୁରୁଣା ଟିଭି ଶୋ 'ଦି ଆପ୍ରେଣ୍ଟିସ୍'ର ଏକ ପ୍ରସିଦ୍ଧ ସଂଳାପର ନକଲ। ସୂଚନା ଅନୁଯାୟୀ, ଟ୍ରମ୍ପ ଇରାନକୁ ହର୍ମୁଜ ଖୋଲିବା ପାଇଁ ୪୮ ଘଣ୍ଟାର ସମୟ ଦେଇଥିଲେ। ଏହାର ଜବାବରେ ଇରାନ ମଧ୍ୟ କଡ଼ା ଚେତାବନୀ ଦେଇଥିଲା। ଇରାନର ସାମରିକ ପ୍ରବକ୍ତା ଇବ୍ରାହିମ ଜୋଲଫକାରି କହିଛନ୍ତି ଯେ ଯଦି ଇରାନର ଶକ୍ତି କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ ହୁଏ, ତେବେ ସେମାନେ ମଧ୍ୟ ଆମେରିକା ସହ ଜଡ଼ିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଉପରେ ଆକ୍ରମଣ କରିବେ। ଅନ୍ୟପଟେ ହର୍ମୁଜ ଖୋଲିବା ନେଇ ବ୍ରିଟେନ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର ଏବଂ ଟ୍ରମ୍ପଙ୍କ ମଧ୍ୟରେ ଫୋନ ବାର୍ତ୍ତାଳାପ ହୋଇଛି। ଉଭୟ ନେତା ରବିବାର ରାତିରେ ଆଲୋଚନା କରିଥିଲେ ବୋଲି ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ବିଶ୍ୱରେ ଶକ୍ତି ଯୋଗାଣରେ ସ୍ଥିରତା ଆଣିବା ପାଇଁ ହର୍ମୁଜ ଖୋଲିବା ଜରୁରୀ ବୋଲି ଉଭୟେ ମତ ଦେଇଥିଲେ। ସେହିପରି ରୁଷ ମଧ୍ୟ ଆଲୋଚନା ମାଧ୍ୟମରେ ଯୁଦ୍ଧ ବନ୍ଦ କରିବାକୁ ଆହ୍ୱାନ ଦେଇଛି। ଏହାରି ମଧ୍ୟରେ ୟୁନାଇଟେଡ ଆରବ ଏମିରେଟ୍ସର ଜଣେ ବରିଷ୍ଠ ଅଧିକାରୀ ଆରବ ଏବଂ ଇସଲାମିକ ଦେଶଗୁଡ଼ିକ ସମାଲୋଚନା କରିଛନ୍ତି। ଏଭଳି କଠିନ ସମୟରେ ଉପସାଗରୀୟ ଦେଶକୁ ସହାୟତା କରାଯାଉ ନାହିଁ ବୋଲି କହିଛନ୍ତି। ୟୁଏଇ ରାଷ୍ଟ୍ରପତିଙ୍କ ପରାମର୍ଶଦାତା ଅନୱର ଗର୍ଗାଶ କହିଛନ୍ତି ଯେ ଦେଶ ଏବଂ ଲୋକଙ୍କ ଉପରେ ଇରାନ ଆକ୍ରମଣ କରୁଥିବାବେଳେ ଆରବ ଲିଗ୍ ଏବଂ ଇସଲାମିକ ସହଯୋଗ ସଂଗଠନ ଭଳି ସଂସ୍ଥା କୁଆଡେ ଯାଇଛନ୍ତି? ବଡ଼ ଆରବ ଦେଶ ଏବଂ ଆଞ୍ଚଳିକ ଦେଶ କୁଆଡେ ଗଲେ ବୋଲି ପଚାରିଛନ୍ତି।

## ଫେଲ୍ ମାରୁଛି ଇସ୍ରାଏଲର ଡିଫେନ୍ସ ସିଷ୍ଟମ

**ଡିମୋନ ସହରରେ ଇରାନର ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼**

ତେଲ ଆଭିଭ୍, ୨୩।୩(ଏଜେନ୍ସି): ଇସ୍ରାଏଲର ବହୁ ଚର୍ଚ୍ଚିତ ଡିଫେନ୍ସ ସିଷ୍ଟମ ପୁଣି ଫେଲ ମାରିଛି ବୋଲି ପ୍ରମାଣିତ ହୋଇଛି। ଏହି ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଚକ୍‌ମା ଦେଇ ଇରାନର ଦୁଇଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ପ୍ରାୟ ୧୫୦୦ କିଲୋମିଟର ଦୂରତା ଅତିକ୍ରମ କରି ଡିମୋନ ସହରର ଆବାସିକ ଅଞ୍ଚଳରେ ମାଡ଼ ହୋଇଛି। ଏହି ଆକ୍ରମଣରେ ପ୍ରାୟ ୧୮୦ଜଣ ଆହତ ହୋଇଥିବା ବେଳେ କେତେଜଣଙ୍କ ଅବସ୍ଥା ଗୁରୁତର ଅଛି। ଇସ୍ରାଏଲ ପାଖରେ ଥିବା ଆଇରନ ଡୋମ, ଡେଭିଡ୍ସ ସ୍ଲିଙ୍ଗ୍, ଏରୋ-୩ ଏବଂ ଆମେରିକାର ଥାର୍ଡ ସିଷ୍ଟମ ଇରାନର କ୍ଷେପଣାସ୍ତ୍ରଗୁଡ଼ିକୁ ରୋକିବାରେ ବିଫଳ ହୋଇଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ବାଲିଷ୍ଟିକ ମିସାଇଲକୁ ରୋକିବା ଅତ୍ୟନ୍ତ କଷ୍ଟକର। ଏରୋ-୩ ଭଳି ସିଷ୍ଟମକୁ ସିଧାସଳଖ ମିସାଇଲ ସହ ଧକ୍କା ହେବାକୁ ପଡ଼ିଥାଏ। ଯଦି ଏହି ମିସାଇଲ ସାମାନ୍ୟ ରାସ୍ତା ବଦଳାଏ, ତେବେ ତାକୁ ଧରିବା କଷ୍ଟକର ହୋଇପଡ଼େ। ଆଶଙ୍କା କରାଯାଉଛି ଯେ ଇସ୍ରାଏଲ ତା'ର ଦାମୀ ଇଣ୍ଟରସେପ୍ଟର କ୍ଷେପଣାସ୍ତ୍ରଗୁଡ଼ିକୁ ଭବିଷ୍ୟତ ପାଇଁ ବଞ୍ଚାଇ ରଖୁଛି କିମ୍ବା ପୂର୍ବ ଯୁଦ୍ଧ ଯୋଗୁଁ ଏହାର ଷ୍ଟକ କମିଯାଇଥାଇପାରେ। ଇସ୍ରାଲର ଏହି ଡିମୋନ ସହରରେ ମୁଖ୍ୟ ପରମାଣୁ ଗବେଷଣା କେନ୍ଦ୍ର ଅବସ୍ଥିତ। ବିଶ୍ୱାସ କରାଯାଏ ଯେ ଏଠାରେ ଇସ୍ରାଏଲର ପରମାଣୁ ଅସ୍ତ୍ର ରହିଛି। ଏଭଳି ଏକ ସମ୍ବେଦନଶୀଳ ଅଞ୍ଚଳରେ ମିସାଇଲ ପହଞ୍ଚିବା ଇସ୍ରାଏଲର ସୁରକ୍ଷା ବ୍ୟବସ୍ଥା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇସ୍ରାଏଲ ସେନା ନିଜର ବିଫଳତାକୁ ସ୍ୱୀକାର କରିଛି। ତେବେ ଇସ୍ରାଏଲ ୪୦୦ଟି ମିସାଇଲ ମଧ୍ୟରୁ ୯୨ ପ୍ରତିଶତକୁ ରୋକା ଯାଇଛି ବୋଲି ଇସ୍ରାଏଲ କହିଛି।

## ତାମିଲନାଡୁ: ବିଜେପି ପାଇଁ ୨୭ ଆସନ ଛାଡ଼ିଲା ଏଆଇଡିଏମ୍‌କେ

ଚେନ୍ନଇ, ୨୩।୩(ଏଜେନ୍ସି): ଆସନ୍ତା ଏପ୍ରିଲ ୨୩ରେ ଅନୁଷ୍ଠିତ ହେବାକୁ ଯାଉଥିବା ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ଆସନ ବଣ୍ଟନ ଘୋଷଣା କରାଯାଇଛି। ଚେନ୍ନାଇସ୍ଥିତ ଏଆଇଏଡିଏମ୍‌କେ ମୁଖ୍ୟାଳୟରେ କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ଏଆଇଏଡିଏମ୍‌କେ ମୁଖ୍ୟ ଏଡାପାଡ଼ି କେ ପାଲାନିସ୍ୱାମୀଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ନିର୍ବାଚନୀ ବୁଝାମଣା ଅନୁଯାୟୀ, ଏଆଇଏଡିଏମ୍‌କେ ନିଜ ପାଖରେ ସିଂହଭାଗ ଆସନ ରଖିଥିବା ବେଳେ ଅନ୍ୟ ସହଯୋଗୀ ଦଳଗୁଡ଼ିକୁ ବହୁତ କମ ଆସନ ଦେଇଛି। ତାମିଲନାଡୁରେ ମୋଟ୍ ୨୩୪ଟି ଆସନର ରହିଛି। ଏଆଇଏଡିଏମ୍‌କେ ନିଜ ପାଖରେ ୧୭୮ଟି ଆସନ ରଖିଛି। ଏହି କ୍ରମରେ ଭାରତୀୟ ଜନତା ପାର୍ଟି (ବିଜେପି)କୁ ୨୭, ପାଟ୍ଟାଲି ମକ୍କାଲା କାଚି (ପିଏମ୍‌କେ) ପାର୍ଟିକୁ ୧୮ ଓ ଆମ୍ମା ମକ୍କାଲ ମୁନ୍ନେତ୍ରା ପାଝାଗମ (ଏଏମ୍‌ଏମ୍‌କେ)କୁ ୧୧ଟି ଆସନ ଦିଆଯାଇଛି। ଏହି ମେଣ୍ଟର ବିଜୟକୁ ନେଇ ଏଆଇଏଡିଏମ୍‌କେ ମୁଖ୍ୟ ପାଲାନିସ୍ୱାମୀ ବେଶ୍ ଆଶାବାଦୀ ଅଛନ୍ତି। ଏଆଇଏଡିଏମ୍‌କେ ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ସେ ଅତ୍ୟନ୍ତ ଆତ୍ମବିଶ୍ୱାସର ସହ କହିଛନ୍ତି। ସେ ବିରୋଧି ଡିଏମ୍‌କେ ଉପରେ କଟାକ୍ଷ କରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ଏନ୍‌ଡିଏର ଶକ୍ତିକୁ ଦେଖି ଭୟଭୀତ ଅଛନ୍ତି। ପୀୟୂଷ ଗୋୟଲ କହିଛନ୍ତି ଯେ ଡିଏମ୍‌କେ- କଂଗ୍ରେସ ମେଣ୍ଟକୁ ତାମିଲନାଡୁବାସୀ ପ୍ରତ୍ୟାଖ୍ୟାନ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗ ଦର୍ଶନ ଓ ପାଲାନିସ୍ୱାମୀଙ୍କ ନେତୃତ୍ୱରେ ତାମିଲନାଡୁ ଏକ ବିକାଶମୁଖୀ ସରକାର ଗଠନ ହେବ ବୋଲି ସେ ଦାବି କରିଛନ୍ତି। ସେହିପରି ପୁଡୁଚେରୀରେ ଏପ୍ରିଲ ୯ରେ ୩୦ଟି ସିଟ୍ ପାଇଁ ନିର୍ବାଚନ ହେବ।

## କାହା ସହ କଥା ହେଉଛନ୍ତି, ଜାଣି ନାହାନ୍ତି ଟ୍ରମ୍ପ



**ଶାନ୍ତି ପାଇଁ ପାକ, ତୁର୍କି, ଇଜିପ୍ଟର ଉଦ୍ୟମ**

ୱାସିଂଟନ୍ ୨୩।୩: ଇରାନ ସହ କଥାବାର୍ତ୍ତା ଚାଲିଛି ଏବଂ ଏହା ଫଳପ୍ରଦ ହେଉଛି। ଏହି କାରଣରୁ ଇରାନ ଶକ୍ତି କେନ୍ଦ୍ର ଉପରେ ଆକ୍ରମଣକୁ ୫ ଦିନ ପାଇଁ ସ୍ଥଗିତ ରଖାଯାଇଛି। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଏଭଳି ଦାବିକୁ ଇରାନ ସରକାର ଖଣ୍ଡନ କରି କହିଛନ୍ତି ଯେ ଆମେରିକା ସହିତ ଇରାନ କୌଣସି ସ୍ତରରେ ଆଲୋଚନା କରୁନାହିଁ। ଟ୍ରମ୍ପ ମିଛ କହୁଛନ୍ତି ବୋଲି ଇରାନ କହୁଛି। ଆଜି ସାମ୍ବାଦିକମାନଙ୍କ ସହିତ କଥାବାର୍ତ୍ତା ବେଳେ ଟ୍ରମ୍ପଙ୍କୁ ଏସଂପର୍କରେ ପ୍ରଶ୍ନ କରାଯାଇଥିଲା। କିନ୍ତୁ ସେ ଠିକ୍ ଭାବେ ଉତ୍ତର ଦେଇପାରି ନାହାନ୍ତି। ତେଣୁ 'କଥାବାର୍ତ୍ତା'କୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଇରାନ ମନା କରୁଥିବା ବେଳେ ଆମେରିକା କାହା ସହ କଥା ହେଉଛି ବୋଲି ସାମ୍ବାଦିକ ପ୍ରଶ୍ନ କରିବାରୁ ଟ୍ରମ୍ପ କହିଲେ ଯେ ଇରାନର ଜଣେ ସମ୍ମାନଜନକ ନେତାଙ୍କ ସହ ଆଲୋଚନା ଚାଲିଛି। ତେବେ ସେହି ସମ୍ମାନଜନକ ନେତା କିଏ, ସେସଂପର୍କରେ ତାଙ୍କ ପାଖରେ କୌଣସି ଉତ୍ତର ନଥିଲା। ପୁଣି କହୁଛନ୍ତି ଯେ ଇରାନର ଜଣେ ପ୍ରତିନିଧିଙ୍କ ସହ କଥାବାର୍ତ୍ତା ଚାଲିଛି। ସେହି ପ୍ରତିନିଧି କିଏ, ତାହା ମଧ୍ୟ ସେ ଜାଣି ନାହାନ୍ତି। ସମୀକ୍ଷକଙ୍କ ମତରେ ଇରାନର ସ୍ୱୀକୃତି ନଥିବା କୌଣସି ବ୍ୟକ୍ତି ସହ ଆମେରିକା ଆଲୋଚନା କରିଥାଇପାରେ। କିନ୍ତୁ ଯୁଦ୍ଧ ଉପରେ ଏହାର କି ପ୍ରଭାବ ପଡ଼ିବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଟ୍ରମ୍ପ ତାଙ୍କ ନିଜ କଥାରେ ତାଳମେଳ ରଖିପାରୁ ନଥିବାରୁ ସମଗ୍ର ଘଟଣା ବିଭ୍ରାନ୍ତି ସୃଷ୍ଟି କରିଛି।

ଅନ୍ୟପକ୍ଷରେ ହ୍ୱାଇଟ୍ ହାଉସର ଜଣେ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ପାକିସ୍ତାନ, ତୁର୍କି ଏବଂ ଇଜିପ୍ଟର ବୈଦେଶିକ ମନ୍ତ୍ରୀ ଗତ ଦୁଇ ଦିନ ଧରି ହ୍ୱାଇଟ୍ ହାଉସ୍ ପ୍ରତିନିଧି ଏବଂ ଇରାନର ବୈଦେଶିକ ମନ୍ତ୍ରୀଙ୍କ ସହିତ ପୃଥକ ପୃଥକ ଆଲୋଚନା ଚଳାଇଛନ୍ତି। ଯୁଦ୍ଧର ଅବସାନ ସହିତ ବିବାଦର ସ୍ଥାୟୀ ସମାଧାନ ହେବ ବୋଲି ଆଶା କରାଯାଉଛି। ସେମାନଙ୍କ ଚାପରେ ଟ୍ରମ୍ପ ଇରାନ ଆକ୍ରମଣ ଯୋଜନାକୁ ସ୍ଥଗିତ ରଖିଥିବା ସେ କହିଛନ୍ତି। ଇସଲାମାବାଦରେ ପାକିସ୍ତାନ ମଧ୍ୟସ୍ଥତାରେ ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ହୋଇପାରେ ବୋଲି କୁହାଯାଉଛି। ଏକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ କଥାବାର୍ତ୍ତା ପାଇଁ ଇରାନ ସର୍ତ୍ତ ରଖିଛି। ଇରାନର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଯେହେତୁ ଆ।।ମେରିକା ପ୍ରଥମେ ଆକ୍ରମଣ କରିଛି, ତେଣୁ ଆମେରିକା ହିଁ କଥାବାର୍ତ୍ତା ପାଇଁ ପ୍ରସ୍ତାବ ଦେଉ। ସେ ଏହି ତିନି ଦେଶର ବୈଦେଶିକ ମନ୍ତ୍ରୀଙ୍କୁ କୁଆଡ଼େ କହିଛନ୍ତି ଯେ ଇରାନ ଯୁଦ୍ଧ ଆରମ୍ଭ କରିନାହିଁ। ଆମେରିକା ହିଁ ଆରମ୍ଭ କରିଛି ଏବଂ ଆମେରିକା ହିଁ ଆଲୋଚନା ପାଇଁ ପ୍ରସ୍ତାବ ଦେଉ।

## ନିର୍ବାଚନ କମିସନଙ୍କ ଚିଠିରେ ବିଜେପି ସିଲ୍, ପ୍ରଶ୍ନ ଉଠାଇଲେ ବିରୋଧୀ

ନୂଆଦିଲ୍ଲୀ, ୨୩।୩ (ଏଜେନ୍ସି): ନିର୍ବାଚନ କମିସନଙ୍କ ଏକ ଚିଠିରେ ବିଜେପି ସିଲ୍ ଦେଖିବାକୁ ମିଳିଛି। ଏହାକୁ ନେଇ କେରଳ ସିପିଆଇ (ଏମ) ନିର୍ବାଚନୀ ସଂସ୍ଥାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ଏହା ନିରପେକ୍ଷତା ପ୍ରତି ବିପଦ ବୋଲି କୁହାଯାଇଛି। ଦଳର ଏହି ଚିଠିର ନକଲ ସେୟାର କରିଛି। ଏହା ଖୁବ ଭାଇରାଲ ହେବାରେ ଲାଗିଛି। ସିପିଆଇଏମ ଅନୁଯାୟୀ, ଇସି ରାଜନୈତିକ ଦଳଙ୍କୁ ପଠାଇ ଥିବା ଚିଠିରେ ଲାଗିଥିବା ସତ୍ୟପାଠରେ ବିଜେପି ସିଲ୍ ରହିଛି। ଏହା କେବଳ ଏକ ସଂଯୋଗ ନୁହେଁ। ଅନ୍ୟପଟେ ଏହି ଚିଠିକୁ ନେଇ କେରଳ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସ୍ପଷ୍ଟୀକରଣ ଦେଇଛନ୍ତି। ସେ ଏହାକୁ କ୍ଲରିକାଲ ତ୍ରୁଟି କହିଛନ୍ତି। ସିଇଓଙ୍କ ଅନୁଯାୟୀ, ବିଜେପିର କେରଳ ଶାଖା ୨୦୧୯ର ମାର୍ଗଦର୍ଶିକାର ଏକ ନକଲ ପ୍ରଦାନ କରିଥିଲା। ଏଥିରେ ପୂର୍ବରୁ ଦଳର ସିଲ୍ ଲାଗିଥିଲା। ଏହାର ନକଲ ଭୁଲ୍‌ରେ ଅନ୍ୟ ଦଳମାନଙ୍କୁ ପଠାଇ ଦିଆଯାଇଛି। ଏହି ତ୍ରୁଟି ଜଣାପଡ଼ିବା ପରେ ଗତ ୨୧ ତାରିଖରେ ଉକ୍ତ ଚିଠିକୁ ପ୍ରତ୍ୟାହାର କରି ନିଆଯାଇଥିଲା। ଏହାର ସୂଚନା ସବୁ ରାଜନୈତିକ ଦଳ ଏବଂ ଅଧିକାରୀଙ୍କୁ ଦିଆଯାଇଛି।

**ସୁପ୍ରିମକୋର୍ଟ ବିଚାରପତିଙ୍କ ଉଦ୍‌ବେଗ**

# ୟୁଏପିଏର ଅପବ୍ୟବହାର ବିକଶିତ ଭାରତର ମଡେଲ ନୁହେଁ

■ ୟୁଏପିଏରେ ଦୋଷୀ ସାବ୍ୟସ୍ତ ହାର ୫%ରୁ କମ୍ ରହିଛି
■ ବିନା ପ୍ରମାଣରେ ଅନେକ ଗିରଫ ହେଉଛନ୍ତି
■ ନ୍ୟାୟପାଳିକା ସୀମାଠାରୁ ଅଧିକ କଠୋର ହେଉଛି
■ ଲୋକେ ଜେଲ୍‌ରେ ଶଢୁଛନ୍ତି

ନୂଆଦିଲ୍ଲୀ, ୨୩।୩ (ଏଜେନ୍ସି):ନ୍ୟାୟପାଳିକାର କିଛି ଭାଗ 'ମୋର ଲୟାଲ ଦେନ ଦ କିଙ୍ଗ ସିଣ୍ଡ୍ରୋମ'ରେ ପୀଡ଼ିତ, ଅର୍ଥାତ ଏହି ଭାଗ 'ରାଜାଙ୍କ ଅପେକ୍ଷା ଅଧିକ ଅନୁଗତ ହେବାର ମାନସିକତା'କୁ ଆପଣାଇ ନେଇଛନ୍ତି। ଏହି କାରଣରୁ ଲୋକେ ମାସ ମାସ ଧରି ଜେଲ୍‌ରେ ସଢୁଛନ୍ତି। ସୁପ୍ରିମକୋର୍ଟ ବାର୍ ଆସୋସିଏସନ ପକ୍ଷରୁ ରବିବାର ବେଙ୍ଗାଲୁରୁରେ ଆୟୋଜିତ ପ୍ରଥମ ଜାତୀୟ ସମ୍ମିଳନୀ ଅବସରରେ ସୁପ୍ରିମକୋର୍ଟ ବିଚାରପତି ଉଜ୍ଜ୍ୱଳ ଭୁଇଁଆ ଏହି ଟିପ୍ପଣୀ ଦେଇଛନ୍ତି। ସେ 'ବିକଶିତ ଭାରତରେ ନ୍ୟାୟପାଳିକାର ଭୂମିକା' ଉପରେ ଚର୍ଚ୍ଚା କରି ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ), ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମଏଲଏ) ଆଦିର ଅପବ୍ୟବହାର ଉପରେ ଚିନ୍ତା ପ୍ରକଟ କରିଛନ୍ତି। ୟୁଏପିଏର ଅପବ୍ୟବହାର ବିକଶିତ ଭାରତର ମଡେଲ ନୁହେଁ ବୋଲି କହିଛନ୍ତି। ତାଙ୍କ ଅନୁଯାୟୀ, ନ୍ୟାୟପାଳିକା ସ୍ୱାଭାବିକଠାରୁ ଅଧିକ କଠୋର ହୋଇଯାଉଛି। ଏଥିପାଇଁ ଆବଶ୍ୟକତାଠାରୁ ଅଧିକ ମାମଲା ରୁଜୁ ହେଉଛି। ପିଏମଲଏ ଓ ୟୁଏପିଏ ଭଳି ଆଇନ ଆବଶ୍ୟକତାଠାରୁ ଅଧିକ ବ୍ୟବହାର ହେଉଛି। ତେଣୁ ଏହାର ପ୍ରଭାବ ହ୍ରାସ ପାଉଛି। ବିକ୍ଷୋଭ ପ୍ରଦର୍ଶନ ଏବଂ ସାମାଜିକ ଗଣମାଧ୍ୟମ କର୍ମୀ ଆଦି ଛୋଟମୋଟ ମାମଲାରେ ବି ଆପରାଧିକ ମାମଲା ରୁଜୁ କରାଯାଉଛି। ଏହି କାରଣରୁ କୋର୍ଟରେ ମାମଲାର ବୋଝ ବଢୁଛି। ଏହାର ସମାଧାନରେ ସମୟ ବରବାଦ ହେଉଛି।

ପିଏମଏଲଏ, ୟୁଏପିଏ ଆଦି ଆଇନ ଅଧିନରେ ଅଭିଯୁକ୍ତଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ହେପାଜତରେ ରଖିବାକୁ ନେଇ ଜଷ୍ଟିସ ଭୂଇଁଆ ଚିନ୍ତା ପ୍ରକଟ କରିଛନ୍ତି। ୟୁଏପିଏରେ ଦୋଷୀ ସାବ୍ୟସ୍ତ ହାର ମାତ୍ର ୫ ପ୍ରତିଶତ ରହିଛି। ୯୫ ପ୍ରତିଶତ ଅଭିଯୁକ୍ତ ମୁକ୍ତ ପାଉଛନ୍ତି। ଏପରି ସ୍ଥିତିରେ ଅଭିଯୁକ୍ତଙ୍କୁ ବିନା ଆରୋପପତ୍ରରେ କାହିଁକି ଜେଲରେ ରଖାଯିବ। ୟୁଏପିଏର ଅନେକ ମାମଲାରେ ବିନା ପ୍ରମାଣରେ ଗିରଫ କରାଯାଉଛି। ଏହା ଆପରାଧିକ ନ୍ୟାୟ ବ୍ୟବସ୍ଥା ଉପରେ ବୋଝ ବଢାଉଛି। ଏହା ବିକଶିତ ଭାରତର ଆଦର୍ଶ ହୋଇପାରିବ ନାହିଁ। ବିକଶିତ ଭାରତରେ ନ୍ୟାୟପାଳିକା ନ୍ୟାୟପାଳିକା ହୋଇ ରହିବା ଦରକାର। ଏହା ଏକ କେବେ ବି ସମାଲୋଚକ କିମ୍ବା ଚିୟର ଲିଡର ହୋଇପାରିବ ନାହିଁ। ବିକଶିତ ଭାରତରେ ବିତର୍କ ଏବଂ ସମାଲୋଚନା ପାଇଁ ସ୍ଥାନ ରହିବା ଉଚିତ। ଅସହମତି ଅବା ଭିନ୍ନମତକୁ ଅପରାଧ ଭାବେ ବିବେଚନା କରାଯିବା ଉଚିତ୍ ନୁହେଁ। ଜଷ୍ଟିସ୍ ଭୂୟାଁ ନ୍ୟାୟପାଳିକାକୁ 'ବିକଶିତ ଭାରତ' ଭଳି ରାଜନୈତିକ ସ୍ଲୋଗାନ ସହ ଯୋଡ଼ିବାକୁ ନେଇ ମଧ୍ୟ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି- 'ବିକଶିତ ଭାରତ'ର ଚିନ୍ତାଧାରା ଏକ ରାଜନୈତିକ ଲକ୍ଷ୍ୟ। ତେଣୁ ଅଦାଲତଗୁଡ଼ିକ ନିଜ କାର୍ଯ୍ୟଶୈଳୀରେ ସ୍ୱତନ୍ତ୍ର ରହିବା ଉଚିତ୍।

### ଏପ୍ରିଲରୁ ଶ୍ରମିକଙ୍କ ପାଇଁ ଗ୍ରୀଷ୍ମ ମାର୍ଗଦର୍ଶିକା

## ଦିନ ୧୧ଟାରୁ ୩ଟା କାମ ବନ୍ଦ

**ଭୁବନେଶ୍ୱର,୨୩।୩(ସମିସ):** ରୌଦ୍ରତାପ ବୃଦ୍ଧି ପାଉଥିବା ଦୃଷ୍ଟିରୁ ପ୍ରଚଣ୍ଡ ଖରାରେ କାର୍ଯ୍ୟରତ ଶ୍ରମିକଙ୍କୁ ଅଂଶୁଘାତରୁ ରକ୍ଷା କରିବା ପାଇଁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ନେବାକୁ ସମସ୍ତ ରାଜସ୍ୱ କମିଶନର, ଜିଲ୍ଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହାଦ୍ୱାରା ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗ ତଥା ଓଡ଼ିଶାରେ ଥିବା ଭାରତ ସରକାରଙ୍କ ସମସ୍ତ ବିଭାଗ, ବେସରକାରୀ ନିଯୁକ୍ତିଦାତା, ସମସ୍ତ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଏବଂ ଠିକାଦାରଙ୍କ ଅଧିନରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଚଳିତ ଏପ୍ରିଲ ୧ରୁ ଜୁନ୍ ୧୫ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟରେ ନ ଲଗାଇବାକୁ ବ୍ୟବସ୍ଥା ଗ୍ରହଣ କରିବା ସହ ଆବଶ୍ୟକ ସ୍ଥଳେ କାର୍ଯ୍ୟନିର୍ଘଣ୍ଟର ସମୟ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରୁରୀ ସେବା ସହ ଜଡ଼ିତ ଯେଉଁଥିରେ କି ଶ୍ରମିକଙ୍କୁ ଉପରୋକ୍ତ ସମୟ ପାଇଁ ବିଶ୍ରାମ ଦିଆଯାଇପାରିବ ନାହିଁ, ତେବେ ନିଯୁକ୍ତିଦାତା ଶ୍ରମିକଙ୍କୁ ସମ୍ଭାବ୍ୟ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ପାଇଁ ସତର୍କମୂଳକ ପଦକ୍ଷେପ ଗ୍ରହଣ କରିବେ। ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା, ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରୀ ଚିକିତ୍ସା ବ୍ୟବସ୍ଥା ଏବଂ ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ଓଆର୍‌ଏସ୍ ପ୍ୟାକେଟର ବ୍ୟବସ୍ଥା କରିବା ବାଧ୍ୟତାମୂଳକ। ଜିଲ୍ଲା ଚିକିତ୍ସାଧିକାରୀ, ଉପମଣ୍ଡଳ ଚିକିତ୍ସାଧିକାରୀ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କମ୍ୟୁନିଟି ହେଲଥ ସେଣ୍ଟର ଗୁଡ଼ିକର ଚିକିତ୍ସାଧିକାରୀ ଓ କର୍ମଚାରୀ ରାଜ୍ୟ ବୀମା ଯୋଜନା ଅଧୀନସ୍ଥ ଚିକିତ୍ସାଳୟଗୁଡ଼ିକର ଚିକିତ୍ସାଧିକାରୀଙ୍କୁ ପ୍ରଚଣ୍ଡ ରୌଦ୍ରତାପ ଜନିତ ପରିସ୍ଥିତିର ସମ୍ଭାବ୍ୟ ମୁକାବିଲା ସହ ରୋଗୀଙ୍କର ତତ୍ ସମ୍ବନ୍ଧୀୟ ରୋଗର ଚିକିତ୍ସା ପାଇଁ ସତର୍କ ରହିବାକୁ ସତର୍କ କରାଯାଇଛି।

# ବିଜୁ ଲିଗାସୀ ନୁହେଁ; ଟଙ୍କା ପାଇଁ କ୍ରସ୍ ଭୋଟିଂ: ବିଜେଡି



- ଜନଆକ୍ରୋଶରୁ ରକ୍ଷା ପାଇବାକୁ 'ବିଜୁ ଲିଗାସୀ ଢାଲ
- ବିଜୁଙ୍କ ବିରୋଧରେ ଚକ୍ରାନ୍ତ କରିଥିବା ନେତା କହୁଛନ୍ତି 'ଲିଗାସୀ' କଥା
- କଟକ ମଦ ମୃତ୍ୟୁ ପାପକୁ ଏ ପର୍ଯ୍ୟନ୍ତ ବୋହି ଚାଲିଛନ୍ତି ଦୁଇ ନେତା
- ଏମାନଙ୍କ ମୁହଁରେ ବିଜୁ ଲିଗାସୀ 'ସୈତାନର ବେଦପାଠ' ପରି

**ଭୁବନେଶ୍ୱର,୨୩।୩(ସମିସ):** ରାଜ୍ୟସଭା ନିର୍ବାଚନରେ ବିଜେପି ସମର୍ଥିତ ପ୍ରାର୍ଥୀ ସ୍ୱାଧୀନ ପ୍ରାର୍ଥୀଙ୍କ ବିଜୟ ପରେ ରାଜ୍ୟର ଦୁଇ ପୁରୁଖା ନେତା ବିଜୟ ମହାପାତ୍ର ଓ ପ୍ରଭାତ ତ୍ରିପାଠୀଙ୍କ ଉଲ୍ଲାସକୁ ନେଇ କଟାକ୍ଷ କରିଛି ବିଜେଡି। ୧୯୯୫ ମସିହାରେ ବିଜୁ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଓ ୧୯୯୬ ମସିହାରେ ଦେଶର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ସୁଯୋଗକୁ ଭଣ୍ଡୁର କରିବାରେ ଯେଉଁ ଚକ୍ରାନ୍ତ ହୋଇଥିଲା, ସେଥିରେ ଏଇ ଦୁଇ ନେତାଙ୍କ ସମ୍ପୃକ୍ତି ଥିଲା ବୋଲି ବିଜେଡି ଅଭିଯୋଗ କରିଛି। ଏହା ସହ ସମ୍ପ୍ରତି ଜନ ଆକ୍ରୋଶରୁ ନିଜକୁ ରକ୍ଷା କରିବାକୁ କଳଙ୍କିତ ନେତାମାନେ ବିଜୁ ଲିଗାସୀକୁ ଢ଼ାଲ କରିଛନ୍ତି ବୋଲି ମଧ୍ୟ ବିଜେଡି କଟାକ୍ଷ କରିଛି। ଶଙ୍ଖ ଭବନରେ ସୋମବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ବିଧାୟକ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ବ୍ୟୋମକେଶ ରାୟ ଓ ଧ୍ରୁବ ଚରଣ ସାହୁ ପ୍ରମୁଖ ବିଜୟ ଓ ପ୍ରଭାତଙ୍କ ରାଜନୈତିକ ଇତିହାସ ଗଣମାଧ୍ୟମ ସମ୍ମୁଖରେ ବର୍ଣ୍ଣନା କରିଛନ୍ତି । ବ୍ୟୋମକେଶ ରାୟ କହିଛନ୍ତି ଯେ ୧୯୯୫ ମସିହାରେ ବିଜୁ ପଟ୍ଟନାୟକଙ୍କ ସପକ୍ଷରେ ହାୱା ଥିବାବେଳେ ଓ ସେ ଲଗାତର ଭାବେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ ବୋଲି ବିଚାର କରାଯାଉଥିଲା। ସେତେବେଳେ ନିଜ ଉଚ୍ଚାକାଂକ୍ଷା ପୂରଣ ପାଇଁ ବିଜୟ ମହାପାତ୍ର ଓ ତାଙ୍କର ତତ୍କାଳୀନ ସହଯୋଗୀ ପ୍ରଭାତ ତ୍ରିପାଠୀ ଅନେକ ସ୍ଥାନରେ ସମାନ୍ତରାଳ ପ୍ରାର୍ଥୀ ଦେଇ ବିଜୁଙ୍କ ଦ୍ୱିତୀୟବାର ମୁଖ୍ୟମନ୍ତ୍ରିତ୍ୱ ପଥରେ ପ୍ରତିବନ୍ଧକ ସାଜିଥିଲେ। ଦଳକୁ ପରାଜୟର ସ୍ୱାଦ ଚଖାଇଥିଲେ। ୧୯୯୬ ମସିହାରେ ବିଜୁ ବାବୁ ଦେଶର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ସୃଷ୍ଟି ହୋଇଥିଲା; ମାତ୍ର ଓଡ଼ିଶାର କିଛି ନେତା ତାଙ୍କୁ ପ୍ରଧାନମନ୍ତ୍ରୀ କରାଇ ନଦେବା ପାଇଁ ଏକ ଚକ୍ରାନ୍ତ ରଚିଥିଲେ, ସେତେବେଳର ସେହି କୁଚକ୍ରୀ ଗୋଷ୍ଠୀଙ୍କ ମଧ୍ୟରେ ଏହି ଦୁଇ ନେତା ମଧ୍ୟ ସାମିଲ ଥିଲେ ବୋଲି ବ୍ୟୋମକେଶ କହିଛନ୍ତି ।

ଧ୍ରୁବ ଚରଣ ସାହୁ କହିଛନ୍ତି ଯେ ବିଜୁ ବାବୁଙ୍କ ବିରୋଧରେ ଚକ୍ରାନ୍ତ ରଚୁଥିବା ନେତାମାନେ ଆଜି ବିଜୁ ଲିଗାସୀ କଥା କହୁଛନ୍ତି । ନବୀନ ନିବାସରେ ପ୍ରଭାତ ବିଶ୍ୱାଳଙ୍କ ବିଶୃଙ୍ଖଳିତ ଆଚରଣ ପ୍ରାୟୋଜନ ପଛରେ ବିଜୟ ମହାପାତ୍ରଙ୍କ ହାତ ଥିଲା ଓ ପ୍ରଭାତ ତ୍ରିପାଠୀ ସେଥିରେ ସାମିଲ ଥିଲେ। ସମ୍ପୂର୍ଣ୍ଣ ଘଟଣାର ନକ୍ସା ବିଜୟ ମହାପାତ୍ର ପ୍ରସ୍ତୁତ କରିଥିଲେ । କ୍ରସ ଭୋଟିଂ ପାଇଁ ବିପୁଳ ଟଙ୍କା କାରବାର ହୋଇଛି ଏବଂ ଲୋକ ଆକ୍ରୋଶରୁ ରକ୍ଷା ପାଇବା ନିମନ୍ତେ ବିଜୁ ଲିଗାସୀକୁ ଏମାନେ ଢ଼ାଲ କରିଛନ୍ତି । ଯଦି ଏମାନେ ବିଜୁ ଲିଗାସୀକୁ ଏତେ ଆଦର କରନ୍ତି, ତେବେ ଗତ ଦୁଇ ବର୍ଷ ଧରି ବିଜୁ ପଟ୍ଟନାୟକଙ୍କ ନାଁ ଲିଭାଇ ଦେବାକୁ ସରକାରୀସ୍ତରରେ ପ୍ରାୟୋଜିତ ଷଡ଼ଯନ୍ତ୍ର ସମୟରେ ଏମାନେ କାହିଁକି ଚୁପ୍ ଥିଲେ ବୋଲି ଧ୍ରୁବ ପ୍ରଶ୍ନ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ତିନି ମାସ ତଳୁ ବିଜୁ ଜନତା ଦଳକୁ ଭାଙ୍ଗିବା ପାଇଁ ଚକ୍ରାନ୍ତ କରାଯାଇଥିବା ବିଜୟ ମହାପାତ୍ରଙ୍କ ମନ୍ତବ୍ୟରୁ ସ୍ପଷ୍ଟ। ବିଜୁ ବାବୁଙ୍କ ବିରୋଧରେ ଚକ୍ରାନ୍ତ କରିଥିବା ଲୋକ ନବୀନଙ୍କ ବିରୋଧରେ ଚକ୍ରାନ୍ତ ରଚୁଛନ୍ତି। ୧୯୯୨ ମସିହାରେ ମଦ ମୃତ୍ୟୁ ମାମଲାରେ ମୁଖ୍ୟତଃ ବିଜୟ ମହାପାତ୍ର ଓ ପ୍ରଭାତ ତ୍ରିପାଠୀ ସମ୍ପୃକ୍ତ ଥିଲେ। ମଦ ମୃତ୍ୟୁ ଘଟଣାରେ ନିଜକୁ ରକ୍ଷା କରିବା ପାଇଁ ବିଜୟଙ୍କ ପ୍ରରୋଚନାରେ ପ୍ରଭାତ କ୍ରସ ଭୋଟିଂ କରିଥିଲେ। ବିଜୁ ବାବୁ ଏଥିରେ କ୍ଷୁବ୍ଧ ହୋଇଥିଲେ ଓ ବିଜୟଙ୍କୁ ମୁଖ୍ୟ ସଚେତକ ପଦରୁ ବିଦା କରିଥିଲେ ଓ ପ୍ରଭାତଙ୍କୁ ନିଲମ୍ବିତ କରିଥିଲେ। ଦଳରେ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ପ୍ରଭାତ ଦୁଇ ଦୁଇ ଥର ନିଲମ୍ବିତ ହୋଇଥିଲେ । ମଦ ମୃତ୍ୟୁର ପାପ ବୋଝକୁ ଦୁହେଁ ଏଯାଏ ବୋହି ଚାଲିଛନ୍ତି । ତେଣୁ ସଇତାନର ବେଦପାଠ ପରି ଏବେ ଏମାନେ ବିଜୁ ଲିଗାସୀ କଥା କହୁଛନ୍ତି ବୋଲି ଧ୍ରୁବ କହିଛନ୍ତି।

ପ୍ରମିଳା ମଲ୍ଲିକ କହିଛନ୍ତି ଯେ ରାଜ୍ୟସଭା ନିର୍ବାଚନ ପରେ କିଛି ନେତା ବିଜୁ ଲିଗାସୀ ବିଷୟରେ କହୁଛନ୍ତି । ଯେଉଁମାନେ ଆଜି ବିଜୁ ବାବୁଙ୍କ ଲିଗାସୀ କଥା କହୁଛନ୍ତି, ସେହିମାନେ ବିଜୁଙ୍କୁ ପ୍ରଧାନମନ୍ତ୍ରୀ କରେଇ ନଦେବା ଚକ୍ରାନ୍ତରେ ସାମିଲ ଥିଲେ। କ୍ରସ ଭୋଟିଂ କରିଥିବା ବିଧାୟକ ମାନେ କେବଳ ଟିକେଟ ନେଇ କ୍ଷମତା ଉପଭୋଗ କରିବା ପାଇଁ ବିଜୁ ଜନତା ଦଳରେ ଥିଲେ। ସେମାନଙ୍କୁ ନିଲମ୍ବିତ କରି ନବୀନ ବାବୁ ଉଚିତ ପଦକ୍ଷେପ ନେଇଛନ୍ତି । ଜନ ଆକ୍ରୋଶରୁ ରକ୍ଷା ପାଇବା ପାଇଁ, ବିଜୁ ଲିଗାସୀ କଥା କହୁଛନ୍ତି। ଯଦି ସେମାନଙ୍କର ସତ ସାହସ ଅଛି, ନିଜ ବିଧାୟକ ପଦରୁ ଇସ୍ତଫା ଦେଇ ସାନି ନିର୍ବାଚନ ଲଢ଼ନ୍ତୁ। ସେମାନଙ୍କ ବିଧାୟକ ପଦକୁ ରଦ୍ଦ କରିବା ପାଇଁ ବିଜୁ ଜନତା ଦଳ ଆଇନଗତ ପଦକ୍ଷେପ ନେବ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି ।

### ବିଧାନସଭାରେ ନବୀନଙ୍କ ପାଠଶାଳା

## ଗୃହ ମୁଲତବୀ ପରେ ବିଧାୟକଙ୍କ ସହ ଆଲୋଚନା

**ଭୁବନେଶ୍ୱର,୨୩।୩(ସମିସ):** ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ ଦଳ ଅଡ଼ି ବସିଛନ୍ତି। ଫଳରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରୁ ନାହିଁ। ସୋମବାର ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇଛି। ତେବେ ଗୃହ ଅଚଳାବସ୍ଥା ଭିତରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଠଶାଳା ଚର୍ଚ୍ଚା ସୃଷ୍ଟି କରିଛି। ସାଧାରଣତଃ ଅଳ୍ପ କଥା କହୁଥିବା ଓ ସବୁବେଳେ ଗମ୍ଭୀର ରହୁଥିବା ନବୀନ ଗୃହ ମୁଲତବୀ ପରେ ମଧ୍ୟ ଗୃହରେ ଭିତରେ ଅନେକ ସମୟ ଧରି ବସି ରହିବା ଓ ଦଳର ବିଧାୟକମାନଙ୍କ ସହ ଦୀର୍ଘ ସମୟ ଆଲୋଚନା କରିବା ଦେଖିବାକୁ ମିଳିଛି। ସୋମବାର ଶୂନ୍ୟକାଳରେ ହୋହାଲ୍ଲା ଯୋଗୁଁ ବାଚସ୍ପତି ଗୃହକୁ ମୁଲତବି କରିଥିଲେ। ଏହାପରେ ବିଭିନ୍ନ ଦଳର ସଦସ୍ୟମାନେ ଗୃହ ବାହରକୁ ଚାଲି ଯାଇଥିଲେ। ତେବେ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିଜ ଆସନରେ ବସି ରହିଥିଲେ। ଏହା ପରେ ଅନ୍ୟ ବିଧାୟକମାନେ ନବୀନଙ୍କ ଆସନ ନିକଟକୁ ଆସିଥିଲେ। ଧୀରେ ଧୀରେ ନବୀନ ବିଧାୟକମାନଙ୍କ ସହିତ କଥପୋକଥର ଆରମ୍ଭ କରିଥିଲେ। ଏହି ଆଲୋଚନା ସମୟରେ ହାସ୍ୟରୋଳ ସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ଦଳର ବିଧାୟକ ଓ ବିଧାୟିକାମାନଙ୍କୁ ଇତିହାସ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଭାବେ ନବୀନ ସୂଚନା ଦେଇଥିଲେ। ବରିଷ୍ଠ ଓ କନିଷ୍ଠ ବିଧାୟକମାନେ ଆଜ୍ଞାଧୀନ ଛାତ୍ରଛାତ୍ରୀଙ୍କ ପରି ଗଭୀର ଆଗ୍ରହରେ ନବୀନଙ୍କ କଥା ଶୁଣୁଥିବା ଦେଖାଯାଇଥିଲା। ଉପସ୍ଥିତ ବିଧାୟକ ମାନଙ୍କ ମଧ୍ୟରେ ବିଧାୟିକା ପ୍ରମିଳା ମଲ୍ଲିକ, ଗଣେଶ୍ୱର ବେହେରା, ସାରଦା ପ୍ରସନ୍ନ ଜେନା, ପ୍ରଦୀପ ଦିଶାରୀ, ଅଧିରାଜ ପାଣିଗ୍ରାହୀ, ବର୍ଷା ସିଂ ବରିହା, ଯୋଗେଶ ସିଂହ, ରୂପେଶ ପାଣିଗ୍ରାହୀ, ସୁଜାତା ସାହୁ, ସୁଦର୍ଶନ ହରିପାଲ, ଧ୍ରୁବ ସାହୁ, ରମେଶ ବେହେରା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ଗୌତମବୁଦ୍ଧ ଦାଶ ପ୍ରମୁଖ ନବୀନଙ୍କ ସିଟ୍ ପାଖରେ ଛିଡା ହୋଇ ତାଙ୍କ କଥାକୁ ଶୁଣୁଥିଲେ।

ପ୍ରାୟ ୨୪ ମିନିଟ୍ ଧରି ନବୀନ ଓ ବିଧାୟକମାନଙ୍କ ସହ ଏହି ଆଲୋଚନା ଚାଲିଥିଲା। ଏହି ଆଲୋଚନା ସମ୍ପର୍କରେ ସୂଚନା ଦେଇ ଗୌତମ ବୁଦ୍ଧ ଦାସ କହିଛନ୍ତି, ନବୀନ ପଟ୍ଟନାୟକ ଜଣେ ଅତ୍ୟନ୍ତ ଦରଦୀ ହୃଦୟର ମଣିଷ। ଆମେ ନୂଆ ବିଧାୟକ ହୋଇ ମଧ୍ୟ ସେ ଆମ ସହ ବହୁ ସମୟ କଟାଉଛନ୍ତି। ବିଭିନ୍ନ ବିଷୟରେ ଖୋଲା ଆଲୋଚନା କରୁଛନ୍ତି। ଆଜି ଗୃହ ମୁଲତବି ପରେ ଆମ ସହ ମନଖୋଲା ଆଲୋଚନା କଲେ। ଥଟ୍ଟା ମଜା କଲେ। ଏହାସହିତ ବର୍ତ୍ତମାନ ପାର୍ଟିରୁ ବାହାରି କିଛି ଲୋକ ବିଜୁ ଲିଗାସୀ କଥା କହୁଥିବା ପ୍ରସଙ୍ଗ ପଡ଼ିବାରୁ ନବୀନ ବାବୁ ହସିଲେ ଓ ବିଜୁ ଲିଗାସୀର ଇତିହାସ ସମ୍ପର୍କରେ ସମସ୍ତଙ୍କୁ ଜାଣିବାକୁ କହିଲେ। କିପରି ସେ ସମୟରେ ମଧ୍ୟ ବିଶ୍ୱାସଘାତକ କରାଯାଇଥିଲା, ସେ ସମ୍ପର୍କରେ ମଧ୍ୟ କିଛି ସୂଚନା ଦେଇଥିଲେ। ସେହିପରି ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି, ନବୀନ ବାବୁ ଆଜି ଅତ୍ୟନ୍ତ ଜଲି ମୁଡ୍‌ରେ ଥିଲେ। ଆମ ମାନଙ୍କ ସହିତ ଦଳଗଠନଠାରୁ ଆରମ୍ଭ କରି ଦଳର ଜୟଯାତ୍ରା ବିଷୟରେ ଆଲୋଚନା କରିଥିଲେ। ରାଜନୀତି ଇତିହାସର ପୃଷ୍ଠଭୂମି ଆଲୋଚନା ସହ ମଜା କଥା କହୁଥିଲେ। ଏହାସହିତ କେଉଁମାନେ ତାଙ୍କ ପଛରୁ ଛୁରିକାଘାତ କରୁଛନ୍ତି, ସେ ବିଷୟରେ କହିଥିଲେ। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ କହିଛନ୍ତି, ଦଳ ଗଠନର ପୂର୍ବ କଥା ନବୀନ ବାବୁ କହୁଥିଲେ। ଆଜି ଯେଉଁମାନେ ବାହୁସ୍ଫୁଟ ମାରୁଛନ୍ତି, ସେ ସମ୍ପର୍କରେ କହିଥିଲେ। ଆମେ ଅନେକ ପୁରୁଣା କଥା ଜାଣିଲୁ ବୋଲି ସେ କହିଛନ୍ତି।

**ପୁରୁଣା କଥା କହିଲେ, ଥଟ୍ଟା ମଜା କରି ହସାଇଲେ**

### ଆଜି ଆସିବ ଓଇଆର୍‌ସିଙ୍କ ନିର୍ଦ୍ଦେଶନାମା

## ବଢ଼ି ନ ପାରେ ବିଜୁଳି ଦର

**ଭୁବନେଶ୍ୱର,୨୩।୩(ସମିସ):** ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମଙ୍ଗଳବାର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ବିଜୁଳି ଟାରିଫ ନେଇ ନିଜର ନିର୍ଦ୍ଦେଶନାମା ପ୍ରକାଶ କରିବେ। ଏନେଇ ଓଇଆରସିଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଓଇଆରସିଙ୍କ ଜନଶୁଣାଣି ବେଳେ ଓଡ଼ିଶାରେ ବିତରଣ ଦାୟିତ୍ୱରେ ଥିବା ୪ ବିତରକ କମ୍ପାନୀ ଯଥା ଟିପିଏନ୍‌ଓଡିଏଲ୍, ଟିପିଏସ୍‌ଓଡିଏଲ୍, ଟିପିସିଓଡିଏଲ୍ ଓ ଟିପିଡବ୍ଲ୍ୟୁଓଡିଏଲ୍ ସହ ଗ୍ରୀଡ୍‌କୋ, ଓଏଚ୍‌ପିସି, ଏସ୍‌ଏଲ୍‌ଡିସି, ଓପିଜିସିର ବାର୍ଷିକ ରାଜସ୍ୱ ଆବଶ୍ୟକତା ସମ୍ପର୍କିତ ପକ୍ଷ ରଖିଛନ୍ତି। ଶୁଣାଣି ସମୟରେ ୪ ବିତରକ କମ୍ପାନୀ ନିଜର ଦରଖାସ୍ତରେ ଆସନ୍ତା ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ଦର ବୃଦ୍ଧି ପାଇଁ ପ୍ରସ୍ତାବ ଦେଇ ନାହାନ୍ତି। ତେଣୁ ଆସନ୍ତା ଆର୍ଥିକ ବର୍ଷ ପାଇଁ ବିଜୁଳି ଦର ନ ବଢ଼ିବାର ଆଶା କରାଯାଉଛି।

## ମାଆକୁ ମାଡ଼ ମାରିବାରୁ ବାପାକୁ ପିଟିପିଟି ହତ୍ୟା

**ଠାକୁରମୁଣ୍ଡା/କରଞ୍ଜିଆ/ମହୁଲଡିହା, ୨୩।୩(ସମିସ):** ମାଆକୁ ମାଡ଼ ମାରିବାରୁ ବାପାକୁ ପିଟିପିଟି ହତ୍ୟା କଲେ ୩ ପୁଅ। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ସାଲେଇବେଡ଼ା ପଞ୍ଚାୟତ କାଶିବେଡ଼ା ଗ୍ରାମରେ ସୋମବାର ସକାଳେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗାଁର ସୁଲେ ଗାଗରାଇ(୬୦)। ସୁଲେଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତ ୩ ପୁଅ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ତୁରାମ ଗାଗରାଇ, ଈଶ୍ୱର ଗାଗରାଇ, ପର୍ଶୁରାମ ଗାଗରାଇ।

ସୂଚନା ଅନୁଯାୟୀ, ନିଜ ସ୍ତ୍ରୀ ଓ ୩ ପିଲାଙ୍କ ସହ ସୁଲେଙ୍କ ପଟୁନଥିଲା। ଅଧିକାଂଶ ସମୟରେ ସୁଲେ ସେମାନଙ୍କ ସହ ଗଣ୍ଡଗୋଳ କରୁଥିଲେ। ସୋମବାର ସକାଳ ପ୍ରାୟ ୭ଟାରେ କୌଣସି କାରଣରୁ ସୁଲେ ନିଜ ପତ୍ନୀ ମେଞ୍ଜାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏହା ଦେଖି ୩ ପୁଅଙ୍କ ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ସେମାନେ ମିଳିତ ଭାବେ ସୁଲେଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କରିଥିଲେ। ଖବର ପାଇ ଠାକୁରମୁଣ୍ଡା ପୁଲିସ ଓ ବାରିପଦା ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅପରପକ୍ଷେ, ସୁଲେଙ୍କ ୩ ପୁଅ ଥାନାରେ ଆତ୍ମସମର୍ପଣ କରିଛନ୍ତି।

## ମେ' ୨୯ରେ ଓଟିଇଟି

**କଟକ, ୨୩।୩ (ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି -୨୦୨୬) ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ଆସନ୍ତା ମେ' ୨୯ ତାରିଖରେ ହେବାକୁ ଥିବା ବେଳେ ଏହି ପରୀକ୍ଷାରେ ଅବତୀର୍ଣ୍ଣ ହେବା ପାଇଁ ଉଭୟ କାର୍ଯ୍ୟରତ ଶିକ୍ଷକ ଏବଂ ନୂତନ ଯୋଗ୍ୟ ପ୍ରାର୍ଥୀମାନେ ଆସନ୍ତା ମାର୍ଚ୍ଚ ୨୬ରୁ ଏପ୍ରିଲ ୯ ମଧ୍ୟରାତ୍ର ପର୍ଯ୍ୟନ୍ତ କେବଳ ଅନଲାଇନ୍‌ରେ ଆବେଦନ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଆଶାୟୀ ପ୍ରାର୍ଥୀମାନେ କେବଳ ଅନଲାଇନ୍ ମାଧ୍ୟମରେ ବୋର୍ଡର ୱେବ୍‌ସାଇଟ୍ www.bseodisha.nic.inରେ ଆବେଦନ କରିପାରିବେ। ସେହିଭଳି, ପରୀକ୍ଷା ଫି' ୯ ଏପ୍ରିଲ ରାତି ୧୧ଟା ୪୫ ମଧ୍ୟରେ ଦାଖଲ କରିବାକୁ ହେବ। ଆସନ୍ତା ମେ' ୧୫ରୁ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ବେଳେ ପେପର୍-୧ ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ଓ ପେପର୍-୨ ପରୀକ୍ଷା ଅପରାହ୍ଣ ୨ଟାରୁ ଦିନ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପଞ୍ଜୀକରଣ ପାଇଁ ଆବଶ୍ୟକ ନିର୍ଦ୍ଦେଶାବଳୀ, ପାଠ୍ୟକ୍ରମ ଏବଂ ଯୋଗ୍ୟତା ମାପଦଣ୍ଡ ସମ୍ପର୍କିତ ସବିଶେଷ ତଥ୍ୟ ୱେବସାଇଟ୍‌ରେ ଉପଲବ୍ଧ ଅଛି।

### ଜିଲ୍ଲା ମହୋତ୍ସବରେ କ୍ଷୋଭ ଉଦ୍‌ଗାରିଲେ ଚାଷୀ

## ଧାନ ବସ୍ତା ଧରି ମଞ୍ଚକୁ ଚଢ଼ିଗଲେ



**ଯାଜପୁର, ୨୩।୩ (ସମିସ):** ଯାଜପୁର ଜିଲ୍ଲା ମହୋତ୍ସବର ଚତୁର୍ଥ ସଂଧ୍ୟାରେ ଆଜି ବିରାଟ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପୁଲିସ ପ୍ରଶାସନର ଦାୟିତ୍ୱହୀନତା ଯୋଗୁଁ ଆନ୍ଦୋଳନକାରୀ ଚାଷୀମାନେ ମହୋତ୍ସବ ମଞ୍ଚକୁ ଧାନ ବସ୍ତା ଧରି ଉଠିଯିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରେ, ପୁଲିସ୍ ସେମାନଙ୍କୁ ତଣ୍ଟିଆମାରି ବିଦା କରିଥିଲା।

ସୋମବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ଆସିଥିଲେ। ମନ୍ତ୍ରୀ ଉତ୍ସବସ୍ଥଳକୁ ଆସିବାର କିଛି ସମୟ ପୂର୍ବରୁ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ନିମାଇଁ ରାୟଙ୍କ ନେତୃତ୍ୱରେ ଚାଷୀମାନେ ୨୫ରୁ ଉର୍ଦ୍ଧ୍ୱ ବସ୍ତା ମୁଣ୍ଡେଇ ଓ ଭାର ବାହୁଙ୍ଗିରେ ଧାନ ବୋହି ମଞ୍ଚ ଉପରକୁ ଉଠିଯାଇଥିଲେ। ସେମାନେ 'ଚାଷୀ ମାରଣ ନୀତି ଚଳିବ ନାହିଁ', 'ମିଲର ପ୍ରଶାସନ ମଧୁଚନ୍ଦ୍ରିକା ବନ୍ଦ ହେଉ', 'କଟନୀଛଟନୀ ଓ ଅଭାବୀ ଧାନ ବିକ୍ରି ବନ୍ଦ କର' ଆଦି ସ୍ଲୋଗାନ୍ ଦେଇ ସିଧାସଳଖ ଭିଆଇପି ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରବେଶ ଦ୍ୱାର ଦେଇ ପଶି ଆସିଥିଲେ। ଖାଲି ସେତିକି ନୁହେଁ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ମଞ୍ଚକୁ ମଧ୍ୟ ଉଠିଯାଇ ଧାନ ଫିଙ୍ଗିଥିଲେ।

ଆଜି ସନ୍ଧ୍ୟାରେ ମନ୍ତ୍ରୀ, ବିଧାୟକଙ୍କ ସହ ବଲିଉଡ୍‌ର ବିଶିଷ୍ଟ କଣ୍ଠଶିଳ୍ପୀ ନିତିମୋହନ ଏବଂ ଓଲିଉଡ୍ କଳାକାରମାନେ ଉତ୍ସବରେ ଯୋଗ ଦେବାକୁ ଆସି ପହଞ୍ଚିଛନ୍ତି। ସେହି ଅନୁସାରେ ଏହି ଭିଆଇପି ଏବଂ ଅତିଥି ଓ ଦର୍ଶକମାନଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା କଥା। କିନ୍ତୁ, ତିନିଥାକିଆ ସୁରକ୍ଷା ବ୍ୟବସ୍ଥା ଭେଦି ଆନ୍ଦୋଳନକାରୀ ଚାଷୀମାନେ ପ୍ଲାକାର୍ଡ, ଧାନ ବସ୍ତା, ଗୌଣୀ, ଟୋକେଇ, ବାହୁଙ୍ଗି ଧରି ମଞ୍ଚକୁ କିପରି ଉଠିଗଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ, ମଞ୍ଚରୁ ଆନ୍ଦୋଳନକାରୀ ଚାଷୀମାନଙ୍କୁ ଓହ୍ଲାଇବା ପାଇଁ ୫/୭ ମିନିଟ୍ ଲାଗିଥିଲା। କେତେକ ମଧ୍ୟ ଏହା କେଉଁ କଳାକାର ଗ୍ରୁପର ନାଟକ ପ୍ରଦର୍ଶନ ମନେ କରି ଏହାକୁ ଉପଭୋଗ କରୁଥିଲେ। ପୁଲିସ ମଧ୍ୟ ଏସବୁ ଜାଣିପାରିନଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ପୁଲିସ ଫୋନ୍ ଯୋଗେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆନ୍ଦୋଳନକାରୀ ମଧ୍ୟରୁ କେତେକ ଅଭିଯୋଗ କରିଛନ୍ତି ଯେ କିଛି ପୁଲିସ କର୍ମଚାରୀ ସେମାନଙ୍କୁ ତଣ୍ଟିଆ ମାରି ବିଦା କରିଥିଲେ। ପୁଲିସ ସମସ୍ତଙ୍କୁ ଗିରଫ କରି ଥାନାକୁ ନେଇଯାଇଛି।


10001/139/2526

ବିଶ୍ୱ ଯକ୍ଷ୍ମା ଦିବସ

୨୪ ମାର୍ଚ୍ଚ ୨୦୨୬

ସଭିଙ୍କର ରଖେ ଧ୍ୟାନ, ଟିବି ମୁକ୍ତ ଭାରତ ଅଭିଯାନ

ଯକ୍ଷ୍ମା ରୋଗର ବିଭିନ୍ନ ଲକ୍ଷଣ



- କଫ ସହିତ କାଶ
- କଫରେ ରକ୍ତ ପଡ଼ିବା
- ଛାତିରେ ଦରଜ ହେବା
- ଜ୍ୱର ହେବା
- ରାତିରେ ଝାଳ ବୋହିବା
- ଶରୀରର ଓଜନ ହ୍ରାସ ହେବା
- ଭୋକ ନଲାଗିବା
- ଥକା ଲାଗିବା
- ନିଶ୍ୱାସ ନେବାରେ କଷ୍ଟ ହେବା
- ଗଳାରେ ଗ୍ରନ୍ଥି ବା ଅନ୍ୟ ଅଙ୍ଗରେ ଫୁଲିବା

ଆପଣଙ୍କୁ ଲକ୍ଷଣବିହୀନ ଯକ୍ଷ୍ମା ହୋଇପାରେ ଯଦି;

- ୫ ବର୍ଷ ମଧ୍ୟରେ ଆପଣଙ୍କୁ ଯକ୍ଷ୍ମା ସଂକ୍ରମଣ ହୋଇଥିବ
- ଧୂମପାନ ଓ ମଦ୍ୟପାନ କରୁଥିବେ (ଏବେ କିମ୍ବା ପୂର୍ବରୁ)
- ବିଗତ ୩ ବର୍ଷରେ ଯକ୍ଷ୍ମା ରୋଗୀଙ୍କ ସଂସ୍ପର୍ଶରେ ଆସିଥିବେ
- ୬୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସ ହୋଇଥିବ
- ମଧୁମେହରେ ପୀଡ଼ିତ ବ୍ୟକ୍ତି ହୋଇଥିବେ
- ଅପପୁଷ୍ଟିର ଶିକାର ବ୍ୟକ୍ତି ହୋଇଥିବେ

ତୁରନ୍ତ ଯକ୍ଷ୍ମା ପରୀକ୍ଷା କରାଇ ନିଅନ୍ତୁ, ରୋଗ ଚିହ୍ନଟ ହେଲେ ସମ୍ପୂର୍ଣ୍ଣ ଚିକିତ୍ସା କରାଇ ନିଅନ୍ତୁ ।

'ନିକ୍ଷୟ' ସମ୍ପର୍କ ନିଃଶୁଳ୍କ ହେଲ୍ପଲାଇନ ୧୮୦୦-୧୧-୬୬୬୬

"ଆମେ ଯକ୍ଷ୍ମାକୁ ଶେଷ କରିପାରିବା; ଭାରତର ନେତୃତ୍ୱରେ, ଜନ ସହଯୋଗ ବଳରେ"

OIPR-10001/10003/2/25-26/0027

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

# ମା’ ଜଗତ୍‌ଜନନୀ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ





ଉମରକୋଟ,୨୩।୩(ସମିସ):

ମା’ଜଗତ୍‌ଜନନୀ ଠାକୁରାଣୀଙ୍କ ନବଦିନାତ୍ମକ ଯାତ୍ରା ଆଜିଠାରୁ ଆରମ୍ଭ ହୋଇଛି। ପୌରାଣିକ କଥା ବସ୍ତୁ ଅନୁଯାୟୀ, ମା’ ନିଜ ବାପ ଘରକୁ ଯାଇ ନବଦିନ ଯାଏଁ ସହର ପରିକ୍ରମା କରି ଲୋକଙ୍କ ଦୁଃଖ ଲାଘବ କରିବା ସହ ସୁଖ ଶାନ୍ତି ପାଇଁ ଆଶୀର୍ବାଦ କରିଥାନ୍ତି। ସୂଚନା ଅନୁଯାୟୀ, ମଙ୍ଗଳା ମନ୍ଦିରରୁ ମାଁଙ୍କ ଘଣ୍ଟ ଅଣାଯାଇଥିଲା। ମାଁଙ୍କ ପୂଜକ ଭୁବନ ପୂଜାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ ପୂଜା କାର୍ଯ୍ୟ କରାଯାଇଥିଲା। ପରେ ମହାଆଡ଼ମ୍ବରରେ ଶୋଭାଯାତ୍ରା ମାଧ୍ୟମରେ ମା’ଙ୍କୁ ଜଗନ୍ନାଥ ମନ୍ଦିର ନିକଟସ୍ଥ ଆସ୍ଥାୟୀ ମନ୍ଦିରକୁ ନିଆଯିବ ଏବଂ ମଙ୍ଗଳବାର ଗ୍ରାମବାସୀ ଦର୍ଶନ କରିବା ସହ ମାନସିକଧାରୀ ଭକ୍ତମାନେ ମୁଆଁ ପଣା ଭୋଗ କରିଥାନ୍ତି। ବୁଧବାର ଠାରୁ ସୋମବାର ଯାଏଁ ମାଁଙ୍କ ଘଣ୍ଟ ସହରର ପ୍ରତ୍ୟେକ ସାହି ପରିକ୍ରମା କରିବ। ମା’ଙ୍କ ନବଦିନ ଯାତ୍ରା ପାଇଁ ଉମରକୋଟ ସହର ଏବେ ଚଳଚଞ୍ଚଳ ହୋଇଥିବା ବେଳେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। ମା’ ବାପଘରକୁ ଯିବା ସମୟରେ ଆତସବାଜି, ବାଜା , ଡିଜେ ଶବ୍ଦରେ ସହର କମ୍ପି ଉଠିଥିଲା। ବାଜା ଓ ଡିଜେର ତାଳେ ତାଳେ ଗୀତନାଚର ଆସର ଜମିଥିବା ଦେଖିବାକୁ ମିଳିଥିଲା। ଏହି ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳ ସହ ପଡୋଶୀ ରାଜ୍ୟ ଛତିଶଗଡରୁ ଭକ୍ତ ଆସିଥାନ୍ତି। ମୀନା ବଜାରରେ ମହାରାଷ୍ଟ୍ର, ପଡୋଶୀ ରାଜ୍ୟ ଛତିଶଗଡ, ଆନ୍ଧ୍ରର ବ୍ୟବସାୟୀ ମାନେ ଅନେକ ଘର କରଣା ଉପକରଣ, ଘର ସଜା ଓ ହସ୍ତକଳା ସାମଗ୍ରୀ ଷ୍ଟଲ ପଡିଥିବା ଦେଖିବାକୁ ମିଳିଛି। ଏହି ସମୟରେ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ମା’ଙ୍କ ଆଶିଷ ନେଇଥିଲେ। ପୂଜା କମିଟିର ସଭାପତି, କୋଷାଧ୍ୟକ୍ଷ, ଉପସଭାପତି, ସମ୍ପାଦକ ଓ ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ପୂଜା କାର୍ଯ୍ୟ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରିବା ପାଇଁ ଚେଷ୍ଟା କରିଥିଲେ। ପ୍ରବଳ ଭୀଡ଼କୁ ନିୟନ୍ତ୍ରଣ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ମଧ୍ୟ ସୁବ୍ୟବସ୍ଥା କରାଯାଇଥିଲା।

## ସଦର ଥାନାର ସଫଳତାକୁ ନେଇ ଲୋକଙ୍କ ସାଧୁବାଦ

ପୋଡ଼ାଗଡ଼,୨୩।୩(ସମିସ): ଦୀର୍ଘ ଦିନ ହେବ ପୋଡ଼ଗଡ଼ ଅଞ୍ଚଳରେ ଡିଜେଲ ଚୋରି ହେଉଥିଲା। ଏହି ଡିଜେଲ ଚୋରି କରିଥିବା ଚୋରମାନଙ୍କ ସହ କ୍ରେତା ମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି କୋରାପୁଟ ସଦର ପୁଲିସ। ସଦର ଥାନା ଅଧିକାରୀ ରୁନୁ ମାଝୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ବିଭିନ୍ନ ଜାଗାରେ ଚଢ଼ଉ କରି ଏକ ଚୋର ଗ୍ୟାଙ୍ଗକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଏହି ସଫଳତାକୁ ନେଇ ପୋଡ଼ାଗଡ଼ ଅଞ୍ଚଳର ଜନ ସାଧାରଣଙ୍କ ସହ ନେତା ମାନେ ସଦର ଥାନା ଅଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ସେହିପରି ଦଶମନ୍ତପୁର ବ୍ଲକ ବିଜେଡି ସଭାପତି ମହେନ୍ଦ୍ର କୁଲଦୀପ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସୁନାମ ପାତ୍ର କନ୍ଦପାନ, ଜିଲ୍ଲା ପରିଷଦ ଜୋନ ୨ ସଭ୍ୟ ଧନପତି ସାଉନ୍ତା ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଚୈତନ୍ୟ ମୁଦୁଲିଙ୍କ ସମେତ ମସ୍ତିପୁଟ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଦୁର୍ଯ୍ୟ ମୁଦୁଲି, ସରପଞ୍ଚ ସବିତା ଦମି ପ୍ରମୁଖ କହିଛନ୍ତି ଯେ, ଗତ ଦିନ ମାନଙ୍କରେ ଅନେକ ଥାନା ଅଧିକାରୀ ଆସିଥିଲେ । କିନ୍ତୁ ଅଞ୍ଚଳରେ ଚୋରି କରୁଥିବା ଚୋରକୁ ଠାବ କରି ପାରିନଥିଲେ। କିନ୍ତୁ ରୁନୁ ମାଝୀ ସଦର ଥାନା ଅଧିକାରୀ ଭାବେ ଦାୟିତ୍ୱ ନେବା ପରେ ଅଞ୍ଚଳରେ ହେଉଥିବା ଚୋରି ଡକାୟତ କରିଥିବା ଗ୍ୟାଙ୍ଗ ମାନଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ସ୍ଥାନୀୟ ଲୋକ ମାନେ ଏପରି ପଦକ୍ଷେପକୁ ସ୍ୱାଗତ କରିବା ସହ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ରାଜ୍ୟସ୍ତରରେ ପୁରସ୍କୃତ ହେଲେ ବୈପାରିଗୁଡା ଥାନା ଅଧିକାରୀ



ବୈପାରିଗୁଡ଼ା,୨୩।୩(ସମିସ): ବୈପାରୀଗୁଡା ପୋଲିସର ସଫଳତ ପାଇଁ ମିଳିଲା ରାଜ୍ୟ ସ୍ତରୀୟ ପୁରସ୍କାର । ଭୁବନେଶ୍ୱର ଠାରେ ଏକ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ସମାରୋହରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କ ଦ୍ୱାରା ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆ ମାନପତ୍ର ଗ୍ରହଣ କରିଛନ୍ତି । ଶ୍ରୀ ବାତ୍ରିଆ ବୈପାରିଗୁଡା ଥାନାର ଦାୟିତ୍ୱ ଗ୍ରହଣ କରିବାର ସାତ ମାସ ଭିତରେ ତାଙ୍କ ନେତୃତ୍ୱରେ ଜିଲ୍ଲା ତଥା ରାଜ୍ୟ ବାହାରକୁ ଚୋରାଚାଲାଣ ବେଳେ ଏକ ହଜାର ଦୁଇ ଶହ ପନ୍ଦର କିଲୋ ଗଞ୍ଜେଇ ଜବତ କରିଛନ୍ତି। ଏହା ବ୍ୟତୀତ ବୈପାରିଗୁଡା ବ୍ଲକର ମାଓବାଦୀ ରୂପେ ପରିଚିତ ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଯାଇ ବେଆଇନ ଭାବେ ଚାଷ କରାଯାଉଥିବା ୧୬୮ ଏକର ଜମିର ଗଞ୍ଜେଇ ଚାଷ କାଟିବା ସହ ପୋଡି ନଷ୍ଟ କରିଥିଲେ। ଏଭଳି ସାହାସିକତା ଏବଂ ନିଶାମୁକ୍ତ ଓଡ଼ିଶା ଗଠନରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବାରୁ ତାଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କୃତ ହେବା ପରେ ଶ୍ରୀ ବାତ୍ରିଆ ଆଗକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ମିଳୁଛି। ଏଭଳି କାର୍ଯ୍ୟ ଆଗକୁ ମଧ୍ୟ ଜାରି ରଖିବେ ବୋଲି ଶ୍ରୀ ବର୍ତିଆ ପ୍ରକାଶ କରିଥିଲେ।

## ଉପ ଜିଲ୍ଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି

ଲମତାପୁଟ,୨୩।୩ (ସମିସ): ଆଜି ଲମତାପୁଟ ବ୍ଲକରେ ଉପ ଜିଲ୍ଲାପାଳ ଓ ଏସପିଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ବେଣୁଧର ଶବର,ଏସପି ରୋହିତ ବର୍ମା, ଦେବଦତ୍ତା ମଲିକ, ଜିଲ୍ଲା ବନାଧିକାରୀଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ପାନୀୟ ଜଳ,ପର୍ଯ୍ୟଟନ ଭଳି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲମତାପୁଟ ବ୍ଲକ ର ୧୫ ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଲୋକେ ଗାଁର ବିଭିନ୍ନ ସମସ୍ୟାକୁ ଏକ ଲିଖିତ ଆକାରରେ ଉପ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସମୁଦାୟ ୩୮ ଟି ଅଭିଯୋଗ ହୋଇ ଥିବା ବେଳେ ଏଥି ମଧ୍ୟରେ ସାମୂହିକ ୨୫ ଟି ଏବଂ ୧୩ ଟି ବ୍ୟକ୍ତି ଗତ ଥିବା ବେଳେ ୩ଟି ଅଭିଯୋଗ ନାକଚ ହୋଇ ଥିବା ଜଣା ପଡ଼ିଛି। ଏହି ଅଭିଯୋଗ ଶୁଣାଣି ସମୟରେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଲୋକଙ୍କ ଠାରୁ ଉପ ଜିଲ୍ଲାପାଳ ୩୮ ଖଣ୍ଡ ଅଭିଯୋଗ ଶୁଣିଥିବା ବେଳେ ଏଥି ମଧ୍ୟରେ ଅଭିଯୋଗ ସମ୍ପର୍କିତ ସମସ୍ୟାକୁ ନେଇ ଉଭୟ ଅଭିଯୋଗକାରୀ ଓ ସେହି ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଉକ୍ତ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲମତାପୁଟ ବ୍ଲକ ଅଧ୍ୟକ୍ଷ ତାପସ ଚାଲାଣ, ବିଡ଼ିଓ ଜୟନ୍ତ କୁମାର ମେହର, ଏବିଡିଓ ନିଲମ ମାନସୀ ଭତ୍ରା, ସହକାରୀ ଯନ୍ତ୍ରୀ ସୃଷ୍ଟୀ ସୁହାସିନୀ ମଲିକ ଓ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ସୁଭଦ୍ରା ଦିଦି କ୍ୟାଟରିଂ ଉଦ୍‌ଘାଟିତ



ଦାମନଯୋଡ଼ି,୨୩।୩(ସମିସ): ଓଡ଼ିଶା ଜୀବିକା ମିଶନ ତରଫରୁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁଭଦ୍ରା ଦିଦି କ୍ୟାଟରିଂର ଏକ ୟୁନିଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ନମିତା ମାଝୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼ ଅତିଥି ରୂପେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟ ମିହିର କୁମାର କୁଲଦୀପ ଓ ମାଥାଲପୁଟ ସରପଞ୍ଚ ରଞ୍ଜିତା ଦିଶାରୀ ଉପସ୍ଥିତ ଥିଲେ।ସେହିପରି ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସୁମନ କୁମାର ଟପ୍ପୋ, ଡ. ଅନୁପମା ପତି, ବିପିଏମ ନୀଳକଣ୍ଠ ପାଣି ଓ ପିଏଚଇଓ ବିଜୟ ଖିଲ, ଓଡ଼ିଶା ଜୀବିକା ମିଶନର ବିପିଏମ ସ୍ନେହଲତା ମିଶ୍ର, ବିଏଲସି,ବିପିସି ଓ ଏହି କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ରାଜ୍ୟ ବୈଷୟିକ ମାର୍ଗଦର୍ଶକ କେଏଏସଏନଆରଓ ସଂସ୍ଥାର ରାହେନା ଏସ.(କେରଳ) ମଧ୍ୟ ଉପସ୍ଥିତ ଥିଲେ। ମାଥାଲପୁଟର ନୀଳାବାଡ଼ି ସ୍ୱୟଂ ସହାୟିକା ଗୋଷ୍ଠୀର ତାଲିମପ୍ରାପ୍ତ ପାଞ୍ଚ ଜଣ ସଦସ୍ୟା ଏହି କ୍ୟାଟରିଂ ୟୁନିଟ ପରିଚାଳନା ଦାୟିତ୍ୱ ନେଇଛନ୍ତି। ଓଡ଼ିଶା ଜୀବିକା ମିଶନ ତରଫରୁ ଆବଶ୍ୟକ ରୋଷେଇ ଉପକରଣ କ୍ରୟ ନିମନ୍ତେ ୧ଲକ୍ଷ ୨୦ହଜାର ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଏହି କ୍ୟାଟରିଂ ୟୁନିଟ ଅର୍ଡର୍ ମୁତାବକ ଖାଦ୍ୟ ପ୍ରସ୍ତୁତ କରି ରୋଗୀ ମାନଙ୍କ ସହିତ ଆଟେଣ୍ଡାଣ୍ଟ, ବାହାରର ଅନ୍ୟ ବ୍ୟକ୍ତି/ସଂସ୍ଥା ସୁଲଭ ମୂଲ୍ୟରେ ଯୋଗାବେ।

## ଟ୍ରାକ୍ଟର ଓଲଟି ୪ ଶିଶୁଙ୍କ ସହ ୧୫ ଆହତ

ଉମରକୋଟ ୨୩।୩(ସମିସ): ବିବାହ ଘରେ ଯୋଗ ଦେବାକୁ ଯିବା ସମୟରେ ଭାରସ୍ୟମ ହରାଇ ଓଲଟିଲା ଟାକ୍ଟର। ଟାକ୍ଟରରେ ମୋଟ ୨୫ରୁ ଅଧିକ ଯାତ୍ରୀ ରହିଥିଲେ। ଦୁର୍ଘଟଣାରେ ୪ ଛୁଆ ସମେତ ୧୫ ଜଣ ମହିଳା, ପୁରୁଷ



ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ବ୍ଲକ ପର୍ଶୁବେଡ଼ା ଗ୍ରାମରୁ ଉମରକୋଟ ବ୍ଲକ ତୋହରା ପଞ୍ଚାୟତର ପଣ୍ଡ୍ରିପକନା ଗ୍ରାମକୁ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଉଥିଲେ। ଏହି ସମୟରେ କେରିପଦର ନିକଟରେ ଭାରସ୍ୟମ ହରାଇ ଟ୍ରାକ୍ଟରଟି ଓଲଟି ପଡିଥିଲା। ସମସ୍ତ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଣିବା ପରେ ଚିକିତ୍ସା ଚାଲିଛି।

## ଦୁର୍ଘଟଣାରେ ବିଜେଡି ନେତାଙ୍କ ପୁଅର ମୃତ୍ୟୁ



ନନ୍ଦପୁର,୨୩।୩(ସମିସ): ରବିବାର ରାତିରେ ଦୁର୍ଘଟଣା ହୋଇ ଚିକିତ୍ସାଧୀନ ଅବସ୍ଥାରେ ବରିଷ୍ଠ ବିଜେଡି ନେତା ତ୍ରିନାଥ କୁରେସିଙ୍କ ପୁଅ ସଂଜୟଦତ୍ତ କୁରେସୀ ଙ୍କ ଘରଲୋକ ଘଟିଛି। ଦୁର୍ଘଟଣା ପରେ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସାଧୀନ ଥିଲେ। ସୂଚନା ଅନୁସାରେ ସେ ଚଳିତ ମାସ ୧୦ ତାରିଖ ଦିନ ପାଡୁଆ ଥାନାରୁ ମାତ୍ର ଦୁଇ ଶହ ମିଟର ପ୍ରଗତି କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ବାଇକ୍ ମୁହାଁମୁହିଁ ଦୁର୍ଘଟଣା ଘଟି କୋରାପୁଟ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଗତ ୧୫ ତାରିଖ ବିମଡଲ ଗ୍ରାମର ଭୀଷ୍ମ ପ୍ରଧାନୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗତ ରବିବାର ସଞ୍ଜୟଦତ୍ତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସଞ୍ଜୟଙ୍କ ପାର୍ଥିବ ଶରୀର ଆଜି ତାଙ୍କ ନିଜ ଗ୍ରାମରେ ପହଞ୍ଚିବା ପରେ ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମେତ ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ଯୁବ ସମାଜସେବୀ ମୁନା ପଣ୍ଡା, ଡମ୍ବୁରୁ ରାମ ସିଂ ପ୍ରମୁଖ ଶୁଭେଚ୍ଛୁ ତାଙ୍କ ଅନ୍ତିମ ଯାତ୍ରାରେ ସାମିଲ ହୋଇଥିଲେ। ତାଙ୍କ ଅନ୍ତିମ ସଂସ୍କାର ନିଜ ଗାଁ ମଶାଣିରେ ହୋଇଥିଲା।

## ବ୍ୟବସାୟୀଙ୍କୁ ଆକ୍ରମଣ :୨ ଗିରଫ

ଲକ୍ଷ୍ମୀପୁର,୨୩।୩(ସମସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ସଦରରରେ ରହୁ ଥିବା ତିନି ଜଣ ଯୁବକ ଶନିବାର ସାପ୍ତାହିକ ହାଟରେ କିଛି ବ୍ୟବସାୟୀ ଙ୍କୁ ଆକ୍ରମଣ କରୁଥିଲେ। ଏହି ସମୟରେ ଟିଭି ସାମ୍ବାଦିକ ବଂଶୀଧର ହାଲୱା ଖବର ପାଇ ଘଟଣାକୁ ନିଜ ମୋବାଇଲରେ ରେକର୍ଡିଂ କରୁଥିଲେ। ଏହା ଦେଖି ଯୁବକ ମାନେ ସାମ୍ବାଦିକଙ୍କୁ ମଧ୍ୟ ଆକ୍ରମଣ କରିବା ସହ ମୋବାଇଲ ହାତରୁ ଛଡାଇ ନେଇ

### ସାମ୍ବାଦିକଙ୍କ ମୋବାଇଲ୍ ଭାଙ୍ଗିଥିଲେ

ଭାଙ୍ଗି ଦେଇଥିଲେ। ଏହି ଘଟଣାକୁ ନେଇ ଲକ୍ଷ୍ମୀପୁର ଥାନାରେ ବ୍ୟବସାୟୀ ଓ ସାମ୍ବାଦିକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଅଭିଯୋଗକୁ ଆଧାର କରି ତଦନ୍ତ ଆରମ୍ଭ କରିଥିଲା ଏବଂ ଆକ୍ରମଣକାରୀ ଫେରାର ଥିଲେ। ୧୫ ଦିନ ପରେ ପୋଲିସ ସେମାନଙ୍କୁ କାବୁ କରି କୋର୍ଟ ଚାଲାଣ କରିଥିବା ତଦନ୍ତ ଦାୟିତ୍ୱରେ ଥିବା ଏସଆଇ ରମେଶ କିନ୍ତାଲୁ କହିଛନ୍ତି

## ମା’ ଠାକୁରାଣୀଙ୍କ କଳସୀ ଯାତ୍ରା ଶୁଭାରମ୍ଭ

ଡାବୁଗାଁ,୨୩।୩ (ସମିସ):



ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦର ମହକୁମା ଠାରେ ୯ ଦିନ ବ୍ୟାପୀ ମାଁ’ ଠାକୁରାଣୀଙ୍କ କଳସୀ ଯାତ୍ରା ସୋମବାର ସନ୍ଧ୍ୟାରେ ଶୁଭାରମ୍ଭ ହୋଇଯାଇଛି। ସନ୍ଧ୍ୟାରେ ମା’ଠାକୁରାଣୀଙ୍କ କଳସୀ ମଣ୍ଡପ ଠାରୁ ବାହାରି ମାଁ ଠାକୁରାଣୀ ମନ୍ଦିରର ପୋଖରୀରୁ ପୂଜାର୍ଚ୍ଚନା କରି ପ୍ରାୟ ୫୦ରୁ ଅଧିକ ବାଳିକା ମାନେ ମୁଣ୍ଡରେ କଳସ ବୋହି ବହୁ ଆଡମ୍ବରରେ ଶୋଭାଯାତ୍ରାରେ ବାହାରି ବାଜା ବଜାଇ ବାଣ ଫୁଟାଇ ଗ୍ରାମ ମଧ୍ୟରେ ଥିବା ମାଁଙ୍କ କଳସୀ ମଣ୍ଡପ ଠାରେ ରାତ୍ର ପ୍ରାୟ ୧୧ଟା ସମୟରେ ପହଞ୍ଚି ମାଁ ଙ୍କୁ ସ୍ଥାପନା କରାଯାଇଛି । ଏହି ଯାତ୍ରା ଆଜିଠାରୁ ୯ ଦିନ ଧରି ଚାଲିବ। ଚଳିତ ବର୍ଷ କଳସ ଯାତ୍ରା ବହୁ ଆଡମ୍ବରରେ ଯାତ୍ରା କମିଟି ଙ୍କ ପ୍ରଚେଷ୍ଟାରେ ଆଦିବାସୀ ନୃତ୍ୟ, ବ୍ୟାଣ୍ଡ ବାଜାରେ ଓ ଭକ୍ତ ମାନଙ୍କ ନୃତ୍ୟରେ କମ୍ପି ଉଠିଥିଲା ଡାବୁଗାଁ ସହର। ୯ ଦିନ ବ୍ୟାପୀ ହେବାକୁ ଥିବା କଳସୀ ଯାତ୍ରା ପାଇଁ କଳସୀ ମଣ୍ଡପ କୁ ବିଭିନ୍ନ ଆଧୁନିକ ଆଲୋକମାଳାରେ ସାଜସଜା କରାଯାଇଥିଲା ବେଳେ ବିଭିନ୍ନ ପ୍ରକାରର ତୋରଣ ଗୁଡିକ ତିଆରି କରାଯାଇଛି । ଡାବୁଗାଁ କଳସୀ ମଣ୍ଡପ ଆଲୋକ ମାଳାରେ ଝଲସି ଉଠିଛି । ଏହି କଳସ ଶୋଭାଯାତ୍ରାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ଭକ୍ତ ଉପସ୍ଥିତ ଥିଲେ। ଏଥିରେ କମିଟି ସଭାପତି ଭାବେ ସତ୍ୟ ରଞ୍ଜନ ପାତ୍ର, ଉପସଭାପତି ପାପନ୍ନା ରେଲି, ବିନୋଦ ସୌରା, କୋଷାଧ୍ୟକ୍ଷ ଭାବେ କୁନୁ ପାତ୍ର ଓ ସୁରେନ୍ଦ୍ର ରେଲିଙ୍କ ସହ କମିଟି ସଭ୍ୟ ମାନେ ଉପସ୍ଥିତ ଥିବା ବେଳେ ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଏମ୍. ଆପ୍ପା ରାଓ, ଜୟନ୍ତ କୁମାର ପାତ୍ରଙ୍କ ସମେତ ବହୁ ଭଦ୍ର ବ୍ୟକ୍ତି ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଅଲିମ୍ପିକ୍ ମୂଲ୍ୟବୋଧକ ଶିକ୍ଷା କାର୍ଯ୍ୟକ୍ରମର ବାର୍ଷିକ ସମାରୋହ

ଉମରକୋଟ,୨୩।୩ (ସମିସ):



ଅଲିମ୍ପିକ ମୂଲ୍ୟବୋଧକ ଶିକ୍ଷା କାର୍ଯ୍ୟକ୍ରମର ବାର୍ଷିକ ସମାରୋହ ଉମରକୋଟ ବ୍ଲକ୍ ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବକୋଦା ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଚିତ୍ତ ରଞ୍ଜନ ପଟ୍ଟନାୟକ, ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ତରଫରୁ ସିପା ମହାପାତ୍ର ଓ ନିଶିଥା ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସାହୁ କ୍ରୀଡ଼ା ମାଧ୍ୟମରେ ମୂଲ୍ୟବୋଧର ବୃଦ୍ଧି ସହ ବନ୍ଧୁତ୍ୱ, ସମ୍ମାନ ଓ ପାରଦର୍ଶିତାର ବୃଦ୍ଧି ପାଇଁ କାମ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥି ମାନେ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ନିଜ ମତରଖିଥିବା ବେଳେ ମୁଖ୍ୟବକ୍ତା ଶ୍ରୀ ପଟ୍ଟନାୟଜ ବର୍ତ୍ତମାନ ସମୟରେ ମୂଲ୍ୟବୋଧକ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ନିଜ ମତ ରଖିଥିଲେ। ଏହି ସମାରୋହରେ ଯୋଗ ଦେଇଥିବା ଶିକ୍ଷକମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଡ଼ି ସହ ଚାଉଳ ଜବତ, ଡ୍ରାଇଭର ଅଟକ

କୋରାପୁଟ,୨୩ା୩ (ସମିସ):

କୋରାପୁଟ ସଦର ଥାନା ପୁଲିସ ସୋମବାର ଅପରାହ୍ନରେ ଏକ କମାଣ୍ଡର ଜିପ୍ ସହ ୨୨ ବସ୍ତା ତଥା ୧୧ କ୍ୱିଣ୍ଟାଲ ସରକାରୀ ଚାଉଳ ଜବତ କରିଥିବା ବେଳେ କମାଣ୍ଡର ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ ଥାନା ଅଧିକାରୀ ରୁନୁ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ସବ୍ ଇନ୍ସପେକ୍ଟର ସୁଧାଂଶୁ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ଅପରାହ୍ନରେ ବାଗ୍ରାଗୁଡ଼ା ମହାଦେଇପୁଟ ରାସ୍ତାର ରାଉତପୁଟ ଛକରେ ଯାନବାହାନ ଯାଞ୍ଚ କରୁଥିଲେ।



ସେହି ସମୟରେ ଚାଉଳ ବୋଝେଇ କମାଣ୍ଡର ଆସିବାରୁ ତାକୁ ଅଟକାଇ ଯାଞ୍ଚ କରିବା ବେଳେ ଉକ୍ତ ଗାଡ଼ିର କୌଣସି କାଗଜପତ୍ର ନଥିବା ଜଣା ପଡିଥିଲା। ଅନ୍ୟ ପକ୍ଷରେ କମାଣ୍ଡରରେ ଥିବା ଚାଉଳ ସମ୍ପର୍କରେ ମଧ ଡ୍ରାଇଭର କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ନଥିଲେ। ସେ ତାହା ଏକ ଆଶ୍ରମ ବିଦ୍ୟାଳୟର ଚାଉଳ ବୋଲି କହିଥିଲେ ମଧ ଚାଉଳ ସମ୍ପର୍କିତ କାଗଜ ପତ୍ର କିଛି ଦେଖାଇ ପାରି ନଥିଲେ। ତେଣୁ ପୁଲିସ ଚାଉଳ ସହ ଉକ୍ତ କମାଣ୍ଡରକୁ ଜବତ କରି ସଦର ଥାନାରେ ରଖିଥିବା ବେଳେ ଡ୍ରାଇଭରକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ରୁନୁ ମାଝୀ ସୂଚନା ଦେଇଛନ୍ତି। ସବ ଇନ୍ସପେକ୍ଟର ସୁଧାଂଶୁ ନାୟକ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

# ଚୋରି ବୋଲେରୋ ମାଲିକଙ୍କୁ ହସ୍ତାନ୍ତର



ନନ୍ଦପୁର, ୨୩ା୩ (ସମିସ): ଗତ ସପ୍ତାହରେ ନନ୍ଦପୁର ଥାନା ଅନ୍ତର୍ଗତ ଗୁଣ୍ଡାପୁଟ ଓ ସୁବାଇ ଗ୍ରାମରୁ ଗୋଟିଏ ରାତିରେ ବାଇକ୍, ବୋଲେରୋ ଚୋରି ହୋଇଥିଲା। ଚୋରି ଘଟଣାର ସପ୍ତାହ ପରେ ନନ୍ଦପୁର ପୁଲିସକୁ ମିଳିଛି ସଫଳତା। ପଟାଙ୍ଗୀ ବ୍ଲକ ଅନ୍ତର୍ଗତ ଆନ୍ଧ୍ର ସୀମାନ୍ତରୁ ଚୋରି ବୋଲେର ଗାଡ ରବିବାର ରାତ୍ରରେ ଉଦ୍ଧାର ପରେ ସୋମବାର ଗାଡି ମାଲିକ ଝାଲେନ୍ଦ୍ର ହନ୍ତାଳଙ୍କୁ ବୋଲେର ହସ୍ତାନ୍ତର କରିଛି ପୁଲିସ । ସୂଚନା ଅନୁସାରେ ନନ୍ଦପୁର ଥାନା ଅନ୍ତର୍ଗତ ପିତାଗୁଡା ଗ୍ରାମରୁ ଶନିବାର ରାତିରେ ଘର ଆଗରେ ରଖା ହୋଇଥିବା ବୋଲେରୋ ନେଇ ଦୁର୍ବୃର୍ତ୍ତ ମାନେ ଫେରାର ହୋଇ ଯାଇଥିଲେ। ପର ଦିନ ସକାଳୁ ଗାଡି ମାଲିକ ଥାନାରେ ଅଭିଯୋଗ ପରେ ନନ୍ଦପୁର ଥାନା ଅଧିକାରୀ ତ୍ରିନାଥ ତୋଟା ପାଡିଆ ଏକ ଟିମ୍ ଗଠନ କରି ତଦନ୍ତ ଜାରି ରଖିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଶନିବାର ସନ୍ଧ୍ୟା ସମୟରେ ପଟାଙ୍ଗୀ ବ୍ଲକ ଅନ୍ତର୍ଗତ ପୁକାଲି ପଞ୍ଚାୟତ ଆନ୍ଧ୍ର ସୀମାନ୍ତର ଏକ ନିର୍ଜନ ଜଙ୍ଗଲ ମଧ୍ୟରୁ ଗାଡିକୁ ଉଦ୍ଧାର କରିଥିଲା ନନ୍ଦପୁର ପୁଲିସ। ରାତିରେ ଉଦ୍ଧାର ବୋଲେରୋ ଥାନାକୁ ଆଣିଥିବା ବେଳେ ସୋମବାର ସକାଳୁ ଗାଡ଼ି ମାଲିକଙ୍କୁ ହସ୍ତାନ୍ତର କରିଥିବା କହିଛନ୍ତି ଆଇଆଇସି ତ୍ରିନାଥ ତୋଟାପାଡିଆ । ଖୁବ ଶୀଘ୍ର ଚୋରା ବାଇକ୍ ଜବତ ହେବା ସହ ଦୁର୍ବୃତ୍ତମାନେ ମଧ ଆଇନର ଲମ୍ବା ହାତରେ ଛନ୍ଦି ହେବେ ବୋଲି କହିଛନ୍ତି ଶ୍ରୀ ତୋଟା ପାଡିଆ। ଚୋରି ବୋଲେରୋ ପାଇଁ ନନ୍ଦପୁର ପୁଲିସକୁ ଧନ୍ୟବାଦ୍ ଜଣାଇଛନ୍ତି ଗାଡ଼ି ମାଲିକ।

# 'ହାଲ୍'ର ସିଏସ୍ଆର ପାଣ୍ଠିରେ ପ୍ରକଳ୍ପ ମଞ୍ଜୁର ପାଇଁ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ସାଂସଦଙ୍କ ଅନୁରୋଧ

ସୁନାବେଡା,୨୩ା୩(ସମିସ): କୋରାପୁଟ ଜିଲ୍ଲା ସୁନାବେଡା ହାଲ୍ର ସିଏସଆର ପାଣ୍ଠି ଅଧୀନରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ମଞ୍ଜୁର ପାଇଁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀଙ୍କୁ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ପତ୍ର ଲେଖି ଅନୁରୋଧ କରିଛନ୍ତି। ଏହି ପ୍ରକଳ୍ପ ଗୁଡ଼ିକ ସ୍ଥାନୀୟ ଲୋକଙ୍କ ଦୀର୍ଘକାଳୀନ ଦାବିକୁ ପୂରଣ କରିବା ସହ ଏହି ଅଞ୍ଚଳର ମୌଳିକ ଭିତ୍ତିଭୂମି, କ୍ରୀଡା ସୁବିଧା ଏବଂ ସ୍ୱାସ୍ଥ୍ୟସେବା ସୁବିଧାର ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ଉଲ୍ଲାକା ଉଲ୍ଲେଖ କରିଛନ୍ତି। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ନିମ୍ନଲିଖିତ ଭାବରେ ରହିଛି। ସୁନାବେଡା ୧ ସ୍ଥିତ ଦଶହରା ପଡ଼ିଆ ନିକଟରେ ମିନି ଷ୍ଟାଡିୟମର ପାରିପାର୍ଶ୍ୱିକ ବିକାଶ ପାଇଁ ୧ କୋଟି ଟଙ୍କାର ଅନୁଦାନ, ସୁନାବେଡା ଆରଜୋନରୁ ସିସିବିଏଫ୍ ଫାର୍ମ ରୋଡ୍ ୧ କିଲୋମିଟର ପର୍ଯ୍ୟନ୍ତ ବିଟି ରାସ୍ତାର ନିର୍ମାଣ, ସୁନାବେଡା ନର୍ସରୀରୁ ଚକରଲିପୁଟ ପର୍ଯ୍ୟନ୍ତ ବିଟି ରାସ୍ତାର ନିର୍ମାଣ, ସୁନାବେଡା ଏନ୍ଏସି ହସ୍ପିଟାଲ ପାଇଁ ଫ୍ରିଜର ସ୍ଥାପନ (୧୦ ଲକ୍ଷ ଟଙ୍କା), ସେମିଲିଗୁଡ଼ା ମିନି ଷ୍ଟାଡିୟମର ପାରିପାର୍ଶ୍ୱିକ ବିକାଶ ପାଇ ୧ କୋଟି ରହିଛି। ସୁନାବେଡା ଏବଂ ନିକଟବର୍ତ୍ତୀ ଅଞ୍ଚଳର ଲୋକମାନେ ବର୍ଷ ବର୍ଷ ଧରି ଏହି ଉନ୍ନତି ପାଇଁ ଅପେକ୍ଷା କରିଆସୁଛନ୍ତି। ହାଲର ସିଏସ୍ଆର ପଦକ୍ଷେପ ଅଧୀନରେ ସମୟୋଚିତ ମଞ୍ଜୁରୀ ଆଦିବାସୀ ଅଞ୍ଚଳରେ ସମାନ ବିକାଶ ପାଇଁ



ସରକାରଙ୍କ ପ୍ରତିବଦ୍ଧତାରେ ପ୍ରକୃତ ପ୍ରଗତି ଏବଂ ନୂତନ ବିଶ୍ୱାସ ଆଣିବ ବୋଲି ସାଂସଦ ସପ୍ତଗିରୀ ଉଲ୍ଲାକା ମତ ବ୍ୟକ୍ତ କରିଛନ୍ତି। ତେଣୁ, ସେ ହାଲ୍ କର୍ତ୍ତୃପକ୍ଷଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନିର୍ଦ୍ଦେଶ ପାଇଁ ଅନୁରୋଧ କରିଛନ୍ତି।

# ପୋଖରୀରେ ବୁଡ଼ି ଯୁବକ ମୃତ

ଡାବୁଗାଁ, ୨୩ା୩(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନାର ଶିଂସାରି ଫାଣ୍ଡି ଅଧୀନ ଲହରାଗୁଡ଼ା ଗ୍ରାମର ଜଣେ ଯୁବକ ପୋଖରୀରେ ବୁଡି ମୃତ୍ୟୁବରଣ କରିଥିବା ନେଇ ସୋମବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଡାବୁଗାଁ ଥାନାର ଶିଂସାରୀ ଫାଣ୍ଡି ଅଧୀନ ଲହରାଗୁଡ଼ା ଗ୍ରାମର ଘନ ଭତ୍ରା (୩୫) ରବିବାର ସନ୍ଧ୍ୟା ସମୟରେ ଶୌଚ ପାଇଁ ଗାଁ ପାଖ ପୋଖରୀକୁ ଯାଇଥିଲେ। ସେଠାରେ ତାଙ୍କ ଗୋଡ ଖସି ଯିବାରୁ ସେ ପୋଖରୀରେ ବୁଡି ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜା ଖୋଜି କରିଥିଲେ। ପରେ ପୋଖରୀକୁ ଯାଇ ଦେଖିବା ବେଳେ ତାର ମୃତ ଦେହ ଭାସୁଥିଲା। ଏନେଇ ସୋମବାର ସକାଳୁ ମୃତକର ଭାଇ ଲକିନାଥ ଭତ୍ରା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ସିଂସାରି ଫାଣ୍ଡି ଅଧିକାରୀ ହରିହର ଭତ୍ରା ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଜଙ୍ଗଲ ନିଆଁ ନିରାକରଣ ସଚେତନତା ଶିବିର



ବୈପାରୀଗଡ଼ା,୨୩ା୩(ସମିସ): ବୈପାରୀଗୁଡା ବନାଞ୍ଚଳ ଅନ୍ତର୍ଗତ ବାତ୍ରୀପୁଟ ଠାରେ ଓଡିଶା ସରକାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ବ୍ଲକସ୍ତରୀୟ ଜଙ୍ଗଲ ନିଆଁ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୈପାରୀଗୁଡା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ଜୟପୁର ଉପଖଣ୍ଡ ବନାଞ୍ଚଳ ଏସିଏଫ ପ୍ରସନ୍ନ କୁମାର ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରିଆ, ବ୍ଲକ ଉପଦକ୍ଷା ପୂର୍ଣ୍ଣିମା ବାରିକ, ସରପଞ୍ଚ ସୂର୍ଯ୍ୟମଣି ନାୟକ, ଥାନା ଅଧିକାରୀ ଡମ୍ବୁରୁ ଧର ବାର୍ତିଆ, ଅଗ୍ନିଶମ ଅଧିକାରୀ ଜୟକିଶର ସ୍ୱାଇଁ, ରେଞ୍ଜର ସନ୍ଦୀପ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଅତିଥିମାନେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଗ୍ରୀଷ୍ମ ଦିନ ଆସୁଥିବାରୁ ଜଙ୍ଗଲରେ ନିଆଁ ଲାଗି ଜଙ୍ଗଲ ସମ୍ପଦ ନଷ୍ଟ ହେବା, ବନ୍ୟଜନ୍ତୁ କ୍ଷତିଗ୍ରସ୍ତ ହେବା ସହିତ ପରିବେଶ, ଜଳବାୟୁ ଓ ମଣିଷ ସମାଜ ଉପରେ ଏହାର କୁପ୍ରଭାବ ପଡୁଥିବା କଥା ସମସ୍ତ ଅତିଥିମାନେ କହିଥିବା ବେଳେ କେମିତି ଏହାର ନିରାକରଣ କରାଯାଇପାରିବ, ନିଆଁ ଦାଉରୁ କିଭଳି ଭାବରେ ଜଙ୍ଗଲକୁ ସୁରକ୍ଷା କରାଯାଇ ପାରିବ, ଜଙ୍ଗଲ ନିକଟସ୍ଥ ଗ୍ରାମର ଲୋକମାନଙ୍କୁ ସଚେତନ କରାଇବା ପାଇଁ ଓ ବନ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରିବା ପାଇଁ ଏସିଏଫ୍ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ସମସ୍ତଙ୍କୁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ। ଲୋକମାନଙ୍କୁ ସଚେତନ କରିବା ପାଇଁ ବନପାଳ ରଞ୍ଜିତା ନାୟକ ସଚେତନ କରିଥିଲେ। ଏହି ଅବସରରେ ଜଟିଆଗୁଡା ବନ ସୁରକ୍ଷା ସମିତି ସଦସ୍ୟ ନରହରି ଉଡ଼ୁଲୁବାଡିଆ, ଦଶମନ୍ତପୁର ପଞ୍ଚାୟତର ଜାମଯୋଡି ବନସୁରକ୍ଷା ସମିତି ସଦସ୍ୟ ପୀତବାସ ପାଙ୍ଗି ଜଙ୍ଗଲ ସୁରକ୍ଷାକୁ ନେଇ ଲୋକଙ୍କ ଦାୟିତ୍ୱ କଣ ରହିଛି ସେ ନେଇ ଆଲୋକପାତ କରିଥିଲେ।

# ନିରୀକ୍ଷଣ ଟିମ୍ର ସେମିଲିଗୁଡା ମହାବିଦ୍ୟାଳୟ ପରିଦର୍ଶନ




ସେମିଲିଗୁଡ଼ା,୨୩ା୩ (ସମିସ):

ଜୟପୁରସ୍ଥିତ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ସ୍ଥାନୀୟ ନିରୀକ୍ଷଣ କମିଟି ଆଜି ସେମିଲିଗୁଡା ମହାବିଦ୍ୟାଳୟ ନିରୀକ୍ଷଣ ପାଇଁ ପରିଦର୍ଶନ କରିଥିଲେ। ଏହି ଟିମ୍ରେ ଚେୟାରମ୍ୟାନ୍ ଡ. ପ୍ରଶାନ୍ତ କୁମାର ପାତ୍ର, , ପିଜି କାଉନସିଲ୍, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ (ସଂଯୋଜକ), କମଳ ଲୋଚନ ମହାଲ୍ଲିକ, ପ୍ରାଣୀ ବିଜ୍ଞାନର ସହାୟକ ପ୍ରୋଫେସର ଏବଂ ଦୀପକ କୁମାର ପଟ୍ଟନାୟକ, କୋରାପୁଟ ସରକାରୀ ଡିଏଭି କଲେଜ୍, ଅଧକ୍ଷ ଅନ୍ତର୍ଭୁକ୍ତ ଥିଲେ। ମହାବିଦ୍ୟାଳୟ ପକ୍ଷରୁ ସମସ୍ତ କମିଟି ସଦସ୍ୟ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ନିରୀକ୍ଷଣ ସମୟରେ ସମସ୍ତ ଶିକ୍ଷାଗତ, କଲେଜ ଆକାଉଣ୍ଟ୍ ଓ ପ୍ରଶାସନିକ ରେକର୍ଡ ଯଥା ବିଭିନ୍ନ ରେଜିଷ୍ଟାର, କର୍ମଚାରୀ ବିବରଣୀ, ପ୍ରତିଷ୍ଠାନ ପାଇଁ ଆବଶ୍ୟକ ଢାଞ୍ଚାର ବିବରଣୀ, ଲାବୋରେଟୋରୀର ବ୍ୟବସ୍ଥା ଏବଂ ଗତ ୩ ବର୍ଷର ଛାତ୍ରଛାତ୍ରୀଙ୍କ ପାସ ହାର ରିପୋର୍ଟ ଯାଞ୍ଚ କରିଥିଲେ। ନିରୀକ୍ଷଣ ଦଳର ସଦସ୍ୟମାନେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ସହିତ ଆଲୋଚନା କରି ଶିକ୍ଷା ପରିବେଶ, ପାଠଦାନ ପ୍ରଣାଳୀ ଓ ପ୍ରତିଷ୍ଠାନର କାର୍ଯ୍ୟପ୍ରଣାଳୀ ବିଷୟରେ ଅବଗତ ହୋଇଥିଲେ। ସେମାନେ ରେକର୍ଡ ସଂରକ୍ଷଣ ଓ ପ୍ରଶାସନିକ ଶୃଙ୍ଖଳା ପାଳନରେ କଲେଜର ପ୍ରୟାସକୁ ପ୍ରଶଂସା କରିଥିଲେ। ନିରୀକ୍ଷଣ ଟିମ୍ ସମଗ୍ର କ୍ୟାମ୍ପସ୍ ପରିଦର୍ଶନ କରି କ୍ଲାସ୍ରୁମ୍, ଲାବୋରେଟୋରୀ, ଲାଇବ୍ରେରୀ, କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ବ୍ୟବସ୍ଥା ନିରୀକ୍ଷଣ କରିଥିଲେ। ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ସୁବିଧା ଓ ସମଗ୍ର ପରିଚାଳନା ନେଇ ସେମାନେ ସନ୍ତୋଷ ପ୍ରକାଶ କରିଥିଲେ। ଅଧ୍ୟକ୍ଷା ଡ. ଝାନ୍ସି ସିଂହ ଓ କଲେଜର୍ ସମସ୍ତ କର୍ମଚାରୀ ନିରୀକ୍ଷଣ ଦଳକୁ ପୂର୍ଣ୍ଣ ସହଯୋଗ ଯୋଗାଇ ନିରୀକ୍ଷଣ କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପନ୍ନ କରିଥିଲେ। ଏହି ପରିଦର୍ଶନ ଓ ନିରୀକ୍ଷଣ ଏକ ସକାରାତ୍ମକ ଭାବନା ସହିତ ଶେଷ ହୋଇଥିଲା। ଯେଉଁଠାରେ ଦଳ ସଦସ୍ୟମାନେ କଲେଜର ଶିକ୍ଷାଗତ ଉତ୍କର୍ଷତା ଓ ପ୍ରତିଷ୍ଠାନଗତ ଉନ୍ନତି ପାଇଁ ସମସ୍ତ କର୍ମଚାରୀଙ୍କୁ ପ୍ରତିବଦ୍ଧ ରହି କାମ କରିବାକୁ ଉପଦେଶ ଦେଇଥିଲେ।

# ସାମ୍ରାଜ୍ୟବାଦ ବିରୋଧୀ ଦିବସ ପାଳିତ



ଜୟପୁର,୨୩ା୩(ସମିସ) : ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା କମିଟି, ଏଆଇଟିୟୁସି, ଏଆଇୱାଇଏଫ୍, ଉତ୍କଳ ମହିଳା ସମିତି ପକ୍ଷରୁ ମିଳିତ ଭାବେ ଦେଶର ସ୍ୱାଧୀନତା ସଂଗ୍ରାମୀ ସହିଦ ଭଗତ ସିଂହ, ରାଜଗୁରୁ ଓ ସୁଖ ଦେବଙ୍କ ସହିଦ ଦିବସ ସାମ୍ରାଜ୍ୟବାଦ ବିରୋଧୀ ଦିବସ ଭାବେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଶ୍ରମିକ ଭବନ ଠାରୁ ଏକ ଶୋଭାଯାତ୍ରା ବାହାରି ଜୟପୁର ସହର ପରିକ୍ରମା କରିଥିଲା। ସ୍ଥାନୀୟ ପୁରାତନ ଚିକିତ୍ସାଳୟ ସମ୍ମୁଖରେ ସହିଦ ଲକ୍ଷ୍ମଣ ନାଏକଙ୍କ ସମେତ ଅନ୍ୟାନ୍ୟ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଏକ ସଭା ଆୟୋଜିତ ହୋଇଥିଲା। ପୂର୍ବତନ ଜିଲ୍ଲା ସିପିଆଇ ସଭାପତି ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିପିଆଇ ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ ଉଦ୍ବୋଧନ ଦେଇ ସହିଦ ଭଗତ ସିଂହ, ରାଜଗୁରୁ ଓ ସୁଖଦେବ ବ୍ରିଟିଶଙ୍କ ବିରୋଧରେ ଦେଶର ସ୍ୱାଧିନତା ପାଇଁ ଲଢେଇ ସହିତ ଦେଶାବାସୀଙ୍କୁ ସାମାଜିକ, ଅର୍ଥନୈତିକ ମୁକ୍ତି ଦାବି ନେଇ ଫାଶିଖୁଣ୍ଟରେ ଝୁଲି ସହିଦ ହୋଇଥିଲେ। ଏହି ଅବସରରେ ଆମେରିକାର ଯୌନ ବ୍ୟଭିଚାରୀ ଜେଫ୍ରି ଏପଷ୍ଟିନ୍ ଫାଇଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗୁପ୍ତ ରହସ୍ୟ ଉନ୍ମୋଚନ ଭୟରେ ଆମେରିକା ସହ ବାଣିଜ୍ୟ ଚୁକ୍ତିରେ ଭାରତର କୃଷି, କୃଷକ, ଅଣୁ, କ୍ଷୁଦ୍ର ,ମଧ୍ୟମ ଶିଳ୍ପ ଓ ଶ୍ରମିକ ସ୍ୱାର୍ଥ ବିରୋଧରେ ଦେଶର ୧୪୦ କୋଟି ଲୋକଙ୍କୁ ୧୮ ପ୍ରତିଶତ ଟାରିଫ ନାମରେ ଲୁଣ୍ଠନ ପାଇଁ ସମ୍ମତି ଦେଇଛନ୍ତି। ସେହିଭଳି ୟୁରୋପୀୟ ମୁକ୍ତ ବାଣିଜ୍ୟ ଚୁକ୍ତିରେ ମଧ ଆମ ବଜାର ବିଦେଶୀ ବେପାରୀଙ୍କ ଦ୍ୱାରା ଲୁଣ୍ଠନ ପାଇଁ ସମର୍ପଣ କରିଛନ୍ତି। ଯୁଦ୍ଧର ଆତଙ୍କ ସହ ଧ୍ୱଂସ ଲୀଳାକୁ ତୁରନ୍ତ ବନ୍ଦ ପାଇଁ ଦାବି କରିଥିଲେ। ଏପଷ୍ଟିନ ଫାଇଲରେ ନାମିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାଙ୍କ ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ନିଜ ପଦରୁ ଇସ୍ତଫା ଦେବାକୁ ଦାବି କରିଥିଲେ। ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ଏଆଇଟିୟୁସି ଜାତୀୟ ପରିଷଦ ସଦସ୍ୟ ପ୍ରମୋଦ ମହାନ୍ତି, ସିପିଆଇ ଜିଲ୍ଲା ସମ୍ପାଦକ ରାମ କୃଷ୍ଣ ଦାଶ, ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସହ ସମ୍ପାଦକ କୁମର ଜାନୀ, ସିପିଆଇ ଜିଲ୍ଲା ସହ ସମ୍ପାଦକ ବୁଦୁରା ବଡ଼ନାୟକ, କୁରୁମ ନାଥ ଭତ୍ରା, ପୂର୍ଣ୍ଣଚନ୍ଦ୍ର ସୁର, ତିରୁପତି ଭତ୍ରା, ବଳରାମ ନାଏକ, ମାଧବ ଜାନୀ, ସୁନୀତା ନାଗ, ନନ୍ଦ ହରିଜନ, ରୁପଧର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ସିପିଆଇର ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା।

# ତେଜରାତି ଦୋକାନରେ ତମାଖୁ ଧରପକଡ଼

ନନ୍ଦପୁର,୨୩ା୩ (ସମିସ): ଗତ ଜାନୁଆରୀ ୨୦୨୬ରେ ରାଜ୍ୟରେ ସମସ୍ତ ପ୍ରକାରର ଗୁଟ୍ଖା, ପାନ ମସଲା ଏବଂ ଧୂମହୀନ ତମାଖୁ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ହୋଇଛି। ଏହି କ୍ରମରେ



ଆଜି ନନ୍ଦପୁର ଅଞ୍ଚଳରେ ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ କୋଟପା ବା ତମ୍ବାଖୁ ଆଇନ୍କୁ କଡାକଡି ଭାବେ ପ୍ରୟୋଗ କରି ବିଭିନ୍ନ ତେଜରାତି ଓ ଖାଦ୍ୟ ସାମଗ୍ରୀ ବିକ୍ରୟ କେନ୍ଦ୍ର ଗୁଡ଼ିକରେ ଛାପାମାର କରାଯାଇଛି। ଏହି ଯାଞ୍ଚରେ ତମ୍ବାଖୁ ସହ ଅବଧି ଶେଷ ହୋଇଥିବା ବିଭିନ୍ନ ସାମଗ୍ରୀ ଯାଞ୍ଚ କରାଯାଇଥିଲା। ଉକ୍ତ ଅଭିଯାନରେ ଖାଦ୍ୟ ଓ ଯୋଗାଣ ବିଭାଗର ପଙ୍କଜିନୀ ଦେହୁରୀ, ତ୍ରିଲୋଚନ ବେନିଆ, ଡ୍ରଗ୍ ଇନ୍ସପେକ୍ଟର ନକ୍ଷତ୍ର ଭୂଷଣ ନାୟକ, ନନ୍ଦପୁର ଥାନା ଏସ ଆଇ ପ୍ରତ୍ୟୁଷ ପଲ୍ ତଥା ହାବିଲଦାର ପୂର୍ଣ୍ଣଚନ୍ଦ୍ର ନାୟକ ଅଂଶଗ୍ରହଣ କରିଥିଲେ। ଯାଞ୍ଚ ସମୟରେ ନିୟମ ଉଲ୍ଲଂଘନ କରୁଥିବା କିଛି ବ୍ୟବସାୟୀଙ୍କୁ ଚିହ୍ନଟ କରାଯାଇ ତାଗିଦ୍ ସହ ମୋଟ ୧୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ମଧ ଏପରି ଯାଞ୍ଚ ଅଭିଯାନ ଜାରି ରହିବ ବୋଲି ସଂପୃକ୍ତ ଅଧିକାରୀମାନେ ମନ୍ତବ୍ୟ ଦେଇଛନ୍ତି।

# ପାରାବେଡ଼ା ଦଣ୍ଡଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଜୟପୁର,୨୩ା୩(ସମିସ): ଜୟପୁର ପାରାବେଡ଼ା ଠାରେ ଆସନ୍ତା ଦଣ୍ଡଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ଆସନ୍ତା ଏପ୍ରିଲ ୧୨ ତାରିଖ ରବିବାର ଦିନ ହେବାକୁ ନିଷ୍ପତି ହୋଇଥିଲା। ଚଳିତ ବର୍ଷ କୋରାପୁଟ ଦଣ୍ଡକୁ ପାରାବେଡ଼ାରେ ଉକ୍ତ ଦିବସରେ ବିଜେ କରାଯିବ। ଉକ୍ତ ଦିନ ରାତିରେ ସ୍ଥାନୀୟ ଝାଙ୍କରଦେଇ ମନ୍ଦିର ପରିସରରେ ମା'କାଳୀଙ୍କ ଆଳତୀ ହେବା ସହ ରାତ୍ରରେ ପୂଜାର୍ଚ୍ଚନା କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ରାତିରେ ପାରାବେଡ଼ାଛକରେ ଦଣ୍ଡନାଚ ଅବସରରେ ଅପେରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆଜିର ବୈଠକରେ ଆୟୋଜକ କମିଟିର ଶିବ ପ୍ରସାଦ ପଣ୍ଡା, ଧ୍ରୁବ ଚରଣ ମହାନ୍ତି, ହରି ବରଡ଼, ପଞ୍ଚାନନ ନାୟକ, ଶିବ ପ୍ରସାଦ ତିଆଡି, ଜି.ସୂର୍ଯ୍ୟ ନାରାୟଣ ପାତ୍ର, ଜଗବନ୍ଧୁ ପଣ୍ଡା, ଆର୍ ବିନୋଦ ରେଡ୍ଡି, ରାଜେନ୍ଦ୍ର ପାଣିଗ୍ରାହୀ, ପବିତ୍ର କୁମାର ନାୟକ, ଲକ୍ଷ୍ମୀ ନାରାୟଣ ପାଢୀ, ରାମ ପ୍ରସାଦ ପାଢୀ, ରାଜେନ୍ଦ୍ର କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ପାପଡାହାଣ୍ଡି,୨୩ା୩(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ପଞ୍ଚାୟତ ଅନ୍ତର୍ଗତ ଛୋଟାଗୁଡା (ଗୁଣ୍ଡିଗୁଡା) ଗ୍ରାମରି ଖଗପତି ବିନ୍ଧାଣି(୬୦) ଆଜି ସକାଳ ୭ଟାରେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଶୌଚ ହେବା ପାଇଁ ଯାଇଥିଲେ । ଏହି ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ସେ ଚିତ୍କାର କରିବାରୁ ଗ୍ରାମବାସୀ ଦୌଡ଼ି ଯାଇ ତାଙ୍କୁ ଜଙ୍ଗଲରୁ ଉଦ୍ଧାର କରି ବୋହିକି ଆଣିଲା ପରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ମୈଦଲପୁର ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପାପଡାହାଣ୍ଡି ଠାରେ ତାଙ୍କର ଚିକିତ୍ସା ପରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ସୂଚନା ପ୍ରଦାନ କରିଛନ୍ତି।

# ଟ୍ରେନ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

କୋରାପୁଟ,୨୩ା୩(ସମିସ): ସୋମବାର ସକାଳେ କୋରାପୁଟ ସହରର ଉପକଣ୍ଠରେ ଘଟିଛି ଦୁଃଖଦ ଘଟଣା। ରେଳ ଧକ୍କାରେ ଜଣେ ମହିଳାଙ୍କ ଜୀବନ ଯାଇଛି। ମୃତ ମହିଳା ଜଣକ କୋରାପୁଟ ବ୍ଲକ୍ ପଦ୍ମପୁର ପଞ୍ଚାୟତ ରେଙ୍ଗିଆଗୁଡ଼ା ଗ୍ରାମର ବତୀ କୁଲଦୀପ । କୋରାପୁଟ - ରାୟଗଡା ରେଳ ଲାଇନର ନୂଆ କଲୋନୀ ନିକଟରେ ମୃତ ମହିଳା ରେଳ ଲାଇନ ପାରି ହେବା ବେଳେ ଏହି ଦୁର୍ଘଟଣା ଘଟିଛି। ବତୀ କୁଲଦୀପ ନିଜ ସମ୍ପର୍କୀୟଙ୍କ ଘରୁ ରେଳ ଲାଇନ ପାରି ହୋଇ ନିଜ ଗ୍ରାମ ରେଙ୍ଗିଆଗୁଡାକୁ ଆସିଥାନ୍ତେ। କୋରାପୁଟରୁ ବିଶାଖାପାଟଣା ଯାଉଥିବା ପାସେଞ୍ଜର ଟ୍ରେନ୍ ଧକ୍କା ଦେଇ କିଛି ଦୂର ଘୋଷାରି ନେଇଥିଲା। ଫଳରେ ଘଟଣା ସ୍ଥଳରେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ କୋରାପୁଟ ରେଳବାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସୁନାବେଡ଼ାରେ ଇଦ୍ ଉଲ୍ ଫିତର

ସୁନାବେଡା,୨୩ା୩(ସମିସ): ସୁନାବେଡ଼ାରେ ଶାନ୍ତି ଓ ଭାଇଚାରାର ପର୍ବ ଇଦ ଉଲ୍ ଫିତର ସୌହାରାରପୂର୍ଣ୍ଣ ବାତାବରଣରେ ପାଳିତ ହୋଇଯାଇଛି। ସୁନାବେଡା ହାଲ ଏରୋନଟିକସ ମୁସଲିମ କଲଚୁରାଲ ଏସୋସିଏସନ୍ ପକ୍ଷରୁ ସ୍ଥାନୀୟ ଟି 'ଜୋନ ସ୍ଥିତ ଆରାଧନା ସ୍ଥଳୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଅୟୋଜନ କରାଯାଇଥିଲା। ସୁନାବେଡା ଓ ଆଖପାଖ ଅଞ୍ଚଳର ମୁସଲମାନ ଭାଇ ମାନେ ପାରମ୍ପରିକ ବସ୍ତ୍ର ପରିଧାନ କରି ଇଦ୍ର ସ୍ୱତନ୍ତ୍ର ନମାଜ ପଢ଼ିବା ପାଇଁ 'ଟି 'ଜୋନ ପହଞ୍ଚିଥିଲେ। ଏହି ଅବସର ରେ ହାଫିଜ୍ ଅସଗର ଅଲ୍ଲୀ ଉକ୍ତ ଦିବସ ପାଳନର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ସ୍ୱତନ୍ତ୍ର ନମାଜର ନେତୃତ୍ୱ ନେଇଥିଲେ। ପରବର୍ତ୍ତୀ ସମୟରେ ବିଶ୍ୱ ଶାନ୍ତି ଓ ସମସ୍ତଙ୍କ ମଙ୍ଗଳ ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଅନ୍ୟ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ମାନେ ନିଜର ମୁସଲମାନ ଭାଇ ଭଉଣୀ ମାନଙ୍କୁ ଇଦ୍ର ଶୁଭେଚ୍ଛା ଜଣାଇଥିଲେ। ମୁସଲିମ କଲଚୁରାଲ ଏସୋସିଏସନ୍ର ସଭାପତି ଇମ୍ରାନ ହୁସନ, କୋଷାଧ୍ୟକ୍ଷ ଇନ୍ତାଖାବ୍ ଅନୱର ଓ ଆବୁ କମାଲ ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାଇପାସ୍ ରାସ୍ତା ଓ ଦଳେଇଗୁଡ଼ାରେ ରେଳଷ୍ଟେସନ ନିର୍ମାଣ ଦାବି

## ସାଂସଦଙ୍କୁ ଗ୍ରାମ୍ୟ ନାଗରିକ କମିଟିର ଦାବିପତ୍ର

ପାପଡାହାଣ୍ଡି,୨୩ା୩(ସମିସ):

ନବରଙ୍ଗପୁର ସାଂସଦ ଶ୍ରୀବଳଭଦ୍ର ମାଝୀଙ୍କୁ ପାପଡାହାଣ୍ଡି ଗ୍ରାମ୍ୟ ନାଗରିକ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପାପଡାହାଣ୍ଡି ଗ୍ରାମ ପାଇଁ ଏକ ବାଇପାସ ରାସ୍ତା ଏବଂ ପାପଡାହାଣ୍ଡି ନିକଟ ଦଳେଇଗୁଡ଼ା ଠାରେ ଥିବା ୫୦ ଏକରରୁ ଅଧିକ ସରକାରୀ ଜମିରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ରେଳ ଷ୍ଟେସନ ନିର୍ମାଣ କରିବା ସକାଶେ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ସାଂସଦ ତୁରନ୍ତ ଗ୍ରାମବାସୀଙ୍କ ସହିତ ଦଳେଇଗୁଡ଼ା ଠାରେ ଥିବା ସରକାରୀ ସ୍ଥାନ ପରିଦର୍ଶନ କରିଥିଲେ । ସୂଚନା ଥାଉକି




ପାପଡ଼ାହାଣ୍ଡି ସହର ମୁଖ୍ୟରାସ୍ତା ଜାତୀୟ ରାଜପଥ ୨୬ ଦେଇ ପ୍ରଶାସନ ଫୋରୱେ ରାସ୍ତା ନିର୍ମାଣ କରିବା ସକାଶେ ବିଜ୍ଞପ୍ତି ଜାରି କରିବା ପରେ ପାପଡାହାଣ୍ଡି ସହରର ୧୫୦ରୁ ଅଧିକ ବ୍ୟବସାୟିକ ପ୍ରତିଷ୍ଠାନ, ୪ଟି ମନ୍ଦିର ଏବଂ ୨୦୦ରୁ ଅଧିକ ବାସଗୃହ ପ୍ରଭାବିତ ହେବାକୁ ଥିବା ବେଳେ ଗ୍ରାମବାସୀ ଏହାର ବିକଳ୍ପ ବାଇପାସ ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ନବରଙ୍ଗପୁର ସାଂସଦଙ୍କୁ ଏବଂ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । କିନ୍ତୁ କିଛି ଦିନ ପୂର୍ବରୁ ପାପଡ଼ାହାଣ୍ଡି ତହସିଲ ପକ୍ଷରୁ ରାସ୍ତାର ଉଭୟ ପଟ ମାପ ଚୁପ କରି ନାଲିରଙ୍ଗରେ ଚିହ୍ନଟ କରିବା ଫଳରେ ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ଏକ ପ୍ରକାର ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସାଂସଦଙ୍କୁ ଦାବିପତ୍ର ପ୍ରଦାନ ସମୟରେ ପାପଡାହାଣ୍ଡି ଗ୍ରାମ୍ୟ ନାଗରିକ କମିଟିର ସଭାପତି ତଥା ପୂର୍ବତନ ସରପଞ୍ଚ ବି. ଜଗନମୋହନ ରାଓ, କାର୍ଯ୍ୟକାରୀ ସଭାପତି ଶିବପ୍ରସାଦ ଅଗ୍ରୱାଲ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଜି ଅନନ୍ତ ମୂର୍ତ୍ତି, ପୂର୍ବତନ ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ଅଜୟ ବିଶୋଇ, ହରିମୋହନ ଶର୍ମା, ଦୀନବନ୍ଧୁ ବିଶୋଇ, ମନୋଜ ଅଗ୍ରୱାଲ, ହରି ପାଣିଗ୍ରାହୀ, ରାଜକିଶୋର ରାଓ, ବବଲୁ ଖାନ, ମହେନ୍ଦ୍ର ବିଶୋଇ, ନୀଳକଣ୍ଠ ତ୍ରିପାଠୀ, ଜଗନ୍ନାଥ ନାୟକ, ବିଜୟ ବିଶୋଇ, ଶଶୀମୋହନ ଶର୍ମା, ପବନ ଅଗ୍ରୱାଲ, ପ୍ରଦୀପ ପାତ୍ର, ସୁବ୍ରତ କୁମାର ଜେନା, ଭି. ଶ୍ରୀନିବାସ ରାଓ, ତରଣୀ କଶ୍ୟପ, ରାକେଶ ଗୁପ୍ତାଙ୍କ ସହିତ ବହୁ ସଂଖ୍ୟରେ ଗ୍ରାମବାସୀ ଯୋଗ ଦେଇଥିଲେ।

# ସମ୍ପାଦକୀୟ



କ୍ଷମତା ଦୁଇପ୍ରକାରେ ହାସଲ କରାଯାଇପାରେ; ଦଣ୍ଡ ଭୟ ଜରିଆରେ କିମ୍ବା ଶ୍ରଦ୍ଧାରେ। ଦ୍ୱିତୀୟଟି ପ୍ରଥମ ଅପେକ୍ଷା ହଜାରେ ଗୁଣ ଶ୍ରେୟସ୍କର।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ସ୍ୱଚ୍ଛଳ/ଅସ୍ୱଚ୍ଛଳ

ଅନ୍ୟ ପଛୁଆ ବର୍ଗ ପାଇଁ ଥିବା ୨୭ ପ୍ରତିଶତ ସଂରକ୍ଷଣ ସୁବିଧାରୁ ସ୍ୱଚ୍ଛଳ ଓ ସମ୍ଭ୍ରାନ୍ତ (କ୍ରିମିଲେୟର)ଙ୍କୁ ବାଦ ଦେବା ପ୍ରସଙ୍ଗକୁ ନେଇ କେନ୍ଦ୍ର କର୍ମଚାରୀ ଓ ପ୍ରଶିକ୍ଷଣ ମନ୍ତ୍ରାଳୟର ନିର୍ଦ୍ଦେଶରୁ ସୂତ୍ରପାତ ହୋଇଥିବା ବିବାଦର ଅବସାନ ଘଟାଇଛନ୍ତି ସୁପ୍ରିମକୋର୍ଟ। ଭାରତୀୟ ପ୍ରଶାସନ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା କିଛି ଆବେଦନକାରୀ ଓବିସି ସଂରକ୍ଷଣ ସୁବିଧା ପାଇବାରୁ ବଞ୍ଚିତ ହେବା ଘଟଣାକ୍ରମରୁ ଅଦାଲତୀୟ ହସ୍ତକ୍ଷେପର ସୁଯୋଗ ସୃଷ୍ଟି କରିଥିଲା। ଏ ସଂକ୍ରାନ୍ତରେ ତିନିଟି ହାଇକୋର୍ଟଙ୍କ ରାୟ ପ୍ରେକ୍ଷାପଟରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପର ଆବଶ୍ୟକତା ଉପଲବ୍ଧି ହୋଇଥିଲା। ଓବିସି କ୍ରିମିଲେୟରଙ୍କୁ କେବଳ ଅଭିଭାବକଙ୍କ ଆୟ ମାଧ୍ୟମରେ ଚିହ୍ନଟ କରାଯାଇପାରିବ ନାହିଁ। ଏହା ବ୍ୟବସ୍ଥାର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ବ୍ୟାହତ କରୁଛି ବୋଲି ସୁପ୍ରିମକୋର୍ଟ ମାର୍ଚ୍ଚ ୧୧ ତାରିଖ ରାୟରେ ଦର୍ଶାଇଛନ୍ତି।

ଇନ୍ଦିରା ସାହାଣୀଙ୍କ ଆବେଦନକ୍ରମେ ସୁପ୍ରିମକୋର୍ଟଙ୍କ ରାୟ ୧୯୯୩ ରେ ସରକାରୀ ସ୍ତରରେ ନିର୍ଦ୍ଦେଶାବଳୀ ପ୍ରସ୍ତୁତ ହୋଇଥିଲା। ସେତେବେଳେ ସର୍ବୋଚ୍ଚ ନ୍ୟାୟାଳୟ ଦର୍ଶାଇଥିଲେ ଯେ ସାମାଜିକ ବ୍ୟବସ୍ଥାରେ ଅପେକ୍ଷାକୃତ ସଂପନ୍ନ ପରିବାରକୁ ଓବିସି ପାଇଁ ଉପଲବ୍ଧ ସ୍ୱତନ୍ତ୍ର ସୁବିଧା ସୁଯୋଗରୁ ବାଦ ଦିଆଯାଇପାରେ। ସେମାନଙ୍କୁ ସ୍ୱଚ୍ଛଳବର୍ଗ ବା କ୍ରିମିଲେୟର କୁହାଗଲା। ୧୯୯୩ର ଏହି ନୀତିଗତ ନିଷ୍ପତ୍ତିର ଉଦ୍ଦେଶ୍ୟ ୨୦୦୪ରେ ଗ୍ରହଣ କରାଯାଇଥିବା ସଂଶୋଧିତ ପଦକ୍ଷେପରେ ବ୍ୟାହତ ହୋଇଥିଲା। ସାମାଜିକ ସ୍ତରରେ ସାମନ ଶ୍ରେଣୀ ଓ ପଦମର୍ଯ୍ୟାଦାରେ ଥିବା ଲୋକଙ୍କ ମଧ୍ୟରେ ଏହା କୃତ୍ରିମ ବିଭେଦର ମଞ୍ଜି ବୁଣିଥିଲା। ମୂଳତଃ ଏହା ଦର୍ଶାଯାଇଥିଲା ଯେ ଗ୍ରୁପ 'ଏ ଚାକିରି' ଓ ଗ୍ରୁପ 'ବି' ର ଯେଉଁମାନେ ୪୦ ବର୍ଷ ପୂର୍ବରୁ ଗ୍ରୁପ 'ଏ' କୁ ପଦୋନ୍ନତି ପାଇଥିବେ ସେମାନଙ୍କୁ ସ୍ୱଚ୍ଛଳ ବର୍ଗ ରୂପେ ପରିଗଣିତ କରାଯିବ। ସେହିଭଳି ପିଏସ୍‌ୟୁ, ବ୍ୟାଙ୍କ ଓ ବିଶ୍ୱବିଦ୍ୟାଳୟରେ ସମାନ ପଦମର୍ଯ୍ୟାଦାରେ ଥିବା ଅଧିକାରୀଙ୍କ କ୍ଷେତ୍ରରେ ଅନୁରୂପ ନିୟମ କାର୍ଯ୍ୟକାରୀ ହେବ। ୧୯୯୩ ରେ ଏହି ନିଷ୍ପତ୍ତି ଉପରେ ପରବର୍ତ୍ତୀ ପର୍ଯ୍ୟାୟରେ ଯେଉଁ ସ୍ପଷ୍ଟୀକରଣ ମାଧ୍ୟମରେ ବ୍ୟବସ୍ଥାଗତ ନିଷ୍ପତ୍ତି ନିଆଗଲା ତାହା ହିଁ ବିବାଦକୁ ଇନ୍ଧନ ଯୋଗାଇଲା। ଅଭିଭାବକଙ୍କ ବେତନ ବାଦ ଅତିରିକ୍ତ ଆୟ, ଯଥା – କୃଷିକ୍ଷେତ୍ରରୁ ଓ ଅନ୍ୟାନ୍ୟ ସଂପତ୍ତିରୁ ହେଉଥିବା ଉପାର୍ଜନକୁ ଯୋଡ଼ି ଦିଆଗଲା। ଅଥଚ ମୂଳ ନିଷ୍ପତ୍ତିରେ ଅଭିଭାବକଙ୍କ ସାମାଜିକ ସ୍ତରରେ ଆର୍ଥିକ ଦୃଷ୍ଟିରୁ ସ୍ୱତନ୍ତ୍ର ସମ୍ମାନ ଓ ମର୍ଯ୍ୟାଦାରୁ ସେମାନେ କ୍ରିମିଲେୟର କି ନୁହେଁ ତାହା ନିର୍ଦ୍ଧାରଣ କରାଯିବ। ୨୦୦୪ ର ନିଷ୍ପତ୍ତି ବ୍ୟବସ୍ଥାକୁ ସୁଧାରିବା ପରିବର୍ତ୍ତେ ବିଗାଡ଼ି ଦେଲା। ଅଭିଭାବକଙ୍କ କ୍ରମାଗତ ୩ ବର୍ଷର ଆୟକୁ ବିଚାର କରି ସଂରକ୍ଷଣ ସୁବିଧା ମିଳିବ କି ନାହିଁ ତାହା ସ୍ଥିରୀକୃତ ହେଲା। ଏକ୍ଷେତ୍ରରେ ପିଏସ୍‌ୟୁରେ କାର୍ଯ୍ୟରତ ଅଭିଭାବକଙ୍କ ପିଲାମାନେ କ୍ଷତିଗ୍ରସ୍ତ ହେଲେ।

ନିକଟରେ ସୁପ୍ରିମକୋର୍ଟ ମଧ୍ୟବର୍ତ୍ତୀକାଳୀନ ଏହି ପରିବର୍ତ୍ତିତ ନିଷ୍ପତ୍ତିକୁ କଠୋର ସମାଲୋଚନା କରି କହିଛନ୍ତି ଯେ କୌଣସିପ୍ରକାରେ ମୂଳ ନୀତିଗତ ଆଧାରକୁ ବ୍ୟାହତ ହେବାକୁ ଦିଆଯିବ ନାହିଁ। ଅଭିଭାବକଙ୍କ ପଦମର୍ଯ୍ୟାଦା ଓ ପ୍ରତିପତ୍ତି ସଂପର୍କରେ ବିଚାର ନ କରି କେବଳ ବେତନ ଆଧାରରେ ପିଲାଙ୍କୁ ସ୍ୱଚ୍ଛଳବର୍ଗରେ ବିଚାର କରିବା ଠିକ୍ ହେବ ନାହିଁ। ଏପରିକି ଗ୍ରୁପ 'ସି' ଓ ଗ୍ରୁପ 'ଡି'ରେ କାର୍ଯ୍ୟରତ ସରକାରୀ କର୍ମଚାରୀ ଉଚ୍ଚ ବେତନ ପାଉଥିଲେ ମଧ୍ୟ ସେମାନଙ୍କୁ ସ୍ୱଚ୍ଛଳବର୍ଗରେ ଗ୍ରହଣ କରାଯାଇନାହିଁ। ଦୁଇପକ୍ଷଙ୍କୁ ସମାନ ନୀତି ଓ ଆଦର୍ଶରେ ବିଚାର ନ କରିବା ନିରପେକ୍ଷତା କୁହାଯାଇ ପାରିବ ନାହିଁ। କାର୍ଯ୍ୟନିର୍ବାହୀଙ୍କ ପକ୍ଷପତିତାକୁ ସୁପ୍ରିମକୋର୍ଟଙ୍କ ଏହା ଏକ କଠୋର ବାର୍ତ୍ତା କୁହାଯାଇପାରେ।

ଆମ ଦେଶ ସଂରକ୍ଷଣ ବ୍ୟବସ୍ଥା ତଫସିଲଭୁକ୍ତ ଜାତି ଓ ଜନଜାତି ମଧ୍ୟରେ ସୀମିତ ଥିବା ବେଳେ ଜାତୀୟ ରାଜନୈତିକ ଦୃଶ୍ୟପଟରେ ମଣ୍ଡଳ ଓ କାମଣ୍ଡଳକୁ ନେଇ ଯେଉଁ ବିବାଦର ସୂତପାତ ହେଲା ସେଥିରୁ ସଂରକ୍ଷଣର ପରିସର ବୃଦ୍ଧି ପାଇଁ ନୂଆ ସୁଯୋଗ ସୃଷ୍ଟି ହେଲା। ଅନ୍ୟ ପଛୁଆ ବର୍ଗ ୨୭ ପ୍ରତିଶତ ସଂରକ୍ଷଣ ସୁବିଧା ହାସଲ କଲେ। ଏକଥା ସତ ଯେ ଏହି ବର୍ଗରେ ଥିବା ଅପେକ୍ଷାକୃତ ଅଧିକ ସ୍ୱଚ୍ଛଳ ଓ ପ୍ରଭାବଶାଳୀ ପରିବାରର ପିଲାମାନେ ସଂରକ୍ଷଣ ବ୍ୟବସ୍ଥାକୁ ନିଜ ଦଖଲରେ ଏକପ୍ରକାର ରଖିବାକୁ ସମର୍ଥ ହେଲେ। ଅଥଚ ଯେଉଁମାନଙ୍କୁ ଦୃଷ୍ଟିରେ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ଏହି ପ୍ରୟାସ ହୋଇଥିଲା ତାହା ଏକପ୍ରକାର ବିଫଳ ହେଲା। ତେଣୁ କ୍ରିମିଲେୟରଙ୍କୁ ଏହି ସଂରକ୍ଷଣ ସୁବିଧାରୁ ବାଦ ଦେବା ପାଇଁ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକ୍ରମେ ନୀତି ନିର୍ଦ୍ଧାରଣକୁ ଅଗ୍ରାଧିକାର ଦିଆଗଲା। ନିଷ୍ପତ୍ତିର ଲକ୍ଷ୍ୟ ହାସଲ ପଛରେ ଯେଉଁ ନିଷ୍ଠା ଆବଶ୍ୟକ ସେ କ୍ଷେତ୍ରରେ ଯେ ପାରଦର୍ଶିତା ଅଭାବ ଅଛି ଏକଥା ନୁହେଁ। ଓବିସି ଲବିର ପ୍ରଭାବଶାଳୀ ବ୍ୟକ୍ତି ଓ କାର୍ଯ୍ୟନିର୍ବାହୀଙ୍କ ନିହିତ ସ୍ୱାର୍ଥ ବ୍ୟବସ୍ଥାରେ ବିଭ୍ରାଟ ଘଟାଇବାରେ ପାରଙ୍ଗମ। ତେଣୁ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଉପୁଜିଥିବା ସମାସ୍ୟାର ସାମାଧାନ ହୋଇପାରିଲା ନାହିଁ।

ସିଭିଲ ସର୍ଭିସ ପରୀକ୍ଷାର୍ଥୀଙ୍କ ପକ୍ଷରୁ ୨୦୦୪ରେ ପରିବର୍ତ୍ତିତ କ୍ରିମିଲେୟର ନୀତି ବିରୋଧରେ ବିଭିନ୍ନ ଅଦାଲତରେ ମାମଲ ଚାଲିଥିଲା। ବିଶେଷକରି ପିଏସୟୁରେ କାର୍ଯ୍ୟରତ କର୍ମଚାରୀଙ୍କ ପିଲାମାନେ ଏହି ସଂରକ୍ଷଣ ସୁବିଧାରୁ ବଞ୍ଚିତ ହେଉଥିଲେ। ୩ଟି ହାଇକୋର୍ଟ ରାୟ ପରେ ପରେ ଏକ୍ଷେତ୍ରରେ ଯେଉଁ ବାଧ୍ୟବାଧକତା ସୃଷ୍ଟି ହେଲା ସେଥିରେ ସରକାର ସୁପ୍ରିମକୋର୍ଟ ଯିବାକୁ ବାଧ୍ୟ ହୋଇଥିଲେ। ୨୦୨୫ ରୁ ଏହି ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିଲେ ମଧ୍ୟ ତାହାର ରାୟ ଏହି ମାସରେ ପ୍ରକାଶ ପାଇଛି। ବିଚାରପତି ପି.ଏସ ନରସିଂହ ଓ ବିଚାରପତି ଆର. ମାଧବନଙ୍କ ଖଣ୍ଡପୀଠର ଏହି ରାୟ କ୍ରିମିଲେୟର ନିର୍ଦ୍ଧାରଣକୁ ନେଇ ପରିଲକ୍ଷିତ ବାଛବିଚାରର ଅବସାନ ଘଟାଇବାରେ ସୟାୟକ ହେବ ବୋଲି ଆଶା।

## ନିର୍ବାଚନ ଆୟୋଗଙ୍କ ନିରପେକ୍ଷତା:ଏକ ପ୍ରଶ୍ନବାଚୀ

ଡ. ପଦ୍ମଲୋଚନ ରାଉତ

ଗଣତନ୍ତ୍ରର ସଫଳତା କେବଳ ନିର୍ବାଚନ ସମ୍ପନ୍ନ ହେବାରେ ନୁହେଁ, ବରଂ ନିର୍ବାଚନର ସ୍ୱଚ୍ଛତା, ନିରପେକ୍ଷତା ଓ ବିଶ୍ୱସନୀୟତା ଉପରେ ନିର୍ଭର କରେ। ଜନମତର ସଠିକ୍ ପ୍ରତିଫଳନ ହେଉଥିବା ଏହି ପ୍ରକ୍ରିୟା ମାଧ୍ୟମରେ ଦେଶର ଶାସନ ବ୍ୟବସ୍ଥା ଗଠିତ ହୁଏ। ଏହି ପବିତ୍ର ଗଣତାନ୍ତ୍ରିକ ପ୍ରଣାଳୀକୁ ସୁରକ୍ଷିତ ଓ ନିର୍ଭରଯୋଗ୍ୟ ରଖିବା ପାଇଁ ଭାରତର ସଂବିଧାନ ନିର୍ବାଚନ ଆୟୋଗକୁ ଏକ ସ୍ୱାଧୀନ ସାମ୍ବିଧାନିକ ସଂସ୍ଥା ଭାବେ ସ୍ଥାପନା କରିଛି। ଦେଶର କୋଟିକୋଟି ମତଦାତାଙ୍କର ଆସ୍ଥା ଏହି ସଂସ୍ଥା ଉପରେ ନିର୍ଭର କରେ। କିନ୍ତୁ ଦୁର୍ଭାଗ୍ୟବଶତଃ ବର୍ତ୍ତମାନ ଦେଶର ରାଜନୈତିକ ପରିବେଶରେ ନିର୍ବାଚନ ଆୟୋଗଙ୍କ ନିରପେକ୍ଷତା ନେଇ ଗଭୀର ପ୍ରଶ୍ନ ଉଠୁଛି। ନିର୍ବାଚନ ଆୟୋଗର ନିଯୁକ୍ତି ପ୍ରଣାଳୀକୁ ନେଇ ମଧ୍ୟ ଆଲୋଚନା ହେଉଛି। ଯଦି ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ସମତାପୂର୍ଣ୍ଣ ନ ହୁଏ, ତେବେ ସଂସ୍ଥାର ସ୍ୱାଧୀନତା ଉପରେ ସନ୍ଦେହ ଉଠିବା ସ୍ୱାଭାବିକ।

ଅନେକ ଚିନ୍ତକ ମନେ କରୁଛନ୍ତି ଯେ ନିର୍ବାଚନ ଆୟୋଗର ନିଯୁକ୍ତି ପ୍ରକ୍ରିୟାରେ ନ୍ୟାୟପାଳିକା ଓ ବିରୋଧୀ ଦଳମାନଙ୍କ ଭୂମିକା ଅଧିକ ହେବା ଉଚିତ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରୁ ସ୍ପଷ୍ଟ ଅନୁମେୟ ଯେ, ଯେଉଁମାନେ ଶାସକ ଦଳ ପ୍ରତି ଆନୁଗତ୍ୟ ପ୍ରକାଶ କରୁଛନ୍ତି ସେଭଳି ବ୍ୟକ୍ତିବିଶେଷଙ୍କୁ ଆୟୋଗର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଉଛି। ଏ କ୍ଷେତ୍ରରେ ନ୍ୟାୟପାଳିକା ଓ ବିରୋଧୀ ଦଳମାନଙ୍କୁ ବିଶ୍ୱାସକୁ ନିଆ ଯାଉନାହିଁ। ଭାରତୀୟ ସଂବିଧାନର ଧାରା ୩୨୪ ଅନୁସାରେ ନିର୍ବାଚନ ଆୟୋଗକୁ ସଂସଦ, ବିଧାନସଭା ଓ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ନିର୍ବାଚନ ପରିଚାଳନାର ସମସ୍ତ ଶକ୍ତି ଓ କ୍ଷମତା ଦିଆଯାଇଛି। ଏହି ସଂସ୍ଥାକୁ ଏତେ ଶକ୍ତି ଓ କ୍ଷମତା ଦିଆ ଯାଇଥିବାର କାରଣ ହେଉଛି ଯେ, ଶାସକ ଦଳ କିମ୍ବା କୌଣସି ରାଜନୈତିକ ପ୍ରଭାବରୁ ମୁକ୍ତ ହୋଇ ଏହା ନିରପେକ୍ଷ ଭାବରେ ନିର୍ବାଚନ ପରିଚାଳନା କରିପାରିବ। ଏକ ସୁସ୍ଥ ଗଣତନ୍ତ୍ରରେ ନିର୍ବାଚନ ଆୟୋଗ ସରକାରଙ୍କ ଅଧୀନସ୍ଥ ସଂସ୍ଥା ନୁହେଁ; ବରଂ ଏହା ସରକାରକୁ ମଧ୍ୟ ନିୟନ୍ତ୍ରଣ କରିପାରୁଥିବା ଏକ ସ୍ୱାଧୀନ ନିରୀକ୍ଷକ ସଂସ୍ଥା। କିନ୍ତୁ ପ୍ରଶ୍ନ ହେଉଛି ଆଜିର ପରିସ୍ଥିତିରେ ଏହି ସଂସ୍ଥା ସେହି ମର୍ଯ୍ୟାଦା ଓ ସ୍ୱାଧୀନତାକୁ ଧାରଣ କରିପାରୁଛି କି? ନା ଏହା କ୍ରମେ ଶାସକ ଦଳର ପ୍ରଭାବରେ ପଡ଼ି ଗଣତନ୍ତ୍ରର ମୂଳ ଆଦର୍ଶକୁ ଦୁର୍ବଳ କରୁଛି?




ଗତ ଦଶକ ଧରି ଦେଶର ବିଭିନ୍ନ ନିର୍ବାଚନକୁ ନେଇ ଅନେକ ଗୁରୁତର ପ୍ରଶ୍ନ ଉଠିଛି। ମତଦାନ ପ୍ରକ୍ରିୟାରେ ଅସାମଞ୍ଜସ୍ୟ, ଭୋଟ ଗଣନା ସମୟରେ ସନ୍ଦେହଜନକ ପରିସ୍ଥିତି, ନକଲି ଭୋଟ ଦାନ ଓ ବିଶେଷକରି ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ବ୍ୟବହାରକୁ ନେଇ ଗଭୀର ଚର୍ଚ୍ଚା ଓ ଅଭିଯୋଗ ଦେଖାଦେଇଛି। ଇଭିଏମ ଟାମ୍ପରିଂ, ହ୍ୟାକିଂ ଓ ଅଦଳବଦଳ ଭଳି ବହୁ ସଙ୍ଗିନ ଅଭିଯୋଗ ଲୋକଲୋଚନକୁ ଆସୁଛି। ବିରୋଧୀ ଦଳ ଓ କେତେକ ନାଗରିକ ସଂଗଠନ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଉପରେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ଅନେକ ସ୍ଥାନରେ ମତଦାନ ପ୍ରତିଶତ ଓ ଭୋଟଗଣନାର ତଥ୍ୟ ମଧ୍ୟରେ ଅସମ୍ବନ୍ଧ ଦେଖା ଯାଉଥିବା କଥା ଉଠିଛି। ତଥାପି ଏହି ସମସ୍ତ ଅଭିଯୋଗ ଉପରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସ୍ପଷ୍ଟ ଓ ଦୃଢ଼ ତଦନ୍ତ କିମ୍ବା ସନ୍ତୋଷଜନକ ବ୍ୟାଖ୍ୟା ସାଧାରଣତଃ ଦେଖିବାକୁ ମିଳୁନାହିଁ। ଏହି କାରଣରୁ ସାଧାରଣ ଲୋକଙ୍କ ମନରେ ସନ୍ଦେହ ଜନ୍ମ ନେଉଛି।

ଏହି ସଂସ୍ଥା ଯଦି ସତରେ ନିରପେକ୍ଷ ହୁଏ, ତେବେ ଶାସକ ଦଳ ହେଉ କି ବିରୋଧୀ ଦଳ, ସମସ୍ତଙ୍କ ଉପରେ ସମାନ ନୀତି ଓ ନିୟମ ଲାଗୁ ହେବା ଉଚିତ। କିନ୍ତୁ ଅନେକ ସମୟରେ ଦେଖାଯାଉଛି ଯେ ଶାସକ ଦଳର ନେତାମାନେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କଲେ ମଧ୍ୟ ଆୟୋଗଙ୍କ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ହେଉ ନାହିଁ, କିନ୍ତୁ ଆୟୋଗ ବିରୋଧୀ ଦଳମାନଙ୍କ ପ୍ରତି କଠୋର ମନୋଭାବ ପ୍ରଦର୍ଶନ କରୁଛି। ବିରୋଧୀଙ୍କ ଅଭିଯୋଗର ସତ୍ୟତାକୁ ଆୟୋଗ ଭ୍ରୂକ୍ଷେପ କରୁ ନାହିଁ। ବିଭିନ୍ନ ସମୟରେ ଆୟୋଗ ପାତରଅନ୍ତର ନୀତି ଅବଲମ୍ବନ କରି ବିରୋଧୀମାନଙ୍କ ସ୍ୱର ଚପେଇବା ପାଇଁ ଚେଷ୍ଟା କରୁଛି। ଶାସକ ଦଳର ହୁକୁମ ଓ ନିର୍ଦ୍ଦେଶରେ ନିର୍ବାଚନ ଆୟୋଗ ପକ୍ଷପାତିତା ନୀତି ଆପଣେଇ ଦେଶବାସୀଙ୍କ ସହ ବିଶ୍ୱାସ ଘାତକତା କରୁଥିବା ଅଭିଯୋଗ ବିରୋଧୀମାନେ ଆଣୁଛନ୍ତି। ଗଣତନ୍ତ୍ରର ହିତ କରିବା ପରିବର୍ତ୍ତେ ଆୟୋଗ ଶାସକ ଦଳର କ୍ଷମତା ରକ୍ଷା କରିବାର ଅସ୍ତ୍ର ସାଜିଛି ବୋଲି ମଧ୍ୟ ଆରୋପ ଉଠୁଛୁ। ସାଧାରଣ ନିର୍ବାଚନ ପରିଚାଳନାର ସମସ୍ତ ତଥ୍ୟ ସାର୍ବଜନୀନ କରୁ ନଥିବାରୁ ଏଭଳି ସନ୍ଦେହ ଉଠିବା ସ୍ୱାଭାବିକ। ଏହା ଗଣତନ୍ତ୍ର ପାଇଁ ଅତ୍ୟନ୍ତ ବିପଜ୍ଜନକ।

ଏଭଳି ଧାରା ଜାରି ରହିଲେ ଜଣେ ସାଧାରଣ ନାଗରିକ ଭାବିପାରେ ମୋର ଭୋଟ ସତରେ ଗଣା ଯିବ ତ? ପ୍ରକ୍ରିୟା ସ୍ୱଚ୍ଛ ଅଛି ତ? ମୋ ଭୋଟ ମୋ ମନୋନୀତ ବ୍ୟକ୍ତି ପାଖକୁ ଯାଉଛି ତ? ଗଣତନ୍ତ୍ରର ଭବିଷ୍ୟତ ଜନମତରେ ନିର୍ଭର କରେ। ଯଦି ଲୋକମାନେ ଭାବନ୍ତି ଯେ ନିର୍ବାଚନ ପ୍ରକ୍ରିୟା ନିରପେକ୍ଷ ନୁହେଁ, ତେବେ ସମସ୍ତ ଶକ୍ତିଶାଳୀ ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟ ଅସ୍ଥିର ହୋଇ ପଡ଼ିବ। ଏବେ ଏକ ଧାରଣା ଦୃଢ଼ୀଭୂତ ହେଉଛି ଯେ ନିର୍ବାଚନ ଆୟୋଗ ଗଣତନ୍ତ୍ରର ନିରପେକ୍ଷ ରକ୍ଷକ ନୁହେଁ, ବରଂ ନିରବ ପର୍ଯ୍ୟବେକ୍ଷକ ଅଟେ। ଭୋଟ ଦେବାର ଅଧିକାର କେବଳ ଏକ ପ୍ରକ୍ରିୟା ନୁହେଁ, ଏହା ଲୋକଙ୍କର ସ୍ୱର ଓ ଶକ୍ତି। ଯଦି ଏହି ପ୍ରକ୍ରିୟାରେ ସନ୍ଦେହ ଜନ୍ମ ନିଏ, ତେବେ ଗଣତନ୍ତ୍ରର ଭିତ୍ତି ହିଁ ଅସ୍ଥିର ହୋଇଯିବ।

ତେଣୁ ଆଜି ସବୁଠାରୁ ଆବଶ୍ୟକ ହେଉଛି ନିର୍ବାଚନ ଆୟୋଗର ସ୍ୱଚ୍ଛତା, ଦୃଢ଼ତା, ସାଧୁତା ଓ ସାହସର ସହିତ ନିଜର ନିରପେକ୍ଷତାର ପ୍ରମାଣ ଉପସ୍ଥାପନ। ମତଦାନ ପ୍ରକ୍ରିୟାରେ ସର୍ବୋଚ୍ଚସ୍ତରର ପାରଦର୍ଶିତା ଆଣିବା, ସମସ୍ତ ଅଭିଯୋଗର ସ୍ୱାଧୀନ ତଦନ୍ତ କରିବା ଏବଂ ଲୋକଙ୍କ ଆସ୍ଥା ପୁନଃସ୍ଥାପନ କରିବା ଏହାର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ। ବର୍ତ୍ତମାନ ସମୟରେ ଆୟୋଗ ପାଇଁ ମୁଖ୍ୟ ଆହ୍ୱାନ ହେଉଛି ଜନମନର ଆସ୍ଥା ପୁନର୍ନିର୍ମାଣ। ଭାରତ ଭଳି ବିଶାଳ ଗଣତନ୍ତ୍ରରେ ନିର୍ବାଚନ ଆୟୋଗ କେବଳ ଏକ ପ୍ରଶାସନିକ ସଂସ୍ଥା ନୁହେଁ; ଏହା ଲୋକତନ୍ତ୍ରର ନୈତିକ ଭିତ୍ତି। ଏହି ସଂସ୍ଥା ଯଦି ନିଜର ନିରପେକ୍ଷତା, ସ୍ୱାଧୀନତା ଓ ନ୍ୟାୟପୂର୍ଣ୍ଣ ଚରିତ୍ରକୁ ରକ୍ଷା କରିବାରେ ବିଫଳ ହୁଏ, ତେବେ ଦେଶର ଗଣତାନ୍ତ୍ରୀୟ ବ୍ୟବସ୍ଥା ଗଭୀର ସଙ୍କଟରେ ପଡ଼ିବ। ସେହି ପରିସ୍ଥିତିରେ ଆଜିର ପ୍ରଶ୍ନ ହେଉଛି ନିର୍ବାଚନ ଆୟୋଗ ତାହାର ସାମ୍ବିଧାନିକ ଦାୟିତ୍ୱକୁ ସତ୍ୟନିଷ୍ଠ ଭାବେ ପାଳନ କରୁଛି କି? ଏହି ପ୍ରଶ୍ନର ସ୍ପଷ୍ଟ ଉତ୍ତର ଆସିବା ପର୍ଯ୍ୟନ୍ତ ଦେଶବାସୀଙ୍କ ମନରେ ନିର୍ବାଚନ ଆୟୋଗନଙ୍କ ନିରପେକ୍ଷତା ଉପରେ ଏହି ପ୍ରଶ୍ନ ଚିହ୍ନ ଅବଶ୍ୟ ରହିବ।

ନିର୍ବାଚନ ଆୟୋଗ କେବଳ ପ୍ରଶାସନିକ ସଂସ୍ଥା ନୁହେଁ; ଏହା ଭାରତୀୟ ଗଣତନ୍ତ୍ରର ବିଶ୍ୱାସନୀୟତାର ପ୍ରତୀକ। ତେଣୁ ଏହାର ନିରପେକ୍ଷତା ଉପରେ ଯେକୌଣସି ସନ୍ଦେହ ଦେଶ ପାଇଁ ଚିନ୍ତାଜନକ। ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ପ୍ରତିଷ୍ଠାକୁ ପୁନଃସୁଦୃଢ଼ କରିବା ପରେ ଯାଇ ଗଣତନ୍ତ୍ରର ନିଶ୍ଚିତ ଭିତ୍ତି ସୁରକ୍ଷିତ ହେବ। ଯଥାର୍ଥରେ ଗଣତନ୍ତ୍ର କେବଳ ଭୋଟରେ ନୁହେଁ; ଭୋଟ ପ୍ରକ୍ରିୟାର ସ୍ୱଚ୍ଛତା, ନିଷ୍ପକ୍ଷତା ଓ ସତ୍ୟତାର ସ୍ୱରୂପରେ ନିହିତ।

(ଆସୋସିଏଟ୍ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୬୭୮୦୯୧୩୦୦

## ଜଳ ସୁରକ୍ଷା ଓ ଡ୍ରେନେଜ୍ ଜଳ ପରିଚାଳନା

ସୁନୀତା ନାରାୟଣ

ସ୍ୱଚ୍ଛ ଜଳ ହେଉଛି ଏକ ପ୍ରମୁଖ ସମ୍ପଦ, ଯାହା ଆଜି ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ କାରଣ ଦ୍ୱାରା ଗୁରୁତର ଭାବରେ ପ୍ରଭାବିତ ହେଉଛି। ଏହାର ଉପଲବ୍ଧତା ଅତ୍ୟନ୍ତ ସୀମିତ ଓ ଗୁଣବତ୍ତା ଖରାପ ହେଉଛି। ଭବିଷ୍ୟତରେ ଭାରତର ସହରଗୁଡ଼ିକୁ ଅଧିକରୁ ଅଧିକ ପାଣି ଆବଶ୍ୟକ ହେବ। କିନ୍ତୁ ଆମେ କ'ଣ ଏହି ଚାହିଦା ପୂରଣ କରିପାରିବୁ? ୨୦୨୬ 'ଏଲ ନିନୋ'ର ବର୍ଷ ହେବ। ଆମର ଦିନ ଓ ରାତି ଅଧିକ ଗରମ ହେବ। ମୌସୁମୀ ବାଧାପ୍ରାପ୍ତ ହେବ। ଅନିୟମିତ ବର୍ଷା ଭଳି ଅଧିକ ପ୍ରତିକୂଳ ପାଗ ରହିବ। ଏହା ଜଳ ପାଇଁ ଏକ କଠିନ ବର୍ଷ ହେବ। ଆମର ଜଳ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଏକପକ୍ଷରେ ଆମକୁ ଆମର ଅତୀତର ଜଳ ଜ୍ଞାନ ଉପରେ ନିର୍ଭର କରିବାକୁ ପଡ଼ିବ। ଅନ୍ୟପକ୍ଷରେ ଆମକୁ ଭବିଷ୍ୟତ ପାଇଁ ଏକ ଜଳ-ଜ୍ଞାନୀ ସମାଜ ଗଠନ କରିବାକୁ ପଡ଼ିବ।

ଭାରତରେ ଅତୀତରେ ପ୍ରତ୍ୟେକ ଅଞ୍ଚଳର ନିଜସ୍ୱ ଜଳ ପରିଚାଳନା ବ୍ୟବସ୍ଥା ଥିଲା। ପ୍ରତ୍ୟେକ ବୁନ୍ଦାକୁ ସଂରକ୍ଷିତ କରାଯାଉଥିଲା। ଆମକୁ ସେମାନଙ୍କଠାରୁ ଶିଖିବାକୁ ପଡ଼ିବ। ଏହା ଆମର ସବୁଜ-ନୀଳ ଅଞ୍ଚଳଗୁଡ଼ିକୁ ପୁନଃନିର୍ମାଣ କରିବାରେ ଏବଂ ତୀବ୍ର ଗରମ ସମୟରେ ଆମର ସହରଗୁଡ଼ିକୁ ଥଣ୍ଡା କରିବାରେ ସାହାଯ୍ୟ କରିବ। ଏଥିସହିତ ଆମକୁ 'ଅପଚୟ ବୁଦ୍ଧିମାନ' ହେବାକୁ ପଡ଼ିବ। ଆମେ ଜାଣୁ ଯେ ଆମକୁ ଯୋଗାଇ ଦିଆଯାଉଥିବା ପ୍ରତି ଲିଟର ପାଣି ପାଇଁ ୮୦ ପ୍ରତିଶତ ଅପଚୟ ଜଳ ଭାବରେ ଫେରସ୍ତ କରାଯାଏ। ଆମେ ଏହି ବ୍ୟବହୃତ ପାଣିକୁ ଅଟକାଇ ବିଶୋଧନ କରି ପୁନଃବ୍ୟବହାର କରିବାରେ କାହିଁକି ବିନିଯୋଗ କରିପାରିବା ନାହିଁ?

ପ୍ରତ୍ୟେକ ସହର ପ୍ରଶାସନ ଏବଂ ପରବର୍ତ୍ତୀ ସରକାର ଜଳ ଯୋଗାଣ ଉପରେ ଧ୍ୟାନ ଦିଅନ୍ତି। କିନ୍ତୁ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁକୁ ଅଣଦେଖା କରନ୍ତି। ଯେପର୍ଯ୍ୟନ୍ତ ଆମେ ବର୍ଜ୍ୟବସ୍ତୁ ପ୍ରତି ଆଗ୍ରହ ପ୍ରକାଶ କରିବା ଆରମ୍ଭ ନ କରୁ, ସ୍ୱଚ୍ଛ ଜଳ ସୁରକ୍ଷା ହୋଇପାରିବ ନାହିଁ। ସହରାଞ୍ଚଳ ପାଇଁ ଭାରତର କାର୍ଯ୍ୟକ୍ରମଗୁଡ଼ିକ ସ୍ୱେରେଜ୍ ବ୍ୟବସ୍ଥାର ଡିଜାଇନ୍ ପରିବର୍ତ୍ତନ କରିବା ପାଇଁ ଯଥେଷ୍ଟ ହେଉନାହିଁ। ପୁନରୁଦ୍ଧାର ଓ ସହରାଞ୍ଚଳ ପରିବର୍ତ୍ତନ ପାଇଁ 'ଅମୃତ' ଜଳ ଯୋଗାଣ, ସ୍ୱେରେଜ୍ ଓ ସବୁଜ ଭିତ୍ତିଭୂମିକୁ ଆର୍ଥିକ ସହାୟତା ପ୍ରଦାନ କରେ। କିନ୍ତୁ କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ଜଳ ଯୋଗାଣ ପ୍ରାଥମିକତାରେ ୬୨ ପ୍ରତିଶତ ଖର୍ଚ୍ଚ ସହିତ ଶୀର୍ଷରେ ଅଛି, ତୁଳନାରେ ସ୍ୱେରେଜ୍ ଉପରେ ୩୪ ପ୍ରତିଶତ। ଜଳାଶୟଗୁଡ଼ିକୁ ପୁନରୁଦ୍ଧାରରେ କେବଳ ୩ ପ୍ରତିଶତ ଖର୍ଚ୍ଚ ହୋଇଛି। ଏଥିରେ ପରିବର୍ତ୍ତନ ଆସିବା ଆବଶ୍ୟକ।

ଆଜିର ଜଳ ଯୋଗାଣ ମଡେଲ୍ ପାଇପ୍ ଓ ପମ୍ପ ଉପରେ ନିର୍ଭର କରେ। ପାଣି ପାଇପଲାଇନ୍ ଯେତେ ଲମ୍ବା ହେବ ତାହା ନିର୍ମାଣ କରିବା ସେତେ ମହଙ୍ଗା। ସେଗୁଡ଼ିକ ଅଧିକ ଲିକ୍ ମଧ୍ୟ କରନ୍ତି ଏବଂ ପମ୍ପ ପାଇଁ ଅଧିକ ବିଦ୍ୟୁତ୍ ବ୍ୟବହାର କରନ୍ତି। ଏସବୁ ଯୋଗାଣ ହୋଇଥିବା ପାଣିର ମୂଲ୍ୟକୁ ବୃଦ୍ଧି କରେ। ଏପରି ଏକ ସ୍ଥାନରେ ପହଞ୍ଚିଯାଏ ଯେଉଁଠାରେ ଧନୀ ଲୋକମାନେ ମଧ୍ୟ ମୌଳିକ ଜଳର ପୁଞ୍ଜି ଓ ପରିଚାଳନା ଖର୍ଚ୍ଚ ବହନ କରିପାରିବେ ନାହିଁ। ସମସ୍ତଙ୍କୁ ରିହାତି ଦେବା ପାଇଁ କେବେବି ପର୍ଯ୍ୟାପ୍ତ ଟଙ୍କା ନାହିଁ। ଫଳସ୍ୱରୂପ ପରିବାରଗୁଡ଼ିକ ପାନୀୟ ପାଇଁ ଭୂତଳ ଜଳ ଉପରେ ନିର୍ଭର କରିବାକୁ ପ୍ରବୃତ୍ତ ହୁଅନ୍ତି।

ବର୍ତ୍ତମାନର ଜଳସଂରକ୍ଷଣର ଆବଶ୍ୟକତା ହେଉଛି ସ୍ୱେରେଜ ଡ୍ରେନ୍ ପୁନଃନିର୍ମାଣ ଏବଂ ରାସ୍ତାଗୁଡ଼ିକୁ ଅନନ୍ତ ଭାବରେ ଖୋଳିବା। ଏହି ପଦ୍ଧତିରେ ଅପବ୍ୟବହୃତ ଜଳକୁ ଭୂତଳ ନେଟୱାର୍କ ମାଧ୍ୟମରେ ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ପମ୍ପ କରାଯାଏ ଏବଂ ଡ୍ରେନ୍, ନଦୀ କିମ୍ବା ହ୍ରଦରେ ନିଷ୍କାସିତ କରାଯାଏ। ପ୍ରୟାସଟି ମୁଖ୍ୟତଃ 'ଅପଚୟ'। ସର୍ବଦା ଏହି ପ୍ରକଳ୍ପଗୁଡ଼ିକ ବିଳମ୍ବ ଏବଂ ଅଧିକ ଖର୍ଚ୍ଚର ସମ୍ମୁଖୀନ ହୁଏ। ଯେତେବେଳେ ଗୋଟିଏ ସ୍ୱେରେଜ ନେଟୱାର୍କ ସମାପ୍ତ ହୁଏ, ସହରର ଅନ୍ୟ ଏକ ଅଂଶ ଫାଟିଯାଏ। ଏହି କାରଣରୁ ଭାରତର ଅଧିକାଂଶ ଅଂଶ ସ୍ୱେରେଜ ହୋଇନାହିଁ ଏବଂ ଅଧିକାଂଶ ପରିବାର ଅନସାଇଟ୍ ସିଷ୍ଟମ ସହିତ ସଂଯୁକ୍ତ ଶୌଚାଳୟ ଉପରେ ନିର୍ଭର କରନ୍ତି। ଇନ୍ଦୋରରେ ଏପରି ଅନସାଇଟ୍ ଶୌଚାଳୟ ସିଷ୍ଟମରୁ ଲିକେଜ୍ ପାନୀୟ ଜଳକୁ ଦୂଷିତ କରି ଜୀବନ ନେଇଥିଲା। କିନ୍ତୁ ଏହା ନିଶ୍ଚିତ କରିବାକୁ ପଡ଼ିବ ଯେ ମଳତ୍ୟାଗକୁ ବିଶୋଧନ ପାଇଁ ନିଆଯିବ ଏବଂ ବିଶୋଧିତ ପାଣି (ବର୍ଜନା ନୁହେଁ) ଏବଂ କଠିନକୁ ସାର କିମ୍ବା ଇନ୍ଧନ ଭାବରେ ପୁନଃବ୍ୟବହାର କରାଯିବ। ଏହା ବିନା ଜଳ ଯୋଗାଣ ସର୍ବଦା ପ୍ରଦୂଷଣର ବିପଦରେ ରହିବ। ତେଣୁ ଜଳ ଯୋଗାଣ ପୂର୍ବରୁ ସ୍ୱେରେଜ୍ ପରିଚାଳନା ପ୍ରଥମେ ଆସିବା ଉଚିତ।

ଆମକୁ ମଧ୍ୟ କେନ୍ଦ୍ରରେ ସ୍ୱେରେଜ୍ ପରିଚାଳନାର ସୁଲଭତାକୁ ସ୍ଥାନ ଦେବାକୁ ପଡ଼ିବ। ଏଥିପାଇଁ 'ଅମୃତ' ନିର୍ଦ୍ଦେଶାବଳୀକୁ ପୁନଃନିର୍ମାଣ କରାଯିବା ଉଚିତ। ଏହାକୁ ସୁଲଭ କରିବା ପାଇଁ ସହରଗୁଡ଼ିକୁ ସାଇଟ୍ ସେପ୍ଟେଜ୍ ଟ୍ୟାଙ୍କଗୁଡ଼ିକର ବିଦ୍ୟମାନ ନେଟୱାର୍କ ବ୍ୟବହାର କରିବାକୁ ପ୍ରୋତ୍ସାହିତ କରାଯିବା ଉଚିତ। ଦ୍ୱିତୀୟତଃ, ନିର୍ଦ୍ଦେଶାବଳୀ ପୁନଃବ୍ୟବହାରକୁ ପ୍ରୋତ୍ସାହିତ କରିବା ଉଚିତ; ସହରଗୁଡ଼ିକୁ ଦେୟ ଦିଆଯିବା ଉଚିତ, ଯାହା ଦ୍ୱାରା ସେମାନେ ବିଶୋଧିତ ବର୍ଜ୍ୟଜଳକୁ ପୁନଃବ୍ୟବହାର ପାଇଁ ଏବଂ କାଦକୁ ଜୈବ-ସୃଜନ କିମ୍ବା ଇନ୍ଧନ ପାଇଁ ଉପଯୋଗ କରିପାରିବେ। ତୃତୀୟତଃ, ଜଳ ପ୍ରକଳ୍ପଗୁଡ଼ିକୁ ସ୍ଥାନୀୟ ଉତ୍ସ ସହିତ ସଂଯୋଗ କରାଯିବା ଆବଶ୍ୟକ, ଯେଉଁଥିରେ ଜଳାଶୟର ପୁନରୁଦ୍ଧାର ଅନ୍ତର୍ଭୁକ୍ତ। ଏହା ଦୂରଦୂରାନ୍ତରୁ ସ୍ଥାନାନ୍ତର ଖର୍ଚ୍ଚ ହ୍ରାସ କରିବ, ଭୂତଳ ଜଳକୁ ଅଧିକ ସ୍ଥାୟୀ କରିବ ଏବଂ ଜଳ ଯୋଗାଣକୁ ଅଧିକ ସୁଲଭ କରିବ।

(ମହାନିର୍ଦ୍ଦେଶକ, ବିଜ୍ଞାନ ଏବଂ ପରିବେଶ କେନ୍ଦ୍ର)

## ପୃଥୁଳତା ଓ ଲିଙ୍ଗ ଭେଦ

### ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବର୍ତ୍ତମାନ ପୃଥିବୀରେ ପୃଥୁଳତା ଏକ ଉତ୍କଟ ସ୍ୱାସ୍ଥ୍ୟ ସମସ୍ୟା ରୂପେ ମୁଣ୍ଡ ଟେକିଛି। ଏହା ମଧୁମେହ, କର୍କଟରୋଗଠାରୁ ଆରମ୍ଭ କରି ବିବିଧ ପ୍ରକାର ହୃଦରୋଗର ଆଶଙ୍କା ବୃଦ୍ଧି କରିବା କଥା ପ୍ରାୟ ସମସ୍ତଙ୍କୁ ଜଣା। ତେବେ ଏଥିସଂପର୍କରେ ଜଣାନାହିଁ ଯେ ପୁରୁଷମାନଙ୍କ ତୁଳନାରେ ମହିଳାମାନେ କାହିଁକି ଅଧିକ ସଂଖ୍ୟାରେ ପୃଥୁଳକାୟ। ୨୦୨୨-୨୦୨୩ ମସିହାରେ ଅନୁଷ୍ଠିତ ଏକ ଆକଳନ ଅନୁସାରେ ପୃଥିବୀର ଜନସଂଖ୍ୟାର ମହିଳାମାନେ ହେଲେ ଯଥାକ୍ରମେ ୧୪ ଶତାଂଶ ଏବଂ ୧୮ ଶତାଂଶ। ନିମ୍ନ ଓ ମଧ୍ୟମ ଆୟକାରୀ ଦେଶମାନଙ୍କରେ ଏ ତାରତମ୍ୟ ଅଧିକ ଦେଖାଯାଉଛି। ଅନ୍ୟପକ୍ଷରେ ଆମ ଦେଶରେ ୨୦୧୯ ରୁ ୨୦୨୧ ମସିହା ମଧ୍ୟରେ 'ଦ ନ୍ୟାସନାଲ୍ ଫାମିଲି ହେଲଥ୍ ସର୍ଭେ -୫' କରିଥିବା ଅଧ୍ୟୟନରୁ ଭାରତରେ ୨୩ ଶତାଂଶ ପୁରୁଷ ଓ ୨୪ ଶତାଂଶ ନାରୀ ପୃଥୁଳକାୟ ଥିବାର ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ 'ଅଧିକ ଓଜନ ବିଶିଷ୍ଟ' ଥିଲେ ଯଥାକ୍ରମେ ୪୫ ଶତାଂଶ ଏବଂ ୫୫ ଶତାଂଶ।

ପୃଥୁଳତାକୁ 'ବଡି ମାସ୍ ଇଣ୍ଡେକସ୍'ରେ ମପାଯାଏ। ଜଣେ ବ୍ୟକ୍ତିର ଶରୀର ଓଜନକୁ କିଲୋଗ୍ରାମରେ ନେଇ ତାହାକୁ ତା' ଉଚ୍ଚତା ମିଟରର ବର୍ଗରେ ବିଭାଜନ କରି ଏହାକୁ ଆକଳନ କରାଯାଏ। ପୃଥିବୀରେ ଏହା ୨୫ ରୁ ଅଧିକ ହେଲେ ବ୍ୟକ୍ତିକୁ 'ଅଧିକ ଓଜନ ବିଶିଷ୍ଟ' ଏବଂ ୩୦ ରୁ ଅଧିକ ହେଲେ ପୃଥୁଳକାୟ ବୋଲି ଧରାଯାଏ। କିନ୍ତୁ ଆମ ଦେଶରେ ତାହା ଯଥାକ୍ରମେ ୨୩ ରୁ ୨୪.୯ ଏବଂ ୨୫ ରୁ ଅଧିକ। ଅଙ୍କ ୩୫ ଅତିକ୍ରମ କରିଗଲେ ତାହାକୁ 'ଅତ୍ୟଧିକ ପୃଥୁଳତା' ବୋଲି କୁହାଯାଏ।

୧୯୯୦ ରୁ ୨୦୨୨ ମସିହା ମଧ୍ୟରେ ଆମ ଦେଶରେ ଶିଶୁ ଓ କିଶୋର (୫ ବର୍ଷରୁ ୧୮ ବର୍ଷ ବୟସ୍କ) ଙ୍କ ପୃଥୁଳତା ୪ ଗୁଣ, ଅର୍ଥାତ୍ ୨ ରୁ ୮ ଶତାଂଶକୁ ବୃଦ୍ଧି ପାଇଥିବାର ଦେଖାଯାଇଥିଲା। ସେହିସମୟ ମଧ୍ୟରେ ପ୍ରାପ୍ତବୟସ୍କ (୧୮ ବର୍ଷରୁ ଅଧିକ ବୟସ୍କ)ଙ୍କ ମଧ୍ୟରେ ତାହା ପ୍ରାୟ ଦ୍ୱି-ଗୁଣିତ (୭ ରୁ ୧୬ ଶତାଂଶ) ହୋଇଥିଲା। ଅନ୍ୟପକ୍ଷରେ, ୨୦୨୨ ମସିହାରେ ଏମାନଙ୍କ ମଧ୍ୟରେ ୬.୪ ଶତାଂଶ ଥିଲେ ମହିଳା ଏବଂ ୪ ଶତାଂଶ ପୁରୁଷ। ଶାରୀରିକ ଶ୍ରମହୀନତା, ଅଣସନ୍ତୁଳିତ ଖାଦ୍ୟ ଆଦିକୁ ଏହାର ମୁଖ୍ୟ କାରଣ ରୂପେ ଧରାଯାଏ।

ପୁରୁଷମାନଙ୍କ ତୁଳନାରେ ମହିଳାମାନେ ସହଜରେ ଅଧିକ ଓଜନ ବିଶିଷ୍ଟ ବା ପୃଥୁଳକାୟ ହେବାର ନାନାଦି କାରଣ ରହିଛି। ତନ୍ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣଟି ହେଲା ସେମାନଙ୍କଠାରେ ଥିବା ହର୍ମୋନ 'ଓଷ୍ଟ୍ରୋଜେନ୍'। ଏହା ସାଧାରଣ ଭାବେ ଚର୍ମ ତଳେ, ବିଶେଷକରି କଟଟି ଓ ଜଙ୍ଘର ଚାରିପାଖରେ ଚର୍ବି ଜମା ହେବାକୁ ଦିଏ। ଅନ୍ୟପକ୍ଷରେ ପୁରୁଷମାନଙ୍କଠାରେ ଆନ୍ତ୍ରିକ ଅଙ୍ଗରେ ତାହା ହୁଏ, ଯାହାକି ମୁଖ୍ୟତଃ ତଳିପେଟର ଗର୍ଭ ମଧ୍ୟରେ ଲୁକାୟିତ ଭାବେ ଗଚ୍ଛିତ ହୁଏ। ଏହା ଯକୃତ, ଅଗ୍ନାଶୟ ଓ ଅନ୍ତନଳୀ ଭଳି ଅଙ୍ଗଗୁଡିକୁ ବି ଘୋଡ଼ାଇ ରଖେ। ଏଣୁ ତାହା ବାହାରକୁ ବିଶେଷଭାବେ ଦୃଶ୍ୟମାନ ହୁଏ ନାହିଁ।

ମହିଳାମାନଙ୍କ ଚର୍ମତଳେ ଥିବା ଚର୍ବି ସହଜରେ ହ୍ରାସ ପାଏ ନାହିଁ। ଅନ୍ୟପକ୍ଷରେ, ସନ୍ତୁଳିତ ଆହାର, ନିୟମିତ ବ୍ୟାୟମ ଆଦି ଦ୍ୱାରା ପୁରୁଷର ବିବିଧ ଅଙ୍ଗକୁ ବେଢ଼ି ରହିଥିବା ଚର୍ବି କମାଇବା ଅପେକ୍ଷାକୃତ ସହଜ। ତାହା ବି ସେମାନଙ୍କ ମଧ୍ୟରେ ଅଧିକ ଓଜନ ଓ ପୃଥୁଳତାରେ ପ୍ରଭେଦତାର ଅନ୍ୟତମ ମୁଖ୍ୟ କାରଣ। ମହିଳାମାନେ ସାଧାରଣତଃ ଅଧିକ ସୌନ୍ଦର୍ଯ୍ୟ ସଚେତନ। ପୃଥୁଳତା ଏହାର ପରିପନ୍ଥୀ। ତେଣୁ ପତଳା ହେବା ଲାଗି ଏବେ ବ୍ୟବହୃତ ହୋଉଥିବା ନାନାଦି ଚିକିତ୍ସା ଲାଗି ଅଧିକ ସଂଖ୍ୟକ ମହିଳା ଆଗଭର ହୋଇ ଆସୁଥିବାର ଦେଖାଯାଉଛି। ଏଥିପାଇଁ ସାଧାରଣତଃ ବ୍ୟବହାର କରାଯାଉଛି 'ଗ୍ଲୁକାଗନ ଲାଇକ୍ ପେପ୍‌ଟାଇଡ -୧'। ଏହି ହରମୋନ୍‌ଟି କ୍ଷୁଧା ହ୍ରାସ କରେ ଏବଂ ଶରୀରର ଓଜନ କମାଏ। ସେହିପରି ପତଳା ହେବା ପାଇଁ 'ବାରିଆଟ୍ରିକ' ବା ଓଜନ କ୍ଷୟକାରୀ ଅସ୍ତ୍ରଚିକିତ୍ସା କରାଯାଉଛି। ଅଧିକ ସଂଖ୍ୟକ ମହିଳା ଏଥିପାଇଁ ମଧ୍ୟ ଆକୃଷ୍ଟ ହେଉଛନ୍ତି। ତେବେ ଏହି ଚିକିତ୍ସା ଉଭୟ ପୁରୁଷ ଓ ମହିଳାମାନଙ୍କ କ୍ଷେତ୍ରରେ ଅଧିକ ଫଳପ୍ରଦ ହେବାର ଦେଖାଯାଉଛି।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବାଚସ୍ପତିଙ୍କୁ ଭେଟିଲେ ପିସିସି ସଭାପତି

# ରମେଶଙ୍କ ବିଧାୟକ ପଦ ରଦ୍ଦ ଦାବି

ଭୁବନେଶ୍ୱର,୨୩ା୩(ସମିସ): କଂଗ୍ରେସରୁ ନିଲମ୍ବିତ ବିଧାୟକ ରମେଶ ଜେନାଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଭେଟିଛି କଂଗ୍ରେସ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ବାଚସ୍ପତି ସୁରମା ପାଢ଼ୀଙ୍କୁ ସାକ୍ଷାତ କରି ରମେଶ ଜେନାଙ୍କ ସଭ୍ୟପଦ ରଦ୍ଦ ପାଇଁ ଦାବି କରିଛି। ଏହା ପୂର୍ବରୁ ବିଧାୟକ ଦାଶରଥି ଗମାଙ୍ଗୋ ଓ ସୋଫିଆ ଫିର୍‌ଦୋସଙ୍କ ସଭ୍ୟପଦ ରଦ୍ଦ ପାଇଁ ଦଳ ପକ୍ଷରୁ ଆବେଦନ କରାଯାଇ ସାରିଛି। ଏବେ ଏଥିରେ ଆଉ ଜଣେ ବିଧାୟକଙ୍କ ନାଁ ଯୋଡ଼ା ଯାଇଛି। ରାଜ୍ୟସଭା ପାଇଁ ଭୋଟ୍ ପଡ଼ିବା ପୂର୍ବରୁ ଏହି ଦୁଇ ଜଣ ବିଧାୟକ ହାବଭାବକୁ ଆଧାର କରି ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିଲା। ହେଲେ ଦୁଇ ବିଧାୟକ ଯେଉଁ ଉତ୍ତର ଦେଇଛନ୍ତି, ସେଥିରେ ଦଳ ସନ୍ତୁଷ୍ଟ ନ ଥିବାରୁ ଏହି ପଦକ୍ଷେପ ନେଇଥିଲା। ମାତ୍ର ରମେଶ ଜେନାଙ୍କ କ୍ରସଭୋଟିଂ ଆଶ୍ଚର୍ଯ୍ୟଜନକ ହୋଇଥିବାରୁ କଂଗ୍ରେସ ଦଳ ହତ୍‌ବାକ ହୋଇଥିଲା। ଦଳ ପକ୍ଷରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ସନ୍ତୋଷଜନକ ହୋଇ ନ ଥିବାରୁ ପରବର୍ତ୍ତୀ ପଦକ୍ଷପ ସ୍ୱରୂପ ଦଳ ଏହି ନିଷ୍ପତ୍ତି ନେଇଛି।

ବାଚସ୍ପତିଙ୍କ ନିକଟରେ ଦାଖଲ ହୋଇଥିବା ଆବେଦନ ପତ୍ର ସମ୍ବିଧାନର ଦଶମ ଅନୁସୂଚୀକୁ ଆଧାର କରି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏ ସମ୍ପର୍କରେ କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ କହିଛନ୍ତି ଯେ କାରଣ ଦର୍ଶାଅ ନୋଟିସ୍‌ରେ ଯଥାର୍ଥ ଉତ୍ତର ନ ମିଳିବା ପରେ ରମେଶ ଜେନାଙ୍କ ସଦସ୍ୟତା ରଦ୍ଦ ପାଇଁ ବାଚସ୍ପତିଙ୍କ ନିକଟରେ ଦାବି କରାଯାଇଛି। ପିସିସି ସଭାପତି, କଂଗ୍ରେସ ବିଧାୟକ ଦଳ ନେତା ଉପନେତା ଓ ମୁଖ୍ୟସଚେତକ ପ୍ରମୁଖ ବାଚସ୍ପତିଙ୍କୁ ଭେଟି ଏହି ପତ୍ର ପ୍ରଦାନ କରିଛନ୍ତି। ଦଳର ଶୃଙ୍ଖଳା ଆଧାରରେ ଆଇନ୍ ଅନୁଯାୟୀ ଯେଉଁ ପଦକ୍ଷେପ ନେବା କଥା ତାହା ଚିଠିରେ ଦର୍ଶାଯାଇଛି। ଲୋକମାନେ କଂଗ୍ରେସକୁ ଭୋଟ୍ ଦେଇଛନ୍ତି। କୌଣସି ବ୍ୟକ୍ତିବିଶେଷକୁ ଭୋଟ୍ ଦେଇନାହାନ୍ତି। ତେଣୁ ଯେତେବେଳେ ଦଳର ନିୟମ ଓ ପରମ୍ପରାକୁ ବିଧାୟକ ଭଙ୍ଗ କରିଛନ୍ତି, ସେହି ପରିପ୍ରେକ୍ଷୀରେ ଦଳ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି ବୋଲି ଶ୍ରୀ ଦାସ କହିଛନ୍ତି।

## ଦାରିଙ୍ଗବାଡ଼ିରେ ଝାଡ଼ାବାନ୍ତି; ୩୫ ଆକ୍ରାନ୍ତ



ବ୍ରାହ୍ମଣୀଗାଁ, ୨୩ା୩(ସମିସ): ଦାରିଙ୍ଗବାଡ଼ି ବ୍ଲକ୍‌ସ୍ଥିତ କାଟିଙ୍ଗିଆ ପଞ୍ଚାୟତ ହରଗୁଡ଼ା ଗ୍ରାମରେ ପିଇବା ପାଣିର ଘୋର ଅଭାବ ଦେଖାଦେଇଛି। ଫଳରେ ଖୋଲା କୂଅ ପାଣି ପିଇ ୩୫ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତି ଓ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ସଂଖ୍ୟା ଧୀରେଧୀରେ ବଢ଼ିବାରେ ଲାଗିଛି। ଖବର ପାଇ ଦାରିଙ୍ଗବାଡ଼ିରୁ

### ଗାଁରେ ପହଞ୍ଚିଲା ସ୍ୱାସ୍ଥ୍ୟ ଟିମ୍

ଡା. ଅମ୍ବିକା ଶତପଥୀଙ୍କ ତତ୍ତ୍ୱାବଧାନରେ ଏକ ଡାକ୍ତରୀଦଳ ପହଞ୍ଚି ଆକ୍ରାନ୍ତଙ୍କୁ ଚିକିତ୍ସା କରିବା ସହ ଔଷଧ ବଣ୍ଟନ କରିଛନ୍ତି। ପ୍ରତିବର୍ଷ ଖରାଦିନେ ଲୋକେ ପାଣି ଅଭାବରୁ ହନ୍ତସନ୍ତ ହୋଇଥାନ୍ତି। କୂଅ, ପୋଖରୀ ଭଳି ଖୋଲା ଉତ୍ସରୁ ପାଣି ପିଇ ବିଭିନ୍ନ ରୋଗର ଶିକାର ହୋଇଥା'ନ୍ତି। ସ୍ୱାସ୍ଥ୍ୟବିଭାଗ ତଥା ଜଳଯୋଗାଣ ବିଭାଗର ବିଶେଷ ପଦକ୍ଷେପ ନିମନ୍ତେ ଜନସାଧାରଣରେ ବିଶେଷ ଦାବି ହେଉଛି।

## ମାଓବାଦୀ ସଫା ପାଇଁ ବଡ଼ ରଣନୀତି

# ୧୧ ମାଓବାଦୀଙ୍କ ପୋଷ୍ଟର୍ ଜାରି

ଫୁଲବାଣୀ, ୨୩ା୩(ସମିସ): ରାଜ୍ୟକୁ ମାଓମୁକ୍ତ କରିବା ପାଇଁ ସରକାର ଦେଇଥିବା ମାର୍ଚ୍ଚ ୩୧ ଡେଡ୍‌ଲାଇନ୍ ପାଖେଇ ଆସୁଥିବା ବେଳେ ମାଓବାଦୀଙ୍କ ବିରୋଧରେ ଅଭିଯାନକୁ ଜୋରଦାର କରାଯାଇଛି। କନ୍ଧମାଳ, ରାୟଗଡ଼ା ଏବଂ କଳାହାଣ୍ଡି ଜିଲ୍ଲାର ସୀମାନ୍ତବର୍ତ୍ତୀ ପ୍ରାୟ ୫୦-୬୦ କିଲୋମିଟର ବ୍ୟାପୀ ଘଞ୍ଚ ଜଙ୍ଗଲରେ ସୁରକ୍ଷାବଳ ପକ୍ଷରୁ ଏକ କମ୍ବିଂ ଅପରେସନ୍ ଜାରି ରହିଛି। ଏହି ମିଳିତ

- ସୀମାନ୍ତ ଜଙ୍ଗଲରେ ବଡ଼ କମ୍ବିଂ ଅପରେସନ
- ଘୋଷଣା ହେଲା ପୁରସ୍କାର

ଅପରେସନରେ ଏସଓଜି, ସିଆରପିଏଫ ଏବଂ ବିଏସଏଫ ର ଶତାଧିକ ଯବାନ ସାମିଲ ହୋଇ ପୂରା ଜଙ୍ଗଲକୁ ଘେରି ରହିଛନ୍ତି। ପୁଲିସ ପକ୍ଷରୁ ୧୧ ଦୁର୍ଦ୍ଦାନ୍ତ ମାଓବାଦୀଙ୍କ ତାଲିକା ଏବଂ ପୋଷ୍ଟର ରିଲିଜ୍ କରାଯାଇଛି। ଏମାନଙ୍କ ମଧ୍ୟରେ ସିପିଆଇ (ମାଓବାଦୀ) ସ୍ପେଶାଲ ଜୋନାଲ କମିଟି ମେମ୍ବର ଶୁକ୍ରୁ ସହ ଡିଭିଜନାଲ କମିଟି ମେମ୍ବର ଶିଳା ଏବଂ ପାଞ୍ଚଜଣ ଏରିଆ କମିଟି ମେମ୍ବର ରଜତ, ମଙ୍କୁ, ସନ୍ତୋଷ, ସନ୍ଧ୍ୟା ଓ ସୁଷମାଙ୍କ ନାମ ରହିଛି। ସରକାରଙ୍କ ପକ୍ଷରୁ ଏହି ମାଓବାଦୀଙ୍କ ମୁଣ୍ଡ ଉପରେ ଲକ୍ଷାଧିକ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି। ଗତ କିଛି ଦିନର ଅପରେସନ୍ ମଧ୍ୟରେ ସୁରକ୍ଷାବଳକୁ ବଡ଼ ସଫଳତା ମିଳିଛି। ଜଙ୍ଗଲ ଭିତରେ ଚାଲିଥିବା ଏକ ବନ୍ଧୁକ ନିର୍ମାଣ କାରଖାନାକୁ ଯବାନ ଠାବ କରିବା ସହ ତାକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦେଇଛନ୍ତି। ଏହାସହ ବହୁ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଗତ କିଛି ଦିନ ମଧ୍ୟରେ କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାରୁ ପ୍ରାୟ ୨୦ ଜଣ ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି।

ପୁଲିସ ଡିଜିଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପକ୍ଷରୁ ମାଓବାଦୀଙ୍କୁ ବାରମ୍ବାର ନିବେଦନ କରାଯାଇଛି ଯେ ସେମାନେ ହିଂସା ପଥ ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହୁଅନ୍ତୁ। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନେ ଅସ୍ତ୍ର ନ ଛାଡ଼ନ୍ତି, ସେମାନଙ୍କୁ ଗୁଳିର ସାମ୍ନା କରିବାକୁ ପଡ଼ିବ ଏବଂ ମୃତ୍ୟୁ ନିଶ୍ଚିତ ବୋଲି ପୁଲିସ ଚେତାବନୀ ଦେଇଛି। ଗୁପ୍ତଚର ସୂଚନା ଆଧାରରେ ଗତ ୧୯ ତାରିଖରୁ ଏହି ବଡ଼ ଧରଣର କମ୍ବିଂ ଅପରେସନ୍ ଆରମ୍ଭ ହୋଇଛି। ପ୍ରାୟ ୭୦ରୁ ଅଧିକ ଏସଓଜି ଟିମ୍ ସହ ସିଆରପିଏଫ୍ ଓ ବିଏସ୍‌ଏଫ୍ ଯବାନ ତିନି ଜିଲ୍ଲାର ସୀମାକୁ ସିଲ୍ କରି ସର୍ଚ୍ଚ ଅପରେସନକୁ ଜୋରଦାର୍ କରିଛନ୍ତି। ବର୍ତ୍ତମାନ ଜଙ୍ଗଲ ଭିତରେ କିଛି ହାତ ଗଣତି ମାଓବାଦୀ ଲୁଚି ରହିଥିବା ସନ୍ଦେହ କରାଯାଉଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଧମକ ଦେଇ...

ଚଳାଚଳ ପାଇଁ ଆମେରିକା, ଇସ୍ରାଏଲ ଓ ସେମାନଙ୍କର ସହଯୋଗୀ ରାଷ୍ଟ୍ରଙ୍କୁ ଅନୁମତି ଦିଆଯିବ ନାହିଁ। ଶତ୍ରୁ ପକ୍ଷର କୌଣସି ଜାହାଜ ହର୍ମୁଜ ଆଡ଼କୁ ଅଗ୍ରସର ହେଲେ ନାଭାଲ ମାଇନ୍ସ ଜରିଆରେ ସେମାନଙ୍କୁ ଉଡ଼ାଇ ଦିଆଯିବ। ପରସ୍ପରକୁ ଧମକ ନେଇ ମଧ୍ୟପ୍ରାଚ୍ୟରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଟ୍ରମ୍ପ ଆଜି ତାଙ୍କର ସାମାଜିକ ଗଣମାଧ୍ୟମ ଜରିଆରେ ଇରାନ ଉପରେ ଆକ୍ରମଣକୁ ସ୍ଥଗିତ ରଖିଥିବା ସଂପର୍କରେ ସୂଚନା ଦେଇଥିଲେ। ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ସାଇଟରେ ଲେଖିଛନ୍ତି ଯେ ଚଳିତ ସପ୍ତାହ ଶେଷ ସୁଦ୍ଧା ଚୁକ୍ତି ହୋଇଯିବ ବୋଲି ଆଶା। ସେ ପର୍ଯ୍ୟନ୍ତ ଶକ୍ତି କେନ୍ଦ୍ର ଏବଂ ଶକ୍ତି ଭିତ୍ତିଭୂମି ଉପରେ କୌଣସି ଆକ୍ରମଣ କରାଯିବ ନାହିଁ। ଏ ନେଇ ପ୍ରତିରକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଏହା ଆଲୋଚନାର ଫଳାଫଳ ଉପରେ ନିର୍ଭର କରୁଛି ବୋଲି ଟ୍ରମ୍ପ କହିଛନ୍ତି। ଯଦି ଆଲୋଚନା ସଫଳ ନ ହୁଏ, ତେବେ ଆଗାମୀ ଦିନରେ ପୁଣି ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯିବ।

ମାତ୍ର ଏହାକୁ ନେଇ ଆମେରିକା ରାଷ୍ଟ୍ରପତିଙ୍କୁ ଇରାନ କଟାକ୍ଷ କରିଛି। ଇରାନର ଧମକରେ ଟ୍ରମ୍ପ ଡରି ଯାଇଥିବା କୁହାଯାଇଛି। ଇରାନ ସରକାରୀ ଗଣମାଧ୍ୟମ ଅନୁଯାୟୀ, ପାଲଟା ଆକ୍ରମଣ ଭୟରେ ଆମେରିକା ୪୮ ଘଣ୍ଟାର କଣ୍ଟରୁ ଓହରି ଯାଇଛି। ଆମେରିକା ସହ କୌଣସି ପ୍ରକାରର ଆଲୋଚନା ହୋଇ ନ ଥିବା କୁହାଯାଇଛି। ମଧ୍ୟସ୍ଥିଙ୍କ ମାଧ୍ୟମରେ କିମ୍ବା ପ୍ରତ୍ୟକ୍ଷ ଭାବେ ଟ୍ରମ୍ପଙ୍କ ସହ କୌଣସି ଆଲୋଚନା ହୋଇନାହିଁ। ହର୍ମୁଜ ପ୍ରଣାଳୀ ଯୁଦ୍ଧ ପୂର୍ବର ସ୍ଥିତିକୁ ଫେରିବ ନାହିଁ ବୋଲି ସ୍ପଷ୍ଟ କରିଦିଆଯାଇଛି। ଇରାନର ସରକାରୀ ମୁଖପାତ୍ର କହିଛନ୍ତି ।। ଯେ ଟ୍ରମ୍ପଙ୍କ ଏଭଳି ଘୋଷଣା ।।ପଛରେ ତାଙ୍କର ରଣନୈତିକ ଚାଲ ରହିଛି। ବିଶ୍ୱ ବଜାରରେ ତେଲ ଦର ହ୍ରାସ ସହିତ ସାମରିକ ପ୍ରସ୍ତୁତି ପାଇଁ ସମୟ ଗଡ଼ାଇବାକୁ ଚାହୁଁଛନ୍ତି ଟ୍ରମ୍ପ।

ସୂଚନାଯୋଗ୍ୟ ଯେ ଇରାନକୁ ନେଇ ଆମେରିକାର ୫ଟି ମୁଖ୍ୟ ଦାବି ରଖିଛି। ସେଗୁଡ଼ିକ ମଧ୍ୟରେ ହୋର୍ମୁଜ୍ ପ୍ରଣାଳୀକୁ ଖୋଲିବା, ପରମାଣୁ ଅସ୍ତ୍ର ପ୍ରସ୍ତୁତ ନ କରିବା, କ୍ଷେପଣାସ୍ତ୍ର ଭଣ୍ଡାରକୁ ସୀମିତ ରଖିବା ଏବଂ ଆତଙ୍କବାଦୀ ସଂଗଠନଗୁଡ଼ିକୁ ପାଣ୍ଠି ନ ଦେବା ରହିଛି। ଅପରପକ୍ଷେ ଇରାନ କେବଳ ପରମାଣୁ ଚୁକ୍ତିକୁ ନେଇ ଆଲୋଚନା କରିବାକୁ ଚାହୁଁଛି। ଏବେ ଅସ୍ତ୍ରବିରତି ଆଲୋଚନା ପାଇଁ ଇରାନ ଆଉ ତିନୋଟି ନୂଆ ସର୍ତ୍ତ ରଖିଛି। ସେଗୁଡ଼ିକ ହେଲା ଅଞ୍ଚଳରେ ଥିବା ଆମେରିକା ସାମରିକ ଠିକଣା ବନ୍ଦ କରାଯାଉ। ହର୍ମୁଜ ପ୍ରଣାଳୀ ପାଇଁ ନୂଆ ନିୟମ ଅଣାଯାଉ। ଇରାନ ବିରୋଧୀ ଭାବେ ପରିଚିତ ଗଣମାଧ୍ୟମ ପ୍ରତିନିଧିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ପ୍ରତ୍ୟର୍ପଣ କରାଯାଉ। ଇରାନ ଚେତାବନୀ ଦେଇଛି ଯେ ଯଦି ଉପକୂଳବର୍ତ୍ତୀ ଅଞ୍ଚଳ କିମ୍ବା ଦ୍ୱୀପପୁଞ୍ଜ ଉପରେ ଆକ୍ରମଣ କରାଯାଏ ତେବେ ପାରସ୍ୟ ଉପସାଗରର ସାମୁଦ୍ରିକ ପଥରେ ବାରୁଦ ସୁଡ଼ଙ୍ଗ ବିଛାଇ ଦିଆଯିବ। ଏହି ମାର୍ଗ ଦେଇ ଯିବାକୁ ହେଲେ ବିଭିନ୍ନ ଦେଶକୁ ଇରାନ ସହ ଆଲୋଚନା କରିବାକୁ ପଡ଼ିବ।

## ହର୍ମୁଜ ମାର୍ଗ...

ଆସିଛି। ଯୁଦ୍ଧ ମଧ୍ୟରେ ଏହି ଗ୍ରୀଷ୍ମ ଋତୁ ଭାରତ ପାଇଁ ଆହ୍ୱାନ ସୃଷ୍ଟି କରିପାରେ। ଆଗାମୀ ଦିନରେ ତାପମାତ୍ରା ବୃଦ୍ଧି ସହିତ ବିଦ୍ୟୁତ୍ ଚାହିଦା ମଧ୍ୟ ବଢ଼ିବ। ଏହାର ମୁକାବିଲା ପାଇଁ ବର୍ତ୍ତମାନ ଦେଶର ସମସ୍ତ ଶକ୍ତି କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର କୋଇଲା ମହଜୁଦ ଅଛି। ଶକ୍ତି ଉତ୍ପାଦନଠାରୁ ନେଇ ଯୋଗାଣ ପର୍ଯ୍ୟନ୍ତ ସବୁ କିଛି ଉପରେ ନଜର ରଖାଯାଇଛି। ଦେଶରେ ଯେପରି ତୈଳ ଓ ଗ୍ୟାସ୍ ସଙ୍କଟ ସୃଷ୍ଟି ନ ହେବ, ସେଥିପାଇଁ ସରକାର ପ୍ରୟାସ କରୁଛନ୍ତି ବୋଲି ମୋଦୀ କହିଛନ୍ତି। ଏଥିପାଇଁ ୨୭ଟି ଦେଶ ପରିବର୍ତ୍ତେ, ୪୧ଟି ଦେଶରୁ ତୈଳ ଏବଂ ଗ୍ୟାସ ଆମଦାନୀ କରାଯାଉଛି। ଖାଦ୍ୟ ଓ ରାସନକୁ ନେଇ ମୋଦୀ କହିଛନ୍ତି ଯେ ଆମ ପାଖରେ ପର୍ଯ୍ୟାପ୍ତ ଅନ୍ନ ଭଣ୍ଡାର ଅଛି। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଯଥେଷ୍ଟ ବ୍ୟବସ୍ଥା କରାଯାଇଛି। ଭାରତ ଉପରେ ଏହି ଯୁଦ୍ଧର ପ୍ରଭାବ ଯେପରି କମ୍ ପଡ଼ିବ, ସେଥିପାଇଁ ଏକ ସ୍ୱତନ୍ତ୍ର ରଣନୀତି ଅନୁସାରେ କାମ କରାଯାଉଛି। ଭାରତ ସରକାର ଏକ ଗ୍ରୁପ୍ ଗଠନ କରିଛନ୍ତି। ଏହି ଗୋଷ୍ଠୀ ପ୍ରତିଦିନ ବୈଠକ କରି ଆମଦାନୀ-ରପ୍ତାନିରେ ଆସୁଥିବା ସମସ୍ୟାର ସମାଧାନ ପାଇଁ ନିରନ୍ତର କାର୍ଯ୍ୟ କରୁଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, ପଶ୍ଚିମ ଏସିଆରେ ପ୍ରାୟ ଏକ କୋଟି ଭାରତୀୟ ରହୁଛନ୍ତି। ସେମାନଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୭୫ ହଜାର ଭାରତୀୟ ସୁରକ୍ଷିତ ଭାବେ ଦେଶକୁ ଫେରି ଆସିଛନ୍ତି। କେବଳ ଇରାନରୁ ହିଁ ଏକ ହଜାର ଭାରତୀୟ ଫେରିଛନ୍ତି। ଏମାନଙ୍କ ମଧ୍ୟରେ ୭୦୦ରୁ ଅଧିକ ମେଡିକାଲ ପଢୁଥିବା ଛାତ୍ରଛାତ୍ରୀ ଅଛନ୍ତି।

ଲୋକସଭାରେ ୨୫ ମିନିଟ୍ ଧରି ତାଙ୍କର ସମ୍ବୋଧନରେ ପ୍ରଧାନମନ୍ତ୍ରୀ କହିଥିଲେ, କଳାବଜାରୀ ଏବଂ ମହଜୁଦକାରୀମାନେ ଏହି ସଙ୍କଟର ସୁଯୋଗ ନେବାକୁ ପ୍ରୟାସ କରୁଛନ୍ତି। ଏହି ଯୁଦ୍ଧ ଯୋଗୁଁ ବିଶ୍ୱରେ ଦୀର୍ଘ ସମୟ ପର୍ଯ୍ୟନ୍ତ କଠିନ ସ୍ଥିତି ଜାରି ରହିପାରେ। ଏହାକୁ ନେଇ ସମସ୍ତ ରାଜନୈତିକ ଦଳ ଏବଂ ସରକାରଙ୍କୁ ଏକଜୁଟ୍ ରହିବାକୁ ପଡ଼ିବ। କରୋନା ମହାମାରୀ ସମୟରେ ମଧ୍ୟ ଆମେ ଏକଜୁଟ୍ ହୋଇ ଏଭଳି ଆହ୍ୱାନର ସଫଳ ମୁକାବିଲା କରିଥିଲୁ। ଆମକୁ ଅତ୍ୟନ୍ତ ସାବଧାନ ଓ ସତର୍କ ରହିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ବିଧାନସଭାରେ...

ସରକାର ୪ ଜଣ ଅଗ୍ନିଶମ ଅଧିକାରୀଙ୍କୁ ନିଲମ୍ବିତ କରିଥିବା ବେଳେ ରବିବାର ଏସ୍‌ସିବି ଡିନ୍ ଓ ଅଧୀକ୍ଷକଙ୍କୁ ବଦଳି କରିଛନ୍ତି। ମାତ୍ର ଏହି କାର୍ଯ୍ୟରେ ବିରୋଧୀ ସନ୍ତୁଷ୍ଟ ନୁହଁନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ଅଧୀକ୍ଷକଙ୍କୁ କାହିଁକି ସୁରକ୍ଷା ଦିଆଯାଉଛି, ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପ୍ରଥମାର୍ଦ୍ଧରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇ ନ ପାରିବାରୁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଥିଲେ, ସେଥିରୁ ମଧ୍ୟ କିଛି ନିଷ୍କର୍ଷ ବାହାରି ପାରିନାହିଁ। ସୋମବାର ଗୃହ ଆରମ୍ଭରୁ ପ୍ରଶ୍ନକାଳରେ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ ଆରମ୍ଭ କରିଥିଲେ। ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଧ୍ରୁବ ସାହୁଙ୍କ ସ୍ଲୋଗାନରେ ଅନ୍ୟ ସଦସ୍ୟମାନେ ତାଳ ମିଳାଇଥିଲେ। କଂଗ୍ରେସ ସଦସ୍ୟମାନେ ମଧ୍ୟ ଗୃହ ମଧ୍ୟଭାଗକୁ ଆସି ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସ୍ଲୋଗାନ ଦେଇ ଗୃହ କମ୍ପାଇଥିଲେ। ହୋହାଲ୍ଲା ମଧ୍ୟରେ ପ୍ରଶ୍ନକାଳରେ ବିଜେପି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ବିଧାୟିକା ଉପାସନା ମହାପାତ୍ରଙ୍କ ପ୍ରଶ୍ନର ଉତ୍ତର ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ରଖିଥିଲେ ମଧ୍ୟ ବିରୋଧୀଙ୍କ ହୋହାଲ୍ଲା ମଧ୍ୟରେ ଏହା ସ୍ପଷ୍ଟ ଶୁଣାଯାଇ ପାରିଲା ନାହିଁ। ଫଳରେ ବାଚସ୍ପତି ସୁରମା ପାଢ଼ୀ ପ୍ରଥମେ ଗୃହକୁ ୧୦ ଟା ୪୪ ରୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବି ରଖିଥିଲେ।

୧୧ ଟା ୩୦ ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୁଣି ଥରେ ବିରୋଧୀ ହଟ୍ଟଗୋଳ ଜାରି ରଖିଥିଲେ। ଶୂନ୍ୟକାଳରେ ବିଜେପି ବିଧାୟକ ସନତ ଗଡତିଆ ଓ ପ୍ରତାପ ଚନ୍ଦ୍ର ନାୟକ ନିଜ ନିର୍ବାଚନ ମଣ୍ଡଳୀ ସମସ୍ୟା ସମ୍ପର୍କରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ପୁଣି ବାଚସ୍ପତି ଗୃହକୁ ୧୧ ଟା ୩୬ରୁ ୧୨ ଟା ୩୦ ପର୍ଯ୍ୟନ୍ତ ମୁଲତବି କରି ସର୍ବଦଳୀୟ ବୈଠକ ଡାକିଥିଲେ। ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜୟ ନାରାୟଣ ମିଶ୍ର ଓ ପ୍ରତାପ ଦେବ ବୈଠକରେ ଯୋଗ ଦେଇଥିଲେ ହେଁ ଏଥିରେ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା।

ଏ ସମ୍ପର୍କରେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ଏସ୍‌ସିବି ମେଡିକାଲ କଲେଜ ଅଘଟଣ କେବଳ ଏକ ଅଘଟଣ ନୁହେଁ। ଏହା ଏକ ବ୍ୟବସ୍ଥାର ମୃତ୍ୟୁକୁ ଦର୍ଶାଉଛି। ସେଥିପାଇଁ ବିଜେଡି ସ୍ୱାସ୍ଥ୍ୟ ବିଭାଗର ମୃତ୍ୟୁ ଶୋଭାଯାତ୍ରା ବାହାର କରିଥିଲା। ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ସରକାରଙ୍କୁ ଚେତେଇ ଦେବା ଉଦ୍ଦେଶ୍ୟରେ ଏହା ହୋଇଥିଲା; କିନ୍ତୁ ଆଜି ପର୍ଯ୍ୟନ୍ତ ସରକାର ଗୋଟିଏ ବି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ। ବିଜେଡି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନୀତି ନୈତିକତା ଓ ତାଙ୍କର ଉତ୍ତରଦାୟିତ୍ୱ ଉପରେ ପ୍ରଶ୍ନ ଉଠାଉଛି। ହେଲେ ଏସ୍‌ସିବିରେ ଥିବା ଇନ୍‌ଚାର୍ଜ ଅଧୀକ୍ଷକଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କ ଜୁ ପାଉ ନାହିଁ। ଶୁଣାଯାଉଛି ସମ୍ପୃକ୍ତ ଇନ୍‌ଚାର୍ଜ ଅଧୀକ୍ଷକ ସେଠି ଛାୟା ସରକାର ଚଳାଇଥିଲେ। ଜିଲ୍ଲାରେ କିଏ ଜିଲ୍ଲାପାଳ ହେବ, କିଏ ପିଡି ହେବ ସେ ଡିଲ୍ କରୁଥିଲେ। ଏହା ସହ ଆହୁରି କିଛି ମଧ୍ୟସ୍ଥତାରେ ସେ ନିୟୋଜିତ ଥିଲେ। ତେଣୁ ସରକାର ଓ ପୂରା ବ୍ୟବସ୍ଥା ତାଙ୍କୁ ବଞ୍ଚାଇବା ପାଇଁ ଲାଗି ପଡ଼ିଛି। ଯେଉଁମାନଙ୍କର ଯୋଗ୍ୟତା ନାହିଁ, ସେହିଭଳି କନିଷ୍ଠ ଅଧିକାରୀଙ୍କୁ ରଖାଯାଉଛି। ତାଙ୍କ ଜରିଆରେ ଅନୈତିକ କାର୍ଯ୍ୟ କରାଯାଉଛି। ଯେତେବେଳେ କିଛି ଅଘଟଣ ଘଟୁଛି, ତାଙ୍କୁ ମଧ୍ୟ ବଞ୍ଚାଇବା ପାଇଁ ଉଦ୍ୟମ ହେଉଛି। ଯଦି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲେ ସେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସରକାରଙ୍କ ମୁଖା ଖୋଲି ଦେବାର ଆଶଙ୍କା ରହୁଥିବାରୁ ତାଙ୍କୁ ସୁରକ୍ଷା ଦିଆଯାଉଛି ବୋଲି ଶ୍ରୀ ଦାସ ଅଭିଯୋଗ କରିଛନ୍ତି।

## ବିଦ୍ୟୁତ ଆଘାତରେ...

ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଆଜି ସେମାନେ ଲୁହା ଗ୍ରୀଲ ଫିଟିଂ କରୁଥିବା ବେଳେ ଗ୍ରୀଲଟି ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ଉକ୍ତ ଗ୍ରୀଲକୁ ଧରିଥିବା ଅନନ୍ତ ଓ ତାଙ୍କ ପତ୍ନୀ ସୁମିତ୍ରା ଗୁରୁତର ଆହତ ହୋଇଥିଲେ। ଦୁହିଁଙ୍କୁ ଏନ୍‌ଟିପିସି ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଦମ୍ପତିଙ୍କୁ ମୃତ ଘୋଷଣା କରିଥିଲେ। ସେମାନଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟ ଜଣେ ଆହତ ହୋଇଥିବା ସୂଚନା ମିଳିଛି।


**OFFICE OF THE MUNICIPAL COUNCIL, KEONJHARGARH**
At/P.O.-Keonjhargarh, Dist.-Keonjhar, Odisha, Pin-758001
Phone/Fax: (06766) 255413, E-mail: keonjharm.hud@rediffmail.com

**REQUEST FOR PROPOSAL (RFP)** 13001/774/2526

RFP No: 5214, Date: 20.03.2026

The Executive Officer, Keonjhargarh Municipality on behalf of Keonjhargarh Municipal Council invites sealed proposal from eligible bidders under the process for "Selection of Agency for Implementation of Automated Smart Toilet Systems including Supply, Installation, Integration, Commissioning, operation & maintenance of automation and monitoring systems, along with construction of all civil works including Septic Tank, Soak Pit etc., all Electrical, Water Supply and Sanitary works over the selected site as identified by the undersigned in Keonjhargarh Municipality area." The RFP documents, Terms and Conditions can be obtained from the office website keonjhargarhmc.in from 25.03.2026 to 09.04.2026 on payment of Rs.10,000/- (Rupees Ten Thousand only) (Non-refundable) through Demand Draft / Bankers Cheque drawn in favour of Executive Officer, Keonjhargarh Municipality, Keonjhar payable at "Keonjhar". The proposal accompanied with all documents as specified in the RFP Document and EMD of Rs.1,00,000/- (Rupees One Lakh only) in shape of DD / Postal Deposit / Bankers Cheque / FD / Term Deposit Receipt (TDR) duly pledged in favour of Executive Officer, Keonjhargarh Municipality from any nationalized scheduled bank / Post Office will be received through Speed Post / Registered Post (India Post) from Dt. 25.03.2026 (10.00 AM) to Dt. 13.04.2026 (11.00 AM) The technical bid will be opened on the same day at 12.30 PM in the Office of the Executive Officer, Keonjhargarh Municipality in presence of the bidder or their authorized representative.Representatives of the bidders may attend the meeting with due authorization letter on behalf of the bidder. The undersigned shall not be responsible for postal delay or any consequences. Submission of proposal through any other mode will not be accepted.The authority reserves the right to reject any or all bids without assigning any reason thereof.

OIPR-13001/13115/1/25-26/0004
Executive Officer
Keonjhargarh Municipality



**AFFIDAVIT**
I, Sunil shah, aged about 48 years, S/o- Late Kishor Shah, resident of At - Nandaram Nagar, Jonk, Ward No-8, Po- Khariar Road, Ps- Jonk, Dist-Nuapada, PIN-766104, Odisha declared by this affidavit No. 576, dtd- 20/03/2026 that now onwards I shall be known as **SUNIL KUMAR SHAH** for all future purposes.

**AFFIDAVIT**
I, Amit shah, aged about 49 years, S/o- Late Kishor Shah, resident of At- Nandaram Nagar, Jonk, Ward No-8, Po- Khariar Road, Ps- Jonk, Dist- Nuapada, Odisha, PIN-766104, Odisha declared by this affidavit No. 577, dtd- 20/03/2026 that now onwards I shall be known as **AMIT KUMAR SHAH** for all future purposes.

**ସର୍ବସାଧାରଣଙ୍କ ଅବଗତି ନିମନ୍ତେ**
**ବିକ୍ରୟ ଦଲିଲ ହଜିଛି**

ଏତଦ୍ଦ୍ୱାରା ସାଧାରଣ ଲୋକଙ୍କୁ ଜଣାଇ ଦିଆଯାଉଛି ଯେ, ମୂଳ ବିକ୍ରୟ ଦଲିଲ ସଂଖ୍ୟା ୧୦୩୯୧୮୦୩୦୬୦, ତାରିଖ ୧୬.୦୫.୨୦୧୮ କଟକ ଉପ-ପଞ୍ଜିକରଣ କାର୍ଯ୍ୟାଳୟ (SRO) ରେ, ଶ୍ରୀ ସମର ମହାନ୍ତି ଓ ଅନ୍ୟମାନଙ୍କ ଦ୍ୱାରା ସେଣ୍ଟ ଜାଭିୟର୍ସ ହାଇସ୍କୁଲ, କଟକଙ୍କ ପକ୍ଷରେ କରାଯାଇଥିବା, ପ୍ରାୟ ଏକର ୦.୨୦ ଡେସିମିଲ ଜମି ସମ୍ବନ୍ଧୀୟ ଯାହାର ମୂଲ୍ୟ ଟଙ୍କା ୩୩,୦୦,୦୦୦/- ଅଟେ। ଉକ୍ତ ଦଲିଲଟି ୧୧.୧୦.୨୦୨୩ ତାରିଖରେ କଟକ ମହାନଗର ନିଗମ ନିକଟରେ ହଜିଯାଇଛି। ଏହା ସଂକ୍ରାନ୍ତରେ ଏକ ଏତଲା କଟକ ସଦର ଥାନାରେ ପଞ୍ଜୀକୃତ କରାଯାଇଛି।
ଯଦି କେହି ଏହି ଦଲିଲ ଟି ପାଇଥାନ୍ତି କିମ୍ବା ଏହା ସମ୍ବନ୍ଧରେ କୌଣସି ଦାବି ରଖନ୍ତି, ଦୟାକରି ଏହି ନୋଟିସ୍ ପ୍ରକାଶ ତାରିଖରୁ ୭ ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ସମ୍ପର୍କ କରନ୍ତୁ।
ସ୍ୱା/- ସମୀର ମହାନ୍ତି
ମୁଖ୍ୟ ପରିଚାଳନା ଟ୍ରଷ୍ଟି, ସେଣ୍ଟ ଜାଭିୟର୍ସ ଏଜୁକେଶନାଲ୍ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ
ଠିକଣା: ମହିମା ନଗର, ମଙ୍ଗଳା ମନ୍ଦିର ନିକଟରେ, କଟକ – ୭୫୩୦୦୪
ମୋବାଇଲ ନଂ-୮୮୯୫୬୧୩୬୦୨

**THE ASKA CO-OPERATIVE SUGAR INDUSTRIES LTD**
P.O.: Nuagam, (Aska) 761111, Dist. Ganjam, Odisha State
Ph: 06822-273464, 273465, 273737 Fax: 06822-273023
e-mail: askasugar@yahoo.co.in

**EXTENTION IN TENDER CALL NOTICE**
Tender bid on "Preparation of Action plan as per recommendation in Safety Audit Report (Aska co-operative sugar industries ltd, Aska)" receipt date vide short tender call notice No. Engg.2642 dated 12/03/2026 is herewith extended for eleven days i.e. last date of receipt of new tender rescheduled on 03/04/2026 (5PM) & same will be opened by 04/04/2026 at (11:30 AM) in tender committee at conference hall. Tenderer already applied need not to apply further. Any corrigendum will be published in our website only (www.askasugar.com).
Managing Director
A.C.S.S.I. Ltd. Aska

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍ କଟକ-୧୨
13001/763/2526
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-13 ରେ ପ୍ଲଟ୍ ନଂ-13-3E/1111 ଟିକୁ ଶ୍ରୀ ପ୍ରଦୀପ କୁମାର ଯୋଶୀ, ପିତା-ପ୍ରଭାତ କୁମାର ଯୋଶୀ, ସା- ଶିବେଶ୍ୱର ସାହି, ପୋ- ତୁଳସୀପୁର, ଥା-ଲାଲବାଗ, କଟକ ସଦର, ଜିଲ୍ଲା-କଟକ-୭୫୩୦୦୮ ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ପ୍ରଦୀପ କୁମାର ଯୋଶୀ ଉକ୍ତ ପ୍ଲଟ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସ୍ୱାଗତା ବଲ୍ଲଭୀ ଚୌଧୁରୀ, ପିତା- ଶ୍ରୀ ଗଗନ ବିହାରୀ ପରିଡା, ସ୍ୱାମୀ- ଶ୍ରୀ ନିବାରଣ ଲେଙ୍କା, ସା-ପାଣ୍ଡକସ୍ତା, ପୋ-ବୋରିକ୍ଷି, ଭାୟା- ରାହାମା, ଥା-କୁଜଙ୍ଗ, ଜିଲ୍ଲା-ଜଗତସିଂହପୁର-୭୫୪୧୪୦ ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
**ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)**
OIPR-13001/13037/1/25-26/0086

**OFFICE OF THE SUPERINTENDING ENGINEER**
**UI RIGHT CANAL DIVISION NO.I,**
**MUKHIGUDA, KALAHANDI, ODISHA**
e-mail: eeuircd1@gmail.com
32001/243/2526
**QUOTATION CALL NOTICE NO-SE,RCD-I-01 (01-04)/2026-27, Dt-19.03.2026**
**FOR HIRING VEHICLE**
Sealed quotations are invited from interested reputed travel agencies/tour operators or private individuals for providing 04 (Four) nos. of Diesel driven vehicle (TUV300/Bolero/Sumo Gold/Ertiga) for office use in the following offices on monthly rent basis.
1. Office of the Chief Construction Engineer, UIP Mukhiguda, Dist- Kalahandi.
2. Office of the Superintending Engineer, UI Right Canal Division-No.I, Mukhiguda, Dist- Kalahandi.
3. Office of the Sub-Divisional Officer, UI Right Canal Sub-Division-No.I & II, Mukhiguda and Kalampur, Dist- Kalahandi.
4. Office of the Sub-Divisional Officer, UI Right Canal Sub-Division-No.III & IV, Chiliguda and Junagarh, Dist- Kalahandi.
The quotation booklets will be available in the office of the Superintending Engineer, UI Right Canal Division No.I, Mukhiguda, office of the S.D.O, UI Right Canal Sub-Division No-II, Kalampur and in the office of the S.D.O, UI Right Canal Sub-Division No-IV, Junagarh, from 24.03.2026 to 04.04.2026 during office hours up to 4.00 PM on payment of Rs.100/- (Rupees one hundred) only in shape of e-challan in favour of the FA & CAO, UIP, Mukhiguda.
The quotations shall be opened on 04.04.2026 at 04.30 PM in the office of the undersigned.
Further details can be obtained from the quotation booklets.
Superintending Engineer
Right Canal Divn. No.I
Mukhiguda: Kalahandi
OIPR-32001/32193/1/25-26/0002

ମାନ୍ୟବର, ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ କ୍ରମିକ ନମ୍ବର-୩, ଶ୍ରୀଯୁକ୍ତ ପ୍ରବୀର କୁମାର ନାୟକ, ଓ.ଏ.ଏସ (ଏସ.ଏ,ଜି) ମାନ୍ୟବର ରାଜସ୍ୱ ପର୍ଷଦ, ଓଡ଼ିଶା ଅଧିନେ ଅଦାଲତଙ୍କ କାର୍ଯ୍ୟାଳୟ ବିଭାଗୀୟ ମୁଖ୍ୟ, ମହଲା ନମ୍ବର-୪ଏଚ.ଓ.ଡ଼ି ବିଲ୍‌ଡିଙ୍ଗ, ଭୁବନେଶ୍ୱର।
ଓ.ଏସ.ଏସ କେଶ ନମ୍ବର- ୧୧୫୫/୨୦୨୨
ଶ୍ରୀ ପ୍ରଣବ କୁମାର ମହାନ୍ତି ........................ ବାଦି ବା ଦରଖାସ୍ତ କାରୀ
ବନାମ
ବାଳି ଦେଇ ଏବଂ ଅନ୍ୟମାନେ ........................ ପ୍ରତିବାଦୀ
ଇସ୍ତାହାର ଦେୱାନୀ କାର୍ଯ୍ୟବିଧି ସଂହିତା ଆଦେଶ ନମ୍ବର ୫ ଏବଂ ନିୟମ ୨୦(୧-କ) ଏବଂ ତଦସହ ଆଦେଶ ନମ୍ବର ୨୨ ନିୟମ ନମ୍ବର ୪କ ଅଧିନିୟମ ୨କ ଦ୍ୱାରା ଦୈନିକ ଖବର କାଗଜ ଦ୍ୱାରା ଇସ୍ତାହାର ମାଧ୍ୟମରେ ସୂଚନା ଦିଆଯାଉଛି।
ଉପରଲିଖିତ ରିଭିଜନ ମକଦ୍ଦମା ଟି ଓଡ଼ିଶା ଭୂ ବନ୍ଦୋବସ୍ତ ଆଇନ ଧାରା ୧୫(ଖ) ଆବଶ୍ୟ ୨୪/୦୩/୨୦୨୬ ରିଖ ଧାର୍ଯ୍ୟ କରାଯାଇ ଅଛି କି ନିମ୍ନ ଲିଖିତ ଭୂ ସମ୍ପତ୍ତି କୁ ବାଦୀ ଙ୍କ ନାମରେ ପଟ୍ଟା ପ୍ରାପ୍ତକରିବା ପାଇଁ, ପ୍ରକାଶ ଥାଉ ନିମ୍ନବର୍ଣ୍ଣିତ ପ୍ରତିବାଦୀ ନମ୍ବର-
(୧) ବାଳି ଦେଇ, ସ୍ୱାମୀ- ସ୍ୱର୍ଗତ ପଦାନ ପାତ୍ର, ଗ୍ରାମ-ଜଗନ୍ନାଥ ପ୍ରସାଦ, ପୋଷ୍ଟ-ଅଣ୍ଡାଗୁଆ, ଥାନା-ବଳକା, ଜିଲ୍ଲା- ଖୋର୍ଦ୍ଧା
(୨) ସଜନୀ ଦେଇ, ସ୍ୱାମୀ-ପର୍ଶୁରାମ ଜେନା, ସ୍ୱାମୀ- ସ୍ୱର୍ଗତ ପଦାନ ପାତ୍ର, ଗ୍ରାମ- ପଙ୍ଗାପାଟଣା, ପୋଷ୍ଟ/ଥାନା- ବଳକା, ଜିଲ୍ଲା- ଖୋର୍ଦ୍ଧା
(୩) ମଦନ ପାତ୍ର, ପିତା- ଶ୍ୟାମ ପାତ୍ର, ଗ୍ରାମ-ଜଗନ୍ନାଥ ପ୍ରସାଦ, ପୋଷ୍ଟ-ଅଣ୍ଡାଗୁଆ, ଥାନା-ବଳକା, ଜିଲ୍ଲା- ଖୋର୍ଦ୍ଧା ଅଟେ।
ଦୁର୍ଭାଗ୍ୟ ବଶତଃ ଅଦ୍ୟ ଉପରଲିଖିତ ପ୍ରତିବାଦୀ ନମ୍ବର ୧ ଇଲାୟାତ ଶୀଙ୍କ ଦେହାନ୍ତ ହେତୁ ସେମାନଙ୍କର ଉତ୍ତରାଧିକାରୀ କିମ୍ବା ଆଇନ ମତେ ସେମାନଙ୍କର ତରଫରୁ ଉପଯୁକ୍ତ ବ୍ୟକ୍ତି ଙ୍କର କୌଣସି ଠିକଣା କିମ୍ବା ସୂଚନା ମିଳିନଥିବାରୁ ତଦ ସହ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ନୋଟିସ ଟି ପ୍ରେରଣ ହୋଇପାରିନଥିବାରୁ ଏହା ଦୈନିକ ଖବର କାଗଜ ମାଧ୍ୟମରେ ସୂଚନା ଦିଆଯାଉଛି କି ଉପରଲିଖିତ ରିଭିଜନ ମକଦ୍ଦମା ଟି ଉପରଲିଖିତ ଧାର୍ଯ୍ୟ ତାରିଖରେ ବିଚାର ନିମନ୍ତେ ଅପରାହ୍ନ ୩.୩୦ ଘଟିକା ସମୟରେ ମାନ୍ୟବର ଅଦାଲତ ରେ ଉପରଲିଖିତ ପ୍ରତିବାଦୀ ୧ ଇଲାୟାତ ଶୀ ମାନଙ୍କ ଆଇନ ମତେ ତାଙ୍କ ପକ୍ଷ ରଖିବା ପାଇଁ ଉତ୍ତରାଧିକାରୀ କିମ୍ବା ଆଇନ ପ୍ରଦତ୍ତ ଅଧିକାରୀ କିମ୍ବା ଅଧିବକ୍ତା ଉପରଲିଖିତ ଧାର୍ଯ୍ୟ ତାରିଖରେ ମାନ୍ୟବର ଅଦାଲତ ଙ୍କ ନିକଟରେ ହାଜର ହୋଇ ତାଙ୍କ ପକ୍ଷ ଉପସ୍ଥାପନ କରିବେ।
**ତଫସିଲି ବର୍ଣ୍ଣିତ ଭୂ ସମ୍ପତ୍ତି ର ବିବରଣୀ**
ଜିଲ୍ଲା- ଖୋର୍ଦ୍ଧା, ତହସିଲଦାର ଭୁବନେଶ୍ୱର ଅଧିନେ ମୌଜା- ଅଣ୍ଡାଗୁଆ, ଥାନା- ବଳକା ନଂ-୪୪, ସାବିକ ସାନ ୧୯୬୨ ର ପ୍ଲଟ ନଂ- ୨୨୬୧, ସାବିକ- ଖାତା ନଂ- ୩୧୮, ଆଦ୍ୟ ବାଦୀ ଙ୍କ କ୍ରୟ ରକବା ଯାହାର ସମ୍ପୂର୍ଣ୍ଣ ରକବା ଏ.ସି. ୦.୫୬୫ ଡିସିମିଲି ସୁଧାରୁ ଏ.ସି. ୦.୦୫୦ ଡିସିମିଲି ଅଟେ ଯାହାର ଚଳିତ ବନ୍ଦୋବସ୍ତ ର ହାଲ ପ୍ଲଟ ନଂ- ୩୫୦୮, ଏ.ସି. ୦.୦୫୦ ଡିସିମିଲି, କିସମ-ବାଗାୟତ-୨, ହାଲ ଖାତା ନଂ- ୧୦୬୪ ଅଟେ।
ଯଦି ଉକ୍ତ ଧାର୍ଯ୍ୟ ତାରିଖ ରେ କେହି ଅନୁପସ୍ଥିତ ରୁହନ୍ତି ତେବେ ଆଇନ ମତେ ଉକ୍ତ ରିଭିଜନ ମକଦ୍ଦମାକୁ ସେମାନଙ୍କ ଅନୁପସ୍ଥିତ ବିଚାର କରାଯିବ ଏବଂ ବିହିତ ଆଦେଶ ପ୍ରଦାନ କରାଯିବ।
ସ୍ଥାନ: ଭୁବନେଶ୍ୱର
ତାରିଖ: ୦୩/୦୨/୨୦୨୬
ମାନ୍ୟବର, ଅତିରିକ୍ତ ଆୟୁକ୍ତ ଙ୍କ ଅଦାଲତ
କ୍ରମିକ ନଂ- ୩ ଙ୍କ ଆଦେଶ କ୍ରମେ

**AFFIDAVIT**
By virtue of an affidavit no. 633 sworn before the Executive Magistrate, Phulbani, dated 23.03.2026, I, Dayanidhi Kanhar, resident of At-Migunpadar, Po-Sule, Ps-Phiringia, Dist-Kandhamal, Odisha – 762011, do hereby declare that I have changed my name from Daya Kanhar to Dayanidhi Kanhar. Henceforth, I shall be known as **Dayanidhi Kanhar** for all purposes.

**AFFIDAVIT**
By virtue of an affidavit no. 632 sworn before the Executive Magistrate, Phulbani, dated 23.03.2026, I, Pitabas Kanhar, resident of At-Similiasahi, Po-Phiringia, Dist-Kandhamal, Odisha – 762011, do hereby declare that I have changed the name of my minor son from **Atish Kanhar to Hardip Kanhar.** Henceforth, he shall be known as **Hardip Kanhar** for all purposes.
**Sd/- Pitabas Kanhar**

**AFFIDAVIT**
By virtue of an affidavit CF No. 15 before the Executive Magistrate, Bhubaneswar, dated 18.02.2026, I, Dhirendra Maharana, resident of At-Gadahuma, P.O.-Huma, P.S.-Rambha, Dist-Ganjam, Odisha – 761027, do hereby declare that I have changed my name from Bhikari Maharana to Dhirendra Maharana. Henceforth, I shall be known as **Dhirendra Maharana** for all purposes.
**Sd/- Dhirendra Maharana**

**AFFIDAVIT**
By virtue of an affidavit sworn before Executive Magistrate, Tangi-Choudwar, Jagatpur dated 20.03.2026, I Jayanti Sidu resident of Vill -Biswanahakani, P.o-Garudagaon,Ps-Tangi,Dist-Cuttack, Odisha, Pin-754022 declare that I have changed the name of my minor daughter from **Rashmita Sidu to Sashmita Sidu.** Henceforth, She shall be known as **Sashmita Sidu** for all purposes.
**Sd-Jayanti Sidu**

**AFFIDAVIT**
By virtue of an affidavit before the Executive Magistrate, Kodinga, dated 23.03.2026, I, Kamalchan Bhatra, Vill: Chelipadar, Po/Ps: Kosagumuda, Dist: Nabarangpur declare that my name is correct name is Kamalchan Bhatra as per my Aadhaar & Voter ID. But in my SBI account my name has been wrongly recorded as Kamalachan Nayak. That **Kamalchan Bhatra & Kamalachan Nayak** is one & the same person. Henceforth I shall be known as **Kamalchan Bhatra** for all purposes.

**AFFIDAVIT**
I, Kiranbai Jain, aged about 43 years, W/o- Mukesh Kumar Agrawal, resident of Kesinga, Po- Kesinga, Ps- Kesinga, Dist- Kalahandi, Odisha, Pin- 766012, do hereby declare by this affidavit No.621, dtd- 23/03/2026, that now onwards I shall be known as **KIRAN AGRAWAL** for all future purposes.

**AFFIDAVIT**
By virtue of an affidavit No. 420, sworn before the Executive Magistrate, Dasarathpur on dtd-19/03/2026. I, **Kuina Mallick**, aged 39 years, W/o- Ajay Kumar Mallick, resident of Village: Dihudisahi, Po: Ardaulia, Ps: Mangalpur, Dist: Jajpur, Odisha, My actual name is **Kuina Mallick**, W/o- Ajay Kumar Mallick which has been recorded in my Aadhar Card No: 6305 5630 5926 & S/B Account No, but in the LIC Policy No: 598194795 my name has been recorded wrongly as Kuij Malik, W/o- Ajay Ku Malik. Henceforth, **Kuina Mallick**, W/o- Ajay Kumar Mallick & **Kuij Malik**, W/o- Ajay Ku Malik is one and same person for all future purposes.

**AFFIDAVIT**
By Virtue of an affidavit sworn before Notary Public, Koraput, Affidavit no.527, dtd.**19.03.2026**. I, **TUSHARA KANTA DAS**, S/o-Late Sricharan Das, Address : At/PO- Arabal, Via- Brahamabarada P.S.- Dharmasala, Dist- Jajpur, Odisha, PIN-755005 declare that my name has been mentioned in all my certificates including my Aadhar card as Tushara Kanta Das. I further swear on oath that, in the Birth certificate and 10th CBSE Board certificate of my daughter Ms. Subhashree Priyadarshini Das, my name has been mentioned as Tusharkanta Das and in the Aadhar Card of my daughter my name has been written as Tushara Kanta Das. I declare on oath that, the names **TUSHARA KANTA DAS** and **TUSHARKANTA DAS** both pertains to my names and both the names belongs to one and the same person.

# ୮୬ଟି ଅଭିଯୋଗର ଶୁଣାଣି କଲେ ଅତିରିକ୍ତ ଜିଲ୍ଲାପାଳ

ଗୁଣପୁର,୨୩।୩(ସମିସ): ଗୁଣୁପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଆରକ୍ଷୀ ଅଧିକ୍ଷକ ସ୍ୱାଥ୍ ଏସ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲିପ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନୀ ଦେବୀ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୮୬ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ସେଥିରୁ ୫୩ଟି ବ୍ୟକ୍ତିଗତ, ୩୩ଟି ସାମୂହିକ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ସମସ୍ତ ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିବା ପରେ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶିବିରରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମହାଦେବ ଚିଟ୍ଟୁଆନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ, ଏସିଏଫ ସଂଜୀବ କୁମାର ପୃଷ୍ଟି, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଲୋକନାଥ ଯାଦବ, ରାସ୍ତା କୋଠାବାଡ଼ି ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାତ୍ର, ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ ବିଭାଗ ସୁନୀଲ କୁମାର ରାଉତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ଗୁଣପୁର ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଗୁଣପୁର ଅତିରିକ୍ତ ତହସିଲଦାର ଗୟା ଡମ୍ବରୁ ଧର ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଅତିରିକ୍ତ ତହସିଲଦାର ଲିପ୍ସା କହଁର, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀ, ଆଦର୍ଶ ଥାନା ଅଧିକାରୀ କେକେବିକେ କହଁରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଜନଶୁଣାଣି ଶିବିର



ନବରଙ୍ଗପୁର,୨୩।୩(ସମିସ): ସୋମବାର ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡ଼କର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ନବରଙ୍ଗପୁର ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୨୯ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୨୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୭ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ରହିଥିଲା। ୨ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା। ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ୭ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ଯୋଜନା ସହାୟତା କାର୍ଡ ପ୍ରଦାନ କରାଯାଇଥିଲା। ବିଭିନ୍ନ କାରଣରୁ ଅଙ୍ଗହୀନ ହୋଇଥିବା ୨ ଜଣ ଦିବ୍ୟାଙ୍ଗଙ୍କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମାପ ନିଆଯାଇଥିଲା। ସେଭଳି ବିଭିନ୍ନ କାରଣରୁ ଆହତ ଏବଂ ଅକ୍ଷମ ୧୦ଜଣ ରୋଗୀଙ୍କୁ ଉତ୍ତମ ଶାରୀରିକ ଚିକିତ୍ସା ନିମନ୍ତେ ଉନ୍ନତ ପୁନର୍ବାସ କେନ୍ଦ୍ରରେ ଯନ୍ତ୍ରଣା ଉପଶମ ଓ ଚିକିତ୍ସା ପାଇଁ ପଦକ୍ଷେପ ନିଆଯାଇଥିଲା।

● ଜିଲ୍ଲାପାଳଙ୍କ ଜନଶୁଣାଣି

# ୮୦ ଆବେଦନରୁ ବହୁ ସମସ୍ୟାର ତୁରନ୍ତ ସମାଧାନ



ମାଲକାନଗିରି, ୨୩।୩(ସମିସ): ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଏବଂ ସରକାରୀ ସେବାକୁ ଲୋକଙ୍କ ନିକଟତର କରିବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ କମାରପଲ୍ଲୀ ଗ୍ରାମ ପଞ୍ଚାୟତ ପରିସରରେ ଆଜି ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ଶିବିରରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଜନ ସାଧାରଣଙ୍କ ଅଭିଯୋଗ ଶୁଣି ଥିବା ବେଳେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍. ଏବଂ ବନଖଣ୍ଡ ଅଧିକାରୀ ସାଇ କିରଣଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଶିବିରରେ ମୋଟ ୮୦ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ୫୦ଟି ସାମୂହିକ ବା ଗ୍ରାମ୍ୟ ସମସ୍ୟା ହୋଇଥିବା ବେଳେ ୨୮ଟି ବ୍ୟକ୍ତିଗତ ସମସ୍ୟା ରହିଥିଲା। ଏକାଧିକ ସମସ୍ୟାର ତୁରନ୍ତ ସମାଧାନ କରାଯିବା ସହ ବଳକା ଆବେଦନଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମ୍ପର୍ନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ଜଣ ଗୁରୁତର ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶିବିରରେ ମୁଖ୍ୟତଃ ଜମିବାଡ଼ି ବିବାଦ, ରାସନ କାର୍ଡ ପ୍ରଦାନ, ବାର୍ଦ୍ଧକ୍ୟ ଭତ୍ତା, ପାନୀୟ ଜଳ ସଙ୍କଟ ଓ ପରିବହନ ଭଳି ମୌଳିକ ସମସ୍ୟାକୁ ନେଇ ଅଞ୍ଚଳବାସୀ ନିଜର ଦାବି ଉପସ୍ଥାପନ କରିଥିଲେ। ପ୍ରଶାସନର ଏଭଳି ପ୍ରୟାସ ଦ୍ୱାରା ଦୂରଦୂରାନ୍ତରେ ରହୁଥିବା ଗ୍ରାମବାସୀ ଉପକୃତ ହେବା ସହ ସରକାରୀ ଯୋଜନାର ସଫଳ ରୂପାୟନ ସମ୍ଭବ ହୋଇପାରୁଛି।

# କେଜିବିଭି ହଷ୍ଟେଲରେ ବଢୁଛି ପାଣି ସମସ୍ୟା

କୁନ୍ଦୁରା, ୨୩।୩(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଡଙ୍ଗରପାଉଁଶି ପଞ୍ଚାୟତ ଭେଜାହାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲାଗି ରହିଛି ପିଇବା ପାଣି ସମସ୍ୟା। ସ୍କୁଲରେ ବାଲ ବଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୭୩ ଛାତଛାତ୍ରୀ ରହିଛନ୍ତି। କେଜିବିଭି ହଷ୍ଟେଲ ଏବଂ ସ୍କୁଲରେ ରହିଛି ପାଣି ସମସ୍ୟା। କେଜିବିଭିରେ ଥିବା ନଳକୂପରେ ପାଇପ ଜଳ ଯୋଗାଣ ସଂଯୋଗ ଦିଆଯାଇ ହଷ୍ଟେଲ ଓ ସ୍କୁଲକୁ ପାଣି ଯୋଗାଣ ହେଉଛି। ସ୍କୁଲ ପାଇଁ ରହିଛି ଏକ ବହୁ ପୁରୁଣା ନଳକୂପ ଯାହାକି ଜୁଲାଇରୁ ସେପ୍ଟେମ୍ବର ତିନି ମାସ ପାଣି ରହୁଛି ଅନ୍ୟ ଦିନମାନଙ୍କରେ ନିଅଣ୍ଟ ପଡୁଛି । ପାଣିସ୍ତର କମିଗଲେ ଗଳିଆ ପାଣି ବାହାରୁଛି।ହଷ୍ଟେଲରେ ଦୁଇବେଳା ରୋଷେଇ ଓ ସ୍କୁଲରେ ରୋଷେଇ ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ପାଣି ବ୍ୟବହାର ହେଉଥିବାରୁ ହଷ୍ଟେଲର ନଳକୂପରେ ମଧ୍ୟ ପାଣି ନିଅଣ୍ଟ ପଡୁଛି ଓ ନୂତନ ନଳକୂପ ଯୋଗାଣ ନିମନ୍ତେ ପଞ୍ଚାୟତ ଅଭିଯୋଗ ଶୁଣାଣୀ ଠାରୁ ବ୍ଲକ ପର୍ଯ୍ୟନ୍ତ ବହୁବାର ଲିଖିତ ଅଭିଯୋଗ ହେଲାଣି ତଥାପି ସୁଫଳ ମିଳୁନାହିଁ ଓ ୧୯୨୮ ମସିହାରେ ସ୍ଥାପିତ ହୋଇଛି ଏହି ସ୍କୁଲ,ଆସନ୍ତା ୨୦୨୮ ରେ ଏହି ସ୍କୁଲକୁ ୧୦୦ ବର୍ଷ ପୂର୍ତ୍ତି ହେବ କିନ୍ତୁ ପିଇବା ପାଣି ସମସ୍ୟା ଦୂର ହୋଇପାରୁ ନାହିଁ । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନୂତନ ନଳକୂପ ଖନନ ଦିଗରେ ପଦକ୍ଷେପ ନେବାକୁ ସ୍କୁଲ ପକ୍ଷରୁ ନିବେଦନ କରାଯାଇଛି। ଏ ନେଇ ପିଇଓ ଗୌରାଙ୍ଗ ଚରଣ ମାଝୀଙ୍କୁ ପଚାରିବାରୁ ସେଠାରେ ଥିବା ପାଣି ସମସ୍ୟା ବିଷୟରେ ସେ ଅବଗତ ଅଛନ୍ତି। ସ୍କୁଲ ପାଇଁ ଏକ ନୂତନ ନଳକୂପର ବହୁ ଆବଶ୍ୟକତା ରହିଛି କ୍ଷ ବର୍ତ୍ତମାନ ନଳକୂପ ଯୋଗାଣ ନିମନ୍ତେ କିଛି ଯୋଜନା ନାହିଁ। ଚଳିତ ବର୍ଷ ବାର୍ଷିକ ଯୋଜନାରେ ପ୍ରସ୍ତାବ ଦିଆଯିବ ଓ ମଞ୍ଜୁର ହେବା ପରେ ଖନନ କରାଯିବ ବୋଲି କହିଛନ୍ତି

# 'କୋଟ୍‌ସ' ପକ୍ଷରୁ ଭତରା ଜନଜାତି ସମ୍ପର୍କିତ ଆଲୋଚନାଚକ୍ର



ନବରଙ୍ଗପୁର,୨୨।୩(ସମିସ): ଓଡିଶାର କେବିକେ ଅଞ୍ଚଳର ଭତରା ଲୋକଙ୍କ ଦେବତା, ରୀତିନୀତି, ଏବଂ ପର୍ବପର୍ବାଣୀ ଉପରେ କୋରାପୁଟସ୍ଥିତ ବିଶ୍ଳେଷଣାତ୍କ ଆଦିବାସୀ ଗବେଷଣା ପରିଷଦ (କୋଟସ୍) ତରଫରୁ ନବରଙ୍ଗପୁର ମିଶନ୍ ଶକ୍ତି ସମ୍ମିଳନୀ ଗୃହରେ ଏକ ଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ନବରଙ୍ଗପୁର ଜିଲ୍ଲାର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥିରୂପେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ କୋଟସର ନିର୍ଦ୍ଦେଶକ ଡ. ପି.ସି.ମହାପାତ୍ର ସଭାପତିତ୍ୱ କରି ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନବରଙ୍ଗପୁର ଜିଲ୍ଲାର ସାଇମନ ବିଡିକା, ଡ. ବିଜୟ କୁମାର ମିଶ୍ର ଓ କୋଟସ ତରଫରୁ ପ୍ରଫେସର ମାଗୁଣି ଚରଣ ବେହେରା ସମ୍ମାନିତ ଅତିଥିରୂପେ ଯୋଗ ଦେଇ ଉପସ୍ଥିତ ଥିବା ସମସ୍ତ ଭତ୍ରା ସମାଜର ରୀତିନୀତି, ପର୍ବପର୍ବାଣୀ ଓ ସେମାନଙ୍କର ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ଅଖିଳ ଭାରତୀୟ ଭତ୍ରା ବିକାଶ ପରିଷଦର ସଂପାଦକ ଗୋପୀନାଥ ମାଝୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭତ୍ରା ସଂସ୍କୃତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଆଲୋଚନା ଚକ୍ରରେ ନବରଙ୍ଗପୁର, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାର ଭତରା ସମାଜର ସଂପାଦକ, ସଭାପତି, କୋଷାଧ୍ୟକ୍ଷ, ଗ୍ରାମ, ପଞ୍ଚାୟତ, ବ୍ଲକର ସଂପାଦକ, ସଭାପତି ସହିତ ଭତ୍ରାସମାଜର ଦିଶାରୀ, ଗୁରୁମାଇଁ, ନାୟକ, ଭାତନାୟକ, ପାଣିଗିରି, ଶିରା ପ୍ରମୁଖ ଯୋଗଦେଇଥିଲା। ତିନୋଟି ଜିଲ୍ଲାର ଭତ୍ରା ଜନଜାତି ସମାଜର ପ୍ରମୁଖ ନେତା ଗଣ ନିଜ ନିଜ ସଂସ୍କୃତି, ପରମ୍ପରା ବିଷୟରେ ଆଲୋଚନା କରିଥିଲେ। ସେମାନେ ମତବ୍ୟକ୍ତ କରିଥିଲେ ଯେ, ସେମାନେ ତିନୋଟି ଜିଲ୍ଲା ପାଇଁ ଅଲଗା ଅଲଗା ଭତ୍ରା ସମାଜର ନିୟମାବଳୀ ରଚନା କରିଛନ୍ତି। ଏହି ନିୟମାବଳୀ ଅନୁସାରେ ତାଙ୍କ ସମାଜ ପରିଚାଳିତ ହେଉଛି। ଏହି ଆଲୋଚନାଚକ୍ରରେ ୧୬୦ରୁ ଅଧିକ ଭତ୍ରା ସମାଜର ବ୍ୟକ୍ତି ଉପସ୍ଥିତ ଥିଲେ। ସଭାକାର୍ଯ୍ୟକୁ ଡ. ଅଶୋକ କୁମାର ନନ୍ଦ, ଡ. ସାବିତ୍ରୀ ମାଝୀ ଓ ଗୋପୀନାଥ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୋଟସର ପ୍ରାଧ୍ୟାପକ ଗୋପୀନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



● ଭିନ୍ନ ଜାତିର ଝିଅକୁ ପ୍ରେମ ବିବାହ କରି ବର ଲଣ୍ଡା ହେବା ଘଟଣା

# ଜାତି ଆଳରେ ଦଣ୍ଡ ଦେବା ଗ୍ରହଣୀୟ ନୁହେଁ: ମାଳି ସମାଜ ଯୁବ ସଭାପତି

କୋରାପୁଟ,୨୩।୩(ସମିସ): ଭିନ୍ନ ଜାତିର ଝିଅକୁ ବିବାହ କଲେ ବୋଲି ବରକୁ ଲଣ୍ଡା କରିବା ସହ ଜାତି ଭାଇ ଭୋଜି ଖାଇଲେ। ଜରିମାନା ମଧ୍ୟ ନେଲେ। ଜାତି ପ୍ରଥାକୁ ନେଇ କୋରାପୁଟ ମାଛରା ଜଙ୍ଗଲରେ ଏମିତି ରୋଚକ ଦୃଶ୍ୟ ଗତକାଲି ଦେଖିବା ପରେ ପ୍ରତିକିୟା ରଖିଛନ୍ତି ମାଳି ସମାଜର ଯୁବ ସଭାପତି ଦୁର୍ଯ୍ୟ ମାଳି। ପ୍ରେମ ବିବାହ ପାଇଁ ଏମିତି ଦଣ୍ଡ ଦେବା ଘଟଣା ଯୁବବର୍ଗଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି କରିଛି। କୁଳ ସମାଜ ଏବଂ ଜାତି ଆଳରେ ଦଣ୍ଡ ଦେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ ମତପ୍ରକାଶ କରିଛନ୍ତି। ଏପରି ପ୍ରଥା ବନ୍ଦ ହେବା ଦରକାର। ଲୋକେ ଚନ୍ଦ୍ରରେ ପାଦ ରଖିଥିବା ବେଳେ ସେହି ପୁରୁଣା ପରମ୍ପରା ଓ ପ୍ରଥାକୁ ବନ୍ଦ ନ କଲେ ସମାଜ ପ୍ରତି ବିପଦ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଜୟପୁର ସହର କୁମ୍ଭାର ସାହିର ମାଳି ସମ୍ପ୍ରଦାୟର ମହେଶ୍ୱର ଖିଲ ସେହି ସାହିର ରଣା ଜାତିର ଝିଅ ଉର୍ମିଳା ଖଡ଼ାଙ୍କୁ ଦୀର୍ଘ ଦିନ ଧରି ପ୍ରେମ କରି ଆସୁଥିଲେ।। ଉଭୟ କୁଳ ସମାଜ ଏମାନଙ୍କ ବିବାହକୁ ଅନୁମତି ପ୍ରଦାନ କରୁ ନ ଥିଲେ। ବାଧ୍ୟ ହୋଇ କିଛି ଦିନ ପୂର୍ବେ ଉର୍ମିଳାଙ୍କୁ ନେଇ ମହେଶ୍ୱର ବାହାରକୁ ପଳାଇ ଯାଇଥିଲେ। ତେବେ ଉଭୟ ପୁଅ ଝିଅ ବାହାରେ ରହିବାରୁ ବାହାଘର ପାଇଁ ବାଟ ଖୋଜିଥିଲା ମାଳି ସମାଜ। କୂଳ ସମାଜରେ ବୈଠକ କରି ନିଷ୍ପତି ନିଆଗଲା ଯେ ମହେଶ୍ୱର ସମାଜ ଆଗରେ ଲଣ୍ଡା ହେବ କୂଳ ସମାଜକୁ ମାଂସ ଭାତ ଭୋଜି ଦେବ ତା ସହ ୯୦ ହଜାର ଟଙ୍କା ଡଣ୍ଡ ଗଣିବ। ଏଭଳି ଘଟଣା ଗତ ରବିବାର ଘଟିବା ପରେ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଥିଲା।

● ଆଦର୍ଶ, ନବୋଦୟ ଓ ଏକଲବ୍ୟ ବିଦ୍ୟାଳୟ ପ୍ରବେଶ ଚୟନ

# ଉ. ଜୁମୁରୁଗୁଡ଼ା ଛାତ୍ରଛାତ୍ରୀଙ୍କ କୃତିତ୍ୱ

ପଦ୍ମପୁର,୨୩।୩(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ଅଧିନସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉପର ଜୁମୁରୁଗୁଡ଼ା ବିଦ୍ୟାଳୟର ପଞ୍ଚମ ଶ୍ରେଣୀରେ ଅଧ୍ୟୟନରତ ୫ଜଣ ମେଧାବୀ ଛାତ୍ରଛାତ୍ରୀ ଶିକ୍ଷାବର୍ଷ ୨୦୨୫-୨୦୨୬ ନିମନ୍ତେ ୬ଷ୍ଠ ଶ୍ରେଣୀରେ ଆଦର୍ଶ ବିଦ୍ୟାଳୟ, ଏକଲବ୍ୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟ ପାଇଁ ପ୍ରବେଶିକା ପରୀକ୍ଷା ଦେଇ ସଫଳତା ହାସଲକରିଛନ୍ତି। ସେମାନେ ହେଲେ ଛାତ୍ରୀ ବୃଷଭାନୁ ଶବର, ଧରିତ୍ରୀ ସାହୁ, ରିଙ୍କି ବେହେରା, ମିତାଲି ସାହୁ ଓ ଛାତ୍ର ସିପୁନ ସାହୁ। ସମସ୍ତ ଛାତ୍ର ଛାତ୍ରୀଙ୍କ ପିତାମାତା ଗରିବ ଓ ଦିନ ମଜୁରିଆ ଶ୍ରେଣୀର ଅଟନ୍ତି। ସେମାନଙ୍କ ପୁଅଝିଅଙ୍କ ଏହି ସଫଳତା ପାଇଁ ସମସ୍ତ ଶ୍ରେୟ ବିଦ୍ୟାଳୟର ଶ୍ରେଣୀ ଶିକ୍ଷକ ଦିଲୀପ କୁମାର କରଙ୍କ ଶିକ୍ଷାଦାନ ଶୈଳୀ, ପ୍ରଧାନ ଶିକ୍ଷକ ଭୂବନାନନ୍ଦ ଖାଡ଼ଙ୍ଗା ଓ ବିଦ୍ୟାଳୟର ଅନ୍ୟାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରୟାସ ଯୋଗୁଁ ସମ୍ଭବ ହୋଇଥିବା ଅଭିଭାବକମାନେ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଗତ ୫ ବର୍ଷ ହେଲାଣି ଧାରାବାହିକ ଭାବେ ବିଭିନ୍ନ ପ୍ରତିଯୋଗିତା ଯଥା ଖେଳ, ନାଚ, ଗୀତ, ଚିତ୍ରାଙ୍କନ, କୁଇଜ୍‌ରେ କ୍ଲଷ୍ଟରସ୍ତର, ବ୍ଲକ୍‌ସ୍ତର, ଏପରିକି ଜିଲ୍ଲା ସ୍ତରରେ ସଫଳତା ସହ ୩ୟ ଓ ୫ମ ବୃତ୍ତି ପରୀକ୍ଷା, ଆଦର୍ଶ ନବୋଦୟ ପରୀକ୍ଷାରେ କୃତିତ୍ୱ ହାସଲ କରି ବିଦ୍ୟାଳୟର ସୁନାମ ବଢ଼ାଇବାରେ ସକ୍ଷମ ହୋଇ ପାରିଛନ୍ତି।

# ୫ ଏକର ଜମି ଦର୍ଶାଇ ମହିଳାଙ୍କୁ ସୁଭଦ୍ରା ଯୋଜନାରୁ ବାଦ୍!

## ବିଡିଓଙ୍କୁ ଗୁହାରି ଜଣାଇଲେ କ୍ଷତିଗ୍ରସ୍ତ

ପଦ୍ମପୁର,୨୩।୩(ସମିସ): ଗରିବ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ସୁଭଦ୍ରା ଯୋଜନା ପ୍ରଣୟନ କରିଥିବା ବେଳେ ସଠିକ୍ ଚିହ୍ନଟ ପ୍ରକ୍ରିୟା ହେଇନଥିବା ଯୋଗୁଁ ଗରିବ ଖଟିଖିଆ ମହିଳା ମାନେ ମଧ୍ୟ ସୁଭଦ୍ରା ଯୋଜନାରୁ ବାଦ୍ ପଡୁଛନ୍ତି। ଏଭଳି ଏକ ଅଭିଯୋଗ ଆସିଛି ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଇନ୍ଦୁପୁର ପଞ୍ଚାୟତର ଆମ୍ବାବାଡି ଗ୍ରାମର ଦୁଷ୍ମନ ଶବରଙ୍କ ପତ୍ନୀ ମମାନ୍ ଶବରଙ୍କ ଠାରେ। ତାଙ୍କ କହିବା ମୁତାବକ ଦିନ ମଜୁରିଆ ଭାବେ ସେମାନଙ୍କ ପରିବାର ଚାଲୁଛି। ସେମାନଙ୍କ କିମ୍ବା ତାଙ୍କ ବାପା ମା'ଙ୍କ ନାମରେ କୌଣସି ଜମି ବାଡ଼ି ନାହିଁ ।.ମାତ୍ର ସୁଭଦ୍ରା ଯୋଜନା ପାଇଁ ଆଧାର କେନ୍ଦ୍ରରେ ଆବେଦନ କରିଥିଲେ ମଧ୍ୟ ବାରମ୍ବାର ୫ଏକରରୁ ଅଧିକ ଜମିବାଡ଼ି ଥିବା ଦର୍ଶାଇ ତାଙ୍କୁ ସୁଭଦ୍ରା ଯୋଜନାରୁ ବାଦ୍ ଦିଆଯାଇଛି। ମହିଳାଙ୍କ କହିବା ଅନୁଯାୟୀ ଏହାକୁ ନେଇ ସେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁରେଶ୍ୱ ଚନ୍ଦ୍ର ଜାନୀଙ୍କୁ ଲିଖିତ ଅଭିଯୋଗ କରି ତାଙ୍କର କୌଣସି ଜମିବାଡ଼ି ନଥିବା କହିଛନ୍ତି। ତଦନ୍ତ କରି ସରକାର ତାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବାକୁ ଦାବି ହୋଇଛି।

● ଅଗ୍ନିବୀର ନିଯୁକ୍ତିକୁ ନେଇ

# ମା'ମାର୍କମା ମହାବିଦ୍ୟାଳୟରେ ଆଲୋଚନାଚକ୍ର

ବିଷମ କଟକ,୨୩।୩(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା' ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟ ପରିସରରେ ସୋମବାର ଦିନେ ଅଗ୍ନିବୀର ନିଯୁକ୍ତିକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶ୍ୱନୀ କୁମାର ପଣ୍ଡା ପରିଚାଳନା କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ଏଲଟି. କୋଲ୍. କଲ୍ୟାଣ କୁମାର ରେଡି



ପିଲାମାନଙ୍କୁ କିପରି ଅଗ୍ନିବିର ୱେବସାଇଟରେ ଥିବା ସେନା ନିଯୁକ୍ତି ୨୦୨୬ ଅନ୍‌ଲାଇନ ପଞ୍ଜୀକରଣ କରିପାରିବେ ତାକୁ ନେଇ ପ୍ରାଞ୍ଜଳ ଭାବରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏଥି ସହ ୪ଜଣ ଛାତ୍ର ଅଗ୍ନିବୀର ସେନା ୱେବସାଇଟ୍‌ରେ ନିଜେ ନିଜର ଅନ୍‌ଲାଇନ ପଞ୍ଜୀକରଣ କରିଥିଲେ। ଏହି ପଞ୍ଜିକରଣ ସମୟ ଯାହାକି ୧୩ ଫେବୃୟାରୀ ୨୦୨୬ରୁ ୦୧ ଏପ୍ରିଲ ୨୦୨୬ ମଧ୍ୟରେ ଉପଲବ୍ଧ ରହିବ। ଏଲଟି. କୋଲ୍. ରେଡିଙ୍କ ସହ ଏନବି.ସବ. ବୀରେନ୍ଦ୍ର ସିଂ, ସିଏମ୍‌ଡି ପ୍ରଶାନ୍ତ ଶେଇ ଏବଂ ଜିଲ୍ଲା ନିଯୁକ୍ତି ଅଧିକାରୀ ଜେତେନ୍ଦ୍ର ଉପାଧ୍ୟାୟ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧାପକ, ଅଧାପିକା ଓ କର୍ମଚାରୀ ବୃନ୍ଦ ଯୋଗ ଦେଇଥିଲେ।

# ଜନଗଣନା ପାଇଁ ପ୍ରଶିକ୍ଷଣ ଶିବିର

କୋଷାଗୁମୁଡ଼ା,୨୩।୩(ସମିସ): ୨୦୨୭ ମସିହାରେ ହେବାକୁ ଥିବା ଜନଗଣନା ପାଇଁ ତିନି ଦିନିଆ ପ୍ରଶିକ୍ଷଣ ଶିବିର ଆଜି ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କୋଡ଼ିଙ୍ଗା ନୋଡାଲ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଆରମ୍ଭ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରରେ ଗଣନାକାରୀ ଓ ପର୍ଯ୍ୟବେକ୍ଷକ ମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ଘର ତାଲିକାଭୁକ୍ତି ଓ ଗୃହ ଗଣନା ସମ୍ବନ୍ଧୀୟ ବିସ୍ତୃତ ଶିକ୍ଷା ଦିଆଯାଉଛି। ଏହା ମାଧ୍ୟମରେ ଆସନ୍ତା ଜନଗଣନା କାର୍ଯ୍ୟକୁ ସଠିକ୍ ଓ ସୂଚାରୁ ଭାବରେ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ତାଲିମ ଶିବିର ୮ ଟି ବ୍ୟାଚ୍‌ରେ ଆୟୋଜନ କରାଯିବ। ପ୍ରତ୍ୟେକ ବ୍ୟାଚ୍‌ରେ ୫୦ ଜଣ ଗଣନାକାରୀ ପର୍ଯ୍ୟବେକ୍ଷକ ମାନଙ୍କୁ ତାଲିମ ପ୍ରଦାନ କରାଯିବ। ତାଲିମ ଦେବା ପାଇଁ ୮ ଜଣ ଶିକ୍ଷକଙ୍କୁ ନିୟଜିତ କରାଯାଇଛି। କାର୍ଯ୍ୟକ୍ରମରେ କୋଡ଼ିଙ୍ଗା ତହସିଲଦାର ତୁଳା ମୁଦୁଲି ଏବଂ ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାୟକ ଉପସ୍ଥିତ ରହିଥିଲେ। ସେମାନେ ପ୍ରଶିକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରି ନିୟମିତ ଓ ନିଷ୍ଠାପୂର୍ଣ୍ଣ ଭାବେ କାମ କରିବାକୁ ଆହ୍ୱାନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଘର ତାଲିକାଭୁକ୍ତ ଓ ଗୃହ ଗଣନା ଆଗାମୀ ଏପ୍ରିଲ ମାସ ୧୬ ତାରିଖରୁ ଆରମ୍ଭ ହୋଇ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ତହସିଲଦାର ଶ୍ରୀ ତୁଳା ମୁଦୁଲି ମତ ଦେଇଛନ୍ତି।

# ରାୟଗଡ଼ା ଲାୟନ୍ସ କ୍ଲବର ମାଗଣା କ୍ୟାନ୍‌ସର ସ୍କ୍ରିନିଂ କ୍ୟାମ୍ପ୍

ରାୟଗଡ଼ା,୨୩।୩(ସମିସ): ଆଜି ଲାୟନ୍ସ କ୍ଲବ ରାୟଗଡ଼ା ଓ ମହାତ୍ମା ଗାନ୍ଧୀ କ୍ୟାନ୍‌ସର ହସ୍ପିଟାଲ ସହାୟତାରେ ଏକ ମାଗଣା କ୍ୟାନ୍‌ସର ସ୍କ୍ରିନିଂ କ୍ୟାମ୍ପ୍ ଆୟୋଜିତ ହୋଇଯାଇଛି। କ୍ୟାମ୍ପ୍‌ରେ ଗାନ୍ଧୀ କ୍ୟାନ୍‌ସର ହସ୍ପିଟାଲର ଦୁଇଜଣ ଅଭିଜ୍ଞ ଡାକ୍ତର ଯୋଗଦେଇ ରୋଗୀଙ୍କର ପରୀକ୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ଲାଲବିହାରୀ ଲେଙ୍କା ଓ ସେକ୍ରେଟାରୀ କେ ଶ୍ରୀନିବାସ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଡ. ଭି ଏଲ ରାଜୁ , ଲାୟନ ସତ୍ୟବାଦୀ ପତି , ଲାୟନ ରମେଶ ଚନ୍ଦ୍ର ଗୋଲାନି, ପ୍ରସନ୍ନ କୁମାର ଗନ୍ତାୟତ , ଟି ଜୟରାମ, ବାବୁ ରାଓ ମହାନ୍ତି, ପ୍ରତାପ ଚନ୍ଦ୍ର ବାଉରୀ, ଦାଶରଥି ରାଜଗୁରୁ, ଏଲ ଚନ୍ଦ୍ରଶେଖର ଓ ଭିଡିଜି ୧ ଅଶ୍ୱିନୀ କୁମାର ଦାସ ଯୋଗ ଦେଇଥିଲେ । ସର୍ବ ମୋଟ ୫୦ ଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷଣ କରା ଯାଇଥିଲା। ସନ୍ଧ୍ୟାରେ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୋଟିଏ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଶ୍ରେଣୀ ୬ରୁ ୧୦ ପର୍ଯ୍ୟନ୍ତ ବାଳିକାଙ୍କୁ କ୍ୟାନସର ଉପରେ ସଚେତନ କରାଗଲା। ଏଭଳି କାର୍ଯ୍ୟକ୍ରମ ସଦାସର୍ବଦା ଚାଲୁ ରହିବ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି।

# ବିଭିନ୍ନ ସ୍ଥାନରେ କିଶୋରୀ ମେଳା

ବୈପାରୀଗୁଡ଼ା,୨୩।୩(ସମିସ): ବୈପାରୀଗୁଡ଼ାର ବିଭିନ୍ନ ସ୍ଥାନରେ କିଶୋରୀ ମେଳା ୨୦୨୬ ଅନୁଷ୍ଠିତ ହୋଇଯାଇଛି। ବୈପାରୀଗୁଡା ସମନ୍ୱିତ ଶିଶୁ ବିକାଶ ଯୋଜନା ଅନ୍ତର୍ଗତ ବିଭିନ୍ନ ସେକ୍ଟର ବୋଦାପୁଟ, ହଳଦୀକୁଣ୍ଡ, ଫେଦାପୋଡା, ପୂଜାରୀଗୁଡା ଏବଂ ଦଶମନ୍ତପୁର ଠାରେ ଏହି ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ସମ୍ମନିତ ଶିଶୁ ବିକାଶ ଯୋଜନା ଅଧିକାରୀ ସିଡିପିଓ ସବିତା ବ୍ରୋହ୍ମା ଯୋଗଦେଇ ଏହି କିଶୋରୀ ମେଳା କାର୍ଯ୍ୟକ୍ରମର ଉଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟତଃ ୧୧ ରୁ ୧୯ ବର୍ଷର କିଶୋରୀମାନଙ୍କ ସ୍ୱସ୍ଥ୍ୟ, ପୁଷ୍ଟିସାଧନ, ସ୍ୱଚ୍ଛତା, ଶିକ୍ଷା ଏବଂ ଆଇନଗତ ଅଧିକାର ବିଷୟରେ ସଚେତନ କରାଇବା। ଏହି ମେଳାରେ ବିଭିନ୍ନ ପ୍ରତିଯୋଗିତା, ପ୍ରଦର୍ଶନୀ ଏବଂ ପରାମର୍ଶ ଶିବିର ମାଧ୍ୟମରେ ସେମାନଙ୍କୁ ସଶକ୍ତ କରାଯାଇଛି ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଯମୁନା ନାୟକ , ବୋଦାପୁଟ କ୍ଷେତ୍ରପରିଦର୍ଶିକା ଲାଲମୋତି ସରକାର, ପୂଜାରୀଗୁଡା ନଳିନୀ ଚୌଧୁରୀ, ହଳଦୀକୁଣ୍ଡ କ୍ଷେତ୍ର ପରିଦର୍ଶିକା ସାବିତ୍ରୀ ଗୁଣ୍ଟା ଦଶମନ୍ତପୁର କ୍ଷେତ୍ର ପରିଦର୍ଶିକା ଚାନ୍ଦା ବତୀ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଲକାନଗିରିରେ ଜନଗଣନା ପ୍ରସ୍ତୁତି

# ଏନୁମେରେଟର, ସୁପରଭାଇଜରଙ୍କ ତାଲିମ ଶିବିର



ମାଲକାନଗିରି,୨୩।୩(ସମିସ): ଦେଶର ପ୍ରଥମ ସମ୍ପୂର୍ଣ୍ଣ ଡିଜିଟାଲ ଜନଗଣନା-୨୦୨୭କୁ ସଫଳ କରିବା ପାଇଁ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହିକ୍ରମରେ ଆଜି ମାଲକାନଗିରି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମାଲକାନଗିରି ତହସିଲ (ଗ୍ରାମାଞ୍ଚଳ) ଅଧୀନରେ ଥିବା ଏନୁମେରେଟର (ପ୍ରଗଣକ) ଏବଂ ସୁପରଭାଇଜର (ପର୍ଯ୍ୟବେକ୍ଷକ) ମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଥମ ବ୍ୟାଚ୍ ତାଲିମ ଶିବିର ସଫଳତାର ସହ ଶେଷ ହୋଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଜିଲ୍ଲା ଜନଗଣନା ଅଧିକାରୀ ମୁନା ତୁରୁକ ଏବଂ ମାଲକାନଗିରି ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଫିଲ୍ଡ ଟ୍ରେନର ଭାବେ ଭାଗ୍ୟରଞ୍ଜନ ଲେଙ୍କା ଓ ହରପ୍ରସାଦ ମହାପାତ୍ର ଯୋଗଦେଇ ମୋବାଇଲ୍ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହର ବୈଷୟିକ କୌଶଳ ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ସମଗ୍ର ମାଲକାନଗିରି ଜିଲ୍ଲାରେ ଜନଗଣନା କାର୍ଯ୍ୟ ପାଇଁ ମୋଟ ୧୨୬୯ ଜଣ ଏନୁମେରେଟର ଏବଂ ୨୨୭ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି। ଆଜି ମାଲକାନଗିରି ତହସିଲ ପାଇଁ ଏହି ପ୍ରଶିକ୍ଷଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ, ପର୍ଯ୍ୟାୟ କ୍ରମେ ଜିଲ୍ଲାର ଅନ୍ୟ ସମସ୍ତ ତହସିଲର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଆସନ୍ତା ଏପ୍ରିଲ ୧ରୁ ଏପ୍ରିଲ ୧୫ ମଧ୍ୟରେ ନାଗରିକମାନେ ନିଜେ ପୋର୍ଟାଲରେ ନିଜର ତଥ୍ୟ ପଞ୍ଜିକୃତ କରିପାରିବେ। ଏପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟନ୍ତ ପ୍ରଶିକ୍ଷିତ ଏନୁମେରେଟର ମାନେ ଘରକୁ ଘର ବୁଲି ଡିଜିଟାଲ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ। ଏଥର ଜନଗଣନାରେ କୌଣସି କାଗଜ କାର୍ଯ୍ୟ ହେବ ନାହିଁ। ସମସ୍ତ ତଥ୍ୟ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ମାଧ୍ୟମରେ ସଂଗ୍ରହ କରାଯିବ। ଆମର ଜନଗଣନା, ଆମର ବିକାଶ ବାର୍ତ୍ତା ଜରିଆରେ ସଠିକ୍ ଓ ନିରପେକ୍ଷ ତଥ୍ୟ ପ୍ରଦାନ କରି ଦେଶ ଗଠନରେ ସାମିଲ ହେବା ପାଇଁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ସଠିକ୍ ଜନଗଣନା ହିଁ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ କଲ୍ୟାଣକାରୀ ଯୋଜନାଗୁଡ଼ିକର ରୂପରେଖ ପ୍ରସ୍ତୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

# ଏସ୍ଏସ୍ଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ପାପଡାହାଣ୍ଡି,୨୩।୩ (ସମିସ) : ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ସରକାରୀ ଏସ୍ଏସ୍ଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଆଜି ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବର ସଭାପତି ତଥା ଭାରପ୍ରାପ୍ତ ଅଧକ୍ଷା ସୁନେନା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରୁ ଅଗ୍ରପୂଜ୍ୟ ଗଣେଶଙ୍କ ପ୍ରତିମୂର୍ତ୍ତିଙ୍କ ଠାରେ ଦୀପ ଏବଂ ପୁଷ୍ପ ମାଲ୍ୟ ଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହାପରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରି ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଏହାପରେ ଭାରପ୍ରାପ୍ତ ଅଧକ୍ଷା ସୁନେନା ମହାପାତ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଜିଲ୍ଲା ପରିଷଦ ଅଧକ୍ଷ ମୋତିରାମ ନାୟକ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଛାତ୍ରଛାତ୍ରୀଙ୍କୁ ଭଲ ପାଠ ପଢି ନାମ ରଖି ବିଦ୍ୟାଳୟ, ପିତାମାତା ଏବଂ ଅଧାପିକାଙ୍କ ନାମ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପାପଡାହାଣ୍ଡି ବ୍ଲକ୍ ଉପାଧକ୍ଷ ସୁଶାନ୍ତ କୁମାର ବେହେରା , ସ୍ଥାନୀୟ ସରପଞ୍ଚ ଚନ୍ଦ୍ରଶେଖର ମାଝି, ଲୋକସଭା ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ଡାବୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ କିରଣବାଳା ଟୀରକି , ପାପଡାହାଣ୍ଡି ଥାନା ଏଏସଆଇ ଉମାକାନ୍ତ ଶବର, ଦଳେଇଗୁଡ଼ା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ କୋଟପାଡ଼ ମହାବିଦ୍ୟାଳୟ ଡ. ବିଜୟ ମିଶ୍ର , ପାପଡାହାଣ୍ଡି ଏବଂ ଏ ଅଞ୍ଚଳର ଇତିହାସ ବିଷୟରେ ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ। କୃତି ଛାତ୍ରୀ ମାନଙ୍କୁ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧାପିକା ଷଷ୍ଠୀ ଲତା ନାୟକ, ଚିନ୍ମୟୀ ଚନ୍ଦ୍ରକାନ୍ତି, ସସ୍ମିତା ପାଣି, ସାଗରୀକା ମିଶ୍ର, ରୁପାଲୀ ବିଷୋୟୀ, ଶିଖାରିବାଲା ବେହେରା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଚିନ୍ମୟୀ ଚନ୍ଦ୍ରକାନ୍ତି ଏବଂ ସାଗରୀକା ମିଶ୍ର ଧନ୍ୟବାନ ଦେଇଥିଲେ।

# ବରିଷ୍ଠ ଅଧିକାରୀଙ୍କ କ୍ୱାର୍ଟର୍ସରେ ରହୁଛନ୍ତି କନିଷ୍ଠ



ମାଲକାନଗିରି, ୨୩।୩(ସମିସ): ଜଣେ ବରିଷ୍ଠ ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସରେ ରହୁଛନ୍ତି କନିଷ୍ଠ ଯନ୍ତ୍ରୀ। ଏହା ସହ ସୁରକ୍ଷା ବ୍ୟବସ୍ଥା ପାଇଁ ଏହି କ୍ୱାର୍ଟର୍ସରେ ଖର୍ଚ୍ଚ କରୁଛନ୍ତି ଲକ୍ଷାଧିକ ଟଙ୍କା। କିଛି ଏପରି ଚିତ୍ର ଆସିଛି ମାଲକାନଗିରି ଜିଲ୍ଲା ସଦରରେ ଥିବା ଆଇଟିଡିଏ କଲୋନୀରୁ। ଏହି କଲୋନୀରେ ରହିଛି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସରକାରୀ ବାସଭବନ। ତେବେ ଏହି ସରକାରୀ ବାସଭବନରେ ପୂର୍ବରୁ ଅନେକ ଜିଲ୍ଲା ମଙ୍ଗଳ ଅଧିକାରୀ ରହୁଥିବା ବେଳେ ଏହାର ଚାରି ପାର୍ଶ୍ୱରେ ସୁରକ୍ଷା ପାଚେରୀ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ମଧ ରହିଛି। ବର୍ତ୍ତମାନ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ୟ ସରକାରୀ କ୍ୱାର୍ଟର୍ରେ ରହୁ ଥିବାରୁ ଦୀର୍ଘ ଦିନ ହେବ ବାସଭବନଟି ଖାଲି ପଡିଥିଲା। ଆଉ ଗତ କିଛି ଦିନ ହେବ କେହି ଜଣେ ଏହି କ୍ୱାର୍ଟର୍ରେ ରହିବା ସହ ଏହାର ନିରନ୍ତର ମରାମତି ଚାଲିଥିବା ଦେଖିବାକୁ ମିଳିଛି। ତେବେ ମରାମତି ସହ ଏହି ସରକାରୀ କ୍ୱାର୍ଟର୍ସର ଚାରି ପାଖରେ ଥିବା ପାଚେରୀର ଉଚ୍ଚତା ହଠାତ୍ ବଢ଼ାଇ ଦିଆଯାଇଛି। ବର୍ଷ ବର୍ଷ ଧରି ଏହି ସରକାରୀ କ୍ୱାର୍ଟର୍ସରେ ଅନେକ ଅଧିକାରୀ ରହି ଆସୁଥିଲେ ହେଁ କେବେ ଏହାର ପାଚେରୀର ଉଚ୍ଚତା ବୃଦ୍ଧି ଆବଶ୍ୟକ ହୋଇ ନଥିଲା। ବର୍ତ୍ତମାନ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ୟ ଏକ କ୍ୱାର୍ଟସରେ ରହିଥିଲେ ହେଁ ହଠାତ୍ ଏହି ନିର୍ମାଣ ଓ ପାଚେରୀର ଉଚ୍ଚତା ବୃଦ୍ଧି କାର୍ଯ୍ୟ କାହିଁକି ହେଉଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ତେବେ କେବଳ ପାଚେରୀ ଉଚ୍ଚତା ନୁହେଁ, ବରଂ ଏହି ବଡ଼ ବଡ଼ ପାଚେରୀ ଉପରେ ସୁରକ୍ଷାକୁ ଆହୁରି ଅଧିକ କରିବା ପାଇଁ କାନ୍ଥ ଉପରେ ପୁଣି ଗୋଳେଇ ଲୁହା ତାର ବୁଲିବା ପାଇଁ ବ୍ୟବସ୍ଥା କରାଯାଇଛି। ବାହାରୁ ଦେଖିଲେ ଲାଗୁଛି କେହି ଜଣେ ପୁଲିସର ବରିଷ୍ଠ ଅଧିକାରୀ କିମ୍ବା ଗୁଇନ୍ଦା ଅଧିକାରୀ ଏଠାରେ ବସବାସ କରୁଥିବେ। ତେବେ ଅଧିକ ବୁଝିବା ପରେ ଜଣା ପଡିଲା, ଆଇଟିଡିଏର କେହି ଜଣେ କନିଷ୍ଠ ଯନ୍ତ୍ରୀ ଏଠାରେ ବସବାସ

## ସୁରକ୍ଷା ପାଇଁ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା

କରୁଛନ୍ତି। ତେବେ ପ୍ରଶ୍ନ ଉଠୁଛି ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ଟି କନିଷ୍ଠ ଯନ୍ତ୍ରୀଙ୍କ ନାଁରେ କେମିତି ଆଲର୍ଟ ହେଲା। ଯଦି ହେଲା ତେବେ କ୍ୱାର୍ଟରଟିକୁ ଏମିତି ଦୁର୍ଗୀକରଣ କରିବାର କାରଣ କଣ। କ୍ୱାର୍ଟର୍ସର କାନ୍ଥ ଉଚ୍ଚତା ତିନି ତିନି ଥର ବଢା ଯିବାର ଆବଶ୍ୟକତା କଣ ରହିଛି ବୋଲି ପ୍ରଶ୍ନ ଉଠିଛି। ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ କେମିତି ସରକରୀ ଅଧିକାରୀ ବର୍ଗର କ୍ୱାର୍ଟର୍ ଆଲଟ ହେଲା ଏବଂ କିଏ କ୍ୱାର୍ଟର ଦୁର୍ଗୀକରଣ କରିବାକୁ ଅନୁମତି ଦେଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଆମେ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ପିଏଆଇଟିଡିଏ ହଳଧର ଶବରଙ୍କୁ ଯୋଗାଯୋଗ କରିଥିଲୁ। ଏନେଇ ସେ ପ୍ରକାଶ କରିଛନ୍ତି ଯେ, ଏହି କ୍ୱାର୍ଟର୍ସର ଆଲଟ ସେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ହୋଇଛି। କିଏ ଏହା କରିଛି ତାହାକୁ ଯାଞ୍ଚ କରିବି। ତେବେ ପାଚେରି ବୃଦ୍ଧି ବିଷୟରେ ପଚାରିବାରୁ ସେ ପ୍ରକାଶ କରିଥିଲେ ଯେ, ଅଞ୍ଚଳରେ ଅସମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ବେଶୀ ହେଉଥିବାରୁ ଏପରି କରାଯାଇଛି। ଏହି ଅଞ୍ଚଳରେ ଅନେକ କ୍ୱାର୍ଟର୍ସ ରହିଥିବା ବେଳେ ଏହି କ୍ୱାର୍ଟର୍ସର ସୁରକ୍ଷା ବ୍ୟବସ୍ଥା ଉପରେ ହଠାତ୍ ଏତେ ଗୁରୁତ୍ୱ କାହିଁକି ଦିଆଗଲା ଓ କିପରି ସରକାରୀ ଅର୍ଥକୁ ଖର୍ଚ୍ଚ କରାଯାଉଛି, ତାହାକୁ ନେଇ ତଦନ୍ତ ହେଲେ ଅନେକ ରହସ୍ୟ ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି।

## ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ମୁନିଗୁଡ଼ା,୨୩।୩(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ବିଜେପୁର ଛକ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ରାୟଗଡ଼ା ଭବାନୀପାଟଣା ମୁଖ୍ୟ ରାଜପଥ ପାଖରେ ମୃତଦେହଟି ପଡିଥିବା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ଦେଖି ପୁଲିସକୁ ସୂଚନା ଦେଇଥିଲେ। ପରେ ଅମ୍ବାଦଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ମୃତକ ଜଣଙ୍କ ଉତ୍ତରପ୍ରଦେଶର ହାପୁର ଜିଲ୍ଲା, ମୋହଲ୍ଲା ଗଡି ଗ୍ରାମର ଦୀଲଦାର ହସନ ବୋଲି ଜଣାପଡିଛି। ପ୍ରାଥମିକ ତଦନ୍ତରେ ମୃତ୍ୟୁର କାରଣ ଭାବେ ହାର୍ଟ ଆଟାକ୍ ସନ୍ଦେହ କରାଯାଉଛି। ସଠିକ୍ କାରଣ ପୋଷ୍ଟମର୍ଟମ୍ ରିପୋର୍ଟ ପରେ ସ୍ପଷ୍ଟ ହେବ। ଅମ୍ବାଦଳା ପୁଲିସ ଘଟଣାକୁ ନେଇ ତଦନ୍ତ ଜାରି ରଖିଛି। ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥଲା।

## ମଞ୍ଜୁଳା ମହାପାତ୍ରଙ୍କ ପରଲୋକ

ରାୟଗଡ଼ା,୨୩।୩(ସମିସ) : ରାୟଗଡ଼ା ସହରରେ ଥିବା ଦି କ୍ୟାମ୍ବ୍ରିଜ ବିଦ୍ୟାଳୟର ନିର୍ଦ୍ଦେଶକ ସୁରେଶ ମହାପାତ୍ରଙ୍କ ମାତା ମଞ୍ଜୁଳା ମହାପାତ୍ରଙ୍କର ୭୪ବର୍ଷ ବୟସରେ



ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କର ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘଦିନ ଧରି ଭକ୍ତିମୟ ଜୀବନଯାପନ କରୁଥିଲେ ଏବଂ ନିୟମିତ ଭାବେ ପୂଜାପାଠରେ ଲିପ୍ତ ରହୁଥିଲେ। ସେ ଗତ କିଛି ଦିନ ତଳେ ତାଙ୍କ ଭୁବନେଶ୍ୱରରୁ ବିଶାଖାପାଟଣମରେ ରହୁଥିବା ଝିଅ ଘରକୁ ଯାଇ ରାୟଗଡ଼ାକୁ ନିଜ ପୁଅଙ୍କ ପାଖକୁ ଫେରିଥିଲେ। ତେବେ ହଠାତ ହୃଦଘାତ ଯୋଗୁଁ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କର ଦେହାନ୍ତ ସମୟରେ ତାଙ୍କ ପୁଅ ସୁରେଶ ମହାପାତ୍ର, ବୋହୂ ଜ୍ୟୋତିର୍ମୟୀ ମହାପାତ୍ରଙ୍କ ସମେତ ପରିବାର ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ।

# 'ମାଲକାନଗିରିକୁ ବାଲ୍ୟ ବିବାହ ମୁକ୍ତ କରିବାକୁ ସଂକଳ୍ପ'

## ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକଙ୍କ ସମୀକ୍ଷା



ମାଲକାନଗିରି,୨୩।୩(ସମିସ): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ ମାଲକାନଗିରି ଜିଲ୍ଲା ଗସ୍ତ କରି ଶିଶୁମାନଙ୍କ ସୁରକ୍ଷା ଓ ଅଧିକାରର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଜିଲ୍ଲାକୁ ସମ୍ପୂର୍ଣ୍ଣ ରୂପେ ବାଲ୍ୟ ବିବାହ ମୁକ୍ତ କରିବାକୁ ପ୍ରାଥମିକତା ଦେଇଛନ୍ତି। ମାଲକାନଗିରି ଜିଲ୍ଲା ଏକ ଜନଜାତି ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏଠାରେ ଶିଶୁ ଚାଲାଣ, ସ୍କୁଲ ଡ୍ରପ୍ ଆଉଟ୍, ବାଲ୍ୟ ବିବାହ ଏବଂ ଶିଶୁ ଅତ୍ୟାଚାର ରୋକିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ବା ଖସଡ଼ା ପ୍ରସ୍ତୁତ କରାଯାଉଛି। ସଦସ୍ୟା ଶ୍ରୀମତୀ ନାୟକ କହିଛନ୍ତି ଯେ, ଶିଶୁଙ୍କ ଅପପୁଷ୍ଟି ନିରାକ୍ଷଣ ସହ ଦାଦନ ଶ୍ରମିକଙ୍କ ପିଲାମାନଙ୍କୁ କିଭଳି ସୁରକ୍ଷିତ ରଖାଯାଇପାରିବ, ସେଥିପାଇଁ ବିହିତ ପଦକ୍ଷେପ ନିଆଯିବ। ସେହିପରି 'ମିଶନ ବାତ୍ସଲ୍ୟ' ଯୋଜନା ମାଧ୍ୟମରେ ଅନାଥ ଶିଶୁଙ୍କ କଲ୍ୟାଣ ପାଇଁ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବ। ଆଧୁନିକ ସମୟରେ ଶିଶୁମାନେ ଇଣ୍ଟରନେଟ୍ ବ୍ୟବହାର କରୁଥିବାରୁ ସେମାନଙ୍କ ମଧ୍ୟରେ 'ଡିଜିଟାଲ୍ ସେଫ୍ଟି' ବା ଡିଜିଟାଲ୍ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସଦସ୍ୟା ପ୍ରକାଶ କରିଛନ୍ତି। ନିଜ ଗସ୍ତ କ୍ରମରେ ସେ ମାଲକାନଗିରି ଆଦର୍ଶ ଥାନା, 'ପରିବର୍ତ୍ତନ' ଶିଶୁ ଗୃହ ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ପରିଦର୍ଶନ କରି ଶିଶୁଙ୍କ ଯତ୍ନ ଓ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ, ଶିଶୁ ମଙ୍ଗଳ କମିଟି ଅଧକ୍ଷା ସଂଯୁକ୍ତା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ଏବଂ ଶିଶୁ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ବିଭିନ୍ନ ବିଭାଗ ଓ ସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଗସ୍ତ ମାଲକାନଗିରିର ଶିଶୁଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାରେ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି।

### ● ରାଜର୍ଷି ବିକ୍ରମ ୱାକର୍ସ କ୍ଲବ ନୂତନ କର୍ମକର୍ତ୍ତା ଚୟନ

# ସି.ଏଚ.ସାନ୍ତାକାର ସଭାପତି, ଭବାନୀ ଶଙ୍କର ମିଶ୍ର ସମ୍ପାଦକ



କୋରାପୁଟ,୨୩।୩(ସମିସ): କୋରାପୁଟ ରାଜର୍ଷି ବିକ୍ରମ ୱାକରସ କ୍ଲବର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ସି.ଏଚ.ସାନ୍ତାକାରଙ୍କୁ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ଭବାନୀ ଶଙ୍କର ମିଶ୍ରଙ୍କୁ ସଂପାଦକ ଭାବେ ଚୟନ କରାଯାଇଛି। ଉପ ସଭାପତି ଭାବେ ଜଗନ୍ନାଥ ପଟ୍ଟନାୟକ, ସହ ସଂପାଦକ ଭାବେ ସୁନାକର ରାଉତ ଏବଂ ଉପଦେଷ୍ଟା ଭାବେ ଜଗନ ମୋହନ ସାହୁଙ୍କୁ ଚୟନ କରାଯାଇଥିବା ଜଣାପଡିଛି। ପ୍ରାନ୍ତୀୟ ମୁଖ୍ୟ ଅଭିମନ୍ୟୁ ନାୟକ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର



ବୈପାରୀଗୁଡ଼ା,୨୩।୩(ସମିସ): ବୈପାରୀଗୁଡା ସଦର ମହକୁମାସ୍ଥିତି ସହିଦ ଲକ୍ଷ୍ମଣ ନାୟକ ପାଠାଗାରଠାରେ ବିଜେପି ପାର୍ଟି ତରଫରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ୨୦୨୬ ଅନୁଷ୍ଠିତ ହୋଇଯାଇଛି। ବୈପାରୀଗୁଡା ମଣ୍ଡଳ ସଭାପତି ରାଜେନ୍ଦ୍ର ସଭାପତି ଏବଂ ବର୍ଗ ପ୍ରମୁଖ ନଟବର ପଟ୍ଟନାୟକଙ୍କ ନେତୃତ୍ୱ ରେ ଆୟୋଜିତ ଏହି କର୍ମଶାଳାରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, କୋରାପୁଟ ବିଧାୟକ ରଘୁରାମ ମାଛ, ବିଜେପି ଜିଲ୍ଲା ଉପ ସଭାପତି ରାଜ ସିଂ, କୋରାପୁଟ ଜିଲ୍ଲା ଆଦିବାସୀ ମାର୍ଚ୍ଚା ସଭାପତି କାନ୍ଦିଲିଆ, ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ରଥ, ଜିଲ୍ଲା ସ୍ତରୀୟ ପ୍ରଶିକ୍ଷକ ମୃତେନ୍ଦୁ ନାରାୟଣ ବାଗ, ନରସିଂହପୁର ପଟନାୟକ,ମହିପାଳ ସିଂ, କୃଷ୍ଣ ଯାନୀ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଏହି ଶିବିରରେ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ସଂଗଠନ ଶକ୍ତିବର୍ଦ୍ଧନ, ଆଦର୍ଶ ଓ ସିଦ୍ଧାନ୍ତ ପ୍ରଚାର, ଏବଂ ଆଗାମୀ କାର୍ଯ୍ୟପରିକଳ୍ପନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଗଲା।ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ 'ଏକାତ୍ମ ମାନବବାଦ' ଦର୍ଶନକୁ ଆଧାର କରି ସମାଜର ସର୍ବାଙ୍ଗୀଣ ଉନ୍ନତି ଓ ଅନ୍ତ୍ୟୋଦୟ ଲକ୍ଷ୍ୟକୁ ସାକାର କରିବା ପାଇଁ ସମସ୍ତଙ୍କୁ ସଙ୍କଳ୍ପବଦ୍ଧ ହେବାକୁ ଆହ୍ୱାନ ଜଣାଯାଇଥିଲା। ଏହି ଅବସରରେ ଜିଲ୍ଲାର ବରିଷ୍ଠ ନେତୃତ୍ୱ ଓ ମଣ୍ଡଳ ସଭାପତିମାନେ ଉପସ୍ଥିତ ରହି ସଂଗଠନକୁ ଅଧିକ ସୁଦୃଢ଼ କରିବାରେ ଜୋର ଦେଇଥିଲେ। ସଂଗଠନ ହିଁ ଶକ୍ତି, ସେବା ହିଁ ସଂକଳ୍ପ ବୋଲି ସମସ୍ତ କର୍ମୀଙ୍କୁ ନେଇ ଶପଥ କରାଯାଇଛି।

### ● ସାଲିମି ଧାନ ମଣ୍ଡିରେ ଧାନ କ୍ରୟ ହେଉନି

# ରାସ୍ତାରୋକ କଲେ ଚାଷୀ



ମାଥିଲି,୨୩।୩(ସମିସ): ମାଲକାନଗିରି ଜିଲ୍ଲାରେ ଧାନ ମଣ୍ଡି ସମସ୍ୟା କମିବାର ନା ନେଉନ। କ୍ରମାଗତ ଭାବେ ଜିଲ୍ଲାର ମଣ୍ଡିରେ ଧାନ କ୍ରୟ ହେଉନଥିବାରୁ ସ୍ଥିତି ଶୋଚନୀୟ ହୋଇଛି। ଚାଷୀ ମାନେ ବିକ୍ଷୋଭ କରି ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ଇତିମଧ୍ୟରେ ଆଜି ପୁଣି ଜିଲ୍ଲାର ମାଥିଲି ବ୍ଲକରେ ଥିବା ସାଲିମି ଧାନ ମଣ୍ଡିରେ ଧାନ କ୍ରୟ ଦାବି ନେଇ ରାସ୍ତାରୋକ କରିଛନ୍ତି ଚାଷୀ। ଦିନ ପ୍ରାୟ ୧୧ଟା ସମୟରେ ସାଲିମି ଠାରୁ କମାରପାଲିକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାକୁ ଚାଷୀ ଅବରୋଧ କରିଥିଲେ। ରାସ୍ତା ଉପରେ ଟେଣ୍ଟ ଲଗାଇ ଧାନ ବସ୍ତା ରଖି ଚାଷୀଙ୍କ ଦ୍ୱାରା ଆନ୍ଦୋଳନ ଯୋଗୁଁ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ପୋଲିସ ଓ ମଣ୍ଡି ଅଧିକାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଦୀର୍ଘ ସମୟ ଧରି ଆଲୋଚନା ପରେ ଚାଷୀଙ୍କ ଗୋଟିଏ ଦାବିଥିଲା ଯେ ତୁରନ୍ତ ଧାନ କ୍ରୟ ହେଉ। ଏହି ଦାବିକୁ ପୂରଣ କରିବା ପାଇଁ ଖୁବ୍‌ଶୀଘ୍ର ମଣ୍ଡିରେ ୨୦୦୦ କ୍ୱିଣ୍ଟାଲ ଧାନ କ୍ରୟ ହେବ ବୋଲି ଅଧିକାରୀ ମାନେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧରୁ ଚାଷୀ ହଟିଥିଲେ।

# ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ କରିବାକୁ ସରକାରୀ ଯୋଜନା ନାହିଁ

ରାୟଗଡ଼ା,୨୩।୩ (ସମିସ) : ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱ ବିଦ୍ୟାଳୟରେ ପରିଣତ କରିବା ପାଇଁ ବର୍ତ୍ତମାନ ରାଜ୍ୟ ସରକାରଙ୍କ ପାଖରେ କୌଣସି ଯୋଜନା ନ ଥିବା କହିଛନ୍ତି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ରାୟଗଡ଼ା ବିଧାୟକ କାଡ୍ରକା ଏକ ପୂର୍ଣ୍ଣାଙ୍ଗ ବିଶ୍ୱ ବିଦ୍ୟାଳୟରେ ପରିଣତ କରିବା ପାଇଁ ସରକାରଙ୍କ ପାଖରେ କିଛି ଯୋଜନା ରହିଛି କି ,ଯଦି ରହିଛି ତେବେ କେବେ ସୁଦ୍ଧା ଏହା ବିଶ୍ୱ ବିଦ୍ୟାଳୟର ମାନ୍ୟତା ପାଇବ ବୋଲି ପ୍ରଶ୍ନରେ ଉଲ୍ଲେଖ କରିଥିଲେ। ଉକ୍ତ ପ୍ରଶ୍ନଗୁଡିକର ଉତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ

## ୪ ସରକାରୀ ଡିଗ୍ରୀ ମହାବିଦ୍ୟାଳୟରୁ ୩ଟିରେ ହଷ୍ଟେଲ ନାହିଁ



ଆପଲସ୍ୱାମୀଙ୍କ ଦ୍ୱାରା ଚଳିତ ମାସ ୧୩ ତାରିଖରେ ବିଧାନସଭାରେ ଅଣତାରକା ପ୍ରଶ୍ନ ସଂଖ୍ୟା ୩୪୬୩ରେ ଅଧାପକ ପଦବୀ ପୂରଣ ନେଇ ପଚାରି ଯାଇଥିବା ପ୍ରଶ୍ନର ଉତର ଦେଇଛନ୍ତି। ବିଧାୟକ ଶ୍ରୀ କାଡ୍ରକା ରାୟଗଡ଼ା ଜିଲ୍ଲାର ସରକାରୀ ଓ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଗୁଡିକରେ ବର୍ତ୍ତମାନ ସୁଦ୍ଧା କେତୋଟି ଅଧାପକ ପଦବୀ ଖାଲି ପଡିଛି ଏବଂ ଏହି କାରଣରୁ ଛାତ୍ରଛାତ୍ରୀଙ୍କ ପାଠପଢାରେ ହେଉଥିବା ବ୍ୟାଘାତକୁ ଦୂର କରିବା ପାଇଁ ସରକାର କେବେ ସୁଦ୍ଧା ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ଶେଷ କରିବେ । ଜିଲ୍ଲାର ଦୂର ଦୂରାନ୍ତରୁ ଆସୁଥିବା ଆଦିବାସୀ ଓ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଆବଶ୍ୟକୀୟ ହଷ୍ଟେଲ ସୁବିଧା ଅଛି କି, କେତୋଟି ମହାବିଦ୍ୟାଳୟରେ ହଷ୍ଟେଲ ସୁବିଧା ନାହିଁ ଏବଂ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ରାୟଗଡ଼ା ଜିଲ୍ଲାରେ ସରକାରୀ ଡିଗ୍ରୀ ମହାବିଦ୍ୟାଳୟରେ ୩୪ଟି ଏବଂ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଗୁଡିକରେ ୨୬ ଗୋଟି ଅଧାପକ ପଦବୀ ଖାଲି ପଡିଥିବା ଉଲ୍ଲେଖ କରିଛନ୍ତି। ରାୟଗଡ଼ା ଜିଲ୍ଲା ତଥା ରାଜ୍ୟର ସମସ୍ତ ସରକାରୀ ଡିଗ୍ରୀ କଲେଜରେ ଖାଲିଥିବା ୩୮୫ଗୋଟି ଅଧାପକ ପଦବୀ ପୂରଣ ପାଇଁ ଓଡିଶା ଲୋକସେବା ଆୟୋଗଙ୍କୁ ଗତ ୨୦୨୩ ମସିହାରେ ଅନୁରୋଧ କରାଯାଇଥିଲା । ଓପିଏସସି ଉକ୍ତ ପଦବୀ ପୂରଣ ପାଇଁ ବିଜ୍ଞାପନ ସଂଖ୍ୟା ୨୭/୨୦୨୩-୨୪ ଜାରି କରିଥିଲେ। ମାତ୍ର ବିଜ୍ଞାପନ ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟ ଡବ୍ଲ୍ୟୁପି(ସି) ସଂଖ୍ୟା ୨୬୨୪୭/୨୦୨୪ ଦାୟର କରାଯାଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ଗତ ୨୦୨୫ ମସିହା ଜାନୁଆରୀ ୨୭ ତାରିଖ ଆଦେଶ ଅନୁଯାୟୀ ଉପରୋକ୍ତ ରିଟ୍ ଆବେଦନର ନିଷ୍ପତି ପରେ ଓପିଏସସି ଚୟନ ପ୍ରକ୍ରିୟା ଚାଲୁ ରଖିଛନ୍ତି ବୋଲି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଓପିଏସସିଙ୍କ ଠାରୁ ମେଧା ତାଲିକା ପ୍ରାପ୍ତ ହେଲା ପରେ ରାଜ୍ୟର ସମସ୍ତ ସରକାରୀ ଡିଗ୍ରୀ ମହାବିଦ୍ୟାଳୟରେ ଖାଲିଥିବା ଅଧାପକ ପଦବୀ ପୂରଣ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉତ୍ତର ପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ଖାଲିଥିବା ୩୦୪ ଗୋଟି ଅଧାପକ ପଦବୀ ପୂରଣ ପାଇଁ ବିଗତ ବର୍ଷରେ ଓପିଏସସିଙ୍କୁ ଅନୁରୋଧ କରାଯାଇଛି। ବର୍ତ୍ତମାନ ଓପିଏସସି ମାଧ୍ୟମରେ ଚାଲୁଥିବା ୩୮୫ଟି ଅଧାପକ ପଦବୀର ନିଯୁକ୍ତି ପ୍ରକ୍ରିୟା ସମାପ୍ତ ହେବା ପରେ ଉକ୍ତ ୩୦୪ଗୋଟି ଅଧାପକ ପଦବୀ ପୂରଣ ପାଇଁ ଓପିଏସସିଙ୍କ ଦ୍ୱାରା ପରବର୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ଉତ୍ତରରେ ଉଲ୍ଲେଖ କରିଛନ୍ତି। ରାଜ୍ୟରେ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଖାଲିଥିବା ପଦବୀର ପୂରଣ ନିମନ୍ତେ ରାଜ୍ୟ ପ୍ରବରଣ ମଣ୍ଡଳୀ ଦ୍ୱାରା ବିଜ୍ଞପ୍ତି ସଂଖ୍ୟା ୦୦୦୪/୨୦୨୪/୦୯/୦୩/୨୦୨୪ରିଖ ଜରିଆରେ ୭୮୬ଗୋଟି ଖାଲିଥିବା ପଦବୀ ପୂରଣ ନିମନ୍ତେ ଆକାଂକ୍ଷିତ ପ୍ରାର୍ଥୀମାନଙ୍କ ଠାରୁ ଆବେଦନ ଗ୍ରହଣ କରାଯାଇଥିଲା। ଡବ୍ଲ୍ୟୁପି(ସି) ସଂଖ୍ୟା ୩୬୧୨୫/୧୩/୧୧/୨୦୨୪ ତାରିଖ ଜରିଆରେ ଉଚ୍ଚ ନ୍ୟାୟାଳୟ ଉକ୍ତ ବିଜ୍ଞପ୍ତିକୁ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାର ଏହି ଆଦେଶ ବିରୁଦ୍ଧରେ (ଡବ୍ଲ୍ୟୁଏ ସଂଖ୍ୟା ୩୩୪୪/୨୦୨୪) ଦାୟର କରିଛନ୍ତି। ଯାହାକି ଉଚ୍ଚ ନ୍ୟାୟାଳୟଙ୍କ ବିଚାରଧୀନ ଅଛି । ଉକ୍ତ ଅପିଲରେ ଉଚ୍ଚ ନ୍ୟାୟାଳୟଙ୍କ ଅନ୍ତିମ ରାୟ ଆଧାରରେ ସରକାର ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ଉଲ୍ଲେଖ କରିଛନ୍ତି। ସେହିପରି ରାୟଗଡ଼ା ଜିଲ୍ଲାରେ ଥିବା ୪ ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ମଧ୍ୟରୁ ଗୋଟିଏ ମହାବିଦ୍ୟାଳୟରେ ହଷ୍ଟେଲ ସୁବିଧା ଅଛି। ମାତ୍ର ନୂତନ ଭାବେ ସ୍ଥାପିତ ଅନ୍ୟ ତିନିଗୋଟି ମହାବିଦ୍ୟାଳୟରେ ହଷ୍ଟେଲ ସୁବିଧା ଉପଲବ୍ଧ ନାହିଁ । ଜିଲ୍ଲାରେ ଥିବା ୮ଗୋଟି ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମଧ୍ୟରୁ ଛଅ ଗୋଟି ମହାବିଦ୍ୟାଳୟରେ ହଷ୍ଟେଲ ସୁବିଧା ଥିବା ବେଳେ ଅନ୍ୟ ଦୁଇଟିରେ ହଷ୍ଟେଲ ସୁବିଧା ନ ଥିବା ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ରାୟଗଡ଼ା ବିଧାୟକ ଶ୍ରୀ କାଡ୍ରକାଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି।

# ଅଟୋ ଧକ୍କାରେ ବାଇକ୍ ଚାଳକ ଗୁରୁତର

ପୋଡ଼ାଗଡ଼,୨୩।୩(ସମିସ): ବେପରୁଆ ଗାଡ଼ି ଚଲାଇବା ହେଲା କାଳ। ସ୍ଥାନୀୟ ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅଧିନସ୍ଥ ଲଦି ବେଢା ଗାଁ ନିକଟସ୍ଥ ଘାଟିରେ ଆଜି ସନ୍ଧ୍ୟାରେ ଏକ ଅଟୋ ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ ରାସ୍ତା କଡ଼ରେ ଛିଟିକି ପଡି ଗୁରୁତର ଆହତ ହୋଇ ଥିବା ବେଳେ ବାଇକ୍ ପଛରେ ବସି ଥିବା ଅନ୍ୟ ଜଣେ ଯୁବକ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ଗୁରୁତର ଯୁବକ ଜଣକ ହେଲେ ଏହି ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତ ଅଧିନସ୍ଥ ଗୁନର ଗାଁର ଡଗର ମୁଦୁଲି (୨୮) । ଆହତ ଯୁବକ ପିଣ୍ଡାପଦର ପଞ୍ଚାୟତ ଅଧିନସ୍ଥ ମାଙ୍କଡ଼ଗୁଡ଼ା ଗାଁର ଚାଲାଣ ମୁଦୁଲି । ଆହତକୁ ସମାଜସେବୀ ଶୈଳେଶ ଖଡିଆର ଘଟଣା ସ୍ଥଳରୁ ନିଜ ବାଇକ୍‌ରେ ଉଦ୍ଧାର କରି ଦଶମନ୍ତପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ତୁରନ୍ତ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ କଲେଜ୍ ଓ ହସ୍ପିଟାଲକୁ ସ୍ଥାନାନ୍ତର କରିଥିବା ଡାକ୍ତରଖାନାରୁ ଜଣାପଡିଛି। ଗୁରୁତର ଯୁବକ ମାନେ ଓଡି ୧୦ ଜେ ୭ ୯୦୨ ନମ୍ବର ଥିବା ଏକ ବାଇକ୍‌ରେ କୌଣସି କାମ ନେଇ ଦଶମନ୍ତପୁର ଠାରୁ ମାଙ୍କଡ଼ଗୁଡା ଗାଁକୁ ଯାଉଥିବା ବେଳେ ବିପରୀତ ଦିଗରୁ ଓଡି ୧୦ ୦୭୫୧ ନମ୍ବର ଥିବା ଅଟୋ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ।

କଳାବାଘ ଛାଲ ଜବତ ଘଟଣାରେ ୯ ଗିରଫ

# କ'ଣ ଲୁଚାଉଛି ବନ ବିଭାଗ?

■ ସାମ୍ବାଦିକ ସମ୍ମିଳନୀରେ ବହୁ ତଥ୍ୟ ଦେଲାନି ବିଭାଗ
■ ଦୁଇ ସପ୍ତାହ ତଳେ ଶିକାର ହୋଇଥିଲା!
■ ତନ୍ତ୍ର ସାଧନା ଓ ଅନ୍ଧବିଶ୍ୱାସ ପାଇଁ ବନ୍ୟଜନ୍ତୁ ଶିକାର

ବାରିପଦା, ୨୩।୩ (ସମିସ): ବାରିପଦା ବନଖଣ୍ଡ କୁଳିଅଣା ଅଞ୍ଚଳରୁ ରବିବାର ଏକ କଳାବାଘ ଛାଲ ଜବତ ଘଟଣାରେ ବନ ବିଭାଗ ୯ଜଣଙ୍କୁ ଗିରଫ କରିଛି। ଏ ସଂପର୍କରେ ଗଣମାଧ୍ୟମକୁ ଜଣାଇବାକୁ ବନ ବିଭାଗ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଡାକିଥିଲେ ହେଁ ତଦନ୍ତ ଗୋପନୀୟତା ଆଳରେ ବହୁ ପ୍ରସଙ୍ଗ ଉପରେ ପରଦା ଢାଙ୍କିଛି। ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ କହିଛନ୍ତି ଯେ ଜବତ ଛାଲଟି ୩ ବର୍ଷ ବୟସ କଳା ବାଘର ବୋଲି ଅନୁମାନ କରାଯାଉଛି। କିନ୍ତୁ ବାଘଟିର କେମିତି ମୃତ୍ୟୁ ହୋଇଛି, କେବେ ଓ କିପରି ତାକୁ ଶିକାର କରାଯାଇଛି, ସେ ବାବଦରେ ମୁହଁ ଖୋଲି ନଥିଲେ। ଏପରିକି, ଜବତ ହୋଇଥିବା ବାଘଛାଲକୁ ମଧ୍ୟ ଗଣମାଧ୍ୟମ ଆଗରେ ପ୍ରଦର୍ଶିତ କରିନଥିଲେ। ସେହିପରି, ଗିରଫ ୯ ଅଭିଯୁକ୍ତମାନଙ୍କର ମଧ୍ୟ ପରିଚୟ ପ୍ରଦାନ କରିନଥିଲେ। ତେବେ ଆଗକୁ ଗିରଫଦାରୀ ସଂଖ୍ୟା ବୃଦ୍ଧି ହେବ ବୋଲି ସେ କହିଛନ୍ତି। ଅପରପକ୍ଷେ, ବୟାନ ସଂଗ୍ରହ ପରେ ଗିରଫ ୯ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ଓ ଆବଶ୍ୟକ ପଡ଼ିଲେ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଗିରଫ ୯ଜଣ କୁଳିଅଣା, ବାରିପଦା, ଡୁକୁରା, ହରିଶ୍ଚନ୍ଦ୍ରପୁର ଓ ଉଦଳା ଅଞ୍ଚଳର ବୋଲି କୁହାଯାଉଛି।

ଏକ ଅସମର୍ଥିତ ସୂତ୍ରରୁ ଜଣାଯାଇଛି ଯେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡ ତଥା ଉଦଳା ଥାନା ନିକଟ ପାଟଶାଣୀପୁର ଅଞ୍ଚଳରୁ ପାଖାପାଖି ଦୁଇ ସପ୍ତାହ ତଳେ ୩ ବର୍ଷ ବୟସର ହୃଷ୍ଟପୁଷ୍ଟ କଳା ବାଘକୁ ଦେଶୀ ବନ୍ଧୁକ ସାହାଯ୍ୟରେ ଶିକାର କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।



ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡ ତଥା ଉଦଳା ଥାନା ନିକଟ ପାଟଶାଣୀପୁର ଅଞ୍ଚଳରେ ପାଖାପାଖି ଦୁଇ ସପ୍ତାହ ତଳେ ୩ବର୍ଷ ବୟସର ହୃଷ୍ଟପୁଷ୍ଟ କଳା ବାଘକୁ ଦେଶୀ ବନ୍ଧୁକ ସାହାଯ୍ୟରେ ଶିକାର କରାଯାଇଥିଲା। ଜବତ ଏହି ବାଘଛାଲଟି ଉକ୍ତ ବାଘର ବୋଲି କୁହାଯାଉଛି।

ଅପରପକ୍ଷେ, କଳାବାଘ ମାରି ତା'ର ଛାଲ ସଂଗ୍ରହ କରିବା ପଛରେ ଅନ୍ଧବିଶ୍ୱାସ ଓ ତନ୍ତ୍ରସାଧନା ଘଟଣା ଜଡ଼ିତ ଥିବା ଜଣାପଡ଼ିଛି। ସୂଚନାନୁସାରେ, ରବିବାର କୁଳିଅଣା ଅଞ୍ଚଳରେ ବାଘଛାଲ ଜବତ ସମୟରେ ଜଣେ ଅଭିଯୁକ୍ତ ବାଘଛାଲ ଉପରେ ବସି ତନ୍ତ୍ର ସାଧନା କରୁଥିଲେ। କଳାବାଘ ଛାଲ ଉପରେ ବସି ଏକ ନିର୍ଦ୍ଦିଷ୍ଟ ତନ୍ତ୍ର ସାଧନା କଲେ, ଆକାଶରୁ ପ୍ରଚୁର ଟଙ୍କା ବୃଷ୍ଟି ହେବ ବୋଲି ସେ ପୂର୍ବରୁ କହିଥିଲା। ଏହି ବିଶ୍ୱାସରେ ତା'ର ସହଯୋଗୀମାନେ ଶିକାରୀଙ୍କଠାରୁ ଏହି କଳାବାଘ ଛାଲ ଆଣିଥିଲେ।

ଶିକାରୀକୁ ସହଯୋଗ କରିଥିବା ଅଭିଯୁକ୍ତମାନେ ବନ ବିଭାଗ କବ୍‌ଜାରେ ଥିଲେ ହେଁ ମୁଖ୍ୟ ଶିକାରୀ ଧରା ପଡ଼ି ନଥିବାରୁ ତଦନ୍ତକୁ ଏପର୍ଯ୍ୟନ୍ତ ଗୋପନ ରଖାଯାଇଛି। ତେବେ ଅନ୍ଧବିଶ୍ୱାସ ଓ ତନ୍ତ୍ରସାଧନା ପାଇଁ ଅନୁରୂପ ଘଟଣାରେ ୨୦୨୫ ଜୁଲାଇ ୧୬ରେ ବଡ଼ସାହି ଓ ଖୁଣ୍ଟା ଥାନା ଅଞ୍ଚଳରୁ ୩ଟି କଲରାପତରିଆ ବାଘ ଚମଡ଼ା ଜବତ ସହ ୭ ଜଣଙ୍କୁ ଗିରଫ କରାଯାଇଥିଲା। ରାତାରାତି ଧନୀ ହେବା ଆଶାରେ ବାଘଛାଲ ଉପରେ ବସି ପୂଜାପାଠ କରିବା ଭଳି ଅନ୍ଧବିଶ୍ୱାସରେ ଯୁବଗୋଷ୍ଠୀ ପ୍ରଲୋଭନର ଶିକାର ହୋଇ ଏପରି ଅପରାଧରେ ଜଡ଼ିତ ରହିବା ପରିବେଶବିତ୍ ଓ ପ୍ରାଣୀପ୍ରେମୀ ଚିନ୍ତା ପ୍ରକଟ କରିଛନ୍ତି।

ଅନ୍ୟପକ୍ଷରେ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର୍ ଅଞ୍ଚଳରେ ଶିକାରୀମାନେ ପ୍ରବେଶ କରି କଳାବାଘ ଭଳି ଦୁର୍ଲଭ ଜନ୍ତୁକୁ ଶିକାର କରି ଦୀର୍ଘ ୫୦ କିମି ରାସ୍ତା ଅତିକ୍ରମ କରିବା ପରେ ମଧ୍ୟ ବନ ବିଭାଗ ସୁରାକ ପାଇପାରିଲା ନାହିଁ। ଏପରିକି, ଏଆଇ ଓ ଟ୍ରାପ୍ କ୍ୟାମେରାରେ ଶିକାରୀମାନଙ୍କୁ ଠାବ କରିବାରେ ସକ୍ଷମ ହୋଇପାରିନାହିଁ। ଜଙ୍ଗଲ ମଧ୍ୟକୁ ଶିକାରୀମାନଙ୍କ ଅବାଧ ପ୍ରବେଶ ରହୁଥିବାରୁ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡ଼ିଛନ୍ତି। ସେହିପରି, ବନ ବିଭାଗ ଓ ପୁଲିସ ମିଳିତ ଭାବେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିମିଳିପାଳ ପାଦଦେଶରୁ ବିପୁଳ ପରିମାଣର ବନ୍ଧୁକ ଜବତ ସତ୍ତ୍ୱେ ପୁଣି ଶିକାରୀମାନଙ୍କ ପାଖରେ ବନ୍ଧୁକ ରହିବା ତଦନ୍ତସାପେକ୍ଷ ବୋଲି ପରିବେଶବିତ୍ ବିଭୁଦତ୍ତ ଦାସ କହିଛନ୍ତି।

ରାଜ୍ୟସଭାରେ ସାଂସଦ ମାନସ ମଙ୍ଗରାଜଙ୍କ କ୍ଷୋଭ

# ରାଜ୍ୟରେ ବିମାନ ସଂଯୋଗୀକରଣ ସ୍ଥିତି ଉଦ୍‌ବେଗଜନକ

ଭୁବନେଶ୍ୱର,୨୩।୩(ସମିସ): ରାଜ୍ୟରେ ବିମାନ ସଂଯୋଗୀକରଣର ଆଶାନୁରୂପକ ସଫଳତା ମିଳିପାରୁ ନାହିଁ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ବିମାନ ସଂଯୋଗୀକରଣ ସ୍ଥିତି ଅତ୍ୟନ୍ତ ଖରାପ ହେବାରୁ ଅସୁବିଧା ସୃଷ୍ଟି ହେଉଛି। ଅଧିକାଂଶ ପ୍ରକଳ୍ପ ଆଗକୁ ଯାଇ ପାରୁନାହିଁ। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ। ଏହାକୁ ନେଇ ଶ୍ରୀ ମଙ୍ଗରାଜ ରାଜ୍ୟସଭାରେ ବେସାମରିକ ବିମାନ ଚଳଚଳ ମନ୍ତ୍ରୀ ମୁରଲୀଧର ମୋସୁଲଙ୍କୁ ପ୍ରଶ୍ନ କରିଛନ୍ତି ଯେ ଦକ୍ଷିଣ ଓଡ଼ିଶାରେ ଦୁର୍ବଳ ବିମାନ ସଂଯୋଗୀକରଣ, ଜରୁରୀକାଳୀନ ଚିକିତ୍ସା ଜନିତ ସ୍ଥାନାନ୍ତର, ବିପର୍ଯ୍ୟୟ ପ୍ରତିକ୍ରିୟା (ବିଶେଷକରି ଉପକୂଳ ଜିଲ୍ଲାଗୁଡ଼ିକରେ ଘୂର୍ଣ୍ଣିଝଡ଼) ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ବିକାଶକୁ ପ୍ରଭାବିତ କରେ ବୋଲି ସରକାର ସ୍ୱୀକାର କରୁଛନ୍ତି କି ନାହିଁ। ଓଡ଼ିଶା ରାଜ୍ୟର ପଛୁଆ ଏବଂ ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକ ପାଇଁ କୌଣସି ସ୍ୱତନ୍ତ୍ର ବିମାନ ଚଳାଚଳ ପ୍ୟାକେଜ୍ ବିଚାର କରାଯାଉଛି କି। ଏହାସହ ରାଜ୍ୟର ସମସ୍ତ ଅଞ୍ଚଳରେ ସମାନ ଆଞ୍ଚଳିକ ବିମାନ ସଂଯୋଗୀକରଣ ସୁନିଶ୍ଚିତ କରିବା ପାଇଁ ଅବଶ୍ୟକୀୟ ସମୟସୀମା ରହିଛି କି ନାହିଁ।



ଏହାର ଉତ୍ତରରେ ମନ୍ତ୍ରୀ ଶ୍ରୀ ମୋସୁଲ କହିଛନ୍ତି, ଆର୍‌ସିସୁଦାନ ଯୋଜନା ଅଧୀନରେ ସରକାର ଓଡ଼ିଶାରେ ଆଞ୍ଚଳିକ ବିମାନ ସଂଯୋଗକୁ ବୃଦ୍ଧି କରୁଛନ୍ତି। ଝାରସୁଗୁଡ଼ା, ରାଉରକେଲା, ଉତ୍କେଳା ଏବଂ ଜୟପୁର ଭଳି ଚାରିଟି ବିମାନବନ୍ଦରକୁ କାର୍ଯ୍ୟକ୍ଷମ କରାଯାଇଛି। ଏହା ବ୍ୟତୀତ, ରଙ୍ଗେଇଲୁଣ୍ଡା, ଅମର୍ଦ୍ଦା ଏବଂ ରାଇରଙ୍ଗପୁର ବିମାନ ବନ୍ଦରଗୁଡ଼ିକୁ ବିକାଶ ପାଇଁ ଚିହ୍ନଟ କରାଯାଇଛି। ଏପର୍ଯ୍ୟନ୍ତ ରାଜ୍ୟରେ ୩୨ଟି ଆର୍‌ସିଏସ୍ ରୁଟ୍ କାର୍ଯ୍ୟକ୍ଷମ ହୋଇଛି। ଭିଜିଏଫ୍ ଭାବରେ ୨୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅନୁଗୋଳ, ବଡ଼ବିଲ, ବିରାସାଲ, ଗୁଡ଼ାରି, ହୀରାକୁଦ, ଜୟପୁର, ଲାଞ୍ଜିଗଡ଼, ନୱାପାରା, ପଦମ୍ପୁର, ରାଇସୁଆଁ, ସୁକିନ୍ଦା, ଥେରୁବାଲି, ତୁଷରା, ମାଲକାନଗିରି, ବାରିପଦା ଏବଂ କୋଣାର୍କ ସମେତ ଅନେକ ବିମାନ ବନ୍ଦରକୁ 'ଉଡ଼ାନ' ଯୋଜନା ଅଧୀନରେ ଅଣସେବାପ୍ରାପ୍ତ ବିମାନ ବନ୍ଦର ଭାବରେ ତାଲିକାଭୁକ୍ତ କରାଯାଇଛି। ଏହି ଯୋଜନା ଅଧୀନରେ ବିମାନ ବିଡ୍ ଆଧାରରେ ରୁଟ୍ ଗୁଡ଼ିକୁ ବିଚାର କରାଯାଇପାରିବ। 'ଉଡ଼ାନ୍' ଅଧୀନରେ ସଂଯୋଗୀକରଣର ବିସ୍ତାର ଚାଲୁଥିବା ଏବଂ ଚାହିଦା-ଚାଳିତ ପ୍ରକ୍ରିୟା, ଯାହା ଜମିର ଉପଲବ୍ଧତା, ଭିତ୍ତିଭୂମି, ନିୟାମକ ଅନୁମୋଦନ ଏବଂ ବିମାନ ଯୋଗଦାନ ଉପରେ ନିର୍ଭର କରେ। ସରକାର ୧୨୦ଟି ନୂତନ ଗନ୍ତବ୍ୟସ୍ଥଳକୁ ସଂଯୋଗ କରିବା, ଆଗାମୀ ୧୦ ବର୍ଷ ମଧ୍ୟରେ ୪ କୋଟି ଯାତ୍ରୀଙ୍କୁ ସେବା ଯୋଗାଇବା ଏବଂ ପାହାଡ଼ିଆ, ଆକାଂକ୍ଷୀ ଏବଂ ଉତ୍ତର-ପୂର୍ବ କ୍ଷେତ୍ର ଜିଲ୍ଲାଗୁଡ଼ିକରେ ହେଲିପ୍ୟାଡ୍ ଏବଂ ଛୋଟ ବିମାନବନ୍ଦରକୁ ସମର୍ଥନ କରିବା ପାଇଁ ଏକ ସଂଶୋଧିତ ଉଡ଼ାନ୍ ଯୋଜନା ମଧ୍ୟ ଘୋଷଣା କରିଛନ୍ତି। ଏହି ଯୋଜନା ବର୍ତ୍ତମାନ ଅନୁମୋଦନ ପର୍ଯ୍ୟାୟରେ ରହିଛି ବୋଲି ମନ୍ତ୍ରୀ ଶ୍ରୀ ମୋସୁଲ୍ ରାଜ୍ୟସଭାରେ ସୂଚନା ଦେଇଛନ୍ତି।

## ବିଧାନସଭା ପ୍ରଶ୍ନୋତ୍ତର

### ମୁଖ କର୍କଟରେ ୧୦ ବର୍ଷରେ ୩୧୫୭ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର,୨୩।୩(ସମିସ): ରାଜ୍ୟରେ ଗୁଟଖା ଓ ତମାଖୁ ଜନିତ ପଦାର୍ଥ ବ୍ୟବହାର ଫଳରେ ଗତ ୧୦ ବର୍ଷରେ ମୁଖ୍ୟ କର୍କଟରେ ୩୧୫୭ ଜଣଙ୍କର ମୃତ୍ୟୁ ହୋଇଛି। ସୋମବାର ବିଧାନସଭାରେ ଏପରି ଚିନ୍ତାଜନକ ଉତ୍ତର ରଖିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ବିଧାୟକ ପବିତ୍ର ସାଉନ୍ତାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଗୁଟଖା ଏବଂ ତମାଖୁ ଜନିତ ପଦାର୍ଥର ନିୟନ୍ତ୍ରଣ କରିବା ପାଇଁ ସିଗାରେଟ ଓ ଅନ୍ୟାନ୍ୟ ତମାଖୁ ଜାତୀୟ ଦ୍ରବ୍ୟ ନିୟନ୍ତ୍ରଣ ଅଧିନିୟମ, ୨୦୦୩ର ଅନୁପାଳନ କରାଯାଉଛି। ଏହା ଅଧିନରେ ସର୍ବସାଧାରଣ ଧୂମପାନ ଏବଂ ୧୮ ବର୍ଷରୁ କମ ବୟସର ବ୍ୟକ୍ତି ଏବଂ ଶିକ୍ଷା ଅନୁଷ୍ଠାନର ୧୦୦ ଗଜ ଦୂରତା ମଧ୍ୟରେ ତମାଖୁ ବିକ୍ରୟକୁ ବାରଣ କରାଯାଇଛି। ଗତ ୧୦ ବର୍ଷରେ ୬୨୫୪୨ ଜଣ ଉଲ୍ଲଂଘନକାରୀଙ୍କଠାରୁ ୮ କୋଟି ୩୪ ଲକ୍ଷ ୫୨ ହଜାର ୫୫୨ ଟଙ୍କା ଫାଇନ ଆଦାୟ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

### ୫ ଜିଲ୍ଲାରେ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବିଲଡିଂକୁ ସାଟେଲାଇଟ ସେଣ୍ଟର ଭାବରେ ବ୍ୟବହାର ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର,୨୩।୩(ସମିସ): ଝାରସୁଗୁଡ଼ା, ଢେଙ୍କାନାଳ, ଭଦ୍ରକ, ସୁବର୍ଣ୍ଣପୁର, ଦେବଗଡ ଜିଲ୍ଲାର ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବିଲଡିଂକୁ ସାଟେଲାଇଟ ସେଣ୍ଟର ଭାବରେ ବ୍ୟବହାର ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି ବୋଲି ବିଧାୟକ ଗଣେଶ୍ୱର ବେହେରାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଧାନସଭାରେ ଉତ୍ତର ରଖିଛନ୍ତି। ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ଉପରୋକ୍ତ ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ୧୦ଟି ପର୍ଯ୍ୟବେକ୍ଷଣ ଶଯ୍ୟା ପର୍ଯ୍ୟନ୍ତ ବ୍ୟବସ୍ଥା କରିବା ସହ ସମ୍ବନ୍ଧିତ ସ୍ୱାସ୍ଥ୍ୟ ସେବା ପାଇଁ ପ୍ରାବଧାନ ରହିଛି। ଏହି ପ୍ରରିପେକ୍ଷୀରେ ଗତ ୨୦୨୫ ମସିହା ମେ ୨୭ ତାରିଖରେ ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

### ୫୨୮୪ ଡାକ୍ତର ପଦବୀ ପୂରଣ ପାଇଁ ଓପିଏସସିକୁ ନିବେଦନ

ଭୁବନେଶ୍ୱର,୨୩।୩(ସମିସ): ରାଜ୍ୟରେ ଖାଲି ଥିବା ୫୨୪୮ଟି ଡାକ୍ତରୀ ପଦବୀ ପୂରଣ ପାଇଁ ରାଜ୍ୟ ସରକାର ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି)ଙ୍କୁ ନିବେଦନ କରିଛନ୍ତି। ୨୦୨୫ ମସିହା ଫେବୃଆରୀ ୧୨ ତାରିଖରେ ଏହି ନିବେଦନ କରାଯାଇଥିବା ନେଇ ଗୃହରେ ଉତ୍ତର ରଖିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଓପିଏସସିର ସୁପାରିଶ ପରେ ଆବଶ୍ୟକୀୟ ଡାକ୍ତର ନିଯୁକ୍ତି ଦିଆଯିବ ବୋଲି ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ଏକ ଅଣତାରକା ପ୍ରଶ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଅପରପକ୍ଷେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ରାଜ୍ୟରେ ୩୦ଟି ଜିଲ୍ଲାରେ ମୋଟ ୧୨୩୪ଟି ପିଏଚସି ରହିଛି। ସେଥିରେ ମୋଟ ୧୨୩୪ଟି ଡାକ୍ତର ପଦବୀ ରହିଥିବା ବେଳେ ବର୍ତ୍ତମାନ ୧୦୦୯ ଜଣ କାର୍ଯ୍ୟରତ ଅଛନ୍ତି। ୨୨୫ଟି ଡାକ୍ତର ପଦବୀ ଖାଲି ପଡ଼ିଛି ବୋଲି ମନ୍ତ୍ରୀ ସୂଚନା ରଖିଛନ୍ତି।

### ରାଜ୍ୟରେ ସକ୍ରିୟ ଅଛନ୍ତି ୧୫ ମାଓବାଦୀ

ଭୁବନେଶ୍ୱର,୨୩।୩(ସମିସ): ରାଜ୍ୟର କନ୍ଧମାଳ-କଳାହାଣ୍ଡି -ରାୟଗଡା ଜିଲ୍ଲା ସୀମାବର୍ତ୍ତୀ ଅଳ୍ପ କିଛି ଅଞ୍ଚଳରେ ଏବେ ବି ୧୫ ମାଓବାଦୀ ସକ୍ରିୟ ଅଛନ୍ତି। ଏହାବ୍ୟତୀତ ଅନ୍ୟ କୌଣସି ଅଞ୍ଚଳରେ ମାଓବାଦୀଙ୍କର ଉପସ୍ଥିତି ନାହିଁ ବୋଲି ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଉପରୋକ୍ତ ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଉତ୍ତର ଅନୁଯାୟୀ ରାଜ୍ୟରେ ଅନ୍ୟ କୌଣସି ସ୍ଥାନରେ ମାଓବାଦୀଙ୍କ ଉପସ୍ଥିତି ଦେଖିବାକୁ ମିଳୁନି। ଗତ ଦୁଇ ବର୍ଷରେ ରାଜ୍ୟରେ ୯୬ ଜଣ ମାଓବାଦୀ ବା ମିଲିସିଆ ଆତ୍ମସମର୍ପଣ କରିଛନ୍ତି। କେନ୍ଦ୍ର ସରକାରଙ୍କ ଏସଆରଇ ଯୋଜନା ଅନୁଯାୟୀ ଏବେ ବି କନ୍ଧମାଳ ଜିଲ୍ଲାକୁ ମାଓବାଦୀ ପ୍ରଭାବିତ ଜିଲ୍ଲା ଭାବରେ ବିବେଚିତ କରାଯାଉଛି। ସେହିପରି ୮ ଟି ଜିଲ୍ଲା ଯଥା ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡା ଏବଂ ରାୟଗଡା ଜିଲ୍ଲା ଗୁଡିକୁ ଲିଗାସି ଆଣ୍ଡ ଥ୍ରଷ୍ଟ(ଏଲ ଆଣ୍ଡ ଟି) ଜିଲ୍ଲା ଭାବରେ ବିବେଚନା କରାଯାଉଛି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ମାଓବାଦୀ ମୁକ୍ତ ରାଜ୍ୟ ହେବ ବୋଲି ଗୃହରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି।

### ପୁଲିସ ସ୍କାନରରେ ଓୟୋ ହୋଟେଲ

ଭୁବନେଶ୍ୱର,୨୩।୩(ସମିସ): ସେକ୍ସ ରାକେଟ ସନ୍ଦେହରେ ପୁଲିସ ସ୍କାନରରେ ଅଛି ଓୟୋ ହୋଟେଲ। ଜୁଲାଇ ୨୦୨୪ଠାରୁ ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ଅଧୀନରେ ଅବୈଧ ସେକ୍ସ ରାକେଟ ସମ୍ବନ୍ଧିତ କାର୍ଯ୍ୟକଳାପକୁ ରୋକିବା ପାଇଁ ଓୟୋ ହୋଟେଲଗୁଡ଼ିକରେ ନିୟମିତ ପାଟ୍ରୋଲିଂ ଓ ଚଢାଉ କରାଯାଉଛି ବୋଲି ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଏକ ପ୍ରଶ୍ନରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ ଅକ୍ଟୋବର ଓ ନଭେମ୍ବର ୨୦୨୫ ଠାରୁ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ, ବସ୍ତି, ଭଡ଼ାଘର ଓ ହୋଟେଲଗୁଡ଼ିକରେ ଚଢ଼ାଉ କରାଯାଇଛି। ସେକ୍ସ ରାକେଟ୍ ଚଳାଇଥିବା ମାଲିକ, ସଂପୃକ୍ତ ଦଲାଲ ଓ ଏଥିରେ ଲିପ୍ତ ଥିବା ବ୍ୟକ୍ତି ବିଶେଷଙ୍କ ଗିରଫ କରାଯାଇଛି। ଭୁବନେଶ୍ୱର ଲକ୍ଷ୍ମୀସାଗରର ଏକ ଘରେ ରେଡ କରାଯାଇ ଜଣେ ଘର ମାଲିକଙ୍କୁ ଗିରଫ କରାଯାଇଥିଲା। ଏସଂକ୍ରାନ୍ତରେ ୩ ଦଲାଲ ଓ ୪ ଜଣ ଗ୍ରାହକ ଗିରଫ ହୋଇଥିଲେ। ସେହିପରି କ୍ୟାପିଟାଲ ହସ୍ପିଟାଲ ପାଖ ଏକ ଭଡ଼ା ଘରୁ ରେଡ କରାଯାଇ ୨ ଦଲାଲ ଓ ୪ ଗ୍ରାହକଙ୍କୁ ଗିରଫ କରାଯାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

### ଡିଜିଟାଲରେ ବିଧାୟକ ଶୁଣିବେ ଅଭିଯୋଗ

ଭୁବନେଶ୍ୱର,୨୩।୩(ସମିସ): ଆଗକୁ ଲୋକଙ୍କ ବିଭିନ୍ନ ସମସ୍ୟାର ଅଭିଯୋଗ ଶୁଣାଣୀ ଆହୁରି ସହଜ ହେବ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ସାଧାରଣ ଜନସାଧାରଣଙ୍କ ଅସୁବିଧା ଓ ଅଭିଯୋଗକୁ ଶୀଘ୍ର ଗ୍ରହଣ ଓ ସମାଧାନ ପାଇଁ ବିଧାୟକଙ୍କ ପାଇଁ ଡିଜିଟାଲ ପ୍ଲାଟଫର୍ମ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏନେଇ ରାଜ୍ୟ ସରକାର ବିଚାର ବିମର୍ଶ କରୁଛନ୍ତି ବୋଲି ଗୃହରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏକ ଲିଖିତ ପ୍ରଶ୍ନରେ କହିଛନ୍ତି।

ରାଜ୍ୟସଭାରେ ଓଡ଼ିଶାର ବିବିଧ ପ୍ରସଙ୍ଗ ରଖିଲେ ଶୁଭାଶିଷ

# ଅବହେଳା ପାଇଁ ଏସ୍‌ସିବିରେ ୧୩ ରୋଗୀଙ୍କ ଜୀବନ ଗଲା

ପୁରୀ, ୨୩।୩ (ସମିସ): ରାଜ୍ୟସଭାରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ବିବିଧ ପ୍ରସଙ୍ଗ ଉଠାଇ ହକ୍ ମାଗିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ଗୃହର ଦୃଷ୍ଟି ଆକର୍ଷଣ କରି ଶ୍ରୀ ଖୁଣ୍ଟିଆ କହିଛନ୍ତି, ରାଜ୍ୟ ପାଇଁ ବଣ୍ଟନ ବଜେଟ୍ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ବାରମ୍ବାର ଓଡ଼ିଶାକୁ ଉପେକ୍ଷା କରାଯାଉଛି। ଏହି ଅବହେଳା ପାଇଁ ରାଜ୍ୟ ସର୍ବବୃହତ୍ ଚିକିତ୍ସାଳୟ ଏସ୍‌ସିବି ମେଡିକାଲ କଲେଜ ଆଇସିୟୁ ଟ୍ରମା କେୟାରରେ ଅଗ୍ନିକାଣ୍ଡ ଘଟି ୧୩ଜଣଙ୍କ ଜୀବନ ଚାଲିଗଲା। ସରକାରୀ ହସ୍ପିଟାଲରେ ରୋଗୀଙ୍କୁ ଦିଆଯାଉଥିବା ଔଷଧ ବ୍ୟାଗରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ଫଟୋ ରହୁଛି। ଏଥିରେ କିଛି ସମସ୍ୟା ନାହିଁ। କିନ୍ତୁ ଧନ ଜୀବନ ରକ୍ଷା ପାଇଁ ହସ୍ପିଟାଲରେ ଯେଉଁଭଳି ଭାବେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯିବା କଥା ତାହାକୁ ଅଣଦେଖା କରାଯାଉଛି, ଯେଉଁଥିପାଇଁ ୧୩ଜଣ ନିରୀହ ରୋଗୀଙ୍କ ଜୀବନ ଅକାଳରେ ଚାଲିଗଲା। ଏହା କ'ଣ ସବ୍‌କା ସାଥ୍ ସବ୍‌କା ବିକାଶ ବୋଲି ପ୍ରଶ୍ନ କରିଥିଲେ ଶୁଭାଶିଷ୍।

ପୁରୀ ହେଉଛି ଅନ୍ତର୍ଜାତୀୟ ଧାର୍ମିକ ଓ ପର୍ଯ୍ୟଟନ କେନ୍ଦ୍ର। ସମସ୍ତଙ୍କ ସ୍ୱାସ୍ଥ୍ୟ ସୁବିଧାକୁ ନଜରରେ ରଖି ଓଡ଼ିଶାର ଜନପ୍ରିୟ ନେତା ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ତିଆରି ହୋଇଥିଲା। ହେଲେ ଦୁଃଖର ବିଷୟ, ଆଜି ପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଏବେ ରାଜ୍ୟ ଏବଂ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର। କିନ୍ତୁ ପ୍ରତିଟି କ୍ଷେତ୍ରରେ ପ୍ରତିଟି ସମୟରେ ଓଡ଼ିଶାକୁ ଅବହେଳା ଓ ଅଣଦେଖା କରାଯାଉଛି। ଶ୍ରୀମନ୍ଦିରକୁ ପ୍ରତିଦିନ ଲକ୍ଷାଧିକ ଭକ୍ତ, ପର୍ଯ୍ୟଟକ ଆସୁଛନ୍ତି। ହେଲେ ଦେଶର ଏହି

ଓଡ଼ିଶା ଦୟା ନୁହେଁ; ଅଧିକାର ମାଗୁଛି



ଅନ୍ୟତମ ଧାର୍ମିକ ପୀଠର ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥାର ବାସ୍ତବ ଚିତ୍ର ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ନିକଟରେ ବୋମା ପକାଇ ମନ୍ଦିରକୁ ଉଡ଼ାଇଦେବାକୁ ସାମାଜିକ ଗଣମାଧ୍ୟମରେ ଧମକ ଦିଆଯାଇଥିଲା। ମୋତେ ମଧ୍ୟ ଗୁଳି କରି ହତ୍ୟାର ଧମକ ମିଳିଥିଲା। ସୁରକ୍ଷା ବାବଦ ଖର୍ଚ୍ଚ ବଢୁଛି ବୋଲି କୁହାଯାଉଛି। କିନ୍ତୁ ପର୍ଯ୍ୟଟନ ଏବଂ ଧାର୍ମିକସ୍ଥଳୀର ସୁରକ୍ଷା କେତେବେଳେ ବଢ଼ିବ ବୋଲି ପ୍ରଶ୍ନ କରିଥିଲେ ଶୁଭାଶିଷ।

ଓଡ଼ିଶା ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ, ବିଶେଷକରି ବାତ୍ୟାର ସମ୍ମୁଖୀନ ହେଉଛି। ସରକାର କହୁଛନ୍ତି ଅର୍ଥ କମିଶନଙ୍କ ନିୟମ ଅନୁସାରେ ସହାୟତା ପ୍ରଦାନ କରାଯାଉଛି। କିନ୍ତୁ ତୃଣମୂଳସ୍ତରରେ ଏହାର ବାସ୍ତବତା କିନ୍ତୁ ଭିନ୍ନ। ଆମକୁ ମିଳୁଥିବା ସହାୟତା କେବଳ ରିଲିଫ୍‌ରେ ହିଁ ସୀମିତ ରହୁଛି। ଭିତ୍ତିଭୂମିକୁ ସୁଦୃଢ଼ ଓ ଶକ୍ତିଶାଳୀ କରିବା ଲାଗି ଆମକୁ ପର୍ଯ୍ୟାପ୍ତ ଆର୍ଥିକ ସହାୟତା ମିଳୁନାହିଁ। ଆଜି ଓଡ଼ିଶାର ଚାଷୀକୁଳ ସଂକଟରେ ପଡ଼ିଛି। ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେବା ଲାଗି ରାଜ୍ୟର ବିଜେପି ସରକାର ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଏଥିରେ କଟକଣା ଲଗାଇଥିବା ବେଳେ କଟ୍‌ନିଛଟ୍‌ନି କରାଯାଉଛି। ଏହା କ'ଣ ସବ୍‌କା ସାଥ୍ ଓ ସବ୍‌କା ବିକାଶ ବୋଲି ପ୍ରଶ୍ନ କରିଥିଲେ ସାଂସଦ ଶ୍ରୀ ଖୁଣ୍ଟିଆ।

ଓଡ଼ିଶାରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୁଷ୍କର୍ମ ଓ ହତ୍ୟା ରାଜ୍ୟରେ ଆଇନ ଶୃଙ୍ଖଳା ରସାତଳଗାମୀ ବୋଲି ସ୍ପଷ୍ଟ କରୁଛି। ସେହିପରି ଗ୍ୟାସ୍, ପେଟ୍ରୋଲ, ଡିଜେଲ୍ ଦର ବଢ଼ିଚାଲିଛି। ଓଡ଼ିଶାକୁ ଆଜି ପର୍ଯ୍ୟନ୍ତ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିଲା ନାହିଁ। 'ଓଡ଼ିଶା ଦୟା ନୁହେଁ, ଅଧିକାର ମାଗୁଛି' ବୋଲି କହି ରାଜ୍ୟସଭାରେ ହକ୍ ମାଗିଥିଲେ ସାଂସଦ ଶ୍ରୀ ଖୁଣ୍ଟିଆ।

# ଓଡ଼ିଶାରେ ଇଭି ଶିଳ୍ପ ପାଇଁ କେନ୍ଦ୍ର ପାଖରେ ପ୍ରସ୍ତାବ ନାହିଁ

ଭୁବନେଶ୍ୱର, ୨୩ ।୩(ସମିସ): ରାଜ୍ୟରେ ଗୋଟିଏ ବି ଇଲେକ୍ଟ୍ରିକ୍ ଭେହିକଲ୍ (ଇଭି) ମାନୁଫାକ୍‌ଚରିଂ ୟୁନିଟ୍ ନାହିଁ। ରାଜ୍ୟରେ ଇଭିର ଚାହିଦା ବଢୁଥିବାବେଳେ ନୂତନ ମାନୁଫାକ୍‌ଚରିଂ ୟୁନିଟ୍ ସ୍ଥାପନ ପାଇଁ କେନ୍ଦ୍ର ସରକାରଙ୍କ ପାଖରେ କୌଣସି ପ୍ରସ୍ତାବ ମଧ୍ୟ ନାହିଁ। ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଏକ ପ୍ରଶ୍ନରେ କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରାଳୟ ରାଷ୍ଟ୍ର ମନ୍ତ୍ରୀ ଭୁପଥିରାଜୁ ଶ୍ରୀନିବାସ ବର୍ମା ଏହି ସୂଚନା ଦେଇଛନ୍ତି। ତଥ୍ୟ ଅନୁଯାୟୀ, ଦେଶରେ ମୋଟ୍ ୬୯ ଟି ଇଭି ମାନୁଫାକ୍‌ଚରିଂ ୟୁନିଟ୍ ରହିଛି। ମହାରାଷ୍ଟ୍ରରେ ସର୍ବାଧିକ ୨୦ଟି, କର୍ଣ୍ଣାଟକ ଓ ତାମିଲନାଡୁରେ ପ୍ରତ୍ୟେକ ୧୩ଟି ୟୁନିଟ୍ ରହିଛି। ପ୍ରାୟ ୧୨ ଟି ରାଜ୍ୟରେ ଇଭି ନିର୍ମାଣ ହେଉଥିବାବେଳେ ଏହି ତାଲିକାରେ ଓଡ଼ିଶାର ନାମ ନାହିଁ। ଏପରିକି ଗତ ତିନି ବର୍ଷରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପିଏଲ୍‌ଆଇ-ଅଟୋ ସ୍କିମ୍, ପିଏଲ୍‌ଆଇ-ଏସିସି ସ୍କିମ୍ ଓ ପିଏମ୍-ଡ୍ରାଇଭ୍ ସ୍କିମ୍‌ରେ ବ୍ୟାଟେରୀ ମାନୁଫାକ୍‌ଚରିଂ, ଆଟୋ କମ୍ପୋନେଣ୍ଟ୍ ଓ ଚାର୍ଜିଂ ଢାଞ୍ଚା ସୃଷ୍ଟି ପାଇଁ କୌଣସି ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ଦେଇ ନ ଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏପରି କ୍ଷେତ୍ରରେ ଓଡ଼ିଶାରେ ଇଭି ଶିଳ୍ପର ଉନ୍ନତି ପାଇଁ ସରକାର ତତ୍ପର ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବିମାନେ ମତବ୍ୟକ୍ତ କରିଛନ୍ତି।

# ବାଇକ୍‌କୁ ଧକ୍କା ଦେଲା ପିକ୍-ଅପ୍: ୨ ମୃତ

କ୍ଷତିପୂରଣ ଦାବିରେ ଥାନା ଘେରାଉ

ଜୟପୁର, ୨୩।୩ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅନ୍ତର୍ଗତ ଜୟପୁର-ମାଲକାନଗିରି ୨୬ନମ୍ବର ଜାତୀୟ ରାଜପଥ ଥୁରୁଡିପୁଟ ଗାଁରେ ଏକ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ଗତକାଲି ରାତି ସାଢ଼େ ୧୧ଟାରେ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଜୟପୁର ସହର ଗୋଡ଼ିଆଧୋବା ସାହିର ଲାଲୁ ଖରା (୨୫) ଏବଂ ରୁଷିଆ କଲୋନିର ପିଟୁ ଜାନି (୪୪)।

ପୁଲିସ୍ ସୂଚନାନୁଯାୟୀ, ଲାଲୁ ଓ ପିଟୁ ଜୟପୁର ସଦର ଥାନା ଅଞ୍ଚଳର ଭଟ୍ଟାଛିଞ୍ଚି ଗ୍ରାମରେ ଥିବା ଏକ ଢାବାରେ କାମ କରନ୍ତି। ଗତ ରାତିରେ ଦୁହେଁ କାମ ସାରି ଏକ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍-ଅପ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଦ୍ୱୟକୁ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପୁଲିସ ଆଜି ପୂର୍ବାହ୍ନରେ ଶବଦ୍ୱୟକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ଅପରପକ୍ଷେ, ଏହାକୁ ନେଇ ମୃତକଙ୍କ ପରିବାର ଓ ସାହିବାସିନ୍ଦାଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ସେମାନେ ଶବ ରଖି ସଦର ଥାନା ଘେରାଉ କରିଥିଲେ। ଏହାସହ ଜାତୀୟ ରାଜପଥ ଉପରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ଜୟପୁର-ବୋରିଗୁମ୍ମା ରାସ୍ତା ଅବରୋଧ ହେବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଥିଲା। ଖବର ପାଇ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିତ୍ତଲଙ୍କ ସମେତ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା।

ହଷ୍ଟେଲ ଛାତ୍ରୀ ମା' ହେବା ଘଟଣା

# ଏଏନ୍‌ଏମ ନିଲମ୍ବିତ, ମାଟ୍ରନଙ୍କ ସମେତ ପାଞ୍ଚ ଶିକ୍ଷୟିତ୍ରୀଙ୍କ ବଦଳି

ପ୍ରଧାନ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ

ଫୁଲବାଣୀ, ୨୩।୩ (ସମିସ): ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଫିରିଙ୍ଗିଆ ବ୍ଲକ୍‌ର ଏକ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସନ୍ତାନ ଜନ୍ମ ଦେବା ଘଟଣାରେ ଜିଲ୍ଲା ପ୍ରଶାସନ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦାୟିତ୍ୱରେ ଅବହେଳା ଅଭିଯୋଗରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ମାଟ୍ରନଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ପୁନର୍ବାର ଏଭଳି ଘଟଣା ଘଟିଲେ, ବହିଷ୍କାର କରାଯିବ ବୋଲି ମାଟ୍ରନଙ୍କୁ ତାଗିଦ୍ କରାଯାଇଥିବା ପ୍ରକାଶ କରିଛନ୍ତି ଜିଲ୍ଲା ମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ର। ସେହିଭଳି ହଷ୍ଟେଲ ପରିଚାଳନା ଦାୟିତ୍ୱରେ ଥିବା ୫ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଅନ୍ୟତ୍ର ବଦଳି କରାଯାଇଛି। ଅପରପକ୍ଷେ, ଏହି ଘଟଣାରେ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ମଧ୍ୟ ବଦଳି କରିବାକୁ ଜିଲ୍ଲାପାଳ ବିଭାଗକୁ ଚିଠି କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଗତ ୧ ତାରିଖରେ ଏହି ସ୍କୁଲର ହଷ୍ଟେଲରେ ରହି ପାଠ ପଢୁଥିବା ଜଣେ ନବମ ଶ୍ରେଣୀର ଛାତ୍ରୀ ନିଜ ଘରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ନାବାଳିକାଜଣଙ୍କ ଗର୍ଭଧାରଣ କରିବାର ୮ ମାସ ଯାଏ ହଷ୍ଟେଲରେ ରହିଥିଲେ ମଧ୍ୟ ଏହା ବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିନପାରିବା ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଏହାକୁ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଗୋଚ୍ଛାପଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପ୍ରଧାନଶିକ୍ଷକ ମଧ୍ୟ ଫିରିଙ୍ଗିଆ ଥାନାରେ ଏତଲା ଦେଇଥିଲେ। ପରିବାରଲୋକଙ୍କ ଅଭିଯୋଗ ଆଧାରରେ ଗୋଚ୍ଛାପଡ଼ା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଘଟଣା ପ୍ରଘଟ ହେବା ପରେ ଜିଲ୍ଲାପାଳ ମଙ୍ଗଳ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ ଓ ତଦନ୍ତ ରିପୋର୍ଟ ମିଳିବା ପରେ ଜିଲ୍ଲାପାଳ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

# ଦିନକ ପରେ ରତ୍ନ ଅଳଙ୍କାର ଗଣତିମଣତି

■ ପ୍ରସ୍ତୁତିର ସମୀକ୍ଷା କଲେ ଆଇନ ମନ୍ତ୍ରୀ
■ ସମସ୍ତ କାର୍ଯ୍ୟ ନିଷ୍ଠା, ଶୃଙ୍ଖଳିତ ଓ ଦାୟିତ୍ୱବୋଧ ସହ କରିବାକୁ ପରାମର୍ଶ

ପୁରୀ, ୨୩।୩ (ସମିସ): ଦିନକ ପରେ ଅର୍ଥାତ୍ ବୁଧବାର ପୂର୍ବନିର୍ଦ୍ଧାରିତ ଶୁଭ ମୁହୂର୍ତ୍ତରେ ମହାପ୍ରଭୁଙ୍କର ରତ୍ନ ଅଳଙ୍କାରର ଗଣତିମଣତି ଶୁଭାରମ୍ଭ ହେବ। ରାଜ୍ୟ ସରକାରଙ୍କ ଏସ୍‌ଓପି ବା ମାର୍ଗଦର୍ଶିକା ଆଧାରରେ ହେବାକୁଥିବା ଏହି ଗଣତିମଣତି କାର୍ଯ୍ୟ ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ, ସେଥିପାଇଁ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ସୋମବାର ଆଇନମନ୍ତ୍ରୀ ଶ୍ରୀମନ୍ଦିର କାର୍ଯାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇ ଗଣତିମଣତି ପ୍ରକ୍ରିୟା ଲାଗି ସବୁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ସମୀକ୍ଷା ପୂର୍ବରୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାର ଏଥିପାଇଁ ଯେଉଁ ୧୪ ପୃଷ୍ଠାର ମାର୍ଗଦର୍ଶିକା ବା ଏସ୍‌ପିଓ ଅନୁମୋଦନ କରିଛନ୍ତି, ସେହି ଅନୁସାରେ ଗଣତିମଣତି କରାଯିବ। ଏହି ଗଣତିମଣତି ସମୟରେ ଯେପରି ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ପ୍ରକାର ବିଭ୍ରାଟ ନ ହେବ ଏବଂ ଶ୍ରଦ୍ଧାଳୁଙ୍କ ଦର୍ଶନରେ ବାଧା ନ ଉପୁଜିବ, ତା' ଉପରେ ବିଶେଷ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିପରି, ମହାପ୍ରଭୁଙ୍କ ଏହି ମହାନ କାର୍ଯ୍ୟରେ ସମସ୍ତେ ପୂର୍ଣ୍ଣ ସହଯୋଗ ସହ ଅଧିକାରୀ ଏବଂ ଅଧିକୃତ ବ୍ୟକ୍ତିମାନଙ୍କୁ ସମସ୍ତ କାର୍ଯ୍ୟ ନିଷ୍ଠା, ଶୃଙ୍ଖଳିତ ଓ ଦାୟିତ୍ୱବୋଧ ସହ କରିବାକୁ ପରାମର୍ଶ ଦେଇଛନ୍ତି।

ଦୀର୍ଘ ୪୭ବର୍ଷ ପରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି ହେବାକୁ ଯାଉଛି। ଏହା ବହୁପ୍ରତୀକ୍ଷିତ ଥିଲା। ସମସ୍ତେ ଏହାକୁ ଉତ୍ସୁକତାର ସହ ଅପେକ୍ଷା କରିଥିଲେ। ତେବେ ଏହାକୁ ଶୃଙ୍ଖଳିତ କରିବା ଲାଗି ୧୯୭୮ ମସିହାର ଗଣତିମଣତି ପୂର୍ଣ୍ଣାଙ୍ଗ ତାଲିକା ସହ ମେଳକ କରାଯିବ। ଗଣତି ପ୍ରକ୍ରିୟା ସମୟରେ ସମ୍ପୂର୍ଣ୍ଣ କାର୍ଯ୍ୟର ଭିଡିଓଗ୍ରାଫି, ଫଟୋଗ୍ରାଫି ଓ ଥ୍ରୀଡି ମ୍ୟାପିଙ୍ଗ୍ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହା ମାଧ୍ୟମରେ ପାରଦର୍ଶିତା ଓ ତଥ୍ୟ ସଂରକ୍ଷଣ ସୁନିଶ୍ଚିତ ହେବ। ମନ୍ତ୍ରୀ ଏ ସମସ୍ତ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଏସ୍‌ଓପି ଆଧାରରେ ଗଣତିମଣତି ପାଇଁ ଏକ୍ସପର୍ଟ ଟିମ୍ ନିୟୋଜିତ ହୋଇଛନ୍ତି। ସମସ୍ତ କାର୍ଯ୍ୟକୁ ଫଟୋଗ୍ରାଫି କରାଯିବା ସହ ଠାକୁରଙ୍କ ନୀତିକାନ୍ତିକୁ ଗୁରୁତ୍ୱ ଦିଆଯାଇଛି। ମହାପ୍ରଭୁ ନିଜେ ଦାୟିତ୍ୱ ନେଇ ଏହି କାର୍ଯ୍ୟ କରିବେ ବୋଲି ଆଶା ରଖିଛନ୍ତି ଆଇନ ମନ୍ତ୍ରୀ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରତ୍ନଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଉଚ୍ଚସ୍ତରୀୟ କମିଟିର ସଦସ୍ୟ ଡ. ପବିତ୍ର ମୋହନ ସାମଲ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ପରିଚାଳନା କମିଟିର ସେବାୟତ ପ୍ରତିନିଧି ଓ ଶ୍ରୀମନ୍ଦିର ଅଧିକାରୀମାନେ ଉପସ୍ଥିତ ଥିଲେ।

ଆଇନ ମନ୍ତ୍ରୀଙ୍କ ବୈଠକ ପୂର୍ବରୁ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପ୍ରଶିକ୍ଷଣ ବୈଠକ କରାଯାଇଥିଲା। ବୈଠକରେ ଆର୍‌ବିଆଇ ଅଧିକାରୀ, ଜିଓଲୋଜିଷ୍ଟ, ସ୍ୱର୍ଣ୍ଣକାର, ଶ୍ରୀମନ୍ଦିର ବଣିଆ ତଥା ସେବାୟତମାନେ ଅଂଶଗ୍ରହଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପାଇଁ ଅନୁକୂଳ ସମୟ। ବରିଷ୍ଠ ଅଧିକାରୀ କାର୍ଯ୍ୟ ପାଇଁ ପ୍ରଶଂସା କରିବେ।

**ବୃଷ:** ଭାଇ ଭଉଣୀଙ୍କଠାରୁ ଉପହାର ମିଳିବ। ଧାର କରଜରୁ ଦୂରେଇ ରହିବେ। ଲେଖକ ଲେଖିକାଙ୍କୁ ସଫଳତା ମିଳିବ। ଖର୍ଚ୍ଚ ବୃଦ୍ଧି ପାଇବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

**ମିଥୁନ:** ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ନୂଆ ଯୋଜନା ସହ କାର୍ଯ୍ୟ କରିବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ସଂଗୀତ କ୍ଷେତ୍ର ପ୍ରତି ରୁଚି ବଢ଼ିବ।

**କର୍କଟ:** ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରିବେ। କ୍ୟାରିୟର ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ନୂଆ ପରିକଳ୍ପନା ସହ ବ୍ୟବସାୟ ଆରମ୍ଭ କରିବେ। ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମର ଉଚିତ ଫଳ ମିଳିବ। ଅଫିସ୍ କାର୍ଯ୍ୟରେ ସଫଳତା ଲାଭ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ହେବ। ଅଫିସ୍ କାର୍ଯ୍ୟରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯୋଗ, ବ୍ୟାୟାମ ପ୍ରତି ଆଗ୍ରହ ବଢ଼ିବ।

**ତୁଳା:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। କଠିନ କାମକୁ ସଫଳତାପୂର୍ବକ ଶେଷ କରିବେ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନ ସୁଖ ପ୍ରାପ୍ତ ହେବ। ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିବେ।

**ବିଛା:** ଯାନବାହନ କିଣିବା ଯୋଗ ଅଛି। ସମାଜରେ ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିକୁ ନେଇ ଘରେ ଅଶାନ୍ତି ସୃଷ୍ଟି ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାମ୍ନାରେ ନିଜ ପକ୍ଷ ରଖିବେ।

**ଧନୁ:** କର୍ମଚଞ୍ଚଳ ରହିବେ। ପରିଶ୍ରମ ଅନୁଯାୟୀ ଫଳ ମିଳିବ ନାହିଁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମେଡିକାଲ କ୍ଷେତ୍ରରେ ସଫଳତା ମିଳିବ। ବୈବାହିକ ଜୀବନ ସୁଖମୟ ହେବ।


**ମକର:** ଧାର କରଜରୁ ଦୂରେଇ ରହିବେ। ଅଫିସ୍‌ରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ। ଘରକୁ ଅତିଥିଙ୍କ ଆଗମନ ହେବ। ଦୀର୍ଘଦିନର କାମ ପୂରା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଯାନବାହନ ଚଳାଚଳ ସମୟରେ ସାବଧାନତା ଅବଲମ୍ବନ କରିବେ। ସମସ୍ୟାରେ ପଡ଼ିବା ସମ୍ଭାବନା ଅଧିକ।

**ମୀନ:** ବ୍ୟବସାୟରେ ଉନ୍ନତି ହେବ। ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହିବେ। ଧୈର୍ଯ୍ୟର ସହ ପ୍ରତ୍ୟେକ କାର୍ଯ୍ୟ କରିବେ। କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ।

## ଆଜିର ଇତିହାସ

- ୧୮୫୫- ପ୍ରଥମ ଥର ପାଇଁ କଲିକତାରୁ ଆଗ୍ରାକୁ ଟେଲିଗ୍ରାଫ ବାର୍ତ୍ତା ପ୍ରେରଣ କରାଗଲା।
- ୧୯୩୨- ଆମେରିକାରେ ପ୍ରଥମ ଥର ଚଳନ୍ତା ଟ୍ରେନ୍‌ରେ ରେଡିଓ ପ୍ରସାରଣ ଆରମ୍ଭ ହେଲା।
- ୧୯୪୬- ବ୍ରିଟିଶ୍ କ୍ୟାବିନେଟ୍ ମିଶନ ଭାରତରେ ପହଞ୍ଚିଲା।
- ୧୯୯୦- ଭାରତୀୟ ଶାନ୍ତିରକ୍ଷା ସେନା ଶ୍ରୀଲଙ୍କା ଛାଡ଼ି ସ୍ୱଦେଶ ଫେରିଲେ।



# ରୋମାଣ୍ଟିକ୍ ଫିଲ୍ମକୁ ଫେରିବେ ଶାହାରୁଖ୍

ବଲିଉଡ୍‌ର କିଙ୍ଗ୍ ଖାନ୍ ଶାହାରୁଖ୍ 'ଜୱାନ୍', 'ପଠାନ୍' ଓ 'କିଙ୍ଗ୍' ଫିଲ୍ମ ମାଧ୍ୟମରେ ନିଜକୁ ଜଣେ ଆକ୍ସନ୍ ହିରୋ ଭାବେ ପ୍ରମାଣିତ କରିଛନ୍ତି। ଶାହାରୁଖ୍ ଭବିଷ୍ୟତରେ ମଧ୍ୟ ଏଭଳି ଆକ୍ସନ୍ ଫିଲ୍ମରେ ନଜର ଆସନ୍ତୁ ବୋଲି ତାଙ୍କ ପ୍ରଶଂସକମାନେ ଚାହୁଁଛନ୍ତି। ହେଲେ ସେ ପୁଣି ଥରେ ଦର୍ଶକଙ୍କ ପାଇଁ ଏକ ରୋମାଣ୍ଟିକ୍ ଫିଲ୍ମ ନେଇ ଆସିବେ ବୋଲି ଜଣାପଡ଼ିଛି। ତେବେ ଏହି ଫିଲ୍ମରେ ସେ ପ୍ରାପ୍ତ ବୟସ୍କର ପ୍ରେମିକ ଭାବେ ନଜର ଆସିବେ। ଯଦି ଶାହାରୁଖ୍ ଏହି ଫିଲ୍ମରେ କାମ କରିବା ପାଇଁ ରାଜି ହୋଇ ଯାଉଛନ୍ତି ତେବେ ଏହାର ସୁଟିଂ ଆସନ୍ତା ଜାନୁଆରୀ କିମ୍ବା ଫେବୃଆରୀ ମାସରୁ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। କାରଣ ଶାହାରୁଖ୍ 'କିଙ୍ଗ୍' ରିଲିଜ୍ ନ ହେଲା ପର୍ଯ୍ୟନ୍ତ ଅନ୍ୟ କୌଣସି ଫିଲ୍ମରେ କାମ କରିବେ ନାହିଁ। 'କିଙ୍ଗ୍' ଆସନ୍ତା ଡିସେମ୍ବର ୨୪ରେ ପରଦାକୁ ଆସିବ। ସେହିଭଳି ଏହି ରୋମାଣ୍ଟିକ୍ ଫିଲ୍ମର ନିର୍ଦ୍ଦେଶନା କିମ୍ବା ପ୍ରଯୋଜନା ଦାୟିତ୍ୱରେ କିଏ ରହିବେ ତାହା ଗୋପନୀୟ ରଖାଯାଇଛି। ଏହାବାଦ୍ ଶାହାରୁଖ୍ ଫରହା ଖାନ୍‌ଙ୍କ 'ମୈଁ ହୁଁ ନା ୨'ରେ ମଧ୍ୟ ଅଭିନୟ କରିବା ପାଇଁ ରାଜି ହୋଇଯାଇଛନ୍ତି। ଏଥିରେ ସେ ଡବଲ ରୋଲରେ ନଜର ଆସିବେ। ଏବେ ଏହାର କାହାଣୀ ଲେଖା ଚାଲିଛି।

# ପରିବେଶ ଅନୁକୂଳ
# କ୍ଷୀରରୁ ତିଆରି ପ୍ଲାଷ୍ଟିକ୍!

ପ୍ଲାଷ୍ଟିକ୍‌ର ଅତ୍ୟଧିକ ବ୍ୟବହାର ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରୁଛି। ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍ ପଲିଥିନ, ପାଣି ବୋତଲ, ଓ ଖାଦ୍ୟ ପ୍ୟାକେଜିଂରେ ବହୁଳ ଭାବେ ବ୍ୟବହୃତ ହେଉଛି, ଯାହା ମାଟି ଓ ଜଳ ପ୍ରଦୂଷଣର ମୁଖ୍ୟ କାରଣ। ଏହାର କୁପ୍ରଭାବରୁ ରକ୍ଷା ପାଇବା ପାଇଁ ସରକାର ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଉପରେ କଟକଣା ଜାରି କରିଛନ୍ତି। ତଥାପି ପ୍ରତିବର୍ଷ ଲକ୍ଷ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ମାଟି ଏବଂ ସମୁଦ୍ରରେ ମିଶୁଛି। ଘାତକ ପ୍ଲାଷ୍ଟିକ୍ ଜଳ, ସ୍ଥଳ ଓ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି। ବିଗତ କିଛି ବର୍ଷ ହେଲାଣି ବୈଜ୍ଞାନିକମାନେ ପ୍ଲାଷ୍ଟିକ୍‌କୁ ପୂରାପୂରି ବନ୍ଦ କରିବାକୁ ଚେଷ୍ଟା କଲେ ମଧ୍ୟ ଏଥିରେ ସଫଳ ହୋଇ ନାହାନ୍ତି। ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବାକୁ ନିକଟରେ ବୈଜ୍ଞାନିକମାନେ କ୍ଷୀରରେ ଥିବା ପ୍ରୋଟିନ୍‌କୁ ବ୍ୟବହାର କରି ଏକ ସ୍ୱତନ୍ତ୍ର ଧରଣର ପ୍ଲାଷ୍ଟିକ୍ ତିଆରି କରିଛନ୍ତି। ଏହି ପ୍ଲାଷ୍ଟିକ୍ ବ୍ୟବହାର କରାଯିବାର ପାଖାପାଖି ୧୩ ସପ୍ତାହ ମଧ୍ୟରେ ମାଟିରେ ମିଶିପାରିବ। ଏହା ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ର ବ୍ୟବହାରକୁ ବନ୍ଦ କରିବା ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ ବୋଲି ବୈଜ୍ଞାନିକମାନେ ଆଶା ପ୍ରକଟ କରିଛନ୍ତି। ଏହି ପ୍ଲାଷ୍ଟିକ୍ ତିଆରି କରିବା ପାଇଁ ବୈଜ୍ଞାନିକମାନେ କ୍ଷୀରରେ ମହଜୁଦ ପ୍ରୋଟିନ୍‌ର ବ୍ୟବହାର କରିଛନ୍ତି। ଏଥିରେ ପ୍ରୋଟିନ୍‌କୁ ଏକ ସ୍ୱତନ୍ତ୍ର ପ୍ରକ୍ରିୟା ମାଧ୍ୟମରେ ମଜଭୁତ ଓ ନମନୀୟ ଉପାଦାନରେ ପରିଣତ କରାଯାଇଛି। ଏହି ପ୍ଲାଷ୍ଟିକ୍‌କୁ ନିତିଦିନିଆ କାମରେ ବ୍ୟବହାର କରାଯାଇ ପାରିବ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହା ପରିବେଶ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ନାହିଁ। ସାଧାରଣ ପ୍ଲାଷ୍ଟିକ୍ ମାଟି ଓ ଜଳରେ ବର୍ଷ ବର୍ଷ ଧରି ପଡ଼ି ରହୁଥିବାବେଳେ ଏହା କିନ୍ତୁ ଶୀଘ୍ର ବିଘଟିତ ହୋଇଥାଏ। ପାଖାପାଖି ୧୩ ସପ୍ତାହ ପରେ ଏହା ପୂରାପୂରି ମାଟିରେ ମିଶିଯାଏ। ଏଥିରେ ପ୍ଲାଷ୍ଟିକ୍ ଆବର୍ଜନା ବହୁତ ମାତ୍ରାରେ କମ୍ କରାଯାଇ ପାରିବ। ଏହା ବେଶ୍ ସୁରକ୍ଷିତ ହୋଇଥିବାରୁ ଖାଦ୍ୟ ପଦାର୍ଥର ପ୍ୟାକେଜିଂ ପାଇଁ ଏହାକୁ ବ୍ୟବହାର କରାଯାଇ ପାରିବ। ଅନେକ ଦେଶ ଏବେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବନ୍ଦ କରିବା ପାଇଁ ଯୋଜନା କରୁଥିବାବେଳେ ଏଭଳି ପ୍ଲାଷ୍ଟିକ୍ ଏବେ ପରିବେଶ ପାଇଁ ଅନୁକୂଳ ସାବ୍ୟସ୍ତ ହୋଇଛି। ତେବେ ଏହାକୁ ବଡ଼ ସ୍ତରରେ ପ୍ରୟୋଗ କରାଯିବା ପୂର୍ବରୁ ଏବେ ଆହୁରି କିଛି ପରୀକ୍ଷା କରାଯିବ। ଯଦି ଏହା ସଫଳ ହୁଏ ତେବେ ଅନେକ ସାମଗ୍ରୀରେ ଏହି ପ୍ଲାଷ୍ଟିକ୍‌ର ବ୍ୟବହାର ଦେଖିବାକୁ ମିଳିବ। ତେବେ କ୍ଷୀରରୁ ପ୍ରସ୍ତୁତ ପ୍ଲାଷ୍ଟିକ୍ ଅନ୍ୟ ସାଧାରଣ ପ୍ଲାଷ୍ଟିକ୍‌ଠାରୁ ମହଙ୍ଗା ହେବ।





# ବିଶ୍ୱ ଯକ୍ଷ୍ମା ଦିବସ

ଯକ୍ଷ୍ମା ରୋଗର ନିରାକରଣ ନିମନ୍ତେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖକୁ ବିଶ୍ୱ ଯକ୍ଷ୍ମା ଦିବସ ଭାବେ ସାରା ବିଶ୍ୱରେ ପାଳନ କରାଯାଏ। ଏହା ଏକ ମାରାତ୍ମକ ରୋଗ ଭାବେ ବିବେଚନା କରାଯାଉଥିବା ବେଳେ ସଠିକ୍ ଉପଚାର ଓ ଔଷଧ ସେବନ ଦ୍ୱାରା ଏହି ରୋଗରୁ ମୁକ୍ତି ମିଳିପାରିବ। ୧୮୮୨ ମସିହା ମାର୍ଚ୍ଚ ୨୪ରେ ବର୍ଲିନ୍‌ର ଡାକ୍ତର ରବର୍ଟ କୋଚ୍ ଦୀର୍ଘ ମାସ ଧରି ଗବେଷଣା କରିବା ପରେ ସେ ଯକ୍ଷ୍ମା ପାଇଁ ଦାୟୀ ଜୀବାଣୁକୁ ଚିହ୍ନଟ କରିଥିଲେ। ସେହି ଦିନଟିକୁ ସ୍ମରଣୀୟ କରିବାକୁ ଯାଇ ବିଶ୍ୱସ୍ତରରେ 'ଯକ୍ଷ୍ମା ଦିବସ' ପାଳନ କରାଯାଉଛି। ମାଇକ୍ରୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍ ନାମକ ଜୀବାଣୁ ଯୋଗୁଁ ଯକ୍ଷ୍ମା ରୋଗ ହୋଇଥାଏ। ସେଥିପାଇଁ ଇଂରାଜୀରେ ଏହାକୁ ଟିବି କୁହାଯାଏ। ଏହି ରୋଗ ବାୟୁ ମାଧ୍ୟମରେ ବ୍ୟାପିଥାଏ। କେହି କେହି ଏହାକୁ କ୍ଷୟ ରୋଗ କହିଥାନ୍ତି। ରୋଗୀ ସମ୍ପର୍କରେ ସୁସ୍ଥ ଲୋକଟିଏ ଆସିଲେ ମଧ୍ୟ ଏହି ରୋଗ ବ୍ୟାପିବାର ଆଶଙ୍କା ଥାଏ। ଅନ୍ୟାନ୍ୟ ରୋଗ ପରି ଯକ୍ଷ୍ମାର ଲକ୍ଷଣ ଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ରୋଗ ଚିହ୍ନଟ ହେବା କଷ୍ଟକର। ଯକ୍ଷ୍ମା ରୋଗରେ ଥକ୍କା, ଦୁର୍ବଳତା, ଓଜନ ହ୍ରାସ, ଉଚ୍ଚ ଜ୍ୱର, ଛାତି ଯନ୍ତ୍ରଣା, କ୍ରମାଗତ କାଶ, କାଶରେ ରକ୍ତ ପଡ଼ିବା ଆଦି ଲକ୍ଷଣ ଦେଖାଯାଏ। ଏସବୁ ସମସ୍ୟା ଦୀର୍ଘଦିନ ପର୍ଯ୍ୟନ୍ତ ଲାଗି ରହିଲେ ଏବଂ ସଠିକ୍ ସମୟରେ ଚିକିତ୍ସା କରା ନ ଗଲେ ରୋଗୀଟିର ମୃତ୍ୟୁ ଘଟେ। ଯକ୍ଷ୍ମା ସାଧାରଣତଃ ଫୁସ୍‌ଫୁସ୍‌କୁ ଆକ୍ରାନ୍ତ କରିଥାଏ। ମାତ୍ର ବେଳେବେଳେ ଏହା ଅନ୍ୟାନ୍ୟ ଅଙ୍ଗକୁ ମଧ୍ୟ ଆକ୍ରାନ୍ତ କରିବା ଆଶଙ୍କା ଥାଏ। ଏକ ରିପୋର୍ଟ ଅନୁସାରେ, ଯକ୍ଷ୍ମା ମହିଳାମାନଙ୍କ ପ୍ରଜନନ ଅଙ୍ଗକୁ ମଧ୍ୟ ଆକ୍ରନ୍ତ କରେ। ଏହା ଫଳରେ ପ୍ରଜନନ କ୍ଷମତା ହ୍ରାସପାଏ, ଯାହା ଏକ ପ୍ରମୁଖ ସମସ୍ୟା। ତେଣୁ ଲକ୍ଷଣ ଦେଖାଯିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଜରୁରି। ଦିନ ଥିଲା ଯକ୍ଷ୍ମା ଏବଂ ଏହି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ଭିନ୍ନ ଦୃଷ୍ଟିରେ ଦେଖାଯାଉଥିଲା। ଏହାକୁ ଏକ ଜଟିଳ ଏବଂ ଦୂରାରୋଗ୍ୟ ବୋଲି ବିବେଚନା କରାଯାଉଥିଲା। ଏପରିକି ଅନେକ ସ୍ଥାନରେ ଯକ୍ଷ୍ମା ରୋଗୀଙ୍କୁ ଗ୍ରାମରୁ ବାସନ୍ଦ କରାଯାଉଥିଲା। ସଚେତନତା ମୂଳକ କାର୍ଯ୍ୟକ୍ରମ, ବିଜ୍ଞାପନ ମାଧ୍ୟମରେ ଏଦିଗରେ ଲୋକଙ୍କୁ ସଚେତନତା କରାଗଲା। ଅନ୍ୟ ରାଷ୍ଟ୍ର ତୁଳନାରେ ଭାରତରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ସବୁଠୁ ଅଧିକ। ଡଟ୍ସ ପରି ସଫଳ ଚିକିତ୍ସା ଯୋଗୁଁ ଏବେ ଟିବି ରୋଗରୁ ଆରୋଗ୍ୟ ସମ୍ଭବ ହୋଇଛି। ଅନ୍ୟପଟେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୩୫ ସୁଦ୍ଧା ସମସ୍ତ ଟିବି ରୋଗୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବା ସହ ଆରୋଗ୍ୟ କରିବା ଲକ୍ଷ୍ୟ ରଖିଛି। ସଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଯକ୍ଷ୍ମା ସାଂଘାତିକ ହୋଇପାରେ। ତେଣୁ, ଲକ୍ଷଣ ଦେଖାଯିବା ମାତ୍ରେ ପରୀକ୍ଷା କରାଇ ନେବା ଆବଶ୍ୟକ। ଯକ୍ଷ୍ମା ବ୍ୟାପିବାକୁ ରୋକିବା ପାଇଁ ପ୍ରଥମେ ଏହାକୁ ଚିହ୍ନଟ କରିବା ଜରୁରୀ। ଲକ୍ଷଣ ଯେତେ ଶୀଘ୍ର ଚିହ୍ନଟ ହେବ, ରୋଗୀଙ୍କ ଚିକିତ୍ସା ସେତେ ସହଜ ହୋଇପାରିବ। ତେଣୁ ସଚେତନ ହୁଅନ୍ତୁ, ରୋଗରୁ ମୁକ୍ତ ରୁହନ୍ତୁ।

# ସୁବର୍ଣ୍ଣା



# ଅଦିନିଆ ବର୍ଷାରେ ଫସଲ ପରିଚାଳନା



**ଚାଷକାର୍ଯ୍ୟରେ ମୁଖ୍ୟ ସମସ୍ୟା ସୃଷ୍ଟି କରେ ଅଦିନିଆ ବର୍ଷା। ଅଦିନିଆ ବର୍ଷା ପରେ କିପରି ଫସଲ ପରିଚାଳନା କରିବେ ସେ ସମ୍ପର୍କରେ ଜାଣନ୍ତୁ...**

- ବିଲରେ ପାଣି ଜମି ରହିଥିଲେ ଜଳନିଷ୍କାସନର ବ୍ୟବସ୍ଥା କରନ୍ତୁ। ସାମୟିକ ଭାବେ ସାର ପ୍ରୟୋଗ, ଜଳସେଚନ ଓ ଔଷଧ ସିଞ୍ଚନ ସ୍ଥଗିତ ରଖନ୍ତୁ।
- ଅଣଜଳସେଚିତ ଜମିର ସ୍ଥିତି ଦେଖି ଏମ୍‌ବି ପ୍ଲାଓ ଲଗାଇ ଟ୍ରାକ୍ଟରରେ ଗଭୀର ଚାଷ କରନ୍ତୁ। ଅତ୍ୟଧିକ ପବନରୁ ରକ୍ଷା ପାଇବା ପାଇଁ କଖାରୁ ଜାତୀୟ ପନିପରିବା, କଦଳୀ ଓ ଅମୃତଭଣ୍ଡା ଗଛରେ ଡେରା ଦିଅନ୍ତୁ।
- ପନିପରିବା ଫସଲରେ ବର୍ଷାଜଳର ସୁବିନିଯୋଗ ପାଇଁ ସୁବିଧା ଥିଲେ ପ୍ଲାଷ୍ଟିକ୍ ଆଚ୍ଛାଦନ କରନ୍ତୁ। ଫଳରେ ଘାସ ନିୟନ୍ତ୍ରଣ ହେବ ଓ ଜଳସେଚନର ଅନ୍ତର ଅବଧି ବଢ଼ିପାରିବ। ମାଟିର ସ୍ଥିତି ଦେଖି କୋଡ଼ାଖୁସା କରି ଘାସ ବାଛି ହୁଡ଼ା ଟେକି ଦିଅନ୍ତୁ। ନିର୍ଦ୍ଦିଷ୍ଟ ଅନ୍ତରରେ ଖତ ତଥା ଜୈବିକ ଖତ ଉପଯୋଗ କରିପାରିବେ।
- ଅମଳ ଯୋଗ୍ୟ ଟମାଟୋ ଶୀଘ୍ର ଅମଳ କରନ୍ତୁ ଏବଂ ବିକ୍ରୟ କରନ୍ତୁ। ବର୍ଷା ଯୋଗୁଁ ପୋଟଳ, କାକୁଡ଼ି, କଖାରୁ, ଜହ୍ନି ଆଦି ଲତାଜାତୀୟ ପନିପରିବା ଫସଲ ପ୍ରଭାବିତ ହୋଇଥିଲେ ଅମଳ ଉପଯୋଗୀ ପନିପରିବାକୁ ତୋଳି ଦିଅନ୍ତୁ। ବର୍ଷା ପରେ ରଞ୍ଜା ଟ୍ରେଲି ଓଲଟି ପଡ଼ିଥିଲେ ସଳଖ କରିଦିଅନ୍ତୁ।

# ପିଆଜ ସାଇତିବାର ନୂଆ ବିକଳ୍ପ



ପିଆଜ ଉତ୍ପାଦନରେ ଭାରତ ବିଶ୍ୱର ଅନ୍ୟତମ ଅଗ୍ରଣୀ ଦେଶ। ଖରିଫ ଋତୁରେ ପିଆଜ ସଂରକ୍ଷଣର ଉଚିତ ବ୍ୟବସ୍ଥା ନ ହେଲେ ଚାଷୀ କ୍ଷତି ସହିଥାନ୍ତି। ଅତ୍ୟଧିକ ଆର୍ଦ୍ରତା, ପର୍ଯ୍ୟାପ୍ତ ବାୟୁଚଳାଚଳ ଏବଂ ପାରମ୍ପରିକ ସଂରକ୍ଷଣ ପଦ୍ଧତି ଥାଇ ମଧ୍ୟ ଅଧିକ ମାତ୍ରାର ପିଆଜ ସଢ଼ି ଯାଇଥାଏ। ଫଳରେ ଚାଷୀଙ୍କୁ ପିଆଜ ବିକ୍ରିରୁ ଠିକ୍ ଦାମ୍ ମିଳେନାହିଁ। ଏନେଇ ଉତ୍ତରପ୍ରଦେଶ ବାନ୍ଦା କୃଷି ବିଶ୍ୱବିଦ୍ୟାଳୟର ସହାୟକ ପ୍ରାଧ୍ୟାପକ ଅମିତ କୁମାର ସିଂହ କମ୍ ଖର୍ଚ୍ଚରେ ସ୍ୱତନ୍ତ୍ର ସଂରକ୍ଷଣ ମଡେଲ ବିକଶିତ କରିଛନ୍ତି। ଗ୍ରାମାଞ୍ଚଳର ଲୋକେ ବାଉଁଶ, କାଠ ଆଦିରୁ ଏହି ମଡେଲ ପ୍ରସ୍ତୁତ କରିପାରିବେ। ଏଥିପାଇଁ ୨୫,୦୦୦ରୁ ୪୦ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ। ଏହି ମଡେଲରେ ୧୦ ଟନ୍ ପିଆଜକୁ ୪ରୁ ୫ମାସ ସାଇତା ରଖାଯାଇ ପାରିବ। ଏହାର ନିର୍ମାଣଶୈଳୀ, କୋଠରୀ ଭିତରକୁ ପ୍ରାକୃତିକ ବାୟୁ ଚଳାଚଳ କରାଏ। ଏହା ଦ୍ୱାରା ପିଆଜ ସୁରକ୍ଷିତ ରହିପାରେ। ଅମିତ କୁହନ୍ତି, ବିଶ୍ୱବିଦ୍ୟାଳୟରେ ପିଆଜର ୧୦ଟି କିସମ ଉପରେ ଗବେଷଣା ଚାଲିଛି। ପ୍ରତିକୂଳ ପରିସ୍ଥିତିରେ ପିଆଜକୁ ସାଇତି ରଖିବା ପାଇଁ ଏହି ମଡେଲ ବେଶ୍ ଗୁରୁତ୍ୱ ବହନ କରିବ। ବଜାରରେ ଉଚିତ ଦାମ ମିଳିପାରିବ।

# ଜମିରୁ ପଥର ଉଠାଇବ 'ଷ୍ଟୋନ୍ ପିକର୍'



ଅଧିକାଂଶ ଚାଷ ଜମିରେ ପଥର, ଇଟାଖଣ୍ଡ ପଡ଼ିଥାଏ। ପଥର ମାଟିରେ ବାୟୁଚଳାଚଳ ଏବଂ ପାଣିକୁ ରୋକିଥାଏ। ମାଟି ଟାଣ ହୋଇ ଚାଷ କାର୍ଯ୍ୟ ପ୍ରଭାବିତ ହୁଏ। ପଥର ଅମଳରେ ବାଧା ସୃଷ୍ଟି କରିବା ସହ କୃଷି ଯନ୍ତ୍ରପାତିକୁ ନଷ୍ଟ କରିଥାଏ। ଏଥିପାଇଁ ଚାଷୀ ଖର୍ଚ୍ଚାନ୍ତ ହୁଅନ୍ତି। ଏହି ସମସ୍ୟା ଦୂର କରିବା ପାଇଁ ଷ୍ଟୋନ୍ ପିକର୍ ମେସିନ ଅତ୍ୟନ୍ତ ଉପଯୋଗୀ। ଏହି ଅତ୍ୟାଧୁନିକ କୃଷି ଯନ୍ତ୍ର ଜମିରେ ପଥରକୁ ଉଠାଇଥାଏ। ଟ୍ରାକ୍ଟର ସହିତ ସଂଯୋଗ କରି ଏହି ମେସିନ୍ ଚଳାଯାଏ। ମେସିନ୍‌ରେ ଲାଗିଥିବା ସ୍ୱତନ୍ତ୍ର ବ୍ଲେଡ୍ ମାଟି ଉପରୁ ୫ରୁ ୧୫ ସେଣ୍ଟିମିଟର ଖୋଳି ସେଥିରୁ ପଥର ବାହାରକୁ କାଢ଼ିଥାଏ। ମେସିନ୍‌ର କନଭେୟର ବେଲ୍ଟ ମାଟି ଏବଂ ପଥରକୁ ଅଲଗା କରି ପଥରକୁ ବକ୍ସରେ ଜମାକରେ। ଏହି ମେସିନ୍ ଜମିକୁ ସଫା କରି ମାଟିକୁ ନରମ କରେ। ଗଛ ବୃଦ୍ଧିରେ ସହଜ ହୁଏ।

# କୁକୁଡ଼ା ଚିଆଁର ଯତ୍ନ

**ଆମ ରାଜ୍ୟର ଅଧିକାଂଶ ଚାଷୀ କୁକୁଡ଼ା ପାଳନ କରି ଜୀବିକା ନିର୍ବାହ କରନ୍ତି। କୁକୁଡ଼ା ପାଳନରେ ଚିଆଁଙ୍କ ଯତ୍ନ ନେବାର ଆବଶ୍ୟକତା ଅଧିକ ରହିଥାଏ। ତେଣୁ ଖରାଦିନେ କିପରି ଚିଆଁଙ୍କ ଯତ୍ନ ନେବେ ଜାଣିବା..**



ଆମ ରାଜ୍ୟରେ ବ୍ରଏଲର କୁକୁଡ଼ା ଅଧିକ ଲୋକଙ୍କ ପସନ୍ଦ। ଏଥିପାଇଁ ବଜାର ଚାହିଦା ମଧ୍ୟ ରହିଛି। ଖରାଦିନେ ଚିଆଁକୁ ଲୁ ଏବଂ ତାପମାତ୍ରାରୁ ସୁରକ୍ଷା ଦେବାକୁ ଛାଇ ଏବଂ ବାୟୁଚଳାଚଳ ସ୍ଥାନରେ ରଖନ୍ତୁ। ଦିନରେ ୪ରୁ ୫ଥର ଥଣ୍ଡା ପାଣି ପିଇବା ପାଇଁ ଦେବା ଜରୁରି। ପାଣିକୁ ବାରମ୍ବାର ବଦଳାଇବେ। ଚିଆଁକୁ ଶକ୍ତି ଯୋଗାଇବା ପାଇଁ ଗ୍ଲୁକୋଜ ପାଣି ଦିଆଯାଏ। ଚିଆଁକୁ ସକାଳ ଏବଂ ସନ୍ଧ୍ୟାରେ ଦାନା ଦେବା ଆବଶ୍ୟକ। କୁକୁଡ଼ାଘର ଉପରେ ଝୋଟ ଏବଂ ଅଖା ବିଛାଇ ହାଲୁକା ପାଣି ସିଞ୍ଚି ପାରିବେ। ପିଇବା ପାଣିରେ ଇଲେକ୍ଟ୍ରୋଲାଇଟ୍‌ସ, ଭିଟାମିନ୍ ସି ଏବଂ ପ୍ରୋବାୟୋଟିକ୍ସ ମିଶାଇ ଦେବା ଆବଶ୍ୟକ। ଏହାବାଦ୍ ଚିଆଁଙ୍କୁ କୃମିନାଶକ ଓ ବସନ୍ତ ଟିକା ଦେବାର ବନ୍ଦୋବସ୍ତ କରନ୍ତୁ। ଖରାଦିନେ କୁକୁଡ଼ା ଘରେ ଆଦୌ ଲାଇଟ୍ ଜଳାନ୍ତୁନି। ଚିଆଁକୁ ପୋଷକତତ୍ତ୍ୱ ଯୁକ୍ତ ଖାଦ୍ୟ ଖାଇବାକୁ ଦିଅନ୍ତୁ।

# ଉନ୍ନତ ଟମାଟୋ କିସମ

ଆମ ରାଜ୍ୟର ଅଧିକାଂଶ ଚାଷୀ ଟମାଟୋ ଚାଷ କରି ସ୍ୱାବଲମ୍ବୀ ହୋଇଥାନ୍ତି। ବର୍ତ୍ତମାନ ଖରାଟିଆ ଟମାଟୋ ଚାଷ କାର୍ଯ୍ୟ ପାଇଁ ସମୟ ଅନୁକୂଳ। ଏହି ଚାଷରେ ଉନ୍ନତ କିସମ ଚୟନ ଗୁରୁତ୍ୱ ବହନ କରେ। ଉନ୍ନତ କିସମ ମଧ୍ୟରେ ଅଭିନବ, ଟିଓ-୧୦୫୭, ଏନ୍‌ଏସ୍-୫୦୧, ଆୟୁଷ୍ମାନ, ଟିଓ-୬୨୪୨, ଅଂଶଲ କିସମ ବେଶ୍ ଲାଭକରୀ। ଏହା ୬୦ରୁ ୬୫ ଦିନରେ ଅମଳ ହୁଏ। ୧୦ ଗ୍ରାମ୍ ବିହନକୁ ୫୫୦ ଟଙ୍କା। ସେହିପରି ସଙ୍କର କିସମ ସାହୋ, ସକ୍ଷମ, ଅଭିଳାଷ, ୟୁଏସ୍-୪୪୦, ଶ୍ରେଷ୍ଠ, ସିକନ୍ଦର, ଏନ୍‌ଏସ୍-୫୮୫, ହିମସିଖର, ହେମସୋନା, ରୁବି ରେଡର ୧୦ ଗ୍ରାମ୍‌କୁ ୮୦୦ରୁ ୯୦୦ ଟଙ୍କା ହୋଇଥାଏ।



# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଫସଲରେ ରୋଗ ଓ ପୋକର ଉପସ୍ଥିତିକୁ ନିୟମିତ ଯାଞ୍ଚ କରନ୍ତୁ।
- ବର୍ଷା ଛାଡ଼ିଯିବା ପରେ ମାଟିର ଆର୍ଦ୍ରତାକୁ ବିନିଯୋଗ କରି ଖରାଟିଆ କାକୁଡ଼ି ଓ କଖାରୁ ଜାତୀୟ ପନିପରିବା ବୁଣାବୁଣି ଆରମ୍ଭ କରନ୍ତୁ।
- ବର୍ଷା ପରେ ବାଇଗଣ ଫସଲରେ ଝାଉଁଳା ଓ ମୂଳସଢ଼ା ଦେଖାଦେଲେ ଶୁଖିଲା ପାଗ ଦେଖି ପ୍ରତି ଲିଟର ପାଣିରେ ୨ ଗ୍ରାମ ପ୍ଲାଣ୍ଟୋମାଇସିନ୍ ସହିତ ୧ ମିଲି ଟେବୁକୋନାଜୋଲ ମିଶାଇ ଗଛ ମୂଳ ଏବଂ ମାଟିକୁ ଭଲ ଭାବରେ ଭିଜାନ୍ତୁ।
- ତରଭୁଜ ଫସଲରେ ପତ୍ରଉକୁଣି ପୋକର ପରିଚାଳନା ପାଇଁ ଏକର ପ୍ରତି ୮ଟି ନୀଳ ଅଠାଳିଆ ଯନ୍ତା ବ୍ୟବହାର କରନ୍ତୁ। ଶୁଖିଲା ପାଗ ଦେଖି ଏକର ପ୍ରତି ୪୦ ଗ୍ରାମ ଥିଆମିଥୋକ୍ସାମ କିମ୍ବା ୩୦୦ ମିଲି ଲାମ୍ବଡ଼ା ସାଇହାଲୋଥ୍ରିନ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଆମ୍ବ ବଗିଚାରେ ଫଳ ଝଡ଼ିବାକୁ ନିୟନ୍ତ୍ରଣ କରିବା ପାଇଁ ଶୁଖିଲା ପାଗ ଦେଖି ୨ ମିଲି ପ୍ଲାନୋଫିକ୍ସ ୨୦ ପିପିଏମ୍‌କୁ ୪.୫ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ପିମ୍ପିଜାତୀୟ ବା କବକ ଜନିତ ରୋଗର ନିୟନ୍ତ୍ରଣ ପାଇଁ ୫ ମିଲିଗ୍ରାମ କାରାଥେନକୁ ୧୦ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।

# ଆଇପିଏଲ୍-୧୯ : ନଜରରେ ନୂଆ ଖେଳାଳି

ନୂଆଦିଲ୍ଲୀ,୨୩।୩(ଏଜେନ୍ସି)

**ଆଇପିଏଲ୍‌କୁ କୁହାଯାଏ ପ୍ରତିଭାବାନ ଖେଳାଳିଙ୍କ ସୁଯୋଗ କେନ୍ଦ୍ର । ଏଠାରେ ପ୍ରତିବର୍ଷ କିଛି ନ କିଛି ନୂଆ ଖେଳାଳି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବାରେ ସମର୍ଥ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ କେତେକ ତାରକାରେ ପରିଣତ ହୋଇଛନ୍ତି ତ ଆଉ କେତେକ ଟୁର୍ଣ୍ଣାମେଣ୍ଟର ଉଚ୍ଚସ୍ତରର ଖେଳ ଓ ଖ୍ୟାତିର ଉପଯୁକ୍ତ ମୁକାବିଲା କରି ନ ପାରି ଫ୍ଲପ୍ ହୋଇଯାଇଛନ୍ତି । ଏଥର ମଧ୍ୟ କିଛି ନୂଆ ଖେଳାଳି ସେମାନଙ୍କ ପ୍ରତିଭା ପ୍ରଦର୍ଶନ ଅପେକ୍ଷାରେ ରହିଛନ୍ତି । ଏଭଳି କିଛି ଖେଳାଳିଙ୍କ ସମ୍ପର୍କରେ ନିମ୍ନରେ ପ୍ରଦତ୍ତ କରାଗଲା ।**




### ପ୍ରଶାନ୍ତ ବୀର-ସିଏସ୍‌କେ

ବଡ଼ ବଡ଼ ଛକା ମାରିବାର ଦକ୍ଷତା ଲାଗି ସାଙ୍ଗ ମହଲରେ 'ମିଲର' ଭାବେ ପରିଚିତ ଉତ୍ତରପ୍ରଦେଶର ପ୍ରଶାନ୍ତ ବୀରଙ୍କୁ ସିଏସ୍‌କେ ୧୪.୨ କୋଟି ଟଙ୍କାରେ ଦଳରେ ସାମିଲ କରିଛି । ଜଣେ ବିଗ୍ ହିଟର ସାଙ୍ଗକୁ ବାମହାତୀ ସ୍ପିନର ଭାବେ ରବୀନ୍ଦ୍ର ଜାଡେଜାଙ୍କ ସ୍ଥାନ ପୂରଣ କରିବାକୁ ସିଏସ୍‌କେ ତାଙ୍କୁ ଦଳରେ ନେଇଛି । ୨୦ ବର୍ଷୀୟ ପ୍ରଶାନ୍ତଙ୍କ ମତରେ ଜାଡେଜାଙ୍କ ସ୍ଥାନ ପୂରଣ କରିବା କଷ୍ଟକର । କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟରେ ମୁଁ ମୋ ନିଜ ଖେଳ ଉପରେ ଭରସା ରଖିଛି ।




### କାର୍ତ୍ତିକ ଶର୍ମା-ସିଏସ୍‌କେ

ଜଣେ ଆକ୍ରମଣାତ୍ମକ ବ୍ୟାଟର ଭାବେ ରାଜସ୍ଥାନର ୧୯ ବର୍ଷୀୟ ୱିକେଟରକ୍ଷକ ବ୍ୟାଟର କାର୍ତ୍ତିକ ଶର୍ମା ଘରୋଇ କ୍ରିକେଟରେ ବେଶ ସଫଳ ହୋଇଛନ୍ତି । ଚେନ୍ନାଇର ହାଇ ପରଫର୍ମାନ୍ସ ଏକାଡେମୀରେ ସେ କମାଲ ପ୍ରଦର୍ଶନ କରିଛନ୍ତି । ସୟଦ ମୁସ୍ତାକ ଅଲି ଟି-୨୦ରେ ସେ ୮୩ଟି ବଲ୍ ଖେଳିବାର ସୁଯୋଗ ପାଇଥିଲାବେଳେ ୧୧ଟି ଛକା ସହ ଦେଶର ପ୍ରତିଷ୍ଠିତ ସ୍ପିନରଙ୍କ ବଲ୍‌କୁ ପଡ଼ିଆ ବାହାରକୁ ପଠାଇ ପ୍ରଚଣ୍ଡ ପ୍ରତିଭା ପ୍ରଦର୍ଶନ କରିଛନ୍ତି ।



### ଆକ୍ୱିବ୍ ନବି-ଦିଲ୍ଲୀ କ୍ୟାପିଟାଲ୍ସ

ଜମ୍ମୁ-କଶ୍ମୀରର ଏହି ୨୯ ବର୍ଷୀୟ ଫାଷ୍ଟ ବୋଲର ଘରୋଇ କ୍ରିକେଟରେ ସର୍ବାଧିକ ୱିକେଟ ଅକ୍ତିଆର କରିଛନ୍ତି । ଉଭୟ ପଟୁ ସୁଇଂ କରିବାରେ ଦକ୍ଷତା ରଖିଥିବା ଏହି ଫାଷ୍ଟ ବୋଲରଙ୍କୁ ଭାରତର ପରବର୍ତ୍ତୀ ଟେଷ୍ଟ ଖେଳାଳି ଭାବେ ବିବେଚନା କରାଯାଉଛି । କିନ୍ତୁ ସୟଦ ମୁସ୍ତାକ ଅଲି ଟ୍ରଫିରେ ତାଙ୍କ ପ୍ରଦର୍ଶନ ଯୋଗୁଁ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ସାମିଲ କରିଛି । ତାଙ୍କ ଯୋଗୁଁ ଜମ୍ମୁ-କଶ୍ମୀର ଏଥର ରଣଜୀ ଟ୍ରଫିରେ ଟାଇଟଲ୍ ବିଜୟୀ ହୋଇଛି ।



### ଅଶୋକ ଶର୍ମା-ଗୁଜରାଟ ଟାଇଟନ୍ସ

ଘଣ୍ଟାପ୍ରତି ନିୟମିତ ଭାବେ ୧୫୦ କିଲୋମିଟରରୁ ଅଧିକ ଗତିରେ ବଲ ପକାଇ ରାଜସ୍ଥାନର ଏହି ଫାଷ୍ଟ ବୋଲର ଚହଳ ପକାଇଛନ୍ତି । ମୟଙ୍କ ଯାଦବଙ୍କ ପରେ ସେ ଦେଶର ଦ୍ରୁତତମ ବୋଲର ହେବାକୁ ଯାଉଛନ୍ତି । ୨୩ ବର୍ଷୀୟ ଏହି ଡାହାଣହାତୀ ଫାଷ୍ଟ ବୋଲର ସୟଦ ମୁସ୍ତାକ ଅଲି ଟି-୨୦ରେ ସର୍ବାଧିକ ୨୨ଟି ୱିକେଟ ନେଇ ନଜରକୁ ଆସିବା ପରେ ଗୁଜରାଟ ତାଙ୍କୁ ଦଳରେ ସାମିଲ କରିଛି ।



### ମୁକୁଲ ଚୌଧୁରୀ-ଏଲଏସ୍‌ଜି

ରାଜସ୍ଥାନର ଏହି ବ୍ୟାଟରଙ୍କ ନିକଟରେ ପ୍ରଚଣ୍ଡ ପ୍ରତିଭା ରହିଛି ବୋଲି ଅଧିନାୟକ ଋଷଭ ପନ୍ତଙ୍କୁ କହିଛନ୍ତି ଏଲ୍‌ଏସ୍‌ଜି କୋଚ୍ ଜଷ୍ଟିନ୍ ଲାଙ୍ଗର । ୨୩ ବର୍ଷରୁ କମ୍ ବୟସ ବିଭାଗ ଟୁର୍ଣ୍ଣାମେଣ୍ଟରେ ସେ ୧୦୨.୮୩ ହାରରେ ୬୧୭ ରନ୍ କରି ନଜରରକୁ ଆସିଥିଲେ । ଏପରିକି ସିନିୟର ଦଳରେ ମଧ ୱିକେଟରକ୍ଷକ କାର୍ତ୍ତିକ ଶର୍ମାଙ୍କ ସ୍ଥାନ ପୂରଣ କରିଥିଲେ । ତାଙ୍କ ଛକା ମାରିବା ଶୈଳୀ ବେଶ ରୋମାଞ୍ଚକର ବୋଲି କୁହାଯାଉଛି । ଚଳିତ ସଂସ୍କରଣରେ ଦ୍ରୁତତମ ବ୍ୟାଟର୍ ଭାବେ ରେକର୍ଡ କରିବେ ବୋଲି ଆଶା ରହିଛି ।



### ମଙ୍ଗେଶ ଯାଦବ-ଆର୍‌ସିବି

ଆଇପିଏଲ୍‌ରେ ପ୍ରତିଭା ଯୋଗାଇବାରେ ମଧ୍ୟପ୍ରଦେଶ ସବୁଠୁ ଆଗରେ । ଏଥରର ପାଳି ପଡ଼ିଛି ବାମହାତୀ ପେସ୍ ବୋଲର ମଙ୍ଗେଶ ଯାଦବଙ୍କର । ଯଶ ଦୟାଲଙ୍କ ସ୍ଥାନରେ ଆର୍‌ସିବି ତାଙ୍କୁ ଦଳରେ ନେଇଛି । ଘଣ୍ଟାପ୍ରତି ନିୟମିତ ଭାବେ ୧୪୦ କିଲୋମିଟରରୁ ଅଧିକ ବେଗରେ ବଲ ପକାଇ ସେ ନଜରକୁ ଆସିଥିଲେ । ଏହି ୨୩ ବର୍ଷୀୟ ଫାଷ୍ଟ ବୋଲର ଏମ୍‌ପି ଟି-୨୦ ଲିଗ୍‌ରେ ଇମର୍ଜିଂ ପ୍ଲେୟର ପୁରସ୍କାର ପାଇଥିଲେ । ଏମ୍‌ପି ସିନିୟର ଟିମ୍ ଲାଗି ଏମ୍‌ପି ଟି-୨୦ ଲିଗ୍‌ରେ ଖେଳିଥିବା ମଙ୍ଗେଶ ଏଥର ଚୂଡାନ୍ତ ଏକାଦଶରେ ଖେଳିବା ଏକପ୍ରକାର ନିଶ୍ଚିତ ।



### ଶିବାଙ୍ଗ କୁମାର-ସନ୍‌ରାଇଜର୍ସ


ଜଣେ ବାମହାତୀ ସ୍ପିନର ଓ ଭଲ ବ୍ୟାଟିଂ କରିପାରୁଥିବା ଏମ୍‌ପିର ଏହି ଅଲରାଉଣ୍ଡର ଏଥର ଆଇପିଏଲ୍‌ରେ ତାଙ୍କ ଯାଦୁକରୀ ବୋଲିଂ ପ୍ରଦର୍ଶନ କରିବେ । ସୟଦ ମୁସ୍ତାକ ଅଲିରେ ଜଣେ ହାର୍ଡ ହିଟର ଓ ବିଜୟ ହଜାରେ ଟ୍ରଫିରେ ଜଣେ ପ୍ରଭାବଶାଳୀ ବୋଲର ଭାବେ ପ୍ରତିଷ୍ଠା ଲାଭ କରିଛନ୍ତି । ସନ୍‌ରାଇଜର୍ସ ହାଇଦରାବାଦ୍ ତାଙ୍କୁ ଭଲ କାମରେ ଲଗାଇବ ବୋଲି ଆଶା କରାଯାଉଛି ।

### ଆଲେନ୍, ଓଏନ, ଘଜନଫର

ବିଦେଶୀ ଖେଳାଳିଙ୍କ ମଧ୍ୟରେ କେକେଆର୍‌ର ବିସ୍ଫୋରକ ବ୍ୟାଟର ଫିନ୍ ଆଲେନ୍ (ନ୍ୟୁଜିଲାଣ୍ଡ) ଚଳିତ ଟି-୨୦ ବିଶ୍ୱକପ୍‌ରେ ଇଡେନ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ୩୩ ବଲ୍‌ରୁ ଶତକ ହାସଲ କରି ଭାରତରେ ଚମକ ଦେଖାଇନ୍ତି । ଏଥର ତାଙ୍କ ବ୍ୟାଟିଂ ଉପରେ ନଜର ରହିବ । ପଞ୍ଜାବ କିଙ୍ଗ୍‌ସରୁ ଖେଳୁଥିବା ଅଷ୍ଟ୍ରେଲୀୟ ଅଲରାଉଣ୍ଡର ଓଏନ ଏଥର କମାଲ କରିବେ ବୋଲି ଆଶା ରହିଛି । ମିଷ୍ଟ୍ରି ସ୍ପିନର ଆଫଗାନିସ୍ତାନର ଅଲି ଘଜନଫରଙ୍କୁ ମୁମ୍ବଇ ଇଣ୍ଡିଆନ୍ସ ୨୦୨୬ରେ ବିସ୍ମୟ ଖେଳାଳିଭାବେ ଚମକିତ କରିବେ ବୋଲି ଆଶା କରାଯାଉଛି ।

■ ମିଆମି ଓପନ୍‌ରେ ବିପର୍ଯ୍ୟୟ

## ଆଲ୍‌କାରାଜଙ୍କୁ ହରାଇଲେ ସେବାଷ୍ଟିଆନ୍



ଫ୍ଲୋରିଡା, ୨୩।୩ (ଏଜେନ୍ସି): ମିଆମି ଓପନ୍‌ର ୪୧ତମ ସଂସ୍କରଣରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ସୋମବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସର ଏକ ମ୍ୟାଚରେ ବିଶ୍ୱର ଏକ ନମ୍ବର ଖେଳାଳି କାର୍ଲୋସ ଆଲ୍‌କାରାଜଙ୍କୁ ୩ୟ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହେବାକୁପଡ଼ିଛି । ବିଶ୍ୱ ମାନ୍ୟତାର ୩୬ତମ ସ୍ଥାନରେ ରହିଥିବା ଘରୋଇ ଆମେରିକାର ସେବାଷ୍ଟିଆନ କୋର୍ଡା ୬-୩, ୫-୭, ୬-୪ ସେଟରେ ଆଲ୍‌କାରାଜଙ୍କୁ ମାତ୍ ଦେଇ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି । ଗତବର୍ଷ ଏଠାରେ ଆଲ୍‌କାରାଜ ଦ୍ୱିତୀୟ ରାଉଣ୍ଡରେ ବିଶ୍ୱ ମାନ୍ୟତାର ୫୫ତମ ସ୍ଥାନରେ ରହିଥିବା ବେଲ୍‌ଜିୟମର ଡେଭିଡ୍ ଗଫିନଙ୍କ ନିକଟରୁ ମଧ ହାରିଯାଇଥିଲେ । ଫଳରେ କ୍ରମାଗତ ଦୁଇଟି ସଂସ୍କରଣରେ ଆଲ୍‌କାରାଜଙ୍କୁ ଏଠାରେ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁପଡ଼ିଛି । ଚଳିତ ବର୍ଷ ପ୍ରାରମ୍ଭରେ ଆଲ୍‌କାରାଜ ତାଙ୍କର ୭ମ ଗ୍ରାଣ୍ଡସ୍ଲାମ ଟ୍ରଫି ଅଷ୍ଟ୍ରେଲିଆନ୍ ଓପନ୍‌ରେ ଜିତି ଅଭିଯାନ ଆରମ୍ଭ କରିଥିଲେ । କିନ୍ତୁ ଏହାପରେ ଇଣ୍ଡିଆନ୍ ୱେଲ୍ସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ଡାନିଲ ମେଡଭେଡେଭଙ୍କ ନିକଟରୁ ହାରିଯାଇଥିଲେ ।

## କିଟ୍ ଓ ରାଉରକେଲାରେ ଆଇପିଏଲ୍ ଫ୍ୟାନ ପାର୍କ

**ଭୁବନେଶ୍ୱର, ୨୩।୩ (ସମିସ):** ଚଳିତ ମାସ ୨୮ ତାରିଖରୁ ଆଇପିଏଲ୍‌ର ୧୯ତମ ସଂସ୍କରଣ ଆରମ୍ଭ ହେବ । ବିସିସିଆଇ ପକ୍ଷରୁ ନିକଟରେ ପ୍ରଥମ ପର୍ଯ୍ୟାୟରେ ଖେଳାଯିବାକୁ ଥିବା ୨୦ଟି ମ୍ୟାଚର ଖେଳସୂଚୀ ଜାରି କରାଯାଇଛି । ପ୍ରଥମ ପର୍ଯ୍ୟାୟ ଲାଗି ଦେଶର ୧୧ଟି ରାଜ୍ୟର ୧୫ଟି ସହରରେ ଆଇପିଏଲ୍ ଫ୍ୟାନ ପାର୍କ ଆୟୋଜିତ କରାଯିବ । ଯେଉଁଠାରେ କ୍ରିକେଟ୍‌ପ୍ରେମୀ ବିନା ଟିକଟରେ ଷ୍ଟାଡିୟମରେ ମ୍ୟାଚ୍ ଦେଖିବା ଭଳି ଅନୁଭବ କରିବେ । ଏଥିରେ ଫୁଡ୍‌ପାର୍କ, ପିଲାଙ୍କ ଖେଳ ଜୋନ୍, ସଙ୍ଗୀତ କାର୍ଯ୍ୟକ୍ରମ ସାମିଲ ରହିବ । ଆଇପିଏଲ୍ ଫ୍ୟାନ ପାର୍କ ଆୟୋଜିତ ହେବାକୁ ଥିବା ୧୫ ସହର ମଧ୍ୟରେ ଓଡ଼ିଶାର ଭୁବନେଶ୍ୱର ଓ ରାଉରକେଲା ସହର ରହିଛି । ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ ପରିସରରେ ଏପ୍ରିଲ ୪ ଓ ୫ ତାରିଖରେ ଫ୍ୟାନ ପାର୍କ ଅନୁଷ୍ଠିତ ହେବ । ସେହିଭଳି ରାଉରକେଲାର ସେକ୍ଟର-୧୭ ଗ୍ରାଉଣ୍ଡରେ ଏପ୍ରିଲ ୧୧ ଓ ୧୨ ତାରିଖରେ ଫ୍ୟାନ ପାର୍କର ମଜା ଦର୍ଶକ ଉଠାଇବେ ।

## ଅରୁନ୍ଧତୀ ଫେବୃଆରୀର ଶ୍ରେଷ୍ଠ

**ଦୁବାଇ, ୨୩।୩ (ଏଜେନ୍ସି):** ପାକିସ୍ତାନ ବ୍ୟାଟର୍ ଶାହିବଜାଦ ଫରହାନ ଫେବୃଆରୀ ମାସ ଲାଗି ଆଇସିସିର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ପୁରସ୍କାର ଟ୍ରଫି ଜିତିଛନ୍ତି । ଗତ ଦେଢ଼ବର୍ଷ ମଧ୍ୟରେ ହାରିସ ରୌଫଙ୍କ ପରେ ପ୍ରଥମ ପାକିସ୍ତାନ କ୍ରିକେଟର୍ ଭାବେ ଶାହିବଜାଦ ଏହି ସମ୍ମାନଜନକ ପୁରସ୍କାର ବିଜୟୀ ହୋଇଛନ୍ତି । ଗତ ଆଇସିସି ଟି-୨୦ ବିଶ୍ୱକପରେ ଶାହିଦଜାଦ ପ୍ରଭାବୀ ପ୍ରଦର୍ଶନ କରିଥିଲେ । ବିଶ୍ୱକପ୍‌ରେ ସେ ଟପ୍ ସ୍କୋରର ରହିଥିଲେ । ପାକିସ୍ତାନ ସେମିଫାଇନାଲକୁ ପ୍ରବେଶ କରିପାରି ନ ଥିଲେ ମଧ ଶାହିବଜାଦ ବିଶ୍ୱକପରେ ୭ ମ୍ୟାଚର ୬ ଇନିଂସରୁ ୩୮୩ ରନ ସଂଗ୍ରହ କରିଥିଲେ । ଯେଉଁଥିରେ ଗ୍ରୁପ୍ ପର୍ଯ୍ୟାୟରେ ନାମିବ୍ୟା ବିପକ୍ଷରେ ୧୦୦ ରନର ଏକ ଅପରାଜିତ ଶତକୀୟ ପାଳି ସାମିଲ ରହିଛି । ଅପରପକ୍ଷରେ ଭାରତର ଦ୍ରୁତ ବୋଲର ଅରୁନ୍ଧତୀ ରେଡ୍ଡୀ ଫେବୃଆରୀ ମାସ ଲାଗି ଆଇସିସିର ଶ୍ରେଷ୍ଠ ମହିଳା କ୍ରିକେଟର୍ ପୁରସ୍କାର ବିଜୟୀ ହୋଇଛନ୍ତି । ଅଷ୍ଟ୍ରେଲିଆ ମହିଳା ଦଳ ବିପକ୍ଷରେ ସ୍ମରଣୀୟ ଟି-୨୦ ସିରିଜ ବିଜୟରେ ଅରୁନ୍ଧତୀ ଦମ୍‌ଦାର ପ୍ରଦର୍ଶନ କରି ୩ଟି ମ୍ୟାଚରୁ ୮ଟି ୱିକେଟ୍ ନେଇଥିଲେ ।

## ବିଦେଶୀ ଖେଳାଳି ପିଏସ୍‌ଏଲ୍‌ରୁ ଓହରିଯିବାକୁ ଧମକ

**କରାଚି, ୨୩।୩ (ଏଜେନ୍ସି):** ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍‌ରୁ ସମସ୍ତ ବିଦେଶୀ ଖେଳାଳିଙ୍କୁ ତୁରନ୍ତ ଓହରିଯିବାକୁ ଚେତାବନୀ ଦେଇଛି ପାକିସ୍ତାନର ଏକ ସଶସ୍ତ୍ର ଗୋଷ୍ଠୀ ତେହରିକ-ଏ-ତାଲିବାନ୍ ପାକିସ୍ତାନ (ଟିଟିପି) । ଏହା ହେଉଛି ଜମାତ-ଉଲ୍-ଆହରର ଏକ ଗୋଷ୍ଠୀ । ପାକିସ୍ତାନରେ ଅସ୍ଥିର ନିରାପତ୍ତା ପରିସ୍ଥିତି ରହିଛି ବୋଲି କହିବା ସହ ପାକିସ୍ତାନ ଶାନ୍ତିପୂର୍ଣ୍ଣ କ୍ରୀଡ଼ା କାର୍ଯ୍ୟକଳାପ ପାଇଁ ଅନୁପଯୁକ୍ତ ବୋଲି ଟିଟିପି କହିଛି । ପାକିସ୍ତାନର ଏକ ସଶସ୍ତ୍ର ବିରୋଧୀ ଗୋଷ୍ଠୀର ସିଧାସଳଖ ଚେତାବନୀ ପରେ ପାକିସ୍ତାନ ସୁପର ଲିଗ୍‌ର ୧୧ଶ ସଂସ୍କରଣର ଆୟୋଜନ ନେଇ ଆଶଙ୍କା ଦେଖାଦେଇଛି । ସଶସ୍ତ୍ର ଗୋଷ୍ଠୀର ଏପରି ଚେତାବନୀ ପରେ ଆୟୋଜକ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଚିନ୍ତାରେ ପଡ଼ିଯାଇଛି ଏବଂ ଏହାକୁ ନେଇ ଜରୁରୀ ବୈଠକ ଡକାଯାଇଛି । ମାର୍ଚ୍ଚ ୨୬ରୁ ଆରମ୍ଭ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଭିନ୍ନ ଭିନ୍ନ କାରଣରୁ ୬ଟି ଭେନ୍ୟୁ ପରିବର୍ତ୍ତେ ବିନା ଦର୍ଶକରେ ୨ଟି

ସ୍ପାନୀଶ ପାରା ବ୍ୟାଡମିଣ୍ଟନ

## ଓଡ଼ିଆ ଖେଳାଳିଙ୍କୁ ୪ ପଦକ



**ଭୁବନେଶ୍ୱର,୨୩।୩(ସମିସ):** ସ୍ପେନ୍‌ରେ ଶେଷ ହୋଇଥିବା ସ୍ପାନୀଶ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଭାରତୀୟ ଖେଳାଳିଙ୍କୁ ସଫଳତା ମିଳିଛି । ଏହା ମଧ୍ୟରେ ଭାଗନେଇଥିବା ଓଡ଼ିଶାର ଖେଳାଳିଙ୍କୁ ୪ଟି ପଦକ ମିଳିଛି । ସେମାନଙ୍କ ମଧ୍ୟରୁ ଅଲିମ୍ପିକ୍ ଚାମ୍ପିଅନ ପ୍ରମୋଦ ଭଗତ ଏସ୍‌ଏଲ୍-୩ ପୁରୁଷ ଏକକ ଓ ମନୀଷା ରାମଦାସଙ୍କ ସହ ମିଶି ମିଶ୍ରିତ ଯୁଗଳ (ଏସ୍‌ଏଲ-୩, ଏସ୍‌ୟୁ-୫)ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ । ଏହା ପରେ ସୁକାନ୍ତ କଦମଙ୍କ ସହ ମିଶି ପ୍ରମୋଦ ପୁରୁଷ ଯୁଗଳ (ଏସ୍‌ଏଲ-୩, ଏସ୍‌ୟୁ-୫)ରେ ରୌପ୍ୟ ପଦକ ପାଇଛନ୍ତି । ଏହି ବିଭାଗରେ ଆଉ ଜଣେ ଓଡ଼ିଆ ଖେଳାଳି ଦୀପରଞ୍ଜନ ବିଶୋୟୀ କାଂସ୍ୟ ପଦକ ହାସଲ କରିଥିଲେ ।

ଏଲ୍‌ଏଲ୍‌ସିସି କପ୍ କ୍ରିକେଟ

## ସେମିଫାଇନାଲରେ ରେଡ୍‌ଷ୍ଟାର




**ଭୁବନେଶ୍ୱର,୨୩।୩(ସମିସ):** ଶକ୍ତିଶାଳୀ କ୍ଲବ୍ ରାମେଶ୍ୱର ସ୍ପୋର୍ଟିଂକୁ ୧୬୦ ରନ୍‌ର ବିରାଟ ବ୍ୟବଧାନରେ ପରାସ୍ତ କରି ରେଡ୍‌ଷ୍ଟାର କ୍ଲବ୍ ପ୍ରଥମ ଦଳ ଭାବେ ୧୪ବର୍ଷରୁ କମ୍ ଏଲ୍‌ଏଲ୍‌ସିସି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି । ଏହି ମ୍ୟାଚ୍‌ରେ ବିଜୟୀ ଦଳ ପକ୍ଷରୁ ୧୧୨ ବଲ୍‌ରେ ୧୬୨ ରନ୍ ସହ ୨ଟି ୱିକେଟ ନେଇଥିବା ଓମ୍‌ଶ୍ରୀ ସାହୁଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ସୋମବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟରଫାଇନାଲରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରେଡ୍‌ଷ୍ଟାର ନିର୍ଦ୍ଧାରିତ ୩୫ ଓଭରରେ ୪ ୱିକେଟ ହରାଇ ୨୬୧ ରନ୍ କରଥିଲା । ଜବାବରେ ରାମେଶ୍ୱର ୨୮.୨ ଓଭରରେ ମାତ୍ର ୧୦୧ ରନ୍ କରିଅଲଆଉଟ ହୋଇଯାଇଥିଲା । ଦଳପକ୍ଷରୁ ବିଭୁପ୍ରସାଦ ପ୍ରଧାନ ୩୧ରନ୍ କରିଥିଲେ । ବିଜୟୀ ଦଳର ସ୍ମୃତିରଞ୍ଜନ ପ୍ରଧାନ ୪ଟି ଓ ସେକ୍ ସାଲିକ ୩ଟି ୱିକେଟ ଅକ୍ତିଆର କରିଥିଲେ ।

## ପୂର୍ବତନ କ୍ରୀଡ଼ାବିତ୍ ଏଏନ୍ ମିତ୍ରଙ୍କ ପରଲୋକ

**ଭୁବନେଶ୍ୱର,୨୩।୩(ସମିସ):** ଓଡ଼ିଶାର ପୂର୍ବତନ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶାସକ ଓ ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ଅରବିନ୍ଦନାଥ ମିତ୍ରଙ୍କ ହୃଦ୍‌ଘାତରେ ରବିବାର ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୭ବର୍ଷ ହୋଇଥିଲା ।



ରବିବାର ରାତି ୭ଟା୩୦ରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ଚିକିତ୍ସା ଲାଗି ମେଡିକାଲ ନିଆଯାଇଥିଲା । ସେଠାରେ ସେ ଶେଷ ନିଃଶାସ ତ୍ୟାଗ କରିଥିଲେ । ଫୁଟବଲ ଓ ଆଥଲେଟିକ୍ସରେ ସେ ଅନେକଥର ରାଜ୍ୟଦଳକୁ ପ୍ରତିନିଧିତ୍ୱ କରିଥିଲେ । ଖୋର୍ଦ୍ଧାର ମୂଳ ବାସିନ୍ଦା ଶ୍ରୀ ମିତ୍ର ଜଣେ ପୁଲିସ୍ ଅଧିକାରୀ ଭାବେ ପୁଲିସ୍ ଟ୍ରାଫିକ୍ ଟ୍ରେନିଂ କଲେଜ୍‌ରୁ ଅବସର ନେଇଥିଲେ । ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗରେ ଡେପୁଟି ଡାଇକ୍ଟର, ପିଏନ୍ କଲେଜ୍‌ର ସଭାପତି ଥିଲେ । ତାଙ୍କ ତତ୍ତ୍ୱାବଧାନରେ ଅନେକ ଖେଳାଳି ପୁଲିସ୍ ବିଭାଗରେ ଚାକିରି ପାଇଥିଲେ । ତାଙ୍କ ମୃତ୍ୟୁରେ ଉଭୟ ପୁଲିସ୍ ଓ କ୍ରୀଡା ଜଗତରେ ଶୋକର ଛାୟା ଖେଳିଯାଇଛି । ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୂର୍ବତନ ବିଧାୟକ ତଥା ସାନଭାଇ ଜିତୁ ମିଶ୍ର, ସମବାୟବିତ୍ ବିମଳଚନ୍ଦ୍ର ଷଡଙ୍ଗୀ, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

## ହକି ଇଣ୍ଡିଆ ପୁରସ୍କାର ଦୌଡ଼ରେ ଓଡ଼ିଶାରୁ ୪

**ନୂଆଦିଲ୍ଲୀ, ୨୩।୩ (ଏଜେନ୍ସି):** ବର୍ଷ ୨୦୨୫ ଲାଗି ହକି ଇଣ୍ଡିଆ ପକ୍ଷରୁ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯିବ । ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ସଂକ୍ଷିପ୍ତ ତାଲିକା ଜାରି କରାଯାଇଛି । ଆଠଟି ବର୍ଗରେ ମୋଟ୍ ୩୨ଜଣ ଖେଳାଳି ମନୋନୀତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଓଡ଼ିଶାର ୪ଜଣ ହକି ତାରକା ପୁରସ୍କାର ଦୌଡ଼ରେ ରହିଛନ୍ତି । ଶ୍ରେଷ୍ଠ ଡିଫେଣ୍ଡର ତଥା ପ୍ରଗତ ସିଂହ ପୁରସ୍କାରର ସଂକ୍ଷିପ୍ତ ତାଲିକାରେ ଓଡ଼ିଶାର ଅମିତ୍ ରୋହିଦାସଙ୍କ ସମେତ ସଞ୍ଜୟ, ଜୁଗରାଜ ସିଂହ ଓ ଜାତୀୟ ଦଳର ଅଧିନାୟକ ହରମନପ୍ରୀତ୍ ସିଂହ ରହିଛନ୍ତି । ସେହିଭଳି ଶ୍ରେଷ୍ଠ ଫରୱାର୍ଡ ତଥା ଧନରାଜ ପିଲ୍ଲେ ଟ୍ରଫି ଦୌଡ଼ରେ ଓଡ଼ିଶାର ଶିଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି । ଏହି ତାଲିକାରେ ଅନ୍ୟମାନଙ୍କ ମଧ୍ୟରେ ସୁଖଜିତ୍ ସିଂହ, ଅଭିଷେକ, ନବନୀତ କୌର ରହିଛନ୍ତି । ଶ୍ରେଷ୍ଠ ଉଦୀୟମାନ ମହିଳା ଖେଳାଳି (୨୧ ବର୍ଷରୁ କମ୍) ପାଇଁ ମନୋନୀତ ସଂକ୍ଷିପ୍ତ ତାଲିକାରେ ଓଡ଼ିଶାର ସୁନେଲିତା ଟପ୍ପୋଙ୍କ ସମେତ ୩ଜଣ ସ୍ଥାନ ପାଇଛନ୍ତି । ସେହିଭଳି ପୁରୁଷ ବର୍ଗରେ ଅନମୋଲ୍ ଏକ୍କା, ମନମିତ୍ ସିଂହ, ଅର୍ଶଦୀପ୍ ସିଂହ ଓ ପ୍ରିନ୍ସଦୀପ୍ ସିଂହ ରହିଛନ୍ତି । ଅପରପକ୍ଷରେ କ୍ରିଷନ ବାହାଦୂର ପାଠକ, ସୂରଜ କେରକେଟା, ବିଚ୍ଛୁଦେବୀ ଖାରିବାମ ଓ ପ୍ରିନ୍ସଦୀପ ଶ୍ରେଷ୍ଠ ଗୋଲ୍‌କିପର (ବଲ୍‌ଜିତ୍ ସିଂହ ପୁରସ୍କାର) ତାଲିକାରେ ରହିଛନ୍ତି । ଆସନ୍ତା ଶୁକ୍ରବାର ହକି ଇଣ୍ଡିଆ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରତିବର୍ଗର ବିଜୟୀ ଖେଳାଳିଙ୍କୁ ପୁରସ୍କୃତ କରାଯିବ ।

## ପଦ୍ମିନୀଙ୍କୁ ଜାତୀୟ ମହିଳା ଟିମ୍ ଚେସ୍ ଟାଇଟଲ୍



**ଭୁବନେଶ୍ୱର,୨୩।୩(ସମିସ):** ଓଡ଼ିଶାର ଚେସ୍ ତାରକା ପଦ୍ମିନୀ ରାଉତ ୨୩ତମ ଜାତୀୟ ମହିଳା ଟିମ୍ ଚେସ ଟାଇଟଲ ବିଜୟୀ ହୋଇଛନ୍ତି । ରାୟପୁରରେ ଗତକାଲି ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଥିଲା । ଏଥିରେ ପେଟ୍ରୋଲିୟମ୍ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ପିଏସ୍‌ପିବି) ଚାମ୍ପିଅନ, ଏୟାରପୋର୍ଟ ଅଥରିଟି ରନର୍ସଅପ୍ ଓ ପଶ୍ଚିମବଙ୍ଗ ତୃତୀୟ ସ୍ଥାନ ଅଧିକାର କରିଥିଲା । ପୁରୁଷ ଅନ୍ତର୍ଜାତୀୟ ମାଷ୍ଟର ତଥା ମହିଳା ଗ୍ରାଣ୍ଡମାଷ୍ଟର ପଦ୍ମିନୀଙ୍କ ସହ ମହିଳା ଗ୍ରାଣ୍ଡମାଷ୍ଟର ମେରୀ ଆନ୍ନ ଗୋମ୍ସ, ନିଶା ମୋହୋତା, ଆର୍ଶିଆ ଦାସ, ପ୍ରିଶିତା ଗୁପ୍ତା ପିଏସ୍‌ପିବିକୁ ପ୍ରତିନିଧିତ୍ୱ କରିଥିଲେ । ପଦ୍ମିନୀଙ୍କ ଉଜ୍ଜ୍ୱଳ କ୍ୟାରିୟରରେ ଏହା ଆଉ ଏକ ସଫଳତାର ଅଧ୍ୟାୟ ଯୋଡିହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ସେ ୬ ରାଉଣ୍ଡ ମୁକାବିଲାରେ ୪.୫ ପଏଣ୍ଟ ପାଇଥିଲେ । ଏହା ମଧ୍ୟରୁ ୪ଟି ବିଜୟ, ଗୋଟିଏ ଡ୍ର ଓ ଗୋଟିଏ ପରାଜୟ ସାମିଲ ରହିଛି ।

## ଆଜିଠୁ କଳିଙ୍ଗରେ ଭାରତର ପ୍ରଥମ ଇନ୍‌ଡୋର ଆଥ୍‌ଲେଟିକ୍ସ

ଭୁବନେଶ୍ୱର, ୨୩।୩ (ସମିସ)



ଭାରତର ସର୍ବପ୍ରଥମ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ମଙ୍ଗଳବାରଠାରୁ ଭୁବନେଶ୍ୱରର ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବାକୁ ଯାଉଛି । କଳିଙ୍ଗ ପରିସରରେ ଥିବା ଦକ୍ଷିଣ ଏସିଆ ମହାଦେଶର ଏକମାତ୍ର ଇନଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମରେ ଏହି ଦୁଇଦିନିଆ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ମେଗା ଇଭେଣ୍ଟ ୨୦୨୮ ବିଶ୍ୱ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଆୟୋଜନର ପ୍ରସ୍ତୁତି ଦିଗରେ କଳିଙ୍ଗ ପାଦେ ଅଗ୍ରସର ହେବ । କାହିଁକି ନା ଆଉ ଦୁଇବର୍ଷ ପରେ (୨୦୨୮ ମାର୍ଚ୍ଚ ୩ରୁ ୫ ତାରିଖ) ବିଶ୍ୱ ଇନଡୋର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଆୟୋଜନ ଅଧିକାର ମଧ କଳିଙ୍ଗ ଷ୍ଟାଡିୟମକୁ ମିଳିଛି । ଯାହାକି ଦେଶରେ ପ୍ରଥମଥର ଲାଗି ଏକ ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ହେବ । ଦେଶରେ ଇନଡୋର ଆଥଲେଟିକ୍ସର ଷ୍ଟାଡିୟମ ଉପଲବ୍ଧ ନ ଥିବାରୁ ଭାରତୀୟ ଆଥ୍‌ଲେଟ୍‌ମାନେ ବିଦେଶରେ ଆୟୋଜିତ ଇନଡୋର ଦୌଡ଼କୁଦ ପ୍ରତିଯୋଗିତାରେ ଭାଗନେଇଥାନ୍ତି । ତେଣୁ ଭାରତୀୟ ଆଥଲେଟ୍‌ମାନଙ୍କୁ ପ୍ରଥମଥର ଲାଗି ଘରୋଇ ମାଟିରେ ଇନଡୋର ଦୌଡ଼କୁଦ ପ୍ରତିଯୋଗିତାର ସୁଯୋଗ ମିଳିଛି । ଏହି ଦୁଇଦିବସୀୟ ପ୍ରତିଯୋଗିତାରେ ଦେଶର ପାଖାପାଖି ୩୦୦ ଆଥ୍‌ଲେଟ୍ ମୋଟ୍ ୧୧ଟି ଇଭେଣ୍ଟରେ ଭାଗନେବେ । ଉତ୍ତର ପ୍ରଦେଶରୁ ସର୍ବାଧିକ ୩୦ଜଣ କ୍ରୀଡ଼ାବିତ୍‌ଙ୍କୁ ଏଥିରେ ଦେଖିବାକୁ ମିଳିବ । ଫିଲ୍ଡ ଇଭେଣ୍ଟରେ ହାଇଜମ୍ପ, ଲଙ୍ଗଜମ୍ପ, ପୋଲ୍‌ଭଲ୍ଟ, ଟ୍ରିପଲ ଜମ୍ପ, ସଟ୍‌ପୁଟ୍ ରହିଛି । ସେହିଭଳି ରେସ୍ ଇଭେଣ୍ଟରେ ୬୦ ମିଟର, ୬୦ ମିଟର ହର୍ଡଲ୍ସ, ୪୦୦ ମିଟର, ୮୦୦ ମିଟର, ୧୫୦୦ ମିଟର ଓ ୩ ହଜାର ମିଟର ସାମିଲ ରହିଛି । ତେବେ ଜାଭେଲିନ ଥ୍ରୋ ଏଥିରେ ସାମିଲ ନ ଥିବାରୁ ଦୁଇଥରର ଅଲିମ୍ପିକ ପଦକ ବିଜେତା ତାରକା ଆଥ୍‌ଲେଟ୍ ନୀରଜ ଚୋପ୍ରାଙ୍କୁ ଏଥିରେ ଦେଖିବାକୁ ମିଳିବନି । ସେହିଭଳି ୩୦୦୦ ମିଟର ବାଧାଦୌଡ଼ ଇଭେଣ୍ଟ ମଧ ଇନଡୋର ପ୍ରତିଯୋଗିତାରେ ନ ଥିବାରୁ ଅବିନାଶ ସାବଲେଙ୍କୁ ମଧ ଦର୍ଶକ ଦେଖିବାକୁ ବଞ୍ଚିତ ହେବେ । ଓଡ଼ିଶାର ତାରକା ଧାବକ ଅନିମେଶ କୁଜୁରଙ୍କ ଝଲକ କିନ୍ତୁ ଏଠାରେ ଦେଖିବାକୁ ମିଳିବ । ସେ ତାଙ୍କର ପାରମ୍ପରିକ ୧୦୦ ଓ ୨୦୦ ମିଟର ରେସ୍ ବଦଳରେ ୬୦ ମିଟର ସ୍ପ୍ରିଣ୍ଟରେ ଭାଗନେବେ ।

ପ୍ରକାଶଯୋଗ୍ୟ, ଗତ ସରକାରରେ ଦୂରଦୃଷ୍ଟି ସମ୍ପନ୍ନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଦକ୍ଷିଣ ଏସିଆର ପ୍ରଥମ ଇନଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମରେ କଳିଙ୍ଗ ଷ୍ଟାଡିୟମ ପରିସରରେ ନିର୍ମିତ ହୋଇଥିଲା । ଏଥିରେ ୨୦୦ ମିଟରର ସିନ୍ଥେଟିକ ଟ୍ରାକ୍ ରହିଛି । ଏଠାରେ ୧୭୦୦ ଦର୍ଶକ ବସି ଖେଳ ଉପଭୋଗ କରିପାରିବେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS